# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୩/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, February 23/2023 | Page 16 | ₹ 7.00

୪୯ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 91 | ମୂଲ୍ୟ ₹୭/-




**ଏଲିସା ୟୁପି ୱାରିୟର୍ଜ ଅଧିନାୟିକା**

ଓମେନ୍ସ ପ୍ରିମିୟର ଲିଗ୍ ପାଇଁ ୟୁପି ୱାରିୟର୍ଜ ଅଷ୍ଟ୍ରେଲୀୟ ଉଇକେଟକିପର ବ୍ୟାଟର ଏଲିସା ହିଲିଙ୍କୁ ଦଳର ଅଧିନାୟିକା ମନୋନୀତ କରିଛି।

୧୪

୧୦

**କିଙ୍ଗ୍ ଖାନ୍‌ଙ୍କୁ ଭେଟିବାକୁ ଚାହାନ୍ତି ଅଲ୍ଲୁ ଅର୍ଜୁନ**

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ତାଙ୍କର ଏକ ସାକ୍ଷାତ୍‌କାରରେ ବଲିଉଡ୍‌ର କିଙ୍ଗ୍ ଖାନ୍‌ଙ୍କୁ ଭେଟିବାକୁ ଚାହାନ୍ତି ବୋଲି କହିଛନ୍ତି।



# ଏଫ୍‌ବିଆଇ ସହାୟତା ଲୋଡ଼ିଛୁ: ନବୀନ

## ନବ ଦାସ ହତ୍ୟା ପ୍ରସଙ୍ଗ

- ବିଧାନସଭାରେ ବିବୃତି ଦେଲେ ମୁଖ୍ୟମନ୍ତ୍ରୀ
- ମହିଳାଙ୍କୁ ଅସଦାଚରଣକୁ ରାଜ୍ୟବାସୀ କ୍ଷମା ଦେବେ ନାହିଁ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାଣ୍ଡକୁ ନେଇ ୨ ଦିନ ହେବ ବିଧାନସଭା ହୁଲସ୍ଥୁଲ ହୋଇଛି। ବିରୋଧୀ ଦଳ ସଦସ୍ୟମାନେ ହତ୍ୟାକାଣ୍ଡ ପଛରେ ରାଜନୈତିକ ଷଡ଼ଯନ୍ତ୍ର ଥିବା ନେଇ ଅଭିଯୋଗ କରିବା ସହ ସିବିଆଇ ତଦନ୍ତ ଦାବି କରୁଛନ୍ତି। ବିରୋଧୀଙ୍କ ଆକ୍ରମଣାତ୍ମକ ଆଚରଣ ଦେଖି ହତ୍ୟାକାଣ୍ଡ ସମ୍ପର୍କରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ବିବୃତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡ। ଅପରାଧୀର ବ୍ୟବହାରିକ ବିଶ୍ଳେଷଣ କରିବା ପାଇଁ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)ର ସହାୟତା ନେବା ପାଇଁ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଉଦ୍ୟମ କରୁଛି । ଏଫ୍‌ବିଆଇ ସଂସ୍ଥାର ବିହେଭିଅର ସପୋର୍ଟ ୟୁନିଟ୍ ଦ୍ୱାରା ଅଭିଯୁକ୍ତର ବ୍ୟବହାରିକ ମୂଲ୍ୟାୟନ କରିବା ପାଇଁ ଓଡ଼ିଶା ସରକାର ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସହଯୋଗ ଲୋଡ଼ିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଥା ବୈଜ୍ଞାନିକ ଅନୁସନ୍ଧାନ କରି ସତ୍ୟକୁ ପଦାକୁ ଆଣିବା ପାଇଁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

କ୍ରାଇମ୍‌ବ୍ରାଞ୍ଚ ଏଥିପାଇଁ ଦେଶର ଶ୍ରେଷ୍ଠ ଫରେନସିକ୍ ବିଶେଷଜ୍ଞମାନଙ୍କ ସହାୟତା ନେଉଛି। ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରି, ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଫରେନସିକ୍ ଲାବୋରେଟୋରି ଏବଂ ଗାନ୍ଧୀନଗରସ୍ଥିତ ଗୁଜରାଟ ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରି ଏ ଦିଗରେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚକୁ ସହାୟତା କରୁଛନ୍ତି। ସାକ୍ଷୀମାନଙ୍କ ବକ୍ତବ୍ୟ ତଥା ଅଭିଯୁକ୍ତ ଗୋପାଳ ଦାସଙ୍କୁ ଜେରାକୁ ଭିତ୍ତିକରି ଅଭିଯୁକ୍ତର ମାନସିକ ଅବସ୍ଥାର ଅନୁଶୀଳନ ପାଇଁ ଏକ ୪ ଜଣିଆ ମାନସିକ ରୋଗ ବିଶେଷଜ୍ଞ ବୋର୍ଡ ଦ୍ୱାରା କରାଯାଇଛି। ଏହାଛଡ଼ା ଅଭିଯୁକ୍ତ ସତ କହୁଛି କି ପ୍ରତାରଣା କରୁଛି, ତାହାକୁ ପରୀକ୍ଷା କରିବା ପାଇଁ ତା'ର ଫରେନସିକ୍ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଏବଂ ଲାୟର୍ ଭଏସ ଆନାଲିସିସ୍ ଟେଷ୍ଟ, ନୂଆଦିଲ୍ଲୀ କେନ୍ଦ୍ରୀୟ ଫରେନସିକ୍ ସାଇନ୍ସ ଲାବୋରେଟୋରି ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଛି । ଅଭିଯୁକ୍ତଠାରୁ ସତ୍ୟ ବାହାର କରିବା ପାଇଁ ଗୁଜରାଟ ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରି ବିଶେଷଜ୍ଞଙ୍କ ଦ୍ୱାରା ନାର୍କୋ ଆନାଲିସିସ୍ ☞ପୃଷ୍ଠା-୧୧

## ଏଫ୍‌ବିଆଇର ତଦନ୍ତ ପରିସର

ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ ବା ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ)କୁ ୧୯୦୮ ଜୁଲାଇ ୨୬ରେ ପ୍ରତିଷ୍ଠା କରାଯାଇଥିଲା। ୱାଶିଂଟନରେ ଏହାର ମୁଖ୍ୟାଳୟ ଅବସ୍ଥିତ। ଖ୍ରିଷ୍ଟୋଫର ଆଶର ରେ' ହେଉଛନ୍ତି ଏଫ୍‌ବିଆଇର ବର୍ତ୍ତମାନ ନିର୍ଦ୍ଦେଶକ। ଆମେରିକାର ଏହି ଆଭ୍ୟନ୍ତରୀଣ ଗୋଇନ୍ଦା ଓ ସୁରକ୍ଷା ସେବା ପ୍ରଦାନକାରୀ ସଂସ୍ଥା ନ୍ୟାୟ ବିଭାଗ ଅଧୀନରେ ପରିଚାଳିତ। ଏଫ୍‌ବିଆଇ ୟୁଏସ୍ ଇଣ୍ଟେଲିଜେନ୍ସ କମ୍ୟୁନିଟିର ଏକ ସଦସ୍ୟ ମଧ୍ୟ। ଏହି ସଂସ୍ଥା ଉଭୟ ଆଟର୍ନି ଜେନେରାଲ ଏବଂ ନ୍ୟାଶନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟରଙ୍କ ନିକଟରେ ଉତ୍ତରଦାୟୀ। ଆତଙ୍କବାଦ ନିରୋଧୀ, କାଉଣ୍ଟର-ଇଣ୍ଟେଲିଜେନ୍ସ ଏବଂ ଆପରାଧିକ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ୨୦୦ରୁ ଊର୍ଦ୍ଧ୍ୱ ବର୍ଗର ସଂଘୀୟ ଅପରାଧକୁ ନେଇ ତଦନ୍ତ କରିଥାଏ। ଆମେରିକାରେ ଏହାର ୫୬ଟି କ୍ଷେତ୍ର କାର୍ଯ୍ୟାଳୟ ଏବଂ ୪୦୦ରୁ ଊର୍ଦ୍ଧ୍ୱ ରେସିଡେଣ୍ଟ ଏଜେନ୍ସି ରହିଛି। ମୋଟ ୩୫,୦୦୦ କର୍ମଚାରୀଙ୍କୁ ନେଇ ଏହି ତଦନ୍ତକାରୀ ସଂସ୍ଥା କାର୍ଯ୍ୟ କରୁଛି। ଭାରତରେ ଏଫ୍‌ବିଆଇର ୧୫୦ରୁ ଅଧିକ ଏଜେଣ୍ଟ କାର୍ଯ୍ୟରତ ଅଛନ୍ତି। ଦେଶରେ ହତ୍ୟା, ଶିଶୁଙ୍କୁ ଯୌନ ଉତ୍ପୀଡ଼ନ, ଶାରୀରିକ ନିର୍ଯାତନା, ଆକ୍ରମଣ, ଡ୍ରଗ୍ ଚାଲାଣ, ସରକାରୀ ଦୁର୍ନୀତି, ଆର୍ଥିକ ଅପରାଧ ଓ କ୍ରୀଡ଼ା ନିୟମ ଉଲ୍ଲଂଘନ ଭଳି ଅତି ଗମ୍ଭୀର ମାମଲାରେ ଏଫ୍‌ବିଆଇ ତଦନ୍ତରେ ସାମିଲ ହୋଇଥାଏ। କିନ୍ତୁ ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ଆବଶ୍ୟକ ହୋଇଥାଏ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମନ୍ତ୍ରଣ କଲେ ଏଫ୍‌ବିଆଇ ଭାରତର କୌଣସି ମାମଲାରେ ତଦନ୍ତ କରିବା ଉପରେ ବିଚାର କରିପାରେ।

# ଶେଲି ଓବେରୟ ଦିଲ୍ଲୀ ମେୟର

## ଏଏପିର ବାଜିମାତ୍

- ଭାଜପାର ରେଖା ଗୁପ୍ତାଙ୍କୁ ୩୪ ଭୋଟରେ ହରାଇଲେ
- ଆଲେ ମହମ୍ମଦ ଇକ୍‌ବାଲ ଡେପୁଟି ମେୟର



ଶେଲି ଓବେରୟ

**ନୂଆଦିଲ୍ଲୀ,୨୨।୨**

ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଶେଲି ଓବେରୟ ବୁଧବାର ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ମେୟର ନିର୍ବାଚିତ ହୋଇଛନ୍ତି। ସେ ଭାଜପାର ରେଖା ଗୁପ୍ତାଙ୍କୁ ୩୪ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମୋଟ ୨୬୬ କର୍ପୋରେଟରଙ୍କ ମଧ୍ୟରୁ ଶେଲିଙ୍କ ସପକ୍ଷରେ ୧୫୦ ଜଣ ଭୋଟ ଦେଇଥିବାବେଳେ ରେଖାଙ୍କୁ ୧୧୬ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ଡେପୁଟି ମେୟର ନିର୍ବାଚନରେ ମଧ୍ୟ ଏଏପି ବାଜି ମାରିନେଇଛି। ଏଏପି ପ୍ରାର୍ଥୀ ଆଲେ ମହମ୍ମଦ ଇକ୍‌ବାଲ୍ ୧୪୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ ତାଙ୍କ ଭାଜପା ପ୍ରତିଦ୍ୱନ୍ଦ୍ୱୀ କମଲ ବଗିରଙ୍କୁ ୧୧୬ ଭୋଟ ମିଳିଛି। ଏହି ଅବସରରେ ଉଭୟ ମେୟର ଓ ଡେପୁଟି ମେୟରଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଶେଲି ଓ ଦଳୀୟ କର୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କେଜ୍‌ରିୱାଲ କହିଛନ୍ତି, ଏମ୍‌ସିଡି ନିର୍ବାଚନରେ ଗୁଣ୍ଡାମାନଙ୍କ ପରାଜୟ ହୋଇଛି, ଦିଲ୍ଲୀବାସୀ ବିଜୟୀ ହୋଇଛନ୍ତି।

୨୭୪ ଆସନ ବିଶିଷ୍ଟ ଗୃହରେ ମ୍ୟାଜିକ୍ ନମ୍ବର ହେଉଛି ୧୩୮। ଗତ ଡିସେମ୍ବର ୮ରେ ଅନୁଷ୍ଠିତ ନିର୍ବାଚନରେ ଏମ୍‌ସିଡିରୁ ଭାଜପାକୁ ହଟାଇବା ପାଇଁ ଶାସକ ଏଏପି ପ୍ରାଣପଣେ ଉଦ୍ୟମ କରିଥିଲା। ଦୀର୍ଘ ୧୫ ବର୍ଷ ଧରି ମହାନଗର ନିଗମକୁ ଦଖଲରେ ରଖିଥିବା ଭାଜପା ପରାଜିତ ହୋଇଥିଲା। ମେୟର ନିର୍ବାଚନରେ ୧୦ ବୟସ୍କ ମନୋନୀତ ସଦସ୍ୟ ଭୋଟ ଦେବେ ବୋଲି ଭାଜପା ଅଡ଼ିବସିବାରୁ ଏଏପି ସହ ଟଣାଓଟରା ଲାଗିରହିଥିଲା। ଫଳରେ ମେୟର ନିର୍ବାଚନ ୩ ଥର ସ୍ଥଗିତ ହୋଇଥିଲା। ମେୟର ନିର୍ବାଚନରେ ମନୋନୀତ ସଦସ୍ୟମାନଙ୍କ ମତଦାନ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** | ବିପର୍ଯ୍ୟୟର ସଙ୍କେତ









ଆଲାହାବାଦ ହାଇକୋର୍ଟର ପୂର୍ବତନ ଜଜ୍ ଏସ୍.ଏନ୍ ଶୁକ୍ଲାଙ୍କ ବିରୋଧରେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି (ସିବିଆଇ) ବୁଧବାର ଦୁର୍ନୀତି ମାମଲା ରୁଜୁ କରିଛି। ୨୦୧୪-୧୯ରେ ହାଇକୋର୍ଟ ଜଜ୍ ଦାୟିତ୍ୱରେ ଥିବା ସମୟରେ ଶୁକ୍ଲା ଏବଂ ତାଙ୍କ ସ୍ତ୍ରୀ ବେଆଇନ୍ ଭାବେ ୨.୪୫ କୋଟି ଟଙ୍କା ସଞ୍ଚୟ କରିଥିବା ସିବିଆଇ ପକ୍ଷରୁ କୁହାଯାଇଛି। ଶୁକ୍ଲାଙ୍କ ବିରୋଧରେ ଏହା ଦ୍ୱିତୀୟ ଦୁର୍ନୀତି ମାମଲା। ପୂର୍ବରୁ ୨୦୧୯ ଡିସେମ୍ବର ୪ରେ ତାଙ୍କ ବିରୋଧରେ ଏପରି ଅଭିଯୋଗ କରାଯାଇଥିଲା।



## ସଂକ୍ଷେପରେ

### ଗୁପ୍ତଚରଗିରି ମାମଲା
### ସିସୋଡିଆଙ୍କ ବିରୋଧରେ ସିବିଆଇକୁ ତଦନ୍ତ ଅନୁମତି

**ନୂଆଦିଲ୍ଲୀ, ୨୨।୨:** ଗୁପ୍ତଚରଗିରି ମାମଲାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କରିବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରି ଦିଆଯାଇଛି। ଫଳରେ ଏଣିକି ସିବିଆଇ ସିସୋଡିଆ ଏବଂ ଜଣେ ଆଇଏଏସ୍ ଅଧିକାରୀଙ୍କ ସମେତ ୬ ଜଣଙ୍କ ନାଁରେ ମାମଲା ରୁଜୁ କରିପାରିବ। ୨୦୧୫ରେ ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଦୁର୍ନୀତି ରୋକିବା ପାଇଁ ଏକ ଫେସ୍‌ବୁକ୍ ୟୁନିଟ୍ (ଏଫ୍‌ବିୟୁ) ଗଠନ କରିଥିଲେ। ଏଫ୍‌ବିୟୁ ଜରିଆରେ ରାଜନୈତିକ ଗୋଇନ୍ଦା ତଥ୍ୟ ହାସଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଦିଲ୍ଲୀ ସରକାର ଏହି ପ୍ରକଳ୍ପକୁ ଆବଣ୍ଟିତ ଅର୍ଥରେ ଅନିୟମିତତା କରିଥିବା ମଧ ଅଭିଯୋଗ ଆସିଥିଲା। ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ଅନୁମୋଦନ କ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗତ ୧୭ ତାରିଖରେ ସିବିଆଇକୁ ଏହାର ତଦନ୍ତ ପାଇଁ ଅନୁମତି ଦେଇଛି।

### ଯୌତୁକ ମାଗିବାରୁ ବରଙ୍କୁ ଫେରାଇ ଦେଲେ କନିଆ

**ଉନା, ୨୨।୨:** ହିମାଚଳ ପ୍ରଦେଶ ଉନା ଜିଲା ବଙ୍ଗନା ସହରରେ ବରଘର ଯୌତୁକ ମାଗିବାରୁ କନିଆ ବରଯାତ୍ରୀ ଫେରାଇ ଦେଇଥିବା ଖବର ସାମ୍ନାକୁ ଆସିଛି। ହାମିରପୁର କାଲୋରେ ଅଞ୍ଚଳର ଯୁବକ ବରଯାତ୍ରୀ ଧରି ବୁଧବାର କନିଆ ଘରେ ପହଞ୍ଚିଥିଲେ। ବରପକ୍ଷ ସୁନା ଅଲଙ୍କାର ଦାବି କରିବା ପରେ କନିଆ ବାହା ହେବା ଲାଗି ମନା କରିଥିଲେ। ଏ ନେଇ କନିଆଙ୍କ ଭାଇ ବଙ୍ଗନା ପୋଲିସ ଷ୍ଟେଶନରେ ବର ଘରଲୋକଙ୍କ ବିରୋଧରେ ଯୌତୁକ ଅଭିଯୋଗ କରିଛନ୍ତି।

### ନାବାଳକଙ୍କୁ ପିଟି ଅଚେତ କରିଦେଲେ

**ଭୋପାଳ, ୨୨।୨:** ମଧ୍ୟପ୍ରଦେଶ ବିଦିଶାରେ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ପିଟିବା ନେଇ ସ୍ଥାନୀୟ ପୋଲିସ ୨ଯୁବକଙ୍କୁ ଗିରଫ କରିଛି। ଦଳେ ଯୁବଗୋଷ୍ଠୀ ନାବାଳକଙ୍କୁ ମାଡ଼ ମାରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ କେତେଜଣ ଯୁବକ ନାବାଳକ ଅଚେତ ହେବା ପର୍ଯ୍ୟନ୍ତ ତାଙ୍କୁ ମାଡ଼ ମାରୁଥିବାର ଦେଖାଯାଉଛି। ଏନେଇ ଜାତୀୟ ଶିଶୁ ସୁରକ୍ଷା ଆୟୋଗ ବିଦିଶା ଏସ୍‌ପିଙ୍କୁ ନୋଟିସ ଜାରି କରିଛନ୍ତି। ଘଟଣା ସମ୍ପର୍କରେ ୩ ଦିନ ମଧ୍ୟରେ ଜବାବ ରଖିବା ଲାଗି ଏଥିରେ କୁହାଯାଇଛି।

### ରାଜ୍ୟଗୁଡ଼ିକୁ ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶ
### ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ଶିଶୁଙ୍କ ବୟସ ୬ ବର୍ଷ ହେବା ଜରୁରୀ

**ନୂଆଦିଲ୍ଲୀ, ୨୨।୨:** ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ଶିଶୁଙ୍କ ବୟସ ଅନ୍ୟୂନ ୬ ବର୍ଷ ହେବା ଆବଶ୍ୟକ ବୋଲି ବୁଧବାର ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନୂଆ ଶିକ୍ଷା ନୀତି (ଏନ୍‌ଇପି) ଅନୁସାରେ ଶିକ୍ଷାଭିତ୍ତିକ ମୂଳଦୁଆ ପାଇଁ ଶିଶୁମାନଙ୍କ ପାଖରେ ୫ ବର୍ଷ ପର୍ଯ୍ୟନ୍ତ ଏହି ସୁଯୋଗ ରହିଛି। ଏନ୍‌ଇପିରେ ପ୍ରିସ୍କୁଲଠାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଶିଶୁମାନଙ୍କ ପ୍ରିସ୍କୁଲ ଏଜୁକେଶନ ପାଇଁ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡ଼ି ଏବଂ ସରକାରୀ ସହାୟତାରେ ପରିଚାଳିତ ଏନ୍‌ଜିଓ ଦ୍ୱାରା ପ୍ରିସ୍କୁଲ ସେଣ୍ଟରମାନ ପରିଚାଳନା କରାଯାଉଥିବା ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଗୀତ ପାଇଁ ଗାୟିକା ନେହାଙ୍କୁ ନୋଟିସ

**ଲକ୍ଷ୍ନୌ, ୨୨।୨**

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନ ପ୍ରଣାଳୀକୁ ନେଇ ବ୍ୟଙ୍ଗାତ୍ମକ ଢଙ୍ଗରେ ଗୀତ ଗାଇବାରୁ ଭୋଜପୁରୀ ଲୋକ ଗାୟିକା ନେହା ସିଂ ରାଥୋଡଙ୍କୁ ୟୁପି ପୋଲିସ ନୋଟିସ ଜାରି କରିଛି। ନୋଟିସ୍ ଜରିଆରେ ନେହାଙ୍କୁ ୭ଟି ପ୍ରଶ୍ନର ଉତ୍ତର ରଖିବା ପାଇଁ କୁହାଯାଇଛି। ତେବେ ଏ ନେଇ ନେହା କହିଛନ୍ତି, ମୁଁ ଜଣେ ଲୋକ ଗାୟିକା। କାହା ଡରରେ ମୁଁ ଗାଇବା ବନ୍ଦ କରିବି ନାହିଁ। ପ୍ରଭାବଶାଳୀ ନେତାଙ୍କ ଆଗରେ ମୁଁ କିଛି ନୁହେଁ। ସରକାରଙ୍କ ଏ ପ୍ରକାର କାର୍ଯ୍ୟ ଗ୍ରହଣୀୟ ନୁହେଁ। ପ୍ରତ୍ୟେକଙ୍କ


ନେହା ସିଂ ରାଥୋଡ

ପ୍ରତିବାଦର ସ୍ୱରକୁ ଜୋର ଜବରଦସ୍ତ ଦବାଇବାକୁ ଚେଷ୍ଟା କରିବା ଅନୁଚିତ୍। ଏହାର ପ୍ରଭାବ ସେମାନଙ୍କ ଭୋଟ ଉପରେ ପଡ଼ିବ ବୋଲି ନେହା କହିଛନ୍ତି।

### ‘ୟୁପି ମେ କା ବା’

ଅନ୍ୟପକ୍ଷେ ୟୁପି ପୋଲିସ ନୋଟିସ ଜାରି କରିବା ପୂର୍ବରୁ ନେହାଙ୍କ ସ୍ୱାମୀଙ୍କୁ ଫସାଇବାକୁ ଚେଷ୍ଟା କରିଥିବା ସେ ଅଭିଯୋଗ ଆଣିଛନ୍ତି। ନିକଟରେ ନେହା ନିଜ ଗୀତ ‘ୟୁପି ମେ କା ବା’ର ନୂଆ ଭର୍ସନ ଗାଇଥିଲେ। ଏହି ଗୀତରେ ସେ କାନ୍‌ପୁରରେ ଉଚ୍ଛେଦ ସମୟରେ ପ୍ରାଣ ହରାଇଥିବା ପ୍ରମିଳା ଦୀକ୍ଷିତ (୪୫) ଏବଂ ତାଙ୍କ ଝିଅ ନେହା (୨୦)ଙ୍କ ସମ୍ପର୍କରେ କହିଥିଲେ। ତିନି ଦିନ ମଧ୍ୟରେ ନେହାଙ୍କୁ ପୋଲିସ ପକ୍ଷରୁ ଜାରି ନୋଟିସର ଉତ୍ତର ରଖିବା ଲାଗି କୁହାଯାଇଛି।


ଭାଟିକାନ୍ ସିଟିରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଲୋକଙ୍କୁ ସମ୍ବୋଧନ କରୁଥିବାବେଳେ ଜଣେ ମହିଳା ତାଙ୍କ ହାତରେ ମୁଣ୍ଡ ରଖି କାନ୍ଦୁଛନ୍ତି।

# ମୃତକଙ୍କ ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ଦିଅ

**ଅହମଦାବାଦ,୨୨।୨**

ଗତବର୍ଷ ଅକ୍ଟୋବର ୩୦ରେ ଗୁଜରାଟର ମୋର୍‌ବି ସହରରେ ଏକ ଝୁଲାପୋଲ ଭୁଶୁଡ଼ିପଡ଼ିବାରୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୬ ଆହତ ହୋଇଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ବୁଧବାର ଗୁଜରାଟ ହାଇକୋର୍ଟ ଓରେଭା ଗ୍ରୁପ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆହତମାନଙ୍କୁ ମଧ ୪ ସପ୍ତାହ ମଧ୍ୟରେ ୨ ଲକ୍ଷ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ରହିଛି।

ମାଚ୍ଛୁ ନଦୀର ଶତାବ୍ଦୀ ପୁରୁଣା ମୋର୍‌ବି ସସ୍‌ପେନ୍ସନ୍ ବ୍ରିଜ୍‌କୁ ଗତ ଅକ୍ଟୋବର ୩୦ରେ ହଠାତ୍ ଅତି ତରବରିଆ ଭାବେ ଖୋଲି ଦିଆଯାଇଥିଲା। ସେହିଦିନ ଗୁଜରାଟୀ ନବବର୍ଷ ଓ ରବିବାର ଥିବାରୁ ବ୍ରିଜ୍‌ରେ ପ୍ରବଳ ଜନଗହଳି ହୋଇଥିଲା। ଟିକେଟ ପିଛା ୧୨ରୁ ୧୭ ଟଙ୍କାରେ



ବିକ୍ରି କରାଯାଇଥିଲା, ଯାହାକି ପିଲାଙ୍କ ପାଇଁ ୧୦ ଓ ବୟସ୍କଙ୍କ ଲାଗି ୧୫ ଟଙ୍କା ରଖିବାକୁ ପୂର୍ବରୁ ଧାର୍ଯ୍ୟ ହୋଇଥିଲା। ୧୫୦ ଧାରଣ କ୍ଷମତା ବିଶିଷ୍ଟ ଝୁଲାପୋଲ ଉପରକୁ ୬୫୦ରୁ ଅଧିକ ଲୋକ ଯିବା ପରେ ପୁରୁଣା ମେଟାଲ କେବୁଲ ଛିଣ୍ଡି ପଡ଼ିଥିଲା। କଳଙ୍କି ଲାଗିଯାଇଥିବା କେବୁଲଗୁଡ଼ିକୁ ଗତ ୭ ମାସର ମରାମତି ସମୟରେ ବଦଳାଯାଇ ନ ଥିବା ଯାଞ୍ଚରୁ ଜଣାପଡ଼ିଥିଲା। ସବୁଠୁ ବଡ଼ କଥା ହେଉଛି ଏହାର ମରାମତି, ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଦାୟିତ୍ୱ

### ମୋର୍‌ବି ବ୍ରିଜ୍ ଭୁଶୁଡ଼ିବା ଘଟଣା
### ଓରେଭା ଗ୍ରୁପ୍‌କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଜୟସୁଖ ପଟେଲଙ୍କ ଓରେଭା କମ୍ପାନୀକୁ ଦିଆଯାଇଥିଲା। ଓରେଭା ଗ୍ରୁପ୍ ହେଉଛି ଅଜନ୍ତା କାନ୍ଥଘଣ୍ଟା, ସିଏଫ୍‌ଲ୍ ବଲ୍‌ବ ଏବଂ ଇ-ବାଇକ୍ ନିର୍ମାଣକାରୀ କମ୍ପାନୀ, ଯାହାର ବ୍ରିଜ୍ ନିର୍ମାଣ କ୍ଷେତ୍ରରେ କୌଣସି ଅଭିଜ୍ଞତା ନାହିଁ। ଏହି କମ୍ପାନୀ ଉକ୍ତ ବ୍ରିଜ୍‌କୁ ଖୋଲିବା ପୂର୍ବରୁ ମୋର୍‌ବି ପୌରପାଳିକାଠାରୁ ଫିଟ୍‌ନେସ୍ ସାର୍ଟିଫିକେଟ୍ ମଧ ନେଇ ନ ଥିଲା। ରକ୍ଷଣାବେକ୍ଷଣ ପାଇଁ ଅନ୍ୟୂନ ୮ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଏହାକୁ ବନ୍ଦ ରଖାଯିବା କଥା। କିନ୍ତୁ ଅତି ତରବରିଆ ଭାବେ ଖୋଲାଯିବା କମ୍ପାନୀ ଏମ୍‌ଡି ଜୟସୁଖ ପଟେଲଙ୍କ ଗମ୍ଭୀର ଦାୟିତ୍ୱହୀନତା ବୋଲି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦର୍ଶାଇଥିଲା।

ଗୁଜରାଟ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୋନିଆ ଗୋକାନିଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସନ୍ଦୀପ ଭଟ୍ଟ ସାମିଲ ଥିବା ଡିଭିଜନ୍ ବେଞ୍ଚ ଉକ୍ତ କମ୍ପାନୀକୁ ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ୧୩୫ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଓ ୫୬ ଆହତଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହା ପୂର୍ବରୁ ମଙ୍ଗଳବାର ଓରେଭା ଗ୍ରୁପ୍ ଅନ୍ତରୀଣ କ୍ଷତିପୂରଣ ବାବଦରେ ମୋଟ ୫ କୋଟି ଟଙ୍କା ଦେବାକୁ ପ୍ରସ୍ତୁତ ବୋଲି ହାଇକୋର୍ଟଙ୍କୁ ଅବଗତ କରାଇଥିଲା। ତେବେ ହାଇକୋର୍ଟ ଏହାକୁ ପର୍ଯ୍ୟାପ୍ତ ନୁହେଁ କହି କମ୍ପାନୀର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ।

## ଅଭିନେତ୍ରୀ ସୁବି ସୁରେଶଙ୍କ ପରଲୋକ



**କୋଚି, ୨୨।୨**

ଲୋକପ୍ରିୟ ମାଲାୟାଲମ ଅଭିନେତ୍ରୀ ତଥା ଟେଲିଭିଜନ୍ ହୋଷ୍ଟ ସୁବି ସୁରେଶଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ଯକୃତଜନିତ ରୋଗରେ ଆକ୍ରାନ୍ତ ସୁବି କୋଚିସ୍ଥିତ ପ୍ରାଇଭେଟ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିଲା। ମିମିକ୍ରି ଆର୍ଟିଷ୍ଟ ଭାବେ ସୁବି ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସୁବିଙ୍କ ପରଲୋକ ନେଇ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟାନ ଶୋକ ବ୍ୟକ୍ତ କରିଛନ୍ତି।

# ଇସି ଅର୍ଡର ଉପରେ ସ୍ଥଗିତାଦେଶ ଦେଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୨**

ଭାରତର ନିର୍ବାଚନ କମିଶନ (ଇସିଆଇ) ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ପ୍ରକୃତ ଶିବସେନା ମାନ୍ୟତା ଓ ନିର୍ବାଚନୀ ଚିହ୍ନ ‘ଧନୁଶର’ ପ୍ରଦାନ କରିଥିବାବେଳେ ଏହି ଅର୍ଡର ଉପରେ ସ୍ଥଗିତାଦେଶ ଜାରି ପାଇଁ ଉଦ୍ଧବ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସର୍ବୋଚ୍ଚ ଅଦାଲତ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। କିନ୍ତୁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେଇଛନ୍ତି। ଫଳରେ ଶିନ୍ଦେ ଗୋଷ୍ଠୀ


ଏକନାଥ ଶିନ୍ଦେ

ଆଶ୍ୱସ୍ତି ଲାଭ କରିଥିବାବେଳେ ଉଦ୍ଧବ ଗୋଷ୍ଠୀକୁ ଆଉ ଏକ ଝଟ୍‌କା ଲାଗିଛି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍.

### ଶିନ୍ଦେ ଗୋଷ୍ଠୀକୁ ଶିବସେନା ମାନ୍ୟତା

ନରସିଂହ ଏବଂ ପି.ଏସ୍. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସିଙ୍କ ରାୟକୁ ଚ୍ୟାଲେଞ୍ଜ ଉପରେ ଶିନ୍ଦେ ଗୋଷ୍ଠୀକୁ ୨ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ଶିନ୍ଦେ ଗୋଷ୍ଠୀ ଜବାବୀ ସତ୍ୟପାଠ ଦାଖଲ କରିବା ପରେ ଖଣ୍ଡପୀଠ ତାକୁ ଅନୁଧ୍ୟାନ କରି ନିଷ୍ପତ୍ତି ନେବେ। ଉଭୟ ପକ୍ଷଙ୍କ ଯୁକ୍ତି ନ ଶୁଣି କୌଣସି ନିଷ୍ପତ୍ତି ନିଆଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ହିଜାବ ପିନ୍ଧି ପରୀକ୍ଷା ଦେବାକୁ ଅନୁମତି ଲୋଡ଼ିଲେ କର୍ନାଟକ ଛାତ୍ରୀ



**ନୂଆଦିଲ୍ଲୀ,୨୨।୨:** କର୍ନାଟକର ସରକାରୀ ସ୍କୁଲଗୁଡ଼ିକରେ ହିଜାବ ପରିଧାନ ଉପରେ କଟକଣା ଜାରି କରାଯାଇଛି। ତେବେ କେତେଜଣ ମୁସଲମାନ ଛାତ୍ରୀ ହିଜାବ ପିନ୍ଧି ପରୀକ୍ଷା ଦେବା ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି। ସେମାନଙ୍କ ଆବେଦନର ଶୁଣାଣି କରିବାକୁ ବୁଧବାର ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। କର୍ନାଟକର ସ୍କୁଲଗୁଡ଼ିକରେ ମାର୍ଚ୍ଚ ୯ରୁ ପରୀକ୍ଷା ଆରମ୍ଭ ହେବ। ବିନା ହିଜାବରେ ପରୀକ୍ଷା ଦେବାକୁ ଗଲେ ହଲ୍‌କୁ ପ୍ରବେଶ କରିବାକୁ ଦିଆଯାଇ ନ ପାରେ ବୋଲି ଆଶଙ୍କା କରି ରାଜ୍ୟର ମୁସଲମାନ ଛାତ୍ରୀମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତା ତଥା ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପଠରେ ସୋମବାର ଏହାର ଶୁଣାଣି କରାଯାଉ ବୋଲି ଛାତ୍ରୀମାନଙ୍କ ଓକିଲ ଶାଦନ ଫରସତ ଅଦାଲତଙ୍କୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ଗତ ବର୍ଷ ସୁପ୍ରିମକୋର୍ଟ ବିଭାଜିତ ରାୟ ଦେଇଥିଲେ।

## ଚାଇନାରେ ଖଣି ଭୁଶୁଡ଼ିଲା: ୨ ମୃତ, ୫୩ ନିଖୋଜ

**ବେଜିଂ,୨୨।୨**

ଚାଇନାର ମଙ୍ଗୋଲିଆ ସ୍ୱୟଂଶାସିତ ଅଞ୍ଚଳସ୍ଥିତ ଅଲ୍‌ଶା ଲେଫ୍ଟ ବ୍ୟାନର୍‌ରେ ବୁଧବାର ଏକ ଖଣି ଭୁଶୁଡ଼ିପଡ଼ିଛି। ସେଠାରେ କାର୍ଯ୍ୟରତ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୩ ଜଣ ନିଖୋଜ ହୋଇଯାଇଛନ୍ତି। ମାଟି ତଳେ ଅନେକ ଚାପି ହୋଇରହିଥିବା ଆଶଙ୍କା କରି ଉଦ୍ଧାରକାରୀ ଦଳ ସେମାନଙ୍କୁ ବାହାର କରିବାକୁ ଉଦ୍ୟମ ଚଳାଇଛି। ଅଦ୍ୟାବଧି ୮ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଇଛି। ୮ ରେସ୍କ୍ୟୁ ଟିମ୍‌ରେ ୩୩୪ ଉଦ୍ଧାରକାରୀ ସାମିଲ ହୋଇଛନ୍ତି।


ପାଲେଷ୍ଟାଇନ୍‌ର ଜଣେ ଆହତଙ୍କୁ ନବ୍ଲୁସ୍ ହସ୍ପିଟାଲକୁ ନିଆଯାଉଛି।

# ୧୦ ପାଲେଷ୍ଟିନୀୟଙ୍କୁ ହତ୍ୟା

**ନାବଲସ୍, ୨୨।୨:** ବୁଧବାର ନାବଲସ୍‌ରେ ଇସ୍ରାଏଲ ଟ୍ରୁପ୍ ୧୦ ପାଲେଷ୍ଟିନୀୟଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୭୨ ବର୍ଷୀୟ ବୃଦ୍ଧ ଏବଂ ୧୪ ବର୍ଷର ବାଳକଙ୍କ ସମେତ ୩ ସାଧାରଣ ନାଗରିକ ରହିଛନ୍ତି। ୧୦୨ ଜଣ ଆହତ ହୋଇଛନ୍ତି। ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା ଜାରିଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ଅଛନ୍ତି। ୱେଷ୍ଟ ବ୍ୟାଙ୍କ ଅଧିକୃତ ସହରର ଏକ ପ୍ରମୁଖ ସ୍ଥାନରେ ଇସ୍ରାଏଲ ଟ୍ରୁପ୍ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଇସ୍ରାଏଲ ଟ୍ରୁପ୍ ସଦସ୍ୟଙ୍କ ମଧ୍ୟରୁ କେହି ନିହତ ହୋଇ ନ ଥିବା ମିଲିଟାରି ପକ୍ଷରୁ କୁହାଯାଇଛି। ୨ ପାଲେଷ୍ଟିନୀୟ କମାଣ୍ଡରଙ୍କୁ ଏକ ଘରେ ଘେରାବନ୍ଦୀ କରି ଇସ୍ରାଏଲ ଟ୍ରୁପ୍ ରଖିଥିବା ପାଲେଷ୍ଟିନୀୟ ମିଲିଟାଣ୍ଟ ଇସଲାମିକ ଜିହାଦ ପକ୍ଷରୁ କୁହାଯାଇଛି।

## ବିବାହର ୨ ଦିନ ପରେ ନବଦମ୍ପତିଙ୍କ ମୃତ୍ୟୁ

**ରାୟପୁର, ୨୨।୨**

ଛତିଶଗଡ଼ ବ୍ରିଜରାଜନଗରରେ ବାହାଘର ୨ ଦିନ ପରେ ନବଦମ୍ପତିଙ୍କ ମୃତ୍ୟୁ ଘଟିଛି। କୌଣସି କାରଣରୁ ଯୁକ୍ତିତର୍କ ହେବା ପରେ ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା କରିବା ପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ରବିବାର ଅସଲାମ (୨୪) ଓ ବନୋ(୨୨) ବାହା ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦୁହେଁ ରିସେପ୍ସନ ପାର୍ଟି ପାଇଁ ନିଜ ରୁମ୍‌ରେ ପ୍ରସ୍ତୁତ ହେଉଥିଲେ। ଏତିକିବେଳେ ହଠାତ୍ ବୋହୂ



ଜୋର୍ ପାଟିକରି ଉଠିଥିଲେ। ଘରଲୋକେ ରୁମ୍ ଝରକା ବାଟେ ଦେଖିଲାବେଳକୁ ନବ ଦମ୍ପତିଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଛି। ପୋଲିସ କବାଟ ଭାଙ୍ଗି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି।

# ୩,୫୦୦ ଭାଜପା କର୍ମୀଙ୍କ ନାଁରେ ମାମଲା



**ଚେନ୍ନାଇ, ୨୨।୨**

ତାମିଲନାଡୁରେ ଡିଏମ୍‌କେ କାଉନ୍‌ସିଲରଙ୍କ ମାଡ଼ରେ ପ୍ରାଣ ହରାଇଥିବା ଯବାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ୩,୫୦୦ ଭାଜପା କର୍ମୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଭାଜପା ନେତା ଓ କର୍ମୀ ବିନା ଅନୁମତିରେ କ୍ୟାଣ୍ଡେଲ୍ ଲାଇଟ୍ ମାର୍ଚ୍ଚ କରିଥିବା ଚେନ୍ନାଇର ଜଣେ ପୋଲିସ ଅଫିସର କହିଛନ୍ତି। ରାଜ୍ୟ ଭାଜପା ସଭାପତି ଅନ୍ନାମଲାଇଙ୍କ ଅଧ୍ୟକ୍ଷତାରେ ପାର୍ଟି ନେତା ଓ କର୍ମୀ ମଙ୍ଗଳବାର ହଙ୍ଗର ଷ୍ଟ୍ରାଇକ୍ ସାଙ୍ଗକୁ କ୍ୟାଣ୍ଡେଲ ଲାଇଟ୍ ମାର୍ଚ୍ଚ କରିଥିଲେ। ଏ ନେଇ ବୁଧବାର ଆନ୍ନାମଲାଇ ଏବଂ ଅବସରପ୍ରାପ୍ତ ସେନା କର୍ମଚାରୀ ରାଜଭବନରେ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭେଟିଛନ୍ତି। ରାଜ୍ୟରେ ସେନା କର୍ମଚାରୀ ଅସୁରକ୍ଷିତ ଥିବାବେଳେ

### ଯବାନଙ୍କ ହତ୍ୟା ନେଇ କ୍ୟାଣ୍ଡେଲ୍ ଲାଇଟ୍ ମାର୍ଚ୍ଚ କରିଥିଲେ

ଏ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସେମାନେ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ସରକାରୀ ଚାକିରି ଦେବା ଲାଗି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ଗତ ୮ରେ ପାଣି ଟାଙ୍କି ନିକଟରେ କପଡ଼ା ଧୋଇବା ନେଇ ଯବାନ ପ୍ରଭୁ ଏବଂ ଡିଏମ୍‌କେ କାଉନ୍‌ସିଲର ଚିନ୍ନାସାମିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଚିନ୍ନାସାମିଙ୍କ ସମର୍ଥକମାନେ ପ୍ରଭୁଙ୍କୁ ପିଟିଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରଭୁଙ୍କ ମୃତ୍ୟୁ ଘଟିଥିଲା। କାଉନ୍‌ସିଲରଙ୍କ ସମେତ ପୋଲିସ ୯ ଜଣଙ୍କୁ ଗିରଫ କରିଛି।

# ରିପବ୍ଲିକାନ୍ ପାର୍ଟିରୁ ୨ ଭାରତୀୟ ବଂଶୋଦ୍ଭବ ଆଶାୟୀ

**ୱାଶିଂଟନ,୨୨।୨**

ଭାରତୀୟ ବଂଶୋଦ୍ଭବ ଟେକ୍ ଏଣ୍ଟରପ୍ରିନ୍ୟୁର୍ ବିବେକ ରାମାସ୍ୱାମୀ ବୁଧବାର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟି ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଗତ ୧୪ ତାରିଖରେ ଭାରତୀୟ ବଂଶୋଦ୍ଭବ ନିକ୍କି ହାଲି ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପାଇଁ ନିଜ ପ୍ରାର୍ଥିତ୍ୱ ନେଇ ଘୋଷଣା କରିଥିବାବେଳେ ବିବେକ ହେଉଛନ୍ତି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଚ୍ୟାଲେଞ୍ଜର। ରାଷ୍ଟ୍ରପତି ନିର୍ବାଚିତ ହେଲେ ଚାଇନା ଉପରେ ଆମେରିକାର ନିର୍ଭରଶୀଳତା ହ୍ରାସ କରିବେ ବୋଲି ବିବେକ ପ୍ରତିଶ୍ରୁତି ଦେଇଛନ୍ତି।

ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍କାର ଦେଇ

### ହ୍ୱାଇଟ୍ ହାଉସ୍ ଦୌଡ଼


ବିବେକ ରାମାସ୍ୱାମୀ


ନିକ୍କି ହାଲି

ବିବେକ କହିଛନ୍ତି, ଆମେ ଜାତୀୟ ପରିଚୟ ସଙ୍କଟ ମଧ୍ୟରେ ରହିଥିବାବେଳେ ଦୀର୍ଘ ସମୟ ଧରି ବିବିଧତାକୁ ମାନିଆସିଛେ। ଆମେରିକାକୁ ପୂର୍ବ ଗୌରବ ଫେରାଇ ଆଣି ପ୍ରତ୍ୟେକଙ୍କ ଜୀବନକୁ ସୁଖମୟ କରିବା ଦିଗରେ ସେ ଉଦ୍ୟମ କରିବେ। ୩୭ ବର୍ଷୀୟ ବିବେକଙ୍କ ମାତାପିତା କେରଳରୁ ଆମେରିକା ଯାଇ ଓହିଓସ୍ଥିତ ଏକ ଜେନେରାଲ ଇଲେକ୍ଟ୍ରିକ୍ ପ୍ଲାଣ୍ଟରେ କାର୍ଯ୍ୟ କରିଥିଲେ। ବିବେକ ୨୦୧୪ରେ ରୋଇଭାଣ୍ଟ ସାଇନ୍ସେସ୍ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ସେ ଆଉ କେତେକ ସ୍ୱାସ୍ଥ୍ୟ ସେବା ଓ ଟେକ୍ନୋଲୋଜି କମ୍ପାନୀ ଗଢ଼ିଥିଲେ। ୨୦୨୨ରେ ବିବେକ ଷ୍ଟ୍ରାଇଭ୍ ଆସେଟ୍ ମ୍ୟାନେଜ୍‌ମେଣ୍ଟ ନାମରେ ଏକ ସଂସ୍ଥା ଖୋଲିଥିଲେ, ଯାହାକି ଆମେରିକୀୟ ଅର୍ଥନୀତିରେ ପ୍ରତ୍ୟେକ ନାଗରିକଙ୍କୁ ସ୍ୱର ଉତ୍ତୋଳନ ପାଇଁ ସୁଯୋଗ ଦେଇଥାଏ। ପ୍ରକାଶ ଯେ, ଏକ ପଞ୍ଜାବୀ ପରିବାରରୁ ଆସିଥିବା ନିକ୍କି ହାଲି ମଧ ଏହି ଦୌଡ଼ରେ ପୂର୍ବରୁ ସାମିଲ ହୋଇସାରିଛନ୍ତି। ନିକ୍କି ପୂର୍ବରୁ ସାଉଥ୍ କାରୋଲିନାରେ ୨ ଥର ଗଭର୍ନର ଓ ଜାତିସଂଘରେ ଆମେରିକାର ପ୍ରତିନିଧି ଭାବେ ମଧ କାର୍ଯ୍ୟ କରିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୩/୨୦୨୩ | Bhubaneswar, Thursday, February 23/2023 | ପୃଷ୍ଠା-୧


## ଇଞ୍ଜିନରେ ଲିକ୍: ଏୟାର ଇଣ୍ଡିଆ ଫ୍ଲାଇଟ୍‌ର ଜରୁରୀ ଅବତରଣ

**ଭୋପାଳ, ୨୨।୨**

ନ୍ୟୁୟର୍କରୁ ବୁଧବାର ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ (ଏଆଇ୧୦୬) ଇଞ୍ଜିନରେ ଲିକ୍ ଜଣାପଡ଼ିବା ପରେ ବିମାନକୁ ସ୍ୱିଡେନର ଷ୍ଟକ୍‌ହୋମ୍ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ବିମାନରେ ୩୦୦ ଯାତ୍ରୀଥିବାବେଳେ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ବିମାନର ଅପରେଟିଂ କରୁଥିବା ବୋଇଂ ୭୭୭-୩୦୦ଇଆର୍ ଏୟାରକ୍ରାଫ୍ଟ ଇଞ୍ଜିନରୁ ତେଲ ଲିକ୍ ଜାଣିବା ପରେ ବିମାନର ଦିଗକୁ ବଦଳା ଯାଇଥିଲା। ତେଲ ଲିକ୍ ପରେ ଇଞ୍ଜିନ୍ ଅଚଳ ହୋଇଯାଇଥିଲା। ଏହା ସତ୍ତ୍ୱେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିବା ଘରୋଇ ବିମାନ ଉଡ଼ାଣ ସଂସ୍ଥା ପକ୍ଷରୁ କୁହାଯାଇଛି।

# ୨ ଦୁର୍ଘଟଣା, ୯ ଜୀବନ ଗଲା



ଚୋଲପଦର ଗ୍ରାମ ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ଦୁର୍ଘଟଣାର ଶିକାର ହୋଇଥିବା ଅଟୋ ଓ ଯାତ୍ରୀ ।

## ଅଟୋକୁ ଧକ୍କାଦେଲା ଟ୍ରକ୍, ୬ ମୃତ

**ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.), ୨୨।୨**

ଆନ୍ଧ୍ରପ୍ରଦେଶର ମାନ୍ୟମ୍ ଜିଲା ଚୋଲପଦର ଗ୍ରାମ ନିକଟରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ଟ୍ରକ ଧକ୍କା ଦେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ଜଣ ମହିଳା ଅଛନ୍ତି। ସେମାନେ ହେଲେ ମେଲେକା ଶାରଦା (୩୧), ମେଲେକା ଆମୁଡୁ (୪୪), ହୁଇକା ଲକ୍ଷ୍ମୀ (୪୫), ହୁଇକା ନାରସମା (୪୨)। ଡାକ୍ତରଖାନାରେ ମେଲେକା ଭେଙ୍କଟ (୫୯) ଓ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଆଣ୍ଟିବାଲସା ଗ୍ରାମର ୧୨ଜଣ ତୁମଲବାଲସା ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଆସିଥିଲେ। ଭୋଜି ଖାଇସାରି ସମସ୍ତେ ଗୋଟିଏ ଅଟୋରେ ଘରକୁ ଫେରୁଥିଲେ। ଚୋଲପଦର ଗ୍ରାମ ନିକଟରେ ପାର୍ବତୀପୁରମଠାରୁ ଆସୁଥିବା ଏକ ଟ୍ରକ ଉକ୍ତ ଅଟୋକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୪ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଗୁରୁତର ହୋଇଥିଲେ। ମାନ୍ୟମ୍ ଏସ୍‌ପି ବି. ବିଦ୍ୟାସାଗର ଓ କୋମରଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତାହତଙ୍କୁ ଉଦ୍ଧାର କରି ପାର୍ବତୀପୁରମ ମେଡିକାଲ ପଠାଇଥିଲେ। ସେଠାରୁ ୪ ଜଣଙ୍କୁ ଅଧିକ ଚିକିତ୍ସା ଲାଗି ବିଜୟନଗରମ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ଟ୍ରକ୍ ପଛରେ ପିଟିଲା ସ୍କର୍ପିଓ, ୩ ମୃତ



**ବଡ଼ବିଲ/ଯୋଡ଼ା, ୨୨।୨(ଡି.ଏନ୍.ଏ)**

### ବାରବାଙ୍କ ଘାଟିରେ ଦୁର୍ଘଟଣା, ଶିଶୁ ସମେତ ୩ ଗୁରୁତର

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ନଂ. ଜାତୀୟ ରାଜପଥର ବାରବାଙ୍କ ଘାଟିରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ପଛପଟୁ ସ୍କର୍ପିଓ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଶିଶୁ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ବିଜୁ ହଟିଂର ଅର୍ଜ୍ଜୁନ ମୁଣ୍ଡା, ରାଞ୍ଚି ମୁଣ୍ଡା ଓ ଜୁରିଆ ମୁଣ୍ଡା। ସୂଚନା ଅନୁଯାୟୀ, ବିଜୁ ହଟିଂର ଗୋଟିଏ ପରିବାର ୬ ଜଣ ରୁଗୁଡ଼ି ଥାନା ଗୁଆଲି ଅଞ୍ଚଳକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେମାନେ ଏକ ସ୍କର୍ପିଓରେ ଭଦ୍ରାସାହିସ୍ଥିତ ଘରକୁ ଫେରୁଥିଲେ। ବାରବାଙ୍କ ଘାଟିରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ସ୍କର୍ପିଓ ପିଟି ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ବର୍ଷୀୟ ଶିଶୁ ଟୁନୁ ମୁଣ୍ଡା, ଶାହା ଯାହାନ ଭୂୟାଁ ଓ ରାମ ଲାଗୁରି ଗୁରୁତର ହୋଇଥିଲେ। ଖବର ପାଇ ରୁଗୁଡ଼ି ପୋଲିସ ପହଞ୍ଚି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ମହାକୁଡ଼ କହିଛନ୍ତି।






## ରାସ୍ତାରୁ ବୁଲା କୁକୁର ହଟାଅ: ମନ୍ତ୍ରୀ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

### ହାଇଦ୍ରାବାଦ ଘଟଣା ପରେ ଚେତାପଶିଲା

ହାଇଦ୍ରାବାଦରେ ୪ ବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେବା ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାର ତତ୍ପରତା ଦେଖାଇଛନ୍ତି। ରାଜ୍ୟରେ ରାସ୍ତା କଡ଼ରୁ ବୁଲା କୁକୁର ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏ ନେଇ ବୁଧବାର ମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ହାଇଦ୍ରାବାଦରେ ଏହି ଭୟାନକ ଘଟଣା ଦେଖି ମୁଁ ଓଡ଼ିଶାର ସମସ୍ତ ୩୦ ଜିଲାର ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରି ଅଫିସର(ସିଡିଭିଓ)ଙ୍କୁ କଡ଼ା ସତର୍କ ରହିବା ସହ ରାସ୍ତାରୁ ବୁଲା କୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛି। ଏହା ଉପରେ ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଡିଭିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ☞ପୃଷ୍ଠା-୧୧




ପୁରୀ ଶ୍ରୀମନ୍ଦିରର ଦୃଶ୍ୟ ୧୯୨୪ ମସିହା ପର୍ତ୍ତୁଗୀଜ୍ ନୋଟ୍‌ରେ ସ୍ଥାନ ପାଇଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ପର୍ତ୍ତୁଗୀଜ୍‌ମାନେ ୧୫୦୫ ମସିହାରେ ଗୋଆରେ ପ୍ରଥମେ ତାଙ୍କର କଲୋନୀ ପ୍ରତିଷ୍ଠା କରିଥିଲେ। ଓଡ଼ିଶାର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ଫଟୋ ପର୍ତ୍ତୁଗୀଜ୍ ନୋଟ୍‌ରେ ସ୍ଥାନ ପାଇଥିବାବେଳେ ଭାରତରେ ଶାସନ କରିଥିବା ବ୍ରିଟିଶ୍ ସରକାର କିମ୍ବା ସ୍ୱାଧୀନତା ପରେ କେନ୍ଦ୍ର ସରକାର ଶ୍ରୀମନ୍ଦିର ଫଟୋକୁ କୌଣସି ନୋଟ୍‌ରେ ସ୍ଥାନ ଦେଇ ନ ଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି।

## ବର୍ଷକୁ ୫ ସେମି ଘୁଞ୍ଚୁଛି ଭାରତୀୟ ପ୍ଲେଟ୍

**ହାଇଦ୍ରାବାଦ, ୨୨।୨**

### ଦେଶରେ ଭୂକମ୍ପ ନେଇ ସତର୍କ କରାଇଲେ ବୈଜ୍ଞାନିକ

ନିକଟରେ ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପର ଭୟାବହତା ଦେଖିବା ପରେ ବିଶ୍ୱବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୂର୍ବରୁ ଭାରତ ମଧ୍ୟ ଅନେକ ଭୂମିକମ୍ପଜନିତ ଦୁଷ୍ପରିଣାମର ମୂକସାକ୍ଷୀ ପାଲଟିଛି। ତେବେ ଆଗାମୀ ଦିନରେ ଦେଶରେ ସାଂଘାତିକ ଭୂମିକମ୍ପ ହେବା ନେଇ ନ୍ୟାଶନାଲ ଜିଓଗ୍ରାଫିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଜିଆର୍‌ଆଇ) ବୈଜ୍ଞାନିକ ଡ. ଏନ୍. ପୂର୍ଣ୍ଣଚନ୍ଦ୍ର ରାଓ ସତର୍କ କରିଛନ୍ତି। ପୃଥିବୀ ପୃଷ୍ଠ ତଳେ ଅନେକ ପ୍ଲେଟ୍ ରହିଛି, ଯେଉଁଗୁଡ଼ିକ ସମୟକ୍ରମେ ଗତିମାନ କରନ୍ତି। ଭାରତ ଭୂପୃଷ୍ଠର ପ୍ଲେଟ୍ ପ୍ରତିବର୍ଷ ୫ ସେଣ୍ଟିମିଟର ଘୁଞ୍ଚୁଛି। ଏହାଦ୍ୱାରା ହିମାଳୟ ଉପରେ ଚାପ ପଡ଼ିବା ସହ ଭୂକମ୍ପର ଆଶଙ୍କା ବୃଦ୍ଧି ପାଇଛି।




ଉତ୍ତରାଖଣ୍ଡ ସମେତ ହିମାଚଳ ଏବଂ ନେପାଳର ପଶ୍ଚିମାଞ୍ଚଳ ମଧ୍ୟରେ ଥିବା ଭୂକମ୍ପୀୟ ଅନ୍ତରାୟ ଯୋଗୁ ଯେ କୌଣସି ମୁହୂର୍ତ୍ତରେ ସେଠାରେ ଭୂମିକମ୍ପ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ରାୟ କହିଛନ୍ତି। ସତର୍କତା ଦୃଷ୍ଟିରୁ ଉତ୍ତରାଖଣ୍ଡରେ ୧୮ଟି ସେସ୍‌ମୋଗ୍ରାଫ୍ (ଭୂମିକମ୍ପ ସମୟରେ ଭୂପୃଷ୍ଠର ଗତି ମାପକ) ଷ୍ଟେଶନ୍ ରହିଛି। ଗତ ୬ ତାରିଖରେ ତୁର୍କୀ, ସିରିଆରେ ଅନୁଭୂତ ୭.୮ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଦୁଇ ଦେଶର ନକ୍ସାକୁ ବଦଳାଇ ଦେଇଛି। ଏଥିରେ ୪୬,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଅନେକ ଲୋକ ଏବେ ବି ନିଜ ପ୍ରିୟଜନଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। ସିରିଆ ଓ ତୁର୍କୀର ସ୍ଥିତିକୁ ଦେଖି ଏବେ ଅନ୍ୟ ଦେଶଗଡ଼ିକ ଏପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଖାଲି ସେତିକି ନୁହେଁ, ଭୂକମ୍ପ ସମ୍ପର୍କରେ ଆଗୁଆ ଅବଗତ ହେବା ଲାଗି ବୈଜ୍ଞାନିକଙ୍କ ପକ୍ଷରୁ ଅଧ୍ୟୟନ ମଧ୍ୟ ଆରମ୍ଭ ହୋଇଯାଇଛି। ହିମାଳୟର ପ୍ଲେଟ୍ ସ୍ଥିତିକୁ ଅନୁଧ୍ୟାନ କଲେ ସେଠାରେ ଯେକୌଣସି ମୁହୂର୍ତ୍ତରେ ଭୂମିକମ୍ପ ହେବା ଅନୁମାନ କରାଯାଏ। ଏହାର ତୀବ୍ରତା ୮.୦ କିମ୍ବା ତା'ଠାରୁ ଅଧିକ ରହିବ। ଅନ୍ୟପକ୍ଷେ ଭାରତର ୫୯% ଜନବସତି ମୁଣ୍ଡ ଉପରେ ଭୂକମ୍ପଜନିତ ବିପଦ ରହିଥିବା ବୈଜ୍ଞାନିକମାନେ ମତ ଦେଇଛନ୍ତି।




**ଆଜିର ମନ୍ତବ୍ୟ**
"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବହୁ ଜଟିଳ ପ୍ରସଙ୍ଗ ଉପରେ ଖୋଲାଖୋଲି ଆଭିମୁଖ୍ୟ ରଖୁଛି। ଦେଶ ପ୍ରତି ବିଶ୍ୱର ଦୃଷ୍ଟିଭଙ୍ଗୀକୁ ମୋଦି ବଦଳାଇ ଦେଇଛନ୍ତି। -ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ କଥାକୁ,
ନାଆ ପେଲିଦେଲି କଲିକତାକୁ।**

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କହି ଫୁତ୍କାରରେ ଉଡ଼େଇ ଦେଇଥାନ୍ତି। କଥାକୁ ଗୁରୁତ୍ୱର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏକ ଆଖି ଆଖି ନୁହେଁ,
ଏକ ସାକ୍ଷୀ ସାକ୍ଷୀ ନୁହେଁ।**

ଦୁଇ ଆଖିରେ ଯେମିତି ଦେଖା ଯାଇଥାଏ, ଏକ ଆଖିରେ ସେମିତି ଦେଖାଯାଇ ନ ଥାଏ। ସେହିପରି ସାକ୍ଷୀ ଯେତେ ସଂଖ୍ୟାରେ ସପକ୍ଷରେ ଥାଏ, ପ୍ରମାଣ ସେତିକି ଦୃଢ଼ ହୋଇଥାଏ। ଏକ ସଂଖ୍ୟା କେବେହେଲେ ବଳିଷ୍ଠ ବା ଶ୍ରେଷ୍ଠ ସଂଖ୍ୟା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି

ବାଲେଶ୍ୱର ଅଫିସ/ସୋର, ୨୨।୨

ବାଲେଶ୍ୱର ଜିଲା ସୋର ପୌରାଞ୍ଚଳ ଅଧୀନ ଗାନ୍ଧୀ ସେବାସଂଘ ପୁରୁବାଇ କନ୍ୟାଶ୍ରମରେ ଅସୁସ୍ଥ ଅନ୍ତେବାସୀଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ୧୭ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ୧୩ଜଣ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା କନ୍ୟାଶ୍ରମ ପରିଚାଳନା ସମ୍ପାଦିକା ସୁମତୀ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପୁରୁବାଇ କନ୍ୟାଶ୍ରମରେ ମୋଟ୍ ୧୫୭ ଅନ୍ତେବାସିନୀ ରହିଛନ୍ତି। ଗତ ୧୭ତାରିଖରେ ୨୭ଜଣ ଅନ୍ତେବାସୀ ଜ୍ୱର, ପେଟବ୍ୟଥା ଓ ମୁଣ୍ଡବିନ୍ଧାରେ ଆକ୍ରାନ୍ତ ହୋଇଥିଲେ। ସେଥିମଧ୍ୟରୁ ୩ଜଣ ଗୁରୁତର ହୋଇପଡ଼ିବାରୁ ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲା। ସେଠାରେ ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସେହିଦିନଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଞ୍ଜନ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବଙ୍କ ସମେତ ଡାକ୍ତରୀ ଟିମ୍ କନ୍ୟାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିଥିଲେ। ସମସ୍ତ ଅନ୍ତେବାସୀଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ମାତ୍ର ୫ଜଣଙ୍କଠାରେ ଜାପାନିଜ ଏନସେଫାଲାଇଟିସ ବାହାରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସୋର ପୌରାଞ୍ଚଳ କର୍ତ୍ତୃପକ୍ଷ କନ୍ୟାଶ୍ରମ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କନ୍ୟାଶ୍ରମର ଅସ୍ୱାସ୍ଥ୍ୟକର ପରିବେଶ ଦେଖି ସଫେଇ କରାଯିବା ସହ ଦୀର୍ଘଦିନ ଧରି ଡ୍ରେନ୍‌ରେ ଜମି ରହିଥିବା ଅଳିଆ ପାଣି ନିଷ୍କାସନ, ମଶା ଧୂଆଁ, ଅଳିଆ ଆବର୍ଜନା ସଫେଇ କାର୍ଯ୍ୟ ଜାରି ରହିଛି। ଏହାପରେ ମଧ୍ୟ ଅସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମଙ୍ଗଳବାର ସନ୍ଧ୍ୟାରେ ଆଶ୍ରମରେ ଥିବା ଅନ୍ତେବାସୀଙ୍କ ମଧ୍ୟରୁ ୫ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି।



ପୁରୁବାଇ କନ୍ୟାଶ୍ରମ

**କନ୍ୟାଶ୍ରମ ଅନ୍ତେବାସୀ ଅସୁସ୍ଥ ଘଟଣା**

## ବିମାନରେ ଯାତ୍ରୀଙ୍କ ଚିକିତ୍ସା କରି ଜୀବନ ବଞ୍ଚାଇଲେ ଏମ୍‌ପି ରାଜଶ୍ରୀ ମଲ୍ଲିକ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ବୁଧବାର ଦିଲ୍ଲୀ ଯାତ୍ରା କରୁଥିବାବେଳେ ବିମାନରେ ଅସୁସ୍ଥ ହୋଇପଡ଼ିଥିବା ଜଣେ ଯାତ୍ରୀଙ୍କୁ ଚିକିତ୍ସା କରି ତାଙ୍କ ଜୀବନ ରକ୍ଷା କରିଛନ୍ତି। ଏନେଇ ସେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ରାଜଶ୍ରୀ ଇଣ୍ଡିଗୋ ଏୟାରଲାଇନ୍ସର ୬ଇ୨୦୬୫ ବିମାନରେ ଦିଲ୍ଲୀ ଯାତ୍ରା କରୁଥିଲେ। ବିମାନଟି ପୂର୍ବାହ୍ନ ୧୦ଟା ୨୦ ମିନିଟ୍‌ରେ ଦିଲ୍ଲୀରେ ଅବତରଣ କରିଥିଲା। ଅବତରଣ କରିବାର ୨୦ ମିନିଟ୍ ପୂର୍ବରୁ ବିମାନରେ ଯାଉଥିବା ବ୍ରହ୍ମପୁରର ଜଣେ ଯାତ୍ରୀଙ୍କୁ ବାତ ମାରିବାରୁ ସେ ଅଚେତ ହୋଇପଡ଼ିଥିଲେ। ପେଷାରେ ଡାକ୍ତର ଥିବା ଏମ୍‌ପି ରାଜଶ୍ରୀ ଏହା ଦେଖି ତତ୍‌କ୍ଷଣାତ୍ ସିଟ୍‌ରୁ ଉଠି ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଉପସ୍ଥିତ ବୁଦ୍ଧି ଖଟାଇ 'ମାଉଥ୍ ଓପନ ଆଣ୍ଡ୍ କ୍ଲିନ୍' ପଦ୍ଧତିରେ ଚିକିତ୍ସା କରିବା ସହିତ ବିମାନର ଅକ୍ସିଜେନ ମାସ୍କ ଓ ମସାଜ ଦେଇ ତାଙ୍କର ଜୀବନ ରକ୍ଷା କରିଥିଲେ। ଏମ୍‌ପିଙ୍କ ଏହି ମହାନ କାର୍ଯ୍ୟକୁ ବିମାନର ସମସ୍ତ ଯାତ୍ରୀ ଓ ବିମାନ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ୨୦୧୮-୧୯ରେ ମଧ୍ୟ ରାଜଶ୍ରୀ ମଲ୍ଲିକ ବିମାନରେ ଯାଉଥିବା ଜଗତ୍‌ସିଂହପୁରର ଆଉଜଣେ ଯାତ୍ରୀଙ୍କର ଚିକିତ୍ସା କରି ଜୀବନ ରକ୍ଷା କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏମ୍‌ପିଙ୍କ ପ୍ରଶଂସା କରିଥିଲେ।



ମାସକୁ ୨୬ ହଜାର ଟଙ୍କା ଦରମା ଏବଂ ୧୦ ହଜାର ଟଙ୍କା ପେନ୍‌ସନ୍ ଦାବିରେ ଭୁବନେଶ୍ୱର ପିଏମ୍‌ଜିଠାରେ ବୁଧବାର ଆଶାକର୍ମୀମାନେ ନୃତ୍ୟ ମାଧ୍ୟମରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପ୍ରମିଳାଙ୍କ ବିରୋଧରେ ମାନହାନି ମାମଲା କରିବି: ଜୟନାରାୟଣ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିବାକୁ ଚେତାବନୀ ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ବୁଧବାର ବିରୋଧୀ ଦଳ ନେତା କହିଛନ୍ତି, ପ୍ରମିଳା ମଲ୍ଲିକ ରାଜ୍ୟର ମନ୍ତ୍ରୀ। ସେ ଯାହା କହୁଛନ୍ତି ସରକାର କହୁଛନ୍ତି। ସେ କହିଛନ୍ତି, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କର ହତ୍ୟାରେ ଷଡ଼ଯନ୍ତ୍ର ନାହିଁ ତ? କ୍ରାଇମ୍‌ବ୍ରାଞ୍ଚ ଯେତେବେଳେ ତଦନ୍ତ କରୁଛି, ତଦନ୍ତକୁ ଏହା ପ୍ରଭାବିତ କରିବନି ତ? ଜଣେ ମନ୍ତ୍ରୀ ଯେତେବେଳେ ଷ୍ଟେଟ୍‌ମେଣ୍ଟ ଦେବେ ତାହା ସରକାରଙ୍କ ଉକ୍ତି ବୋଲି ଧରାଯିବ। ମନ୍ତ୍ରୀଙ୍କ ବିରୋଧରେ ମାନହାନି ମାମଲା କରିବେ ବୋଲି ଜୟନାରାୟଣ କହିଛନ୍ତି। ସୂଚନାଯୋଗ୍ୟ, ଏହି ହତ୍ୟା ଘଟଣାରେ କେନ୍ଦ୍ରମନ୍ତ୍ରୀ ଓ ବିରୋଧୀ ଦଳ ନେତା ସମ୍ପୃକ୍ତି ଥିବା ନେଇ ରାଜସ୍ୱ ମନ୍ତ୍ରୀ ପରୋକ୍ଷରେ ଇଙ୍ଗିତ କରିଥିଲେ। ପ୍ରମିଳା କହିଛନ୍ତି, ସେ ଯେଉଁଭଳି ହେଉଛନ୍ତି କୌଣସି ମହିଳା କର୍ମଚାରୀ ତାଙ୍କ ସହ କଥାବାର୍ତ୍ତା କିମ୍ବା କାମ କରିବା ସମ୍ଭବ ନୁହେଁ। ତାଙ୍କ ଦେହ ଖରାପ। ସେ ଉତ୍ତେଜିତ ହୋଇଯାଉଛନ୍ତି। ଡାକ୍ତରୀ ପରୀକ୍ଷା କରିବା ଦରକାର ବୋଲି ସେ କହିଛନ୍ତି।

## ଆଜି ସୁଆଣ୍ଡୋ ଆସିବେ ମୁଖ୍ୟମନ୍ତ୍ରୀ

ସାକ୍ଷୀଗୋପାଳ,୨୨।୨(ଡି.ଏନ୍.ଏ./ସ୍ୱ.ପ୍ର.)

ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଓଡ଼ିଆ ଜାତିର ଚିରନମସ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମର ମାନ୍ୟତା ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ କୋଟି ଟଙ୍କା ବ୍ୟୟରେ ଉନ୍ନୟନ କରାଯାଇଛି। ଗୁରୁବାର ଏହା ଜନମାନସ ପାଇଁ ଲୋକାର୍ପଣ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜାତୀୟ ସ୍ମୃତିପୀଠକୁ ଉଦ୍‌ଘାଟନ କରିବାକୁ ଆସିବେ। ଏଥିଲାଗି ଜିଲା ପ୍ରଶାସନ ଓ ସତ୍ୟବାଦୀ ଥାନା ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି ସରିଯାଇଛି। ଭୁବନେଶ୍ୱରରେ ହେଲିକ୍ୟାପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ସୁଆଣ୍ଡୋରେ ପହଞ୍ଚି ପ୍ରଥମେ ପ୍ରମୋଦ ଉଦ୍ୟାନରେ ସ୍ଥାନିତ କରାଯାଇଥିବା ୧୫ଫୁଟ ଉଚ୍ଚତା ବିଶିଷ୍ଟ ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ନବନିର୍ମିତ ଉତ୍କଳମଣିଙ୍କ ସଂଗ୍ରହାଳୟ ଲୋକାର୍ପଣ କରିବା ପରେ ପୁନରୁଦ୍ଧାର କରାଯାଇ ସଂରକ୍ଷିତ କରାଯାଇଥିବା ଷଠିଘର ଓ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଲୋକେଶ୍ୱର ଦେବଙ୍କ ମନ୍ଦିର ପରିଦର୍ଶନ କରିବେ। ପରେ ମୁଖ୍ୟମନ୍ତ୍ରୀ ସେଠାରେ ଏକ ଜନସମାଶେରେ ଅଭିଭାଷଣ ପ୍ରଦାନ କରିବେ। ଜନ ସମାବେଶକୁ ଲକ୍ଷ୍ୟ କରି ବ୍ୟାପକ ପ୍ରସ୍ତୁତି ମଧ୍ୟରେ ଆଇନଶୃଙ୍ଖଳା, ସୁରକ୍ଷା, ଗମନାଗମନ, ପାର୍କିଂ ବ୍ୟବସ୍ଥା କରାଯାଇଛି।

## ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

**ଧର୍ମଶାଳା ଥାନା ଅଧିକାରୀଙ୍କ ବିରୋଧରେ ଏସ୍‌ଆଇଙ୍କ ନିର୍ଯାତନା ମାମଲା**

ଧର୍ମଶାଳା,୨୨।୨(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଉକ୍ତ ଥାନାର ଏସ୍‌ଆଇ ଚାକିରିରୁ ଅବସର ନେବା ପାଇଁ ଯାଜପୁର ଏସ୍‌ପିଙ୍କ ନିକଟକୁ ଲିଖିତ ଅବେଦନ କରିଥିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଧର୍ମଶାଳା ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏସ୍‌ଆଇ ରାଧାନାଥ ଦାସ ତାଙ୍କ ଅବସର ଓ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ଉକ୍ତ ଥାନାରେ ଥିବା ଅଫିସରମାନଙ୍କ ମଧ୍ୟରେ ଠିକ ଭାବେ କାର୍ଯ୍ୟ ବଣ୍ଟନ କରାଯାଉନାହିଁ। ଅନ୍ୟମାନଙ୍କ ତୁଳନାରେ ତାଙ୍କୁ ଅଧିକ କେସ୍ ଦିଆଯାଉଛି। ଥାନା ଅଧିକାରୀ ନିଜେ ସର୍ବନିମ୍ନ ୩ରୁ ଅଧିକ ବଡ଼ ମାମଲା ତଦନ୍ତ କରିବାର ନିୟମ ରହିଥିବା ବେଳେ ଉକ୍ତ ଥାନା ଅଧିକାରୀ ତ୍ରିପାଠୀ କିନ୍ତୁ ଏହା କରୁ ନ ଥିବା ଦାସ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏଥିସହିତ ତାଙ୍କ ମା'ଙ୍କ ଦେହ ଖରାପ ହୋଇଥିବାରୁ ଘରକୁ ଛୁଟିରେ ଯିବା ପାଇଁ ସେ ଥାନା ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଥାନା ଅଧିକାରୀ ଛୁଟି ଦେଉ ନାହାନ୍ତି। ତେଣୁ ଥାନା ଅଧିକାରୀ ତ୍ରିପାଠୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବାରୁ ସେ ଚାକିରିରୁ ଅବସର ନେବାକୁ ନିଷ୍ପତ୍ତି ନେଇ ମଙ୍ଗଳବାର ଯାଜପୁର ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ପଟ୍ଟନାୟକଙ୍କୁ ପଚରାଯିବାରୁ ସେ ଘଟଣାର ତଦନ୍ତ କରି ସବିଶେଷ ତଥ୍ୟ ଏସପିଙ୍କୁ ହସ୍ତାନ୍ତର କରିବେ ବୋଲି କହିଛନ୍ତି। ଥାନା ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ତଦନ୍ତ ପରେ ଏହା ସ୍ପଷ୍ଟ ହେବ।

## ନଦୀରେ ବୁଡ଼ି ବଡ଼ ଝିଅ ମୃତ: ମା', ସାନ ଝିଅ ଉଦ୍ଧାର

**ଏକାଦଶାହରେ ଅଘଟଣ: ଶୁଦ୍ଧିକ୍ରିୟା ଅଧା ରହିଲା**

ନିଶ୍ଚିନ୍ତକୋଇଲି,୨୨।୨(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ପଞ୍ଚାୟତ ସାଧକନଗର ଗାଁରେ ବୁଧବାର ଏକାଦଶାହ ନିମନ୍ତେ ପ୍ରସ୍ତୁତି ଚାଲିଥିଲା ବେଳେ ଏକ ଅଘଟଣ ଘଟିଛି। ଫଳରେ ଶୁଦ୍ଧିକ୍ରିୟା ସମାପନ ହେବା ପରିବର୍ତ୍ତେ ଅଧାରେ ରହିଯାଇଛି। ଲୁଣାନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ମା' ଓ ୨ ଝିଅ ଭାସି ଯାଇଥିଲେ। ଗ୍ରାମବାସୀ ମା' ଓ ସାନଝିଅକୁ ଉଦ୍ଧାର କରିଥିଲା ବେଳେ ବଡ଼ଝିଅଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ଏ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସାଧକନଗର ଗାଁର ଅକ୍ଷୟ କୁମାର ସାହୁଙ୍କ ସମ୍ପର୍କୀୟ ମୃତ ହାଡିବନ୍ଧୁ ସାହୁଙ୍କ ବୁଧବାର ଏକାଦଶାହ ଥିଲା। ଏକାଦଶାହ ଉପଲକ୍ଷେ ଭୋଜିର ଆୟୋଜନ ହୋଇଥିଲା। ଘରକୁ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଆସିବାରେ ଲାଗିଥିଲେ। ଏହି ସମୟରେ ଅକ୍ଷୟଙ୍କ ପତ୍ନୀ ଝୁନୁଲତା ତାଙ୍କ ବଡ଼ଝିଅ ରତ୍ନପୂର୍ଣ୍ଣା (୧୪) ଓ ସାନଝିଅ ସମ୍ପୂର୍ଣ୍ଣା (୮) ଗାଧୋଇବାକୁ ଲୁଣାନଦୀକୁ ସକାଳ ୯ଟାରେ ଯାଇଥିଲେ। ଏହି ସମୟରେ ମା' ଓ ୨ ଝିଅ ଲୁଣାନଦୀ ମଙ୍ଗଳାଗଣ୍ଡ ନିକଟରେ ଗାଧୋଉଥିବା ବେଳେ ପାଣିରେ ଭାସି ଯାଇଥିଲେ। ମା' ଓ ୨ ଝିଅ ପରସ୍ପର ହାତ ଧରାଧରି ହୋଇ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରିଥିଲେ। ସେମାନଙ୍କ ପାଟି ଶୁଣି ପାଖରେ ଥିବା ଗାଁର କେତେଜଣ ସାହସୀ ଯୁବକ ନଦୀକୁ ଡେଇଁ ମା' ଝୁନୁଲତା ଓ ସାନଝିଅ ସମ୍ପୂର୍ଣ୍ଣାଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ବଡ଼ଝିଅ ରତ୍ନପୂର୍ଣ୍ଣା ପାଣିରେ ବୁଡ଼ିଯାଇଥିଲେ। ଯୁବକମାନେ ନଦୀରେ ରତ୍ନପୂର୍ଣ୍ଣାଙ୍କୁ ଖୋଜି ପାଇ ନ ଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରିବାର ୨ ଘଣ୍ଟା ପରେ ରତ୍ନପୂର୍ଣ୍ଣାଙ୍କୁ ପାଇଥିଲେ। କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ରତ୍ନପୂର୍ଣ୍ଣାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ପହଞ୍ଚି ରତ୍ନପୂର୍ଣ୍ଣାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇ ସଂସ୍କାର କରାଯାଇଛି। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

## ସ୍ତ୍ରୀଙ୍କ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

ଟିକିରି,୨୨।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଟିକିରି ଥାନା ଅନ୍ତର୍ଗତ ଶଙ୍କରଡା ପଞ୍ଚାୟତ ଖଡିକାଯୋଡି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ଦମ୍ପତିଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କ ବେକ କାଟି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମୃତା ମହିଳା ହେଲେ ଖଡିକାଯୋଡି ଗ୍ରାମର ସୁନିତା ମାଝୀ। ତାଙ୍କ ସ୍ୱାମୀ ତୟାପୁଟ ଗ୍ରାମର ସମ୍ବଡ ମାଝୀଙ୍କୁ ଗୁରୁତର ଅବସ୍ଥାରେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପ୍ରକାଶ ଯେ, ୩ ବର୍ଷ ତଳେ ତୟାପୁଟ ଗ୍ରାମର ସମ୍ବଡ ଖଡିକାଯୋଡି ଗ୍ରାମର ସୁନିତାଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଏକ ଝିଅ ଅଛି। ସୁନୀତା ବାପଘରେ ଥିଲେ। ସମ୍ବଡ଼ ସେଠାକୁ ଯାଇଥିବା ବେଳେ ବୁଧବାର ଅପରାହ୍ନରେ କୌଣସି ଏକ କଥାକୁ ନେଇ ସ୍ତ୍ରୀ ସୁନୀତାଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ବଡ଼ ଏକ ଛୁରିରେ ସୁନୀତାଙ୍କ ବେକ କାଟି ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସମ୍ବଡ଼ ନିଜ ଗାଁକୁ ଆସି ମାନସିକ ଭାରଭାସ୍ୟ ହରାଇ ନିଜ ବେକ କାଟିଥିଲେ। ସେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଛନ୍ତି। ଏପଟେ ସୁନୀତାଙ୍କ ପରିବାର ଲୋକେ ହତ୍ୟାକାଣ୍ଡ ନେଇ ଟିକିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।



ସାମାଜିକ ସୁରକ୍ଷା ସମେତ ୭ ଦଫା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଥିବା ଓଡ଼ିଶା କୃଷକ ସାଥୀ ସଂଘର ସଦସ୍ୟାସଦସ୍ୟ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ରର ପ୍ରତ୍ୟେକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ବହୁତ ଦିନରୁ ଅଟକିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ଦୂର ସମ୍ପର୍କୀୟ ବନ୍ଧୁଙ୍କ ଆଗମନ।

**ବୃଷ**
ପରୋକ୍ଷ ଶତ୍ରୁତା କାରଣରୁ ସମ୍ପର୍କୀୟାଙ୍କ ଦ୍ୱାରା ଅପଯଶ ପାଇପାରନ୍ତି। ରୋହିଣୀ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ।

**ମିଥୁନ**
ଆରଦ୍ରା ନକ୍ଷତ୍ରର ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଗଡ଼ି ଆସୁଥିବା ମୋକଦ୍ଦମାର ବିଚାର ସମ୍ଭାବନା।

**କର୍କଟ**
କର୍ମକ୍ଷେତ୍ରର ସଙ୍କଟଜନକ ସ୍ଥିତିରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ। ପୁଷ୍ୟା ନକ୍ଷତ୍ର ସଭାସମିତିରେ ଯୁକ୍ତିତର୍କରୁ ଦୂରେଇ ରହିବା ଭଲ।

**ସିଂହ**
ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ପରିବାରର ଆବଶ୍ୟକ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆସିବାର ସମ୍ଭାବନା ରହିଛି।

**କନ୍ୟା**
ଦୀର୍ଘ ଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସନ୍ତାନହେତୁକ ଚିନ୍ତା ଟଳିବ।

**ତୁଳା**
ମନ ଛଟପଟ ହେଉଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଅନ୍ୟମାନଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବେ। ସ୍ୱାତୀ ନକ୍ଷତ୍ର ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା**
ସାମାନ୍ୟ ଧୈର୍ଯ୍ୟ ଧରିଲେ ସମସ୍ୟାର ସରଳ ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବିଶାଖା ନକ୍ଷତ୍ର ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ଧନୁ**
ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ସାମ୍ବାଦିକତା, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମକର**
ଚିନ୍ତା ନ କରି କାମରେ ମନ ଦିଅନ୍ତୁ, ମିତ୍ରମାନେ ସହଯୋଗର ହାତ ବଢ଼ାଇବେ। ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଶ୍ରବଣା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ୍ ହେବେ।

**କୁମ୍ଭ**
ଗତକାଲିର ଘଟଣାବଳୀ ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପୂର୍ବଭାଦ୍ରବ ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ମୀନ**
କେତେକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଉତ୍ତର ଭାଦ୍ରବ ନକ୍ଷତ୍ର ଗୁରୁପାକ ଦ୍ରବ୍ୟ ଭୋଜନ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ଗୁରୁବାର, ଫେବୃୟାରୀ ୨୩ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୪ ଗତେ ଘ.୦୭।୪୬ ମଧ୍ୟେ, ଘ୧୦।୫୧ ଗତେ ଘ.୦୧।୦୯ ମଧ୍ୟେ, ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୬ ଗତେ ଘ.୦୨।୫୨ ମଧ୍ୟେ ରାହୁକାଳ।



ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଛତିଶଗଡ଼ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ବୁଧବାର ବିଦାୟୀ ଦିନରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି।

# ସିବିଆଇ, ଏସ୍ଆଇଟି ତଦନ୍ତ ଦାବିରେ ବିରୋଧୀ ଅଟଳ

**ନବ ଦାସ ହତ୍ୟାକାଣ୍ଡ**

- ଫେଲ୍ ମାରିଲା ସର୍ବଦଳୀୟ ବୈଠକ
- ଗୁରୁବାର ଯାଏ ଗୃହ ମୁଲତବୀ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିଧାନସଭା ଦ୍ୱିତୀୟ ଦିନ ଅଚଳ ହୋଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ହେଉଥିବା ତଦନ୍ତକୁ ବିରୋଧୀ ଭାଜପା ଓ କଂଗ୍ରେସ କଡ଼ା ବିରୋଧ କରିଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଭରସା ନାହିଁ। ଘଟଣାର ସତ୍ୟାସତ୍ୟ ପଦାକୁ ଆସିପାରିବ ନାହିଁ। ଏହି ସ୍ପର୍ଶକାତର ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ଭାଜପା ଦାବି କରିଥିବା ବେଳେ ଏସ୍ଆଇଟି ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି। ଏହି ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଥିବା ବେଳେ ଶାସକ ଦଳ ମଧ୍ୟ କାଉଣ୍ଟର ଆଟାକ କରିଛି। କେନ୍ଦ୍ରୀୟ ଅବହେଳାକୁ ନେଇ ଶାସକ ଦଳ ବିଧାନସଭାରେ ପ୍ରତିବାଦ କରିଛି। ବିରୋଧୀ ଓ ଶାସକଙ୍କ ହଟ୍ଟଗୋଳରେ ଗୃହ କାର୍ଯ୍ୟ ବରବାଦ ହୋଇଯାଇଛି। ଦିନତମାମ କେବଳ ବିଧାନସଭାରେ ହଟ୍ଟଗୋଳ ଏବଂ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ଫେଲ୍ ମାରିଛି।

ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୂର୍ବରୁ ପ୍ରସ୍ତୁତ ବିରୋଧୀ ଦଳ ସଦସ୍ୟମାନେ ନବ ଦାସ ହତ୍ୟାକାଣ୍ଡ ଘଟଣାକୁ ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ। କଂଗ୍ରେସ ଓ ଭାଜପା ସଦସ୍ୟମାନେ ହାତରେ ପ୍ଲାକାର୍ଡ ଦେଖାଇ ଗୃହର ମଧ୍ୟଭାଗକୁ ଆସି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଭାଜପା ଦାବି କରିଥିବା ବେଳେ କଂଗ୍ରେସ ଏସ୍ଆଇଟି ଦ୍ୱାରା କରିବାକୁ ଦାବି କରିଛି। ଅନ୍ୟପକ୍ଷରେ ଶାସକ ଦଳର ସଦସ୍ୟମାନେ ମଧ୍ୟ କେନ୍ଦ୍ର ବିରୋଧରେ ଚାଷୀ ଓ ଗରିବ ମାରଣ ନୀତି ଚଳିବ ନାହିଁ ବ୍ୟାନର ଧରି ପ୍ରତିବାଦ କରିଥିଲେ। ଉଭୟ ବିରୋଧୀ ଓ ଶାସକ ଦଳ ସଦସ୍ୟଙ୍କ ହଟ୍ଟଗୋଳରେ ଗୃହ ପ୍ରକମ୍ପିତ ହୋଇଥିଲା। ବାଚସ୍ପତି ବିରୋଧୀ ଓ ଶାସକ ଦଳର ସଦସ୍ୟଙ୍କୁ ଗୃହ କାର୍ଯ୍ୟରେ ଯୋଗ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଚସ୍ପତି ବାଧ୍ୟ ହୋଇ ୧୦ଟା ୩୨ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ବିରୋଧୀ ଦଳ ସଦସ୍ୟମାନେ ବ୍ୟାନର ଧରି ପୁଣି ହଟ୍ଟଗୋଳ ଆରମ୍ଭ କରିଥିଲେ। ହଟ୍ଟଗୋଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ନବ ଦାସ ହତ୍ୟା ଘଟଣା ଉପରେ ବିବୃତି ଦେଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ଓ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିଲା। ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଅପରାହ୍ନରେ ମଧ୍ୟ ଗୃହ ସ୍ୱାଭାବିକ ହୋଇପାରି ନ ଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ସମାନ ଦାବି ଦୋହରାଇ ଗୃହରେ ପ୍ରବଳ ହୋହଲ୍ଲା କରିଥିଲେ। ଶାସକ ଦଳର ସଦସ୍ୟମାନେ ମଧ୍ୟ କେନ୍ଦ୍ର ଅବହେଳାକୁ ନେଇ ବିରୋଧୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି କହିଥିଲେ, ଗୁରୁବାର ଗୃହରେ ବିରୋଧୀ ଦଳଙ୍କ ଦାବି ଉପରେ ମୋଶନ ଜରିଆରେ ଆଲୋଚନା ହେବ। ମାତ୍ର ବିରୋଧୀ ଦଳ ତାହାକୁ ଗ୍ରହଣ କରି ନ ଥିଲେ। ହଟ୍ଟଗୋଳ ହେବାରୁ ବାଚସ୍ପତି ଗୃହକୁ ଗୁରୁବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।



ବିଧାନସଭାରେ ବୁଧବାର ବିରୋଧୀ ଭାଜପା, କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରୁଛନ୍ତି।

# ପଶ୍ଚିମ ଓଡ଼ିଶାର ପୂର୍ବତନ ମନ୍ତ୍ରୀଙ୍କ ଆଡ଼କୁ କଂଗ୍ରେସର ଅଙ୍ଗୁଳି ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ହତ୍ୟା ଘଟଣାରେ ବିଜେଡିର ଜଣେ ପଶ୍ଚିମ ଓଡ଼ିଶା ନେତାଙ୍କ ହାତ ଥିବା ନେଇ କଂଗ୍ରେସ ଇଙ୍ଗିତ କରିଛି। ନବଙ୍କ ସହ ସମ୍ପୃକ୍ତ ବାହୁବଳୀ ନେତାଙ୍କ ରାଜନୈତିକ ଶତ୍ରୁତା ଥିଲା ଏବଂ ସେ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି କଂଗ୍ରେସ ସନ୍ଦେହ ପ୍ରକାଶ କରିଛି। ଏହାସହ ପଶ୍ଚିମ ଓଡ଼ିଶାର ସେହି ନେତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ମଧ୍ୟ ଦଳ ଦାବି କରିଛି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ନବ ଦାସଙ୍କ ହତ୍ୟା ମାମଲାରେ ୩ଟି କାରଣ ହୋଇଥାଇପାରେ। ପ୍ରଥମତଃ ଗୋପାଳର ବ୍ୟକ୍ତିଗତ ଶତ୍ରୁତା, ଦ୍ୱିତୀୟତଃ ରାଜନୈତିକ ଶତ୍ରୁତା ଓ ଶେଷରେ ବ୍ୟବସାୟିକ ଶତ୍ରୁତା। ପାରିପାର୍ଶ୍ୱିକ ପ୍ରମାଣରୁ ଜଣାପଡୁଛି ଯେ, ନବ ଦାସ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହେବାବେଳେ ଶାସକ ଦଳ ନେତୃତ୍ୱ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଥିଲା। ବ୍ରଜରାଜନଗର ନିର୍ବାଚନବେଳେ ଏହା ପ୍ରମାଣିତ ହୋଇଥିଲା। ନବଙ୍କ ସହ ତାଙ୍କ ଦଳର ଜଣେ ପୂର୍ବତନ ମନ୍ତ୍ରୀଙ୍କର ରାଜନୈତିକ ଶତ୍ରୁତା ଥିଲା। ବରଗଡ଼ ଜିଲାର ସମ୍ପୃକ୍ତ ପୂର୍ବତନ ମନ୍ତ୍ରୀ ଜଣେ ଗୁଣ୍ଡା ପ୍ରକୃତିର ଲୋକ। ସେ ଏହି ହତ୍ୟା କରିଥାଇପାରନ୍ତି ବୋଲି ନରସିଂହ ସନ୍ଦେହ କରିବା ସହ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଥିବା ନେଇ କହିଛନ୍ତି।

ସେହିପରି କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ମଧ୍ୟ ନବ ଦାସ ହତ୍ୟା ପଛରେ ପଶ୍ଚିମ ଓଡ଼ିଶାର ଜଣେ ବାହୁବଳୀ ନେତାଙ୍କ ସମ୍ପୃକ୍ତି ଆଡ଼କୁ ଅଙ୍ଗୁଳି ଉଠାଇଛନ୍ତି। ତାଙ୍କର ନବଙ୍କ ସହ ପଡୁ ନ ଥିଲା। ତେଣୁ ନବଙ୍କୁ ପଶ୍ଚିମ ଓଡ଼ିଶାର ସେହି ବିଜେଡି ନେତା ମାରିବା ଭଳି ଲାଗୁଛି। ତେବେ କିଏ ସେହି ବାହୁବଳୀ ନେତା, ତାଙ୍କ ନାଁ କହିବାକୁ ତାରା ମନା କରିଦେଇଛନ୍ତି। ନବ ଦାସ ହତ୍ୟା ମାମଲାର ତଦନ୍ତ ହାଇକୋର୍ଟଙ୍କ ନ୍ୟାୟିକ ତତ୍ତ୍ୱାବଧାନରେ ଏସ୍ଆଇଟି ଦ୍ୱାରା କରାଯିବାକୁ କଂଗ୍ରେସ ଦାବି କରିଛି। କ୍ରାଇମବ୍ରାଞ୍ଚ ତଦନ୍ତକୁ କଂଗ୍ରେସ ସିଧାସଳଖ ଖାରଜ କରିବା ସହ ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ନବ ଦାସ ହତ୍ୟାର ୪ ଦିନ ପୂର୍ବରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ କ'ଣ ଟେଲିଫୋନିକ ବାର୍ତ୍ତାଳାପ ହୋଇଥିଲା ତାହା ଯାଞ୍ଚ ପରିଧିକୁ ଅଣାଯାଉ ବୋଲି ମଙ୍ଗଳବାର ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଦାବି କରିଥିଲେ। ଏହାସହ ଏହି କାର୍ଯ୍ୟ ଓଡ଼ିଶା ପୋଲିସ ଠିକ୍‌ଭାବେ କରିପାରିବ ନାହିଁ। ତେଣୁ ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଉ ବୋଲି ସେ ଦାବି କରିଥିଲେ।

SMILE
JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder



Plot No.843, Palasuni, Bhubaneswar-751010
Mob.No.-9938069796, 9861049796

# ଟିଭିରେ ମୋଦିଙ୍କ ପ୍ରଚାର ଚାଲିଛି: ରାହୁଲ

**ଶିଲଂ,୨୨।୨**

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଭାଷଣ ଦିଅନ୍ତି, ସେତେବେଳେ ଏହା ସମସ୍ତ ଟିଭିରେ ପ୍ରଚାର ଭଳି ପ୍ରସାର କରାଯାଇଥାଏ। କିନ୍ତୁ ମୋର ଭାଷଣ କେଉଁଠାରେ ଆପଣ ଦେଖି ପାରିବେ ନାହିଁ। କାରଣ ଏବେ ପ୍ରାୟ ଗଣମାଧ୍ୟମ ଦୁଇରୁ ତିନି ବଡ ଶିଳ୍ପପତିଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ସେମାନଙ୍କର ପିଏମ୍ ମୋଦିଙ୍କ ସହ ଲିଙ୍କ ଅଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ମେଘାଳୟ ବିଧାନସଭା ନିର୍ବାଚନ ପ୍ରଚାର ପରିପ୍ରେକ୍ଷୀରେ ରାହୁଲ ଗାନ୍ଧୀ ଭାଜପାକୁ ଟାର୍ଗେଟ କରି କହିଛନ୍ତି। ଏଥିସହ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପରୋକ୍ଷରେ ଭାଜପାକୁ ସାହାଯ୍ୟ କରୁଛି ବୋଲି ଶିଲଂଠାରେ ବୁଧବାର ଏକ ନିର୍ବାଚନୀ ରାଲିରେ ରାହୁଲ ଅଭିଯୋଗ କରିଛନ୍ତି।

# ଜୟନାରାୟଣଙ୍କୁ ନେଇ ବିଜେଡି, ଭାଜପା ନେତ୍ରୀ ମୁହାଁମୁହିଁ

- ଜୟନାରାୟଣ ଆସିଲେ ମହିଳା ବିଧାୟିକା ଗୃହରେ ସୁରକ୍ଷିତ ନୁହନ୍ତି: ସ୍ନେହାଙ୍ଗିନୀ
- ୧୧୧ ବିଜେଡି ନେତା, ମନ୍ତ୍ରୀଙ୍କ ବିରୋଧରେ ୧୭୪ ମାମଲା ରହିଛି: ସୋନାଲି

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାରେ ବିରୋଧୀ ଏବଂ ଶାସକ ଦଳର ନେତାମାନେ ପରସ୍ପର ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିବାରେ ଲାଗିଛନ୍ତି। ବିଜେଡି ନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ବୁଧବାର ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ କରିଥିବା ବେଳେ ଭାଜପା ଏହାର ଜବାବ ରଖିଛି।

ବିଜେଡି ବିଧାୟକା ସ୍ନେହାଙ୍ଗିନୀ କହିଛନ୍ତି, ବାଚସ୍ପତିଙ୍କୁ ଯାଇ ବିରୋଧୀ ଦଳ ନେତାଙ୍କ ବିରୋଧରେ ଭେଟିଛୁ। ବିରୋଧୀ ଦଳ ନେତାଙ୍କ ନାଁରେ ଆପରାଧିକ ମାମଲା ରହିଛି। ଗୃହରେ ଥିବା ସମସ୍ତ ମହିଳା ବିଧାୟିକା ଏବେ ସୁରକ୍ଷିତ ମନେ କରୁନାହାନ୍ତି। ତେଣୁ ବାଚସ୍ପତି ତାଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ସ୍ୱୀକୃତିକୁ ପ୍ରତ୍ୟାହାର କରନ୍ତୁ ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

ଶାସକ ଦଳ ନେତ୍ରୀଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତ୍ରୀ ସୋନାଲି ସାହୁ କହିଛନ୍ତି, ବିରୋଧୀ ଦଳ ନେତାଙ୍କୁ ବ୍ୟକ୍ତିଗତ ଆକ୍ଷେପ କରି ବିଜୁ ଜନତା ଦଳର ନେତା, ବିଧାୟକ, ଏମ୍‌ପି ଓ ମନ୍ତ୍ରୀମାନେ ପାଗଳ ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଦ୍ୱାରା ସାମ୍ବିଧାନିକ ପଦର ଗାରିମାକୁ ନଷ୍ଟ କରାଯାଇଛି। କୋଇଲା ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ଏବଂ ଚିଟ୍‌ଫଣ୍ଡ ଦୁର୍ନୀତିରେ ତାଙ୍କ କାର୍ଯ୍ୟାଳୟର ସମ୍ପୃକ୍ତି ବିଷୟରେ ରାଜ୍ୟବାସୀଙ୍କୁ ଅଛପା ନାହିଁ। ସେହିପରି ୧୧୧ ଜଣ ବିଜେଡି ନେତା ଓ ମନ୍ତ୍ରୀଙ୍କ ବିରୋଧରେ ୧୭୪ଟି ମାମଲା ରହିଛି। ସେଥି ମଧ୍ୟରୁ ୧୫୧ଟି ସଙ୍ଗୀନ ଦଫା ରହିଛି। କାହାକୁ ଆକ୍ଷେପ କରିବା ପୂର୍ବରୁ ବିଜୁ ଜନତା ଦଳର ନେତାମାନେ ନିଜ ଦଳର ନେତା ଓ ମନ୍ତ୍ରୀଙ୍କ ବିଷୟରେ ଜାଣିବା ଉଚିତ୍ ବୋଲି ସୋନାଲି କହିଛନ୍ତି।

# ନିଜ ତଦନ୍ତକାରୀ ସଂସ୍ଥା ଉପରେ ଓଡ଼ିଶା ସରକାରଙ୍କ ଭରସା ନାହିଁ: ପୀତାମ୍ବର

- ଏଫ୍‌ବିଆଇକୁ ଲେଖି ଭାରତର ସକ୍ଷମତା ଉପରେ ପ୍ରଶ୍ନବାଚୀ ଲଗାଇଛନ୍ତି: ସୁରେଶ
- ଭାଜପା ରାଜନୀତି କରିବା ଛଡ଼ା କିଛି ଜାଣିନି: ସସ୍ମିତ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଆଜିକୁ ୨୪ ଦିନ ବିତିଗଲାଣି। ଏହିଭଳି ଜଘନ୍ୟ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ କିଏ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। କ୍ରାଇମବ୍ରାଞ୍ଚର ତଦନ୍ତ ବର୍ତ୍ତମାନ ସମ୍ପୂର୍ଣ୍ଣ ଦିଗହରା ହୋଇଛି। ବୋଧହୁଏ ଓଡ଼ିଶା ସରକାରଙ୍କର ନିଜ ତଦନ୍ତ ବ୍ୟବସ୍ଥା ଉପରେ ବିଶ୍ୱାସ ନାହିଁ। ସେଥିପାଇଁ ଗୁଜରାଟ, ଭାରତ ସରକାର ଓ ଏଫ୍‌ବିଆଇ ଉପରେ ଭରସା କରୁଛନ୍ତି ବୋଲି ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୀତାମ୍ବର କହିଛନ୍ତି, ଶାସକ ଦଳ ପୂର୍ବରୁ ଏହି ତଦନ୍ତକୁ କୋର୍ଟ ମନିଟର୍ଡ ତଦନ୍ତ ବୋଲି ପ୍ରଚାର କରୁଥିଲା। ହାଇକୋର୍ଟଙ୍କ ଏନେଇ କୌଣସି ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ରାଜ୍ୟ ସରକାରଙ୍କ ପାଖରେ ଅଛି କି ବୋଲି ଭାଜପା ସରକାରଙ୍କୁ ପ୍ରଶ୍ନ କରିଥିଲା। ଏହାର ଉତ୍ତର ଏ ପର୍ଯ୍ୟନ୍ତ ମିଳିଲା ନାହିଁ କି ସେ ସମ୍ପର୍କରେ ଚିଠି ସରକାର ସର୍ବସମ୍ମୁଖରେ ପ୍ରକାଶ କଲେନାହିଁ। ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କ ଆଇନଗତ ପରାମର୍ଶଦାତା ନୁହନ୍ତି। କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଜଣେ ପୋଲିସ ଅଧିକାରୀ ସର୍ଭିସ୍ ରିଭଲଭରରୁ ଗୁଳିକରି ହତ୍ୟା କଲେ। ଏହି ହତ୍ୟାରେ ଗୋପାଳ ଦାସଙ୍କୁ କିଏ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲା ସେମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିନାହିଁ। ରାଜ୍ୟ ସରକାର ରାଜ୍ୟବାସୀଙ୍କ ଆଗରେ ମିଥ୍ୟା ତଥ୍ୟ ରଖିବା ବନ୍ଦ କରନ୍ତୁ। ରାଜ୍ୟ ସରକାର ଏଫ୍‌ବିଆଇକୁ ବିଶ୍ୱାସ କରୁଛନ୍ତି। ସରକାର ନାର୍କୋ ଆନାଲିସିସ୍ ପାଇଁ ବାହାର ରାଜ୍ୟ ଉପରେ ଭରସା କରୁଛନ୍ତି। ଯଦି ରାଜ୍ୟ ସରକାରଙ୍କ ନିଜ ତଦନ୍ତକାରୀ ସଂସ୍ଥା ଉପରେ ଭରସା ନାହିଁ ତେବେ ପୂରା ଘଟଣାର ତଦନ୍ତ ସିବିଆଇକୁ କାହିଁକି ଦେଉନାହାନ୍ତି ବୋଲି ପୀତାମ୍ବର ପ୍ରଶ୍ନ କରିଛନ୍ତି। ଦେଶରେ ବଡ଼ ବଡ଼ ଅପରାଧ ମାମଲାରେ ବିଭିନ୍ନ ରାଜ୍ୟ ସରକାର ହୁଅନ୍ତୁ କି ରାଜ୍ୟର ହାଇକୋର୍ଟ ହୁଅନ୍ତୁ ବା ସୁପ୍ରିମକୋର୍ଟ ହୁଅନ୍ତୁ ସେମାନେ ତଦନ୍ତ ପାଇଁ ସବୁବେଳେ ସିବିଆଇ ଉପରେ ଭରସା କରନ୍ତି। ହାଇକୋର୍ଟ କେବେ ମଧ୍ୟ କୌଣସି ନିତିଦିନିଆ ତଦନ୍ତକୁ ସୁପରଭାଇଜ୍ କିମ୍ବା ଚିଠା ମାଧ୍ୟମରେ ଉପଦେଶ ଦିଅନ୍ତି ନାହିଁ।

ବିଜେଡିର ସସ୍ମିତ ପାତ୍ର ବର୍ତ୍ତମାନ ଦିଲ୍ଲୀରେ ଖବରଦାତା ସମ୍ମିଳନୀ କରି ଯେଉଁ ତଥ୍ୟ ରଖିଛନ୍ତି ତାହା ମିଥ୍ୟା ବୋଲି ସେ କହିଛନ୍ତି।

ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ସିବିଆଇ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭରସା ନାହିଁ। ଏଫ୍‌ବିଆଇ ତ କାଲି ଆଉ କାହା କଥା କହିବ। ଏଫ୍‌ବିଆଇକୁ ସହଯୋଗ ପାଇଁ ଲେଖି ଭାରତର ସକ୍ଷମତା ଉପରେ ନବୀନ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଏହାଦ୍ୱାରା ବିଦେଶରେ ଭାରତର ଛବି ଖରାପ ହେବ। ତେଣୁ ସିବିଆଇ ଉପରେ ଭରସା କରି ମାମଲା ହସ୍ତାନ୍ତର କରନ୍ତୁ ବୋଲି ସେ କହିଛନ୍ତି।

ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ରାଜ୍ୟ ସରକାର ଆମେରିକାର ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇର ସହାୟତା ଲୋଡ଼ିଥିବା ବେଳେ ଏହି ଘଟଣାକୁ ନେଇ ଭାଜପା ଶସ୍ତା ରାଜନୀତି କରୁଛି। ନବଙ୍କ ହତ୍ୟାକାଣ୍ଡର ଅଭିଯୁକ୍ତ ଗୋପାଳ ଦାସ ଗୁଜରାଟ ଷ୍ଟେଟ୍ ଫରେନସିକ୍ ସାଇନ୍ସ ଲାବରେଟୋରିର ବିଶେଷଜ୍ଞଙ୍କ ଦ୍ୱାରା ନାର୍କୋ-ଆନାଲିସିସ୍‌ର ସମ୍ମୁଖୀନ ହୋଇଥିଲା ଯାହା ଦେଶରେ ସର୍ବୋତ୍ତମ। ଅଭିଯୁକ୍ତଙ୍କ ଫରେନସିକ୍ ସାଇକୋଲୋଜିକାଲ୍ ଆସେସ୍‌ମେଣ୍ଟ ଏବଂ ଲେୟରେଡ ଭଏସ୍ ଆନାଲିସିସ୍ ଟେଷ୍ଟ ନୂଆଦିଲ୍ଲୀ ସ୍ଥିତ ସେଣ୍ଟ୍ରାଲ ଫରେନସିକ୍ ସାଇନ୍ସ ଲାବରେଟୋରିର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିଲା ଯାହା ଏକ କେନ୍ଦ୍ରୀୟ ଅନୁଷ୍ଠାନ। ବର୍ତ୍ତମାନ ଅଭିଯୁକ୍ତର ଆଚରଣ ସଂକ୍ରାନ୍ତରେ ବିଶ୍ଳେଷଣ ପାଇଁ ଆମେରିକାର ଏଫ୍‌ବିଆଇର ସହାୟତା ଲୋଡ଼ାଯାଇଛି। ଏ ସଂକ୍ରାନ୍ତୀୟ ସୁବିଧା ପାଇଁ ଭାରତ ସରକାରଙ୍କୁ ଚିଠି ଲେଖାଯାଇଛି। ସେହିଭଳି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ମନୋନୀତ ଜଣେ ଅବସରପ୍ରାପ୍ତ ବିଚାରପତି ଏହି ଯାଞ୍ଚର ତଦାରଖ କରୁଛନ୍ତି। ତେବେ ଏଭଳି ଘଟଣାରେ ଭାଜପା କେବଳ ରାଜନୀତି କରିବା ବ୍ୟତୀତ ଆଉ କିଛି ଜାଣିନି ବୋଲି ସସ୍ମିତ କହିଛନ୍ତି।

NATIONAL HEALTH MISSION
ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।
DSPL-462
୫ ବର୍ଷରେ ୭ ଥର
ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




ଟୀକାକରଣ ସୂଚୀ

| ବୟସ | ଟୀକା |
| --- | --- |
| ଜନ୍ମ ସମୟରେ | ବିସିଜି,ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧,ପେଣ୍ଟାଭାଲେଣ୍ଟ-୧,ଏଫଆଇପିଭି-୧,ଆରଭିଭି-୧,ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨,ପେଣ୍ଟାଭାଲେଣ୍ଟ-୨,ଆରଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩ ,ଏଫଆଇପିଭି-୨,ଆରଭିଭି-୩,ପିସିଭି-୨ |
| ୯-୧୨ମାସ | ଏମ୍ଆର୍-୧,ଭିଟାମିନ୍-କ***, ପିସିଭି ବୁଷ୍ଟର, ଜେଇ-୧**, ଏଫଆଇପିଭି-୩ |
| ୧୬-୨୪ମାସ | ଏମ୍ଆର୍-୨,ଭିଟାମିନ୍-କ ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟିକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ମାସ ବ୍ୟବଧାନରେ ଦିଆଯାଏ ।

OIPR-10003/13/0150/2223
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା



# ବିପର୍ଯ୍ୟୟର ସଙ୍କେତ



ଅଶୋକ ମୋଡି

ସମୁଦ୍ରପତ୍ତନରୁ ୬,୦୦୦ ଫୁଟ୍ ଉଚ୍ଚରେ ଥିବା ହିମାଳୟର ଜୋଷୀମଠ ଦବିଯାଉଛି। ଜାନୁୟାରୀ ପ୍ରାରମ୍ଭରେ ସେଠାରେ ଘର, ହେଟେଲ ଏବଂ ରାସ୍ତାରେ ବଡ଼ ଫାଟ ଦେଖାଯାଇଛି। ଏହି ସହରର ଭାଗ୍ୟ ଏବେ ସୂତା ଖିଅରେ ଝୁଲୁଛି। ଜୋଷୀମଠ ହେଉଛି ଭାରତର ଦାୟିତ୍ୱହୀନତାର ଏକ ଗମ୍ଭୀର ପ୍ରତିଛବି। ଭୂସ୍ଖଳନ ଦ୍ୱାରା ଜମା ହୋଇଥିବା ଶିଳାଗୁଡ଼ିକର ଏକ ଦୁର୍ବଳ ସ୍ତର ଉପରେ ଜମା ହୋଇଥିବା ମାଟି ଉପରେ ଜୋଷୀମଠ ରହିଛି। ଏହା ବି ଏକ ଭୂକମ୍ପପ୍ରବଣ ଅଞ୍ଚଳରେ ଅବସ୍ଥିତ। ଜଙ୍ଗଲ ଧ୍ୱଂସ ମଧ୍ୟ ଜୋଶୀମଠ ସମସ୍ୟାକୁ ଆହୁରି ଖରାପ କରୁଛି । ଯେଉଁ ପାହାଡ଼ ଉପରେ ଜୋଷୀମଠ ଅବସ୍ଥିତ ତା'ଚଟାଣର ଉତ୍ତରପଶ୍ଚିମ ପାଦଦେଶକୁ ଅଲକାନନ୍ଦା ନଦୀ କ୍ଷୟ କରିଚାଲିଛି। ଅଧିକ ଚାପ ସମ୍ଭାଳିବାର କ୍ଷମତା ଜୋଷୀମଠର ନାହିଁ ବୋଲି ୧୯୩୦ ଦଶନ୍ଧିରୁ ସ୍ପଷ୍ଟ ହୋଇଛି। ପ୍ରଥମେ ୧୯୭୦ ଦଶନ୍ଧିରେ ଜୋଷୀମଠର ରାସ୍ତାରେ ଫାଟ ଦେଖାଯାଇଥିଲା। ୧୯୭୬ରେ ଉତ୍ତରପ୍ରଦେଶ ଦ୍ୱାରା ନିଯୁକ୍ତ ଏକ କମିଟି ଜୋଷୀମଠ(ସେତେବେଳେ ଉତ୍ତରପ୍ରଦେଶରେ ଥିଲା) ଦବିବା ସ୍ଥିତି ଉପରେ ଅନୁଧ୍ୟାନ କରିଥିଲା। ଏହା ସହ ଦବୁ ନ ଥିବା କିମ୍ବା ଭୂସ୍ଖଳନ ହେଉ ନ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଥିଲା। ଏଭଳି ସତର୍କତାକୁ ଅଣଦେଖା କରାଗଲା । ସ୍ଥାନୀୟ ଆକ୍ଟିଭିଷ୍ଟମାନେ ଅସୁରକ୍ଷିତ ନିର୍ମାଣ ରୋକିବା ଲାଗି ଲଢ଼ି ସଫଳ ହୋଇପାରି ନ ଥିଲେ।

୧୯୯୦ ଦଶନ୍ଧିର ପ୍ରାରମ୍ଭରେ ଆର୍ଥିକ ଉଦାରୀକରଣ ପରେ ହିମାଳୟ ଅଞ୍ଚଳରେ ସମସ୍ୟା ବଢ଼ିବାରେ ଲାଗିଲା। ଏକ ଲାଭଦାୟକ ନିର୍ମାଣଭିତ୍ତିକ ଅନିୟନ୍ତ୍ରିତ ପୁଞ୍ଜିବାଦ ତାଙ୍କୁ ଆପଣାଇବା ଯୋଗୁ ଏହା ଘଟିଥିଲା। ୧୯୯୩ରେ ଜୋଷୀମଠ ପାଖରେ ଥିବା ସହର ଉଲିରେ ସ୍କି-ରିସର୍ଟ ରୋପୱେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ଯୋଗୁ ସମସ୍ୟା ବଢ଼ିଲା। ଏହା ଥିଲା ଏକ ବ୍ୟାପକ ନିର୍ମାଣ କାର୍ଯ୍ୟକ୍ରମର ଅୟମାରମ୍ଭ। ରାଜ୍ୟ ସରକାର ହିମାଳୟରୁ ଉଦ୍‌ଗମ ନଦୀରେ ଜଳବିଦ୍ୟୁତ୍ ଡ୍ୟାମ୍ ନିର୍ମାଣ କରିବା ଲାଗି ଯୋଜନାଗୁଡ଼ିକ ଆରମ୍ଭ କରିଦେଲେ। ୪୦୦ ମେଗାୱାଟ୍ ବିଷ୍ଣୁପ୍ରୟାଗ ପ୍ଲାଣ୍ଟ ୨୦୦୬ରେ କାର୍ଯ୍ୟକ୍ଷମ ହେଲା। ଏହାସହ ବିବାଦୀୟ ୫୨୦ ମେଗାୱାଟ୍ ତପୋବନ-ବିଷ୍ଣୁଗଡ ଡ୍ୟାମ୍ ସେହି ବର୍ଷ ଆରମ୍ଭ କରାଗଲା। ଏହି ଯୋଜନାରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଜୋଷୀମଠ ପାହାଡ଼ ପାଦଦେଶରେ ଉଲି ସ୍କି-ରିସର୍ଟର ଠିକ୍ ତଳେ ଏକ ଟନେଲ ନିର୍ମାଣ କରିବାକୁ ପଡ଼ିଲା। ୨୦୦୯ରେ ଟନେଲ ଖୋଳୁଥିବା ମେଶିନ ପାହାଡ଼ରେ ଥିବା ଭୂତଳ ଜଳ ଉତ୍ସକୁ କ୍ଷତିକଲା , ଯାହା ଉପରେ ଜୋଶୀମଠ ଓ ନିକଟସ୍ଥ ସହରଗୁଡ଼ିକ ନିର୍ଭରଶୀଳ ଥିଲେ। ପରେ ଧୋଇଲାମାଟି ସେହି ଶୂନ୍ୟସ୍ଥାନ ପୂରଣ କରାଯାଇଥିଲେ ମଧ୍ୟ ତାହା ଜୋଷୀମଠ ଦବିବାର ଏକ କାରଣ ବୋଲି ବିଶେଷଜ୍ଞ ଓ ପରିବେଶବିତମାନେ ବିଶ୍ୱାସ କରୁଛନ୍ତି।



ଜୁନ୍ ୨୦୧୩ରେ ସେହି ଅଞ୍ଚଳରେ ଏକ ପ୍ରଳୟଙ୍କରୀ ବନ୍ୟା ଯୋଗୁ ୪,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଏହି ଘଟଣା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ତାହାର ବିଚାର କରି କୋର୍ଟ ସେହି ଅଞ୍ଚଳରେ ଅତ୍ୟଧିକ ଡ୍ୟାମ୍ ନିର୍ମାଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ବିଭାଗୀୟ ଅଧିକାରୀମାନେ ଡ୍ୟାମ ଓ ଏଥିସହ ଜଡ଼ିତ ବିସ୍ଫୋରଣ, ଟନେଲ ଖୋଳା, ମାଇନିଂ ଏବଂ ଜଙ୍ଗଲ ଧ୍ୱଂସର ବିଧ୍ୱଂସକାରୀ ପ୍ରଭାବ ବୃଦ୍ଧିକୁ ନେଇ କୋର୍ଟ ମଧ୍ୟ ବିସ୍ମୟ ପ୍ରକାଶ କରିଥିଲେ। କୋର୍ଟ ନିର୍ଦ୍ଦେଶ ବଳରେ ସରକାର ପ୍ରଖ୍ୟାତ ପରିବେଶବିତ, ବୈଜ୍ଞାନିକ ତଥା ଆକ୍ଟିଭିଷ୍ଟ କର୍ମୀ ରବି ଛୋପ୍ରାଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। ହିମାଳୟର ପାହାଡ଼, ନଦୀ ଏବଂ ଜନସମୁଦାୟ ବିଶ୍ୱତାପନ ଜନିତ ସଙ୍କଟରେ ଥିଲେ ବୋଲି ଜଣାଇଥିଲେ। କମିଟି ପ୍ରକାଶ କରିଥିଲା ଯେ,ସରକାରଙ୍କ ଅନିୟନ୍ତ୍ରିତ ବିକାଶ ଯୋଜନା ଯୋଗୁ ଅଧିକ ଜଙ୍ଗଲ ନଷ୍ଟ ଏବଂ ଜୈବବିବିଧତା କ୍ଷତି ହେବ। ଏସବୁ ଭବିଷ୍ୟତରେ ଏକ ବଡ଼ ବିପର୍ଯ୍ୟୟକୁ ଆମନ୍ତ୍ରଣ କରିବ ବୋଲି କମିଟି ସତର୍କ କରିଦେଇଥିଲା। କମିଟି ମଧ୍ୟ ୨୩ଟି ଡ୍ୟାମର କାର୍ଯ୍ୟ ବନ୍ଦ କରିବା ଲାଗି ପ୍ରସ୍ତାବ ଦେଇଥିଲା। ଦ୍ୱିତୀୟ କମିଟି ଛୋପ୍ରା କିମଟିର ମତକୁ ସମର୍ଥନ କରିବାରୁ ସରକାର ଏକ ତୃତୀୟ କମିଟି ନିଯୁକ୍ତ କଲେ। ଏହି କମିଟି ଅଧିକ ଡ୍ୟାମ୍‌ର କାମ ଆରମ୍ଭ କରିବାକୁ କହିଲା ଏବଂ ଜୁଲାଇ ୨୦୨୦ରେ ଅଧିକାରୀମାନେ ଜୋଷୀମଠ ପାହାଡ଼ର ପାଦଦେଶରେ ଦୁର୍ବଳ ଓ ଭୂସ୍ଖଳନ ଅଞ୍ଚଳ ଦେଇ ହେଲଙ୍ଗ-ମାରୱାରି ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର୍ ଆହ୍ୱାନ କଲେ। ଏହି ରାସ୍ତା ଦୁଇ ବର୍ଷ ପରେ ଆରମ୍ଭ କରାଗଲା। ବାସ୍ତବରେ ଏହା ଥିଲା ଏକ ପରିସଂସ୍ଥା କ୍ଷତିକାରୀ ପଦକ୍ଷେପ।

ବିପର୍ଯ୍ୟୟ ଲଗାତର ଘଟିଚାଲିଲା। ଫେବୃୟାରୀ ୨୦୨୧ରେ ଆଉ ଏକ ବନ୍ୟା ମୁଖ୍ୟତଃ ତପୋବନ-ବିଷ୍ଣୁଗଡ ଏବଂ ଅନ୍ୟ ଏକ ଡ୍ୟାମ୍ ସ୍ଥଳରେ ଅନେକ ଶହ ଲୋକଙ୍କ ମୃତ୍ୟୁର କାରଣ ହେଲା। ଆକ୍ଟିଭିଷ୍ଟମାନେ ଏହି ଡ୍ୟାମ୍‌ଗୁଡ଼ିକ ନିର୍ମାଣ ବନ୍ଦ କରିବାକୁ ଉତ୍ତରାଖଣ୍ଡ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। କୋର୍ଟ କେବଳ ଏହି ମାମଲାକୁ ଖାରଜ କରି ନ ଥିଲେ, ବରଂ ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ କରୁଥିବାରୁ ଆବେଦନକାରୀଙ୍କୁ ଭର୍ତ୍ସନା କରିବା ସହ ସେମାନଙ୍କ ଉପରେ ଜରିମାନା ଲାଗୁ କରିଥିଲେ। ପରେ ଅକ୍ଟୋବର ୨୦୨୧ରେ ଅତି ପ୍ରବଳ ବର୍ଷା ଯୋଗୁ ଜୋଶୀମଠ ଅଞ୍ଚଳରେ ଦେଖାଯାଇଥିବା ଫାଟ କ୍ରମଶଃ ବଡ଼ ହେଲା। ଜାନୁୟାରୀ ୨୦୨୩ ସୁଦ୍ଧା ଘର ଭୁଶୁଡ଼ିବା ଆଶଙ୍କା ଦେଖାଦେବାରୁ ସହରର ଅଧିକାଂଶ ଅଞ୍ଚଳ ବାସ ଅନୁପଯୋଗୀ ହେଲା। ଅନେକ ଶହ ପରିବାରକୁ ଆଶ୍ରୟସ୍ଥଳୀକୁ ନିଆଯାଇଛି।

ବିପତ୍ତି ବଢ଼ିବା ସହ ସେଠାକାର ଗୁରୁତ୍ୱପୂର୍ଣ୍ଣ ସୂଚନା ମଧ୍ୟ ସାମ୍ନାକୁ ଆସିବା କଷ୍ଟକର ହୋଇଛି। ନିକଟରେ କେନ୍ଦ୍ର ସରକାର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଜୋଷୀମଠ ଯେଉଁଭଳି ଭାବେ ଦବୁଛି ତାହାର ସାଟେଲାଇଟ ଇମେଜ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଧିକାରୀମାନଙ୍କୁ ଏହି ଘଟଣା ସମ୍ପର୍କରେ ମିଡିଆ ସମ୍ମୁଖରେ କିଛି ନ କହିବାକୁ ବାରଣ କରାଯାଇଛି। କେବଳ ଜୋଷୀମଠ ନୁହେଁ ହିମାଳୟ ଅଞ୍ଚଳରେ ଆହୁରି ଅନେକ ସହର ଓ ରାସ୍ତାରେ ମଧ୍ୟ ସମାନ ପ୍ରକାର ସମସ୍ୟା ଦେଖାଯାଉଛି। ଜଙ୍ଗଲ ପଦା ହେବା, ହ୍ରଦ, ଆର୍ଦ୍ରଭୂମି ଏବଂ ପ୍ରାକୃତିକ ଜଳାଶୟ ଉପରେ ନିର୍ମାଣ କାର୍ଯ୍ୟ ଚାଲିବା, ସହରାଞ୍ଚଳରେ ବର୍ଜ୍ୟ ପାହାଡ ସଦୃଶ ଠୁଳ ହେବା ଯୋଗୁ ହିମାଳୟ ଅଞ୍ଚଳରେ ବ୍ୟାପକ ପରିବର୍ତ୍ତନ ଦେଖାଯିବା ସହ ବିପଦ ବଢ଼ିବାରେ ଲାଗିଛି। ଏହା ସହ ନଦୀଗୁଡ଼ିକ ଅତ୍ୟଧିକ ପ୍ରଦୂଷିତ ହୋଇଯାଇଛି।

ତଥ୍ୟକୁ ଅତିରଞ୍ଜିତ କରିବାର ସରକାରଙ୍କ ଅଭ୍ୟାସ ତାଙ୍କ ଉତ୍ତରଦାୟିତ୍ୱ ଅଭାବକୁ ବି ସୂଚାଉଛି। ୨୦୧୫ରେ ଏକ ଡେଟା ରିଭିଜନ ପରେ ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ଅକଳ୍ପନୀୟ ଭାବେ ବୃଦ୍ଧି ପାଇଥିଲା ବୋଲି ସରକାର କହିଥିଲେ। କିନ୍ତୁ ୨୦୧୮ରେ ଯେତେବେଳେ ଗରିବୀ ବଢ଼ିଥିବା ଜଣାପଡ଼ିଲା ସେତେବେଳେ ସରକାର ନିଜ ସର୍ଭେକୁ ରଦ୍ଦ କରିଥିଲେ। ନିଯୁକ୍ତି ସଙ୍କଟ ଥିବା ସତ୍ତ୍ୱେ ଅର୍ଥମନ୍ତ୍ରୀ ଆଶ୍ଚର୍ଯ୍ୟଜନକ ଭାବେ ଅବାସ୍ତବ ବେରୋଜଗାର ତଥ୍ୟ ପ୍ରକାଶ କରିଥିଲେ। ଆର୍ଥିକ ଆଲୋଚନା ଏବଂ ନୀତିକୁ ନେଇ କିଛି ନ ଜାଣିବା କିମ୍ବା ନ ଶୁଣିବାର ଛଳନା କରି କ୍ଷତିକାରକ କାମକୁ ଅଣଦେଖା କରୁଛନ୍ତି ଭାରତର ପ୍ରତିଷ୍ଠିତ ନୀତିନିର୍ଦ୍ଧାରକ ବର୍ଗ । ଏଭଳି ବିପର୍ଯ୍ୟୟକୁ ପ୍ରକୃତି ବିଚଳନର ଦ୍ୱାହି ଦେଇ ସେମାନେ ଜୋଷୀମଠର ଭାଗ୍ୟକୁ ଅନ୍ଧକାରକୁ ଠେଲି ଦେଇଛନ୍ତି। ବିପର୍ଯ୍ୟୟମୁଖୀ ଜୋଶୀମଠ ହେଉଛି ନିର୍ଲଜ ଉତ୍ତରଦାୟିତ୍ୱର ଏକ ପ୍ରତିଛବି ଯାହା ଭାରତୀୟ ରାଜନୀତି ଓ ସମାଜକୁ କ୍ଷତି କରୁଛି। ଜୋଷୀମଠର ବାସ୍ତବ ସ୍ଥିତି ଉପରେ ଯାଞ୍ଚ କରାଯିବା ଉଚିତ ।

**ଭିଜିଟିଂ ପ୍ରଫେସର, ଇଣ୍ଟରନ୍ୟାଶନାଲ ଇକୋନୋମିକ ପଲିସି, ପ୍ରିନ୍‌ଷ୍ଟନ ୟୁନିଭର୍ସିଟି**

# ଜୀବନ ପ୍ରବାହ



ଅନୀତା ପଟ୍ଟନାୟକ

ପିଲାଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ, ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ମାତାପିତା ଖୁବ୍ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ୍ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ମାତାପିତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳା ଛୋଟବଡ଼ ଜନ୍ଦା ଗୋଟିଏ ଧାଡ଼ି ହୋଇ ସମସ୍ତ ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ୍ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତା'ର ବାଛୁରି ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ଼, ବିଲେଇ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲୋଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ, କୌଣସି ସ୍ୱାର୍ଥ ନ ଥାଇ ପ୍ରେମପୂର୍ଣ୍ଣ ସେବାକୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ, ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତା'ର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିବାର୍ଯ୍ୟ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ। ସେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଛୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ। ସେ ମତେ କହିଲେ, ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ। ପ୍ରକୃତିସ୍ଥ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନ ଥିଲେ, ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇପାରିବୁ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର-୧୦, ସିଡିଏ, କଟକ, ମୋ:୯୬୯୨୯୮୦୦୨୬**

## ଏଇ ଭାରତରେ

ମନ୍ଦିରର ବର୍ଜ୍ୟଫୁଲରୁ ବିଭିନ୍ନ ଜିନିଷ ତିଆରି କରି ଅନ୍ୟମାନଙ୍କୁ ରୋଜଗାର ପନ୍ଥା ଦେଖାଉଛନ୍ତି ଦିଲ୍ଲୀର ପୁନମ୍ ସହରାବତ। ଖୁବ୍ କମ୍ ନିବେଶରେ କିଭଳି ବ୍ୟବସାୟରୁ ଲାଭ ମିଳେ ତାହାର ବାଟ ମଧ୍ୟ ଦେଖାଇଛନ୍ତି ପୁନମ୍। ସେ ବର୍ଜ୍ୟଫୁଲ ସଂଗ୍ରହ କରି ତାହାକୁ ଶୁଖାଇ ଗୁଣ୍ଡ କରିବା ପରେ ସେଥିରୁ ଅଗରବତି ଓ ବିଭିନ୍ନ ଘରସଜା ଜିନିଷ ତିଆରି କରୁଛନ୍ତି। ୨୦୧୯ରେ ସେ ତାଙ୍କ ବାନ୍ଧବୀ ପିଙ୍କି ଯାଦବଙ୍କ ସହ ମିଶି ବିଜ୍‌ନେସ ଆରମ୍ଭ କରି 'ଆରୁହୀ ଏଣ୍ଟରପ୍ରାଇଜେସ' ଆରମ୍ଭ କରି ତା'ମାଧ୍ୟମରେ ବର୍ଜ୍ୟଫୁଲରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଏହି କାର୍ଯ୍ୟରେ ସେ ୬ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତ କରିଛନ୍ତି। ସବୁଖର୍ଚ୍ଚ ବାଦ୍ ପୁନମ୍ ମାସକୁ ୬୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହାସହ ୫୦୦ରୁ ଅଧିକ ମହିଳାଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। ପୁନମ୍‌ଙ୍କ ଏହି ଉଦ୍ୟମ ଯୋଗୁ ଆଖପାଖ ମନ୍ଦିରରେ ବର୍ଜ୍ୟଫୁଲ ଯୋଗୁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ ଅନେକାଂଶରେ ଦୂର ହୋଇପାରିଛି। ୧୦୦୦ରୁ ୨୦୦୦ଟଙ୍କା ନିବେଶରେ ଏଭଳି ବିଜ୍‌ନେସ୍ ଆରମ୍ଭ କରାଯାଇପାରିବ ବୋଲି କହନ୍ତି ପୁନମ୍। ପ୍ରଥମେ ଫୁଲରୁ ଅଗରବତି ତିଆରି କୌଶଳ ଶିକ୍ଷା କରିବାକୁ ଚାହିଁଥିଲେ ବି କାହାର ସାହାଯ୍ୟ ପାଇପାରି ନ ଥିଲେ। ପରେ ଗୋବରରୁ ଜିନିଷ ତିଆରି କରୁଥିବା ଜଣେ ବ୍ୟକ୍ତିଙ୍କଠାରୁ କୌଶଳ ଶିଖି ସେ ଫୁଲରୁ ଜିନିଷ ତିଆରି ଆରମ୍ଭ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଫେବୃୟାରୀ ୧୯୯୮**

- ଲୋକସଭାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ହିଂସାକାଣ୍ଡ ଘଟି ୧୪ ଜଣଙ୍କ ପ୍ରାଣହାନି।
- ରେଳ ମନ୍ତ୍ରଣାଳୟ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରେଳ ଇଣ୍ଡିଆ ଟେକ୍‌ନିକାଲ ଆଣ୍ଡ୍ ଇକୋନୋମିକ ସର୍ଭିସେସେ ଲିମିଟେଡ ଶ୍ରୀଲଙ୍କାକୁ ଡିଜେଲଚାଳିତ ରେଳ ଇଞ୍ଜିନ ରପ୍ତାନୀ ନେଇ ଶ୍ରୀଲଙ୍କା ରେଳବାଇ ସହ ଏକ ଚୁକ୍ତି ସ୍ୱାକ୍ଷାରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | |
| | | | | | | 7 | 2 | 3 |
| | 3 | 9 | | | | 1 | | 4 |
| 8 | | 1 | | | 3 | | | 7 |
| | | | | | | | 6 | |
| 3 | 2 | 7 | | | | | | |
| 9 | | | | 1 | 2 | | | |
| | | | | | | | 5 | |
| 4 | 1 | | | 9 | | 8 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 1 | 3 | 8 | 2 | 4 | 7 | 9 |
| 2 | 8 | 3 | 9 | 4 | 7 | 1 | 6 | 5 |
| 4 | 9 | 7 | 1 | 5 | 6 | 8 | 2 | 3 |
| 9 | 4 | 2 | 8 | 7 | 3 | 6 | 5 | 1 |
| 1 | 6 | 5 | 4 | 2 | 9 | 7 | 3 | 8 |
| 7 | 3 | 8 | 5 | 6 | 1 | 2 | 9 | 4 |
| 5 | 1 | 6 | 2 | 3 | 4 | 9 | 8 | 7 |
| 8 | 2 | 4 | 7 | 9 | 5 | 3 | 1 | 6 |
| 3 | 7 | 9 | 6 | 1 | 8 | 5 | 4 | 2 |

ଗତକାଲିର ଉତ୍ତର

# ମାନସିକ ଅସୁସ୍ଥତାରେ ପରିବାରର ଭୂମିକା



ରାଜୀବ କର୍ମୀ

ପରିବାର ଏମିତି ଏକ ସ୍ଥାନ, ଯେଉଁଠି ଶୈଶବରୁ ବ୍ୟକ୍ତିର ପୂର୍ଣ୍ଣାଙ୍ଗ ଜୀବନର ମୂଳଦୁଆ ପଡ଼ିଥାଏ। ବ୍ୟକ୍ତିର ଶାରୀରିକ ଏବଂ ମାନସିକ ବିକାଶ ଏହି ପରିବାରରୁ ହିଁ ଆରମ୍ଭ ହୋଇଥାଏ। ଭଲ ପାଇବା, ଘୃଣା କରିବା, ଦୁଃଖ ପ୍ରକାଶ କରିବା, ରାଗିବା, କାନ୍ଦିବା, ହସିବା ଇତ୍ୟାଦି ଆବେଗାତ୍ମକ ବିକାଶ ଏବଂ ବ୍ୟବହାରରେ ପରିବର୍ତ୍ତନ ପରିବାରରେ ହିଁ ହୋଇଥାଏ। ପାରିବାରିକ ଦାୟିତ୍ୱବୋଧ, ପରିବାରରେ ଉପୁଜୁଥିବା ଦ୍ୱନ୍ଦ୍ୱକୁ ପରିଚାଳନା ଏବଂ ଭବିଷ୍ୟତରେ ଆଉ ଗୋଟିଏ ପରିବାର ତିଆରି କରିବାର ଦକ୍ଷତା ପ୍ରତ୍ୟେକ ପରିବାର ସଦସ୍ୟଙ୍କ ପାଖରେ ସୃଷ୍ଟି କରିବା ପରିବାରର ମୂଳମନ୍ତ୍ର।

ପରିବାର ହେଉଛି ବ୍ୟକ୍ତିର ପ୍ରଥମ ତଥା ମହତ୍ୱପୂର୍ଣ୍ଣ ସୁରକ୍ଷା ବଳୟ। ଦୁଃଖ ଓ ଅସୁବିଧା ସମୟରେ ପରିବାରର ସଦସ୍ୟମାନେ ଜଣେ ଆଉ ଜଣକୁ ସାହାଯ୍ୟ କରିଥାନ୍ତି। ଯେଉଁଠି ପାରିବାରିକ ବନ୍ଧନ ଯେତେ ସୁଦୃଢ଼ ସେଠି ସୁରକ୍ଷା ବଳୟ ମଧ୍ୟ ସେତେ ବଳିଷ୍ଠ। ଏହି ବନ୍ଧନ ପରିବାରର ସଦସ୍ୟମାନଙ୍କର ମାନସିକ ସ୍ୱାସ୍ଥ୍ୟର ଉଭୟ ବିକାଶ ଏବଂ ଅବନତି ପାଇଁ ଗୁରୁତ୍ୱ ବହନ କରେ। ମାନସିକ ଅସୁସ୍ଥଙ୍କ ପାଇଁ ପରିବାର ଏକ ସ୍ୱର୍ଗ ପରି। ମାନସିକ ରୋଗ ଔଷଧ ଦ୍ୱାରା ୨୦ ଭାଗ ଭଲ ହେଉଥିବା ବେଳେ ୮୦ ଭାଗ ଅକ୍ଷମତା ପରିବାରର ସହଯୋଗ ଦ୍ୱାରା ଭଲ ହୋଇଥାଏ। ମାନସିକ ଅସୁସ୍ଥ ବ୍ୟକ୍ତି ଔଷଧ ସେବନ ସହିତ ଦୈନନ୍ଦିନ ଦିନଚର୍ଯ୍ୟାରେ ଉନ୍ନତି ଆଣିବା, ପରିବାରର ଛୋଟ ଛୋଟ କାମରେ ସାମିଲ କରିବା, ପରିବାରର ଅନ୍ୟ ସଦସ୍ୟମାନଙ୍କ ସହିତ ଭାବ ବିନିମୟ କରିବା, ଛୋଟ ଛୋଟ ଆୟ ବୃଦ୍ଧିକାରୀ କାମରେ ସାମିଲ କରିବା ଏବଂ ପରିବାରର ଦାୟିତ୍ୱ ନେବାରେ ସାହାଯ୍ୟ କରିବା ଇତ୍ୟାଦିରେ ପରିବାରର ସହଯୋଗ କରିପାରିବ।

ବ୍ୟକ୍ତିଟି ଦୀର୍ଘଦିନ ଧରି ଅସୁସ୍ଥ ହେବା ଫଳରେ ତାହାର ମୌଳିକ କୌଶଳଗୁଡ଼ିକ ହରେଇ ଦେଇଥାଏ। ଔଷଧ ସେବନ ସହିତ ବ୍ୟକ୍ତିଟି ଭୁଲି ଯାଇଥିବା ଜୀବନ କୌଶଳକୁ ଫେରେଇ ଆଣିବା ଜରୁରୀ। ତେଣୁ ପରିବାରର ସଦସ୍ୟମାନେ ଅସୁସ୍ଥ ବ୍ୟକ୍ତିକୁ ଭଲପାଇବା, ସଫାସୁତୁରା ରଖିବା, ଗାଧୋଇ ଦେବା, ଭଲ ପୋଷାକ ପରିଧାନ କରେଇବା, ଏକାଠି ବସି ତା' ସାଙ୍ଗରେ କଥା ହେବା, ଟିଭି ଦେଖିବା, ପରିବାରର ସଦସ୍ୟ ମାନଙ୍କ ସହିତ ଏକାଠି ଖାଇବା, ବାହାରକୁ ଗଲେ ସାଙ୍ଗରେ ନେଇଯିବା, ସମ୍ପର୍କୀୟମାନଙ୍କ ସହିତ ପରିଚୟ କରାଇବା, ଗାଳି ଗୁଲଜ ନ କରିବା ଇତ୍ୟାଦି ଦ୍ୱାରା ମାନସିକ ଅସୁସ୍ଥ ବ୍ୟକ୍ତି ନିଜେ ଖୁସି ଅନୁଭବ କରିବ।

ପରିବାରର ସହଯୋଗ ଦ୍ୱାରା ମାନସିକ ଅସୁସ୍ଥତାରେ ଉନ୍ନତିସମ୍ଭାବନା ଅଧିକ। ଫଳରେ ପାର୍ଶ୍ୱ ପ୍ରତିକ୍ରିୟା, ପୁନଃ-ଅସୁସ୍ଥତା ଏବଂ ଡାକ୍ତରଖାନାରେ ଭର୍ତ୍ତିର ହାରକୁ କମ୍ କରାଯାଇପାରିବ। ପରିବାରର ସଦସ୍ୟମାନେ କୌଣସି ପକ୍ଷପାତିତା ଶିକାର ନ ହୋଇ ମାନସିକ ସ୍ୱାସ୍ଥ୍ୟକୁ ବୁଝିବା ଦରକାର। ପରିବାରର ସହଯୋଗ ନ ହେଲେ ଚିକିତ୍ସାରେ ଅଧିକ ବ୍ୟୟ ହେବାର ସମ୍ଭାବନା ଥାଏ ଏବଂ ଅଧିକ ଦିନ ଧରି ଚିକିତ୍ସା କରିବାକୁ ପଡ଼େ।

ମାନସିକ ଅସୁସ୍ଥ ବ୍ୟକ୍ତିର ଯତ୍ନନେବା ଏତେ ସହଜ ନୁହେଁ। ଦିନ-ଦିନ, ସପ୍ତାହ-ସପ୍ତାହ, ମାସ-ମାସ, ବର୍ଷ-ବର୍ଷ ଏପରି କି ୧୦ ବର୍ଷ, ୨୦ ବର୍ଷ, ୩୦ ବର୍ଷ ଏପରି କି ବଞ୍ଚିଥିବା ପର୍ଯ୍ୟନ୍ତ ଯତ୍ନ କରିବାକୁ



ପଡ଼ିଥାଏ। ଏତେ ଦିନ ଧରି ଯତ୍ନକାରୀ ନିଜର ମାନସିକ, ଶାରୀରିକ ଏବଂ ପାରିବାରିକ ଅସୁବିଧାକୁ ଜଳାଞ୍ଜଳି ଦେଇ ସେବା କରିଥାନ୍ତି। ରାତି ରାତି ଧରି ଅନିଦ୍ରା ରହିବା ଏବଂ ଖାଦ୍ୟ ପେୟରେ ଅବହେଳା ଇତ୍ୟାଦି ଅସୁବିଧା ଯତ୍ନକାରୀ ଭୋଗିଥାଏ। ଅସୁସ୍ଥ ବ୍ୟକ୍ତିର ଯତ୍ନ ନେବାପାଇଁ ଯତ୍ନକାରୀଙ୍କୁ ଅନେକ ସମୟରେ ନିଜର ରୋଜଗାର ହରେଇବାକୁ ପଡ଼େ। ଫଳରେ ପରିବାରର ଆୟ କମେ। ମୁଖ୍ୟ ଆୟକାରୀ ଯଦି ମାନସିକ ରୋଗୀ ତେବେ ପରିବାରଟି ଅନେକ ଦୁଃଖଦୁର୍ଦ୍ଦଶା ଦେଇ ଗତିକରେ। ପିଲାମାନେ ପାଠ ପଢ଼ି ପାରନ୍ତି ନାହିଁ। ଅନ୍ୟ ସଦସ୍ୟମାନଙ୍କ ଉପରେ ରୋଜଗାରର ଚାପ ପଡ଼େ। ଅଧିକ ଆୟ କରିବାକୁ ସମସ୍ତଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼େ। ଯାହାଫଳରେ ମୁଖ୍ୟ ଯତ୍ନକାରୀ ସହିତ ଅନ୍ୟ ସଦସ୍ୟମାନେ ମଧ୍ୟ ଶାରୀରିକ, ମାନସିକ ଏବଂ ଆର୍ଥିକ ବୋଝର ଶିକାର ହୁଅନ୍ତି। ଅନେକ ସମୟରେ ପରିବାର ସଦସ୍ୟମାନେ ସାମାଜିକ ବିଭେଦତାର ମଧ୍ୟ ଶିକାର ହୁଅନ୍ତି।

ପରିବାରରେ ମୁଖ୍ୟତଃ ପ୍ରାଥମିକ ଯତ୍ନକାରୀ କେବଳ ଜଣେ ହିଁ ବ୍ୟକ୍ତି ହୋଇଥାନ୍ତି। ଅନେକାଂଶରେ ମହିଳାମାନେ ଯତ୍ନକାରୀର ଦାୟିତ୍ୱ ନେଇଥାନ୍ତି। କେତେକ ସମୟରେ ପ୍ରାଥମିକ ଯତ୍ନକାରୀର ନିଜର ପାରିବାରିକ ଦାୟିତ୍ୱ ସହିତ ମାନସିକ ଅସୁସ୍ଥ ବ୍ୟକ୍ତିର ଯତ୍ନ ପାଇଁ ଅତିରିକ୍ତ ଦାୟିତ୍ୱ ନେବାକୁ ପଡ଼େ। ବୋହୂ କିମ୍ବା ପୁଅ ଯଦି ପ୍ରାଥମିକ ଯତ୍ନକାରୀ, ତେବେ ସେ ନିଜ ପରିବାରକୁ ଉଚିତ ସମୟ ଦେଇପାରେ ନାହିଁ। ମା' ଯଦି ପ୍ରାଥମିକ ଯତ୍ନକାରୀ, ତେବେ ମାନସିକ ଅସୁସ୍ଥ ପାଇଁ ବେଶି ସମୟ ବ୍ୟୟ କରୁଥିବାରୁ ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଈର୍ଷାଭାବ ସୃଷ୍ଟି ହେବାର ସମ୍ଭାବନା ଥାଏ ; ଫଳରେ ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଅବିବାହିତ ପୁଅ ଝିଅ ଯଦି ମାନସିକ ରୋଗୀ ତେବେ ବୃଦ୍ଧା ମା' ଯତ୍ନକାରୀର ହୋଇଥାନ୍ତି। ସେ ବଞ୍ଚିଥିବା ପର୍ଯ୍ୟନ୍ତ ଯତ୍ନ କରିଥାନ୍ତି, କିନ୍ତୁ ତାଙ୍କ ପରେ ଅସୁସ୍ଥଙ୍କ ଦାୟିତ୍ୱ ନେବ କିଏ? ପ୍ରାଥମିକ ଯତ୍ନକାରୀକୁ ମାନସିକ ରୋଗୀର ଅହୋରାତ୍ର ସେବାରେ ନିଜର ଦେହ ପା କଥା ବି ଭୁଲିଯିବାକୁ ପଡ଼େ। କେତେକ କ୍ଷେତ୍ରରେ ଛୋଟ ଛୋଟ ପିଲାମାନେ ପ୍ରାଥମିକ ଯତ୍ନକାରୀ ହୋଇଥାନ୍ତି। ଯା'ଫଳରେ ସେମାନେ ନିଜର ଶୈଶବକୁ ଉପଭୋଗ କରିପାରନ୍ତି ନାହିଁ।

ପ୍ରାଥମିକ ଯତ୍ନକାରୀ ଉପରେ ପଡୁଥିବା ବୋଝକୁ ପରିବାର ସଦସ୍ୟମାନଙ୍କ ସହଯୋଗରେ କମ୍ କରାଯାଇପାରିବ। ଅସୁସ୍ଥ ବ୍ୟକ୍ତିକୁ ନିଜର ଯତ୍ନ ନିଜେ ନେବାରେ ସାହାଯ୍ୟ କଲେ ପରିବାରର ବୋଝ କମ୍ ହେବ। ମାନସିକ ଅସୁସ୍ଥ ବ୍ୟକ୍ତିର ଦେଖାଶୁଣା କରିବା ପାଇଁ ଅନ୍ୟ ସଦସ୍ୟମାନେ କିଛି ସମୟ ଦେଲେ ପ୍ରାଥମିକ ଯତ୍ନକାରୀଙ୍କୁ କିଛି ସମୟ ମିଳିପାରିବ ; ଯା' ଫଳରେ ସେ ନିଜର ବନ୍ଧୁବାନ୍ଧବ ଘରକୁ କିମ୍ବା ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ। ନିଜ ଦେହ ପା କଥା ଚିନ୍ତା କରିପାରିବେ। ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ କିଛି ସମୟ ଦେଇପାରିବେ। ବର୍ଷ ବର୍ଷ ଧରି ସେଇ ସମାନ କାମକୁ କରିକରି ନିଜର ମାନସିକ ଚାପରୁ କିଛି ସମୟ ମୁକ୍ତି ମିଳିପାରିବ। ଯତ୍ନକାରୀ କୌଣସି ବୃତ୍ତିଗତ ସେବାକାରୀ ହୋଇ ନ ଥା'ନ୍ତି। ତାଙ୍କର କାମକୁ ପ୍ରଶଂସା କରିବା ଦରକାର। ତେଣୁ ପରିବାରର ଅନ୍ୟ ସଦସ୍ୟମାନେ ଯତ୍ନକାରୀର ଦାୟିତ୍ୱକୁ ନିଜ ଭିତରେ ବଣ୍ଟନ କଲେ ଅସୁସ୍ଥତାର ବୋଝ କମ୍ ହେବ।

**ଶଗଡ଼ା, ବୌଦ୍ଧ**
**ମୋ: ୮୩୨୮୮୪୮୧୪୫**

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟାକୁ ନେଇ ଅଶାନ୍ତି ସୃଷ୍ଟି ନ ହେଉ

ମହାଶୟ,

ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବା ମାନ୍ୟତା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ମନୋମାଳିନ୍ୟ, ଅସହିଷ୍ଣୁତା ସୃଷ୍ଟିକରି ଦେଶର ସାର୍ବଭୌମତ୍ୱ ଓ ଏକତାକୁ ବିପଦମୁଖୀ କରାଇଥାଏ । ଜମ୍ମୁ-କଶ୍ମୀରକୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ମାନ୍ୟତାକୁ ଉଦାହରଣ ଭାବେ ନିଆଯାଇପାରେ। ଜମ୍ମୁ -କଶ୍ମୀର ଭାରତରେ ବିଲୟ ହେବା ପରଠାରୁ ଏଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଜମ୍ମୁ କଶ୍ମୀର ରାଜ୍ୟରେ ରାଜନୈତିକ ଅସ୍ଥିରତା, ଆର୍ଥିକ ପ୍ରଗତି କ୍ଷେତ୍ରରେ ଦୁର୍ନୀତି ଏବଂ ଅସମାନତା ଦେଖାଯାଇଥିଲା। ତତ୍‌ସଙ୍ଗେ ଆତଙ୍କବାଦ ଓ ହିଂସା ଭାରତର ପ୍ରଶାସନିକ ସେବାରେ ମୁଣ୍ଡବ୍ୟଥାର କାରଣ ହୋଇଥିଲା । କେବଳ ଓଡ଼ିଶା ପାଇଁ ନୁହେଁ, ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ମାନ୍ୟତା ପ୍ରଦାନ ଦାବିକୁ ବନ୍ଦ କରିବା ଏବଂ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକୁ ଅଗ୍ରାହ୍ୟ କରିବା ଯଥାର୍ଥ । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ କେନ୍ଦ୍ରକରି ଦେଶ ଓ ରାଜ୍ୟଗୁଡ଼ିକ ମଧ୍ୟରେ ଅଶାନ୍ତି ସୃଷ୍ଟି ନ ହେଉ। ଭାରତରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ୍ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ-ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି!
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଫେବୃୟାରୀ, ୨୦୨୩






# ଆୟୁର୍ବେଦ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି

**ଉତ୍ତମ ଜୀବନଚର୍ଯ୍ୟା ଓ ଖାଦ୍ୟାଭାସ ସହ କେତେକ ସ୍ୱାସ୍ଥ୍ୟ ଅନୁକୂଳ ପରାମର୍ଶ ବର୍ତ୍ତମାନ ସମୟରେ ଜୀବନଯାପନ ପାଇଁ ବିଶେଷ ସହାୟକ ହୋଇଥାଏ। ଏପରିକି ବୈଦିକ ଯୁଗରୁ ନୀରୋଗ ଜୀବନ ପାଇଁ ଆୟୁର୍ବେଦ ପ୍ରଚଳିତ ହୋଇଆସିଛି। ବିଶେଷକରି ପୂର୍ବକାଳରେ ମଧ୍ୟ ରାଜାରାଜୁଡ଼ାମାନଙ୍କର ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ପ୍ରାକୃତିକ ପରିବେଶରୁ ମିଳୁଥିବା ଚେରମୂଳି ଓ ଔଷଧୀୟ ବୃକ୍ଷ ଆଦିର ଉପଯୋଗ ବୈଦ୍ୟମାନେ ହିଁ କରୁଥିଲେ। ପରେ ଏହା ଜନସାଧାରଣଙ୍କ ହିତରେ କାର୍ଯ୍ୟକାରୀ କରିବା ପାଇଁ କବିରାଜ ବା ବୈଦ୍ୟମାନେ ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତିକୁ ଉପଯୋଗକଲେ। ବିଜ୍ଞାନ ଯୁଗରେ ମଧ୍ୟ ଆୟୁର୍ବେଦ ପ୍ରତି ଲୋକଙ୍କର ଆଗ୍ରହ ରହିଛି, କାରଣ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଦୀର୍ଘ ବର୍ଷର ଅଭିଜ୍ଞତା ଓ ପ୍ରତିଷ୍ଠିତ ବୈଦ୍ୟ ପରମ୍ପରା ଓଡ଼ିଶା ଆୟୁର୍ବେଦ ଭବନର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ଦାସଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର...**

ଧରିତ୍ରୀ | OrissaPOST BUSINESS EMINENCE AWARDS


ମନୋଜ କୁମାର ଦାସ

**ପ୍ର-୧: ବାଲ୍ୟଜୀବନ କିଭଳି ଅତିବାହିତ କରିଥିଲେ?**

ଉ- ମୋ ଜନ୍ମ ଜାମଶେଦପୁରଠାରେ ହୋଇଥିବାରୁ ମୁଁ ସେଠାରେ ମୋ ଅଜା ଗୋକୁଳାନନ୍ଦ ଦାସଙ୍କ ଘରେ ବାଲ୍ୟଜୀବନ ବିତାଇଥିଲି। ପରବର୍ତ୍ତୀ ସମୟରେ ମୁଁ ଆମ ଘର କଟକକୁ ଆସିଲି। ଏପରିକି ରେଲୱେ ସେଟଲମେଣ୍ଟ ହାଇସ୍କୁଲ ଏବଂ ଚୌଦ୍ୱାର କଲେଜରୁ ଶିକ୍ଷା ଲାଭ ଶେଷକରି ଆଗକୁ ଆଗକୁ ମାଡ଼ିଚାଲିଛି।

**ପ୍ର-୨: ପ୍ରାରମ୍ଭିକ ବୃତ୍ତିଗତ ଜୀବନ କିପରି ଆରମ୍ଭ ହେଲା?**

ଉ- ଉଚ୍ଚଶିକ୍ଷା ସମାପ୍ତି ପରେ ମୁଁ ବେସରକାରୀ ଚାକିରି କରୁଥିଲି। ଏହି ସମୟରେ ଜଷ୍ଟିସ ରାଧାଚରଣ ପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସିଥିଲି। ତାଙ୍କ ଶୁଭେଚ୍ଛା ଓ ପରାମର୍ଶ ପୂର୍ବରୁ ଜେଜେଙ୍କ ଦ୍ୱାରା ସ୍ଥାପିତ ଆୟୁର୍ବେଦିକ ସଂସ୍ଥାରେ କାର୍ଯ୍ୟ କରିବା ପାଇଁ ପରିବାର ଲୋକେ ପ୍ରେରିତ କରିଥିଲେ। ଏପରିକି ଧୀରେ ଧୀରେ ଜେଜେଙ୍କ ପାଖକୁ ନିୟମିତ ଆସୁଥିବା ସେ ସମୟର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସୁପରାମର୍ଶରେ ମୁଁ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତି ପାଇଁ ଅଣ୍ଟା ଭିଡ଼ିବା ସହ ବୃତ୍ତିଗତ ଜୀବନର ଶୁଭାରମ୍ଭ କରିଥିଲି।

**ପ୍ର-୩: ଓଡ଼ିଶା ଆୟୁର୍ବେଦ ଭବନ ଯାତ୍ରା କିପରି ଚାଲିଛି?**

ଉ- ମୋ ଜେଜେ ତଥା ଜଣାଶୁଣା କବିରାଜ ବନମାଳୀ ଦାସଙ୍କ ଦ୍ୱାରା ୧୯୪୨ରୁ ଓଡ଼ିଶା ଆୟୁର୍ବେଦ ଭବନ ପ୍ରତିଷ୍ଠା ହୋଇଥିଲା। ଏଠାରେ ସେ ଔଷଧ ତିଆରି କରି ରୋଗୀ ସେବା ସହ ଗ୍ରାମ୍ୟ ଓ ଜଙ୍ଗଲଜାତ ବିଭିନ୍ନ ଔଷଧୀୟ ବୃକ୍ଷର ଚେରମୂଳିରୁ ସଂଗୃହୀତ ବସ୍ତୁକୁ ନେଇ ସ୍ୱାସ୍ଥ୍ୟ ଉପଯୋଗୀ ଆୟୁର୍ବେଦିକ୍ ଔଷଧ ବୈଦିକ ଶାସ୍ତ୍ରୀୟ ଶୈଳୀରେ ପ୍ରସ୍ତୁତ କରାଯାଇଥାଏ। ବିଶେଷକରି ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ଧୀରେ ଧୀରେ ବଢ଼ିବାର ସହ ଏକ ପ୍ରତିଷ୍ଠିତ ଆୟୁର୍ବେଦୀୟ ସଂସ୍ଥା ଭାବେ ପରିଚିତି ଲାଭ କରିଥିଲା। ଫଳରେ ସେବେଠାରୁ ଆଜି ପର୍ଯ୍ୟନ୍ତ ଆମେ ମଧ୍ୟ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ଖୁସି ଅନୁଭବ କଲୁ। ଏପରିକି ଆମ ଦ୍ୱାରା ପରୀକ୍ଷିତ ଉତ୍ତମ ଗୁଣମାନର ଔଷଧୀୟ ଚେରମୂଳି, ତୈଳ, ବନ୍ୟଜାତ ସାମଗ୍ରୀ ସବୁ ବର୍ଗର ଲୋକଙ୍କ ପସନ୍ଦର ଔଷଧ ହୋଇଯାଇଥିଲା। ଆଧୁନିକ ଯୁଗୋପଯୋଗୀ ପ୍ୟାକିଂରେ ବର୍ତ୍ତମାନ ଏହାକୁ ଉପଲବ୍ଧ କରାଇପାରୁଛୁ। କେବଳ ଓଡ଼ିଶା ନୁହେଁ, ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟକୁ ଆମ ଔଷଧ ପ୍ରେରଣ ହେଉଛି।

**ପ୍ର-୪: ଆଧୁନିକ ବିଜ୍ଞାନ ଯୁଗରେ ଆୟୁର୍ବେଦୀୟ ଔଷଧର ଚାହିଦା କିଭଳି ରହିଛି?**

ଉ- ବୈଦିକଯୁଗରୁ ଆୟୁର୍ବେଦିକ ଚିକିତ୍ସା ମାନବକୁ ପାର୍ଶ୍ୱ ପ୍ରତିକ୍ରିୟାବିହୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ଆସୁଛି। ଫଳରେ ଆୟୁର୍ବେଦ ମଧ୍ୟ ଏକ ବିଜ୍ଞାନ ସମ୍ମତ ଚିକିତ୍ସା ପଦ୍ଧତି ବୋଲି ଧରାଯାଏ। ଏପରିକି ସର୍ବଭାରତୀୟସ୍ତରରେ ମଧ୍ୟ ଏହାର ପ୍ରବେଶିକା ପରୀକ୍ଷା କରାଯାଇ ଆୟୁର୍ବେଦ ଚିକିତ୍ସା ପାଠ୍ୟକ୍ରମ ପାଇଁ ବିଦ୍ୟାର୍ଥୀ ଚୟନ କରାଯାଇଥାଏ। ବର୍ତ୍ତମାନ ଏହାକୁ ବିଏଏମ୍ଏସ୍ ସ୍ନାତକ ଓ ସ୍ନାତକୋତ୍ତର ଭାବେ ଏମ୍‌ଡି ଏମ୍ଏସ୍ ଆଦି ପାଠ୍ୟକ୍ରମ ପ୍ରଚଳିତ ହୋଇଛି। ସମାନ୍ତରାଳ ଭାବେ ବିଭିନ୍ନ ରୋଗ ପାଇଁ ମଧ୍ୟ ଔଷଧ ଉପଲବ୍ଧ ହେଲାଣି। ଏହାର ଉନ୍ନତି ଦିଗରେ ଆୟୁର୍ବେଦିକ କଲେଜ ମଧ୍ୟ ସ୍ଥାପିତ ହୋଇଛି। ବର୍ତ୍ତମାନ ସରକାରଙ୍କର ଆୟୁଷ ମନ୍ତ୍ରଣାଳୟ ଉନ୍ନତିକୁ ଆଉ ୨ପାଦ ଆଗେଇ ନେଇଛନ୍ତି।

**ପ୍ର-୫: ଆପଣଙ୍କ ଦ୍ୱାରା ପ୍ରସ୍ତୁତ ଔଷଧର ବଜାର ଚାହିଁଦା କ'ଣ ରହିଛି?**

ଉ- ଆମ ଦ୍ୱାରା ପ୍ରସ୍ତୁତ ଔଷଧ ବର୍ତ୍ତମାନ ସମୟରେ ମଧ୍ୟ ବଜାରରେ ଆଦୃତ ହେଉଛି। ବିଶେଷ କରି ଶିବାଷ୍ଟକ ଚୂର୍ଣ୍ଣ ଗ୍ୟାସ୍, ଏସିଡିଟି, ବଦହଜମି ଓ କୋଷ୍ଠକାଠିନ୍ୟ ପାଇଁ ଆମ ଉତ୍ପାଦ ବେଶ୍ ଉପାଦେୟ ହୋଇପାରିଛି। ବିଭିନ୍ନ ସମୟରେ ଏହାକୁ ସେବନ ପାଇଁ ସବୁ ବର୍ଗର ଚିକିତ୍ସକ ପରାମର୍ଶ ଦେଉଛନ୍ତି। ଏତଦ୍‌ଭିନ୍ନ ଚ୍ୟବନପ୍ରାଶ୍, ରୁମାଟ୍ରିଟ୍ ଅଏଲ୍, ପେଟ ସୁଦ୍ଧି ଚୂର୍ଣ୍ଣ, ପଞ୍ଚାରିଷ୍ଟ, ରାସନାଦିବଟି ମଧ୍ୟ ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଏକକ ଚେରମୂଳି ଭାବେ ଯଥା ଅଶ୍ୱଗନ୍ଧା, ଜାମୁନ, ମେଥି, ଗୁଡ଼ମାରି, ଅଁଳା ସହିତ ଅନ୍ୟାନ୍ୟ ୧୫୦ରୁ ଅଧିକ ପ୍ରକାର ଔଷଧ ପ୍ରସ୍ତୁତି ଓ ବିତରଣ ହେଉଛି।

**ପ୍ର-୬ : ଆପଣଙ୍କ ଆଗାମୀ ଲକ୍ଷ୍ୟ କ'ଣ ରହିଛି?**

ଉ- ଓଡ଼ିଶାରେ ଏକ ଅତ୍ୟାଧୁନିକ ବୈଦ୍ୟଶାଳା ସ୍ଥାପନ ମୋର ଲକ୍ଷ୍ୟ। ଏଥିସହ କିପରି ଗ୍ରାମୀଣ କୃଷକମାନେ ଔଷଧୀୟ ବୃକ୍ଷ ଚାଷକରି ଉକ୍ତ ଚେରମୂଳିରୁ ବିଶୁଦ୍ଧ ଗୁଣବତ୍ତା ଔଷଧ ପ୍ରସ୍ତୁତ କରିପାରିବେ ସେ ଦିଗରେ ମଧ୍ୟ ପ୍ରଚେଷ୍ଟା ଜାରି ରହିଛି। ଫଳରେ ଓଡ଼ିଶାର କୃଷି, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ।

# ବିବିସି ସପକ୍ଷରେ ବ୍ରିଟେନ ସରକାର

## ଦିଲ୍ଲୀ, ମୁମ୍ବାଇ ଅଫିସରେ ଆୟକର ସର୍ଭେ ପ୍ରସଙ୍ଗ




**ଅଭିବ୍ୟକ୍ତି ସ୍ୱାଧୀନତା ଆଳରେ ବିବିସି ନିଜ 'ଅର୍ଥନୈତିକ ଅପରାଧଗୁଡ଼ିକୁ' ଲୁଚାଇପାରିବ ନାହିଁ: ଭାଜପା**

ଲଣ୍ଡନ/ନୂଆଦିଲ୍ଲୀ,୨୨।୨

ବ୍ରିଟିଶ୍ ବ୍ରୋଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)ର ନୂଆଦିଲ୍ଲୀ ଓ ମୁମ୍ବାଇ ଅଫିସରେ ଆୟକର (ଆଇଟି) ବିଭାଗ ପକ୍ଷରୁ ୬୦ ଘଣ୍ଟିଆ ଚଢ଼ାଉ ଉପରେ ବ୍ରିଟେନରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ବ୍ରିଟେନ ସରକାର ବିବିସିକୁ ସମର୍ଥନ କରିଛନ୍ତି। ଆମେ ବିବିସି ସହ ଛିଡ଼ା ହୋଇଛୁ। ଆମେ ବିବିସିକୁ ପାଣ୍ଠି ଯୋଗାଉଛୁ। ବିବିସି ୱାର୍ଲ୍ଡ ସର୍ଭିସକୁ ଆମେ ଗୁରୁତ୍ୱପୂର୍ଣ୍ଣ ମନେକରୁଛୁ। ଏହାର ସମ୍ପାଦକୀୟ ସ୍ୱାଧୀନତା ବଜାୟ ରଖିବାକୁ ଚାହୁଁଛୁ ବୋଲି କମନ୍‌ୱେଲ୍‌ଥ ଆଣ୍ଡ ଡେଭେଲପ୍‌ମେଣ୍ଟ ଅଫିସ (ଏଫ୍‌ସିଡିଓ) ପକ୍ଷରୁ ବୁଧବାର କୁହାଯାଇଛି।

ନୂଆଦିଲ୍ଲୀର କସ୍ତୁରବା ଗାନ୍ଧୀ ମାର୍ଗ ଓ ମୁମ୍ବାଇର ସାଣ୍ଟାକ୍ରୁଜ୍‌ରେ ଥିବା ବିବିସି ଅଫିସରେ ଗତ ୧୪ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇ ୧୬ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ବିବିସି ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକ ମଧ୍ୟରେ ହୋଇଥିବା ଆର୍ଥିକ କାରବାର ନେଇ ତଦନ୍ତକାରୀ ଅଧିକାରୀମାନେ ୬୦ ଘଣ୍ଟା ଧରି ଯାଞ୍ଚ କରିଥିଲେ। ଏହି ତଥାକଥିତ ସର୍ଭେ ବେଳେ ଟିକସ ଠକେଇ ଅଭିଯୋଗ ନେଇ ଅଧିକାରୀମାନେ ଡିଜିଟାଲ ଓ ପେପର ଡେଟା ସହ କେତେଜଣ କର୍ମଚାରୀଙ୍କଠାରୁ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ସଂଗ୍ରହ କରି ସବିଶେଷ ତାଲିକା ପ୍ରସ୍ତୁତ କରିଥିଲେ। ଏନେଇ ବୁଧବାର ବ୍ରିଟେନର ହାଉସ୍ ଅଫ୍ କମନ୍ସରେ ନର୍ଦ୍ଦର୍ନ ଆୟରଲାଣ୍ଡ ଏମ୍‌ପି ଜିମ୍ ଶାନନ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ଏଫ୍‌ସିଡିଓର ସଂସଦୀୟ ଅନୁସଚିବ ଡେଭିଡ୍ ରୁଟ୍‌ଲେ କହିଛନ୍ତି, ଆଇଟିର ତଦନ୍ତ ଉପରେ ବ୍ରିଟେନ ସରକାର କିଛି ମନ୍ତବ୍ୟ ଦେଇପାରିବେ ନାହିଁ। କିନ୍ତୁ ମିଡିଆ ଫ୍ରିଡମ୍ ଏବଂ ଅଭିବ୍ୟକ୍ତି ସ୍ୱାଧୀନତା ମଜଭୁତ ଗଣତନ୍ତ୍ରର ଜରୁରୀ ବୈଶିଷ୍ଟ୍ୟ। ଏଫ୍‌ସିଡିଓ ପାଣ୍ଠିରେ ଗୁଜରାଟୀ, ମରାଠୀ, ପଞ୍ଜାବୀ ଓ ତେଲୁଗୁ ସମେତ ଅନ୍ୟ ଦେଶର ୮ ଭାଷାରେ ବିବିସି କାର୍ଯ୍ୟକ୍ରମ ପ୍ରସାରିତ ହେଉଛି ବୋଲି ସେ କହିଛନ୍ତି। ଜିମ୍ ଶାନନ୍ ଏହି କାର୍ଯ୍ୟାନୁଷ୍ଠାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରସାରିତ ଡକ୍ୟୁମେଣ୍ଟାରି ପ୍ରସାରଣ ପରେ ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ ବୋଲି ସମାଲୋଚନା କରିଥିଲେ। ସେହିପରି ବ୍ରିଟିଶ୍ ଶିଖ୍ ଏମ୍‌ପି ତନ୍ମଜିତ ସିଂ କହିଥିଲେ, ଭାରତ ଓ ବ୍ରିଟେନ୍ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରସ୍ପର ସହ ଭାବ ବିନିମୟ କରିଥାଆନ୍ତି। ଦୁଇ ଦେଶ ମଧ୍ୟରେ ସୁସମ୍ପର୍କ ଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକୁ ସମାଲୋଚନା କରିବାରୁ ବିବିସି ଉପରେ ଚଢ଼ାଉ କରିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷେ ଅଭିବ୍ୟକ୍ତି ସ୍ୱାଧୀନତା ଆଳରେ ବିବିସି ନିଜ 'ଅର୍ଥନୈତିକ ଅପରାଧଗୁଡ଼ିକୁ' ଲୁଚାଇପାରିବ ନାହିଁ ବୋଲି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଜବାବ ଦେଇଛନ୍ତି। ପ୍ରକାଶ ଯେ, ଜାନୁୟାରୀ ୧୭ ଓ ୨୪ରେ ବିବିସି ପକ୍ଷରୁ 'ଇଣ୍ଡିଆ: ଦି ମୋଦି କ୍ୱେଶ୍ଚିନ୍' ଟାଇଟଲରେ ଦୁଇଟି ଡକ୍ୟୁମେଣ୍ଟାରି ପ୍ରସାରଣ କରାଯାଇଥିଲା। ଏଥିରେ ୨୦୦୨ ଗୁଜରାଟ ଦଙ୍ଗା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରାଯାଇଥିଲା। ୟୁଟ୍ୟୁବ୍ ଏବଂ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ବିବିସି ଡକ୍ୟୁମେଣ୍ଟାରିର ପ୍ରସାରଣ ଉପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ନିଷେଧାଦେଶ ଜାରି କରିଥିଲା।

# ଓମାନରେ ବସ୍ ଦୁର୍ଘଟଣା, ୩ ଓଡ଼ିଆ ମୃତ

## ଗାଁରେ ପହଞ୍ଚିଲା ମୃତଦେହ

ଗମ୍ଭାରିମୁଣ୍ଡା/ବାଣପୁର,୨୨।୨(ଡି.ଏନ୍.ଏ.)

ଓମାନର ମସ୍କଟ ସହରରେ ଏକ ବସ୍ ଦୁର୍ଘଟଣା ଘଟିଥିବା ବେଳେ ମୃତକଙ୍କ ମଧ୍ୟରେ ୩ଜଣ ଓଡ଼ିଆ ଥିବା ଜଣାପଡ଼ିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ମୁକ୍ତାଦେଇପୁର ଗ୍ରାମର ବାଲା ମୁଦୁଲି (୫୬), ଚିଲିକା ବ୍ଲକ ପ୍ରାଣଦେଇପୁର ଗ୍ରାମର ତପନ ବେହେରା (୪୮) ଏବଂ ଟାଙ୍ଗୀ ଥାନା ରଘୁନାଥପୁର ସାହିର ମହେଶ୍ୱର ବେହେରା। ଏହି ୩ଜଣଙ୍କ ମୃତଦେହ ବୁଧବାର ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ଏହି ତିନିଜଣ ଦୁଇ ପଇସା ରୋଜଗାର ପାଇଁ କିଛି ବର୍ଷ ତଳେ ଓମାନ ଯାଇଥିଲେ। ସେଠାରେ ଏକ କନଷ୍ଟ୍ରକ୍ସନ କମ୍ପାନୀରେ କାମକରି ଆସୁଥିଲେ। ଗତ ଶୁକ୍ରବାର କମ୍ପାନୀ କାର୍ଯ୍ୟ ଛୁଟିଥିବାରୁ ଘରକୁ ଟଙ୍କା ପଠାଇବା ପାଇଁ କମ୍ପାନୀ ଗାଡ଼ିରେ ସେମାନଙ୍କ ସମେତ ୫୩ଜଣ ବ୍ୟାଙ୍କ ଯାଉଥିଲେ। ହେଲେ ମସ୍କଟ ସିଟିରେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ନିକଟସ୍ଥ ଏକ ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ୪ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ବାଲା, ତପନ ଓ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିବା ନେଇ କମ୍ପାନୀ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯିବା ସହ ମୃତଦେହକୁ ପଠାଇବା ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ କୋଲକାତା ବିମାନବନ୍ଦରରେ ୩ ମୃତଦେହ ପହଞ୍ଚିବା ପରେ ସେଠାରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଗ୍ରାମକୁ ଅଣାଯାଇଥିଲା। ମୃତଦେହ ଦେଖି ପରିବାର ଲୋକ ଦୁଃଖରେ ଭାଙ୍ଗିପଡ଼ିଥିଲେ।

# ଭାରତ-ଚାଇନା କୂଟନୈତିକ ଆଲୋଚନା ବିଫଳ

ବେଜିଂ/ ନୂଆଦିଲ୍ଲୀ, ୨୨।୨: ଲଦାଖ ସଂଲଗ୍ନ ଭାରତ-ଚାଇନା ମଧ୍ୟସ୍ଥ ପ୍ରକୃତ ନିୟନ୍ତ୍ରଣରେଖା(ଏଲ୍ଏସି)ରୁ ସେନା ଅପସାରଣ ପାଇଁ ବୁଧବାର ବେଜିଂଠାରେ ଦୁଇ ଦେଶର କୂଟନୀତିଜ୍ଞମାନଙ୍କ ମଧ୍ୟରେ ଆଲୋଚନା ବୈଠକ ବସିଥିଲା। ୩ ବର୍ଷ ପରେ ଭାରତ ଓ ଚାଇନା ମଧ୍ୟରେ ଏହା ପ୍ରଥମ ସାମ୍ନାସାମ୍ନି ଆଲୋଚନା ହୋଇଥିବାବେଳେ ବୈଠକର କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ୨୦୧୯ ଜୁଲାଇରେ ୱାର୍କିଂ ମେକାନିଜମ୍ ଫର୍ କନଷ୍ଟ୍ରକ୍ସନ୍ ଆଣ୍ଡ କୋଅର୍ଡିନେଶନ୍ (ଡବ୍ଲ୍ୟୁଏମ୍‌ସିସି) ଅଧୀନରେ ଭାରତ ଓ ଚାଇନା ମଧ୍ୟରେ ଶେଷ ବୈଠକ ବସିଥିଲା। ସୀମାରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଆଗାମୀ ଦିନରେ ସାମରିକ ସ୍ତରୀୟ ଆଲୋଚନା କରାଯିବ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ରାଜ୍ୟରେ ଖୋଲିବ ଆଉ ୮ ୟୁପିଏଚ୍‌ସି

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ରାଜ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଆଉ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି) ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନ୍‌ୟୁଏଚ୍ଏମ୍) ଅଧୀନରେ ୭ଟି ଜିଲାରେ ଏହି ୮ ୟୁପିଏଚ୍‌ସି ଖୋଲିବ। ଯାଜପୁର ଜିଲାର ଯାଜପୁର ଓ ବ୍ୟାସନଗର, ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର, ମାଲକାନଗିରି ଜିଲାର ମାଲକାନଗିରି, ବାଲେଶ୍ୱରର ସୋର, ସୁନ୍ଦରଗଡ଼ର ରାଜଗାଙ୍ଗପୁର, ଅନୁଗୋଳର ତାଳଚେର ଓ କଟକର ଖୋଲାସାହିରେ ୟୁପିଏଚ୍‌ସି ଖୋଲାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ରୂପାନ୍ତରଣ ପାଇଁ ୧୪୭ ହସ୍ପିଟାଲ ଚିହ୍ନଟ

## 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମ

- ଜିଲାପାଳଙ୍କୁ କ୍ଷମତା ହସ୍ତାନ୍ତର, ଜିଲାସ୍ତରୀୟ କମିଟି ଗଠନ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସମ୍ପ୍ରସାରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଜିଲାର ୧୪୭ଟି ହସ୍ପିଟାଲକୁ 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ସୂଚନା ଦେଇଛନ୍ତି। ଏହି ହସ୍ପିଟାଲଗୁଡ଼ିକୁ '୫-ଟି' ଢାଞ୍ଚାରେ ରୂପାନ୍ତରିତ କରାଯିବ। ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ କାମ ଚଳିତବର୍ଷ ଅକ୍ଟୋବର ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତି ଜିଲା ହସ୍ପିଟାଲଗୁଡ଼ିକୁ ଅଧିକ ରୋଗୀ ଆସୁଥିବାରୁ ମୁଖ୍ୟତଃ ଏଥିରେ ସାମିଲ କରାଯାଇଛି। ଜିଲାୱାରି ହସ୍ପିଟାଲଗୁଡ଼ିକୁ ଚିହ୍ନଟ କରାଯାଇ ରୂପାନ୍ତରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଚିହ୍ନଟ ୧୪୭ଟି ହସ୍ପିଟାଲ ମଧ୍ୟରେ ଗଞ୍ଜାମ ଜିଲାର ସର୍ବାଧିକ ୧୩ଟି ଥିବାବେଳେ ବରଗଡ଼ ଜିଲାର ୫, ଝାରସୁଗୁଡ଼ାର ୨, ସୁନ୍ଦରଗଡ଼ର ୭, ସମ୍ବଲପୁରର ୪, ଦେବଗଡ଼ର ୧, କେନ୍ଦୁଝରର ୬, ମୟୂରଭଞ୍ଜର ୯, ବାଲେଶ୍ୱରର ୮, ଭଦ୍ରକର ୫, ଯାଜପୁରର ୭, ଢେଙ୍କାନାଳର ୪, ଅନୁଗୋଳର ୫, ସୁବର୍ଣ୍ଣପୁରର ୨, ବଲାଙ୍ଗୀରର ୫, ନୂଆପଡ଼ାର ୨, ନବରଙ୍ଗପୁରର ୪, କଳାହାଣ୍ଡିର ୫, କନ୍ଧମାଳର ୩, ବୌଦ୍ଧର ୨, କଟକର ୯, କେନ୍ଦ୍ରାପଡ଼ାର ୫, ଜଗତସିଂହପୁର ୪, ପୁରୀ ୬, ଖୋର୍ଦ୍ଧାର ୮, ନୟାଗଡ଼ର ୪, ଗଜପତିର ୨, ରାୟଗଡ଼ାର ୩, କୋରାପୁଟର ୫ ଓ ମାଲକାନଗିରିରେ ୨ଟି ହସ୍ପିଟାଲ ରହିଛି। ଆବଶ୍ୟକ ନିର୍ମାଣ କାର୍ଯ୍ୟ ଏବଂ ଯନ୍ତ୍ରପାତି କ୍ରୟ ନିମନ୍ତେ ପ୍ରଶାସନିକ ଅନୁମୋଦନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳଙ୍କୁ କ୍ଷମତା ହସ୍ତାନ୍ତର କରାଯାଇଛି। ଏଥିପାଇଁ ଆବଶ୍ୟକ ଅର୍ଥ ରାଜ୍ୟ ବଜେଟ ଓ ଡିଏମ୍ଏଫ୍ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ହସ୍ପିଟାଲ ରୂପାନ୍ତରଣ ଲାଗି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି କରାଯାଇଛି। ଏଷ୍ଟିମେଟ୍ ପ୍ରସ୍ତୁତି, ଅନୁମୋଦନ ଏବଂ କାର୍ଯ୍ୟାୟନ ସଂସ୍ଥା ଚୟନ ଆଦି ନିମନ୍ତେ ମଧ୍ୟ ଜିଲାସ୍ତରୀୟ କମିଟିକୁ କ୍ଷମତା ପ୍ରଦାନ କରାଯାଇଛି। ଜିଲା ପୋଲିସ ଅଧୀକ୍ଷକ, ସମ୍ପୃକ୍ତ ସହରାଞ୍ଚଳ କମିଶନର ବା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜନ ସ୍ୱାସ୍ଥ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପାନୀୟଜଳ ଯୋଗାଣ ଯନ୍ତ୍ରୀ, ସମ୍ପୃକ୍ତ ବିଡିଓ, ମେଡିକାଲ ଅଫିସର, ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ପରିଚାଳକ ପ୍ରମୁଖ ଅଧିକାରୀ କମିଟି ସଦସ୍ୟ ଭାବେ କାର୍ଯ୍ୟ କରିବେ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୧/୨୩/୦୫, ତାରିଖ: ୧୫।୦୨।୨୦୨୩**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:

| କ୍ର. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ଧାର୍ଯ୍ୟ ସମୟ | ଟେଣ୍ଡର ମୂଲ୍ୟ ₹ | ଇଏମ୍‌ଡି ₹ |
|---|---|---|---|---|---|
| ୧. | ୧୧୨୨୫୦୫୯୯ | ୨୩।୦୩।୨୦୨୩ | ୧୦.୩୦ | ୦୦ | ୩,୮୫,୫୨୦.୦୦ |

**ବର୍ଣ୍ଣନା: ୧.** ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ.ଆରଡିଏସ୍‌ଓ/୨୦୦୮/ଇଏଲ୍/ଏସ୍‌ପିଇସି/୦୦୭୧ ଆର୍‌ଇଭି.୫ [ଜୁନ୍ ୨୦୧୬] ଅନୁରୂପ ଟ୍ରାକ୍ସନ୍ କନ୍‌ଭର୍ଟର, ଅକ୍ସିଲାରୀ କନ୍‌ଭର୍ଟର ଏବଂ ଭିସିୟୁ ସମ୍ବଳିତ ଆଇଜିବିଟି ଆଧାରିତ ୩ - ଫେଜ୍ ଡ୍ରାଇଭ୍ ପ୍ରପଲ୍‌ଶନ୍ ଇକ୍ୱିପମେଣ୍ଟ ସହିତ **(୧)** ଟର୍ମିନାଲ ବ୍ରାକେଟ୍, ବସ୍ ବାର୍ ଲିଙ୍କ୍ ଏବଂ **(୨)** ମୁଖ୍ୟ ଟ୍ରାନ୍ସଫର୍ମର୍ ଏବଂ ଟ୍ରାକ୍ସନ୍ କନ୍‌ଭର୍ଟର, ଅକ୍ସିଲାରୀ କନ୍‌ଭର୍ଟର ମଧ୍ୟରେ ସଂଯୋଗ ପାଇଁ ଆବଶ୍ୟକ କପର୍ ବ୍ରେଡ୍ ଏବଂ ନିମ୍ନଲିଖିତ ଆରଡିଏସ୍‌ଓ ସଂଶୋଧନ ଫର୍ଦ୍ଦ ଅନୁରୂପ **୧) ଆରଡିଏସ୍‌ଓ/୨୦୧୭/ଇଏଲ୍/ଏମ୍ଏସ୍/୦୪୫୭ (ଆର୍‌ଇଭି ୦) ତାରିଖ ୧୨।୦୧।୨୦୧୭ ୨) ଆରଡିଏସ୍‌ଓ/୨୦୧୨/ଇଏଲ୍/ଏମ୍ଏସ୍/୦୪୧୩ (ଆର୍‌ଇଭି୧) ତାରିଖ: ୨୫।୦୪।୨୦୧୬, ଡବ୍ଲ୍ୟୁଏଜି୯ ଲୋକୋ ପାଇଁ ଉପଯୁକ୍ତ।** ଟେଣ୍ଡରଦାତାମାନେ ଦୟାକରି ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍: **https://www.ireps.gov.in** ପରିଦର୍ଶନ କରନ୍ତୁ।

**ଦ୍ରଷ୍ଟବ୍ୟ:** ବିବାଦୀୟ ପରିସ୍ଥିତିରେ ଇଂରାଜୀ ଲେଖା ସଂସ୍କରଣକୁ ପ୍ରମାଣିତ ବିବେଚନା କରାଯିବ।

CPR/10/465 *ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ବିଳାସପୁର*

South East Central Railway @secrail



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.69-KUR-TRD-OT-2022-23

**କାର୍ଯ୍ୟର ନାମ:** ତିନି ବର୍ଷ ନିମନ୍ତେ ତାଳଚେର (TLHR) ଷ୍ଟେସନ ଠାରେ M/s ମହାନଦୀ କୋଲ ଫିଲ୍ଡସ୍ (MCL) ର ସାଇଡିଙ୍ଗ୍ ଠାରେ OHE ରକ୍ଷଣାବେକ୍ଷଣ ଏବଂ SPI ରକ୍ଷଣାବେକ୍ଷଣ। **ଆନୁମାନିକ ମୂଲ୍ୟ (ଟଙ୍କାରେ):** 7,15,16,793.99, **EMD (ଟଙ୍କାରେ):** 5,07,600/-, ଶେଷ ହେବା ଅବଧି: 1095 ଦିନ। **ବିଡ୍ ଆରମ୍ଭ ହେବା ତାରିଖ:** ତା.01.03.2023ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.15.03.2023 ରିଖ 1300 ଘଟିକାରେ। ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ଼

PR-1031/N/22-23



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIBBS 2023007, ତା.17.02.2023ରିଖ

**କାର୍ଯ୍ୟର ନାମ:** ଇଂଜିନିୟରିଂ, କ୍ରୟ ଏବଂ ନିର୍ମାଣ (EPC) ପ୍ରଣାଳୀରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ B.G. ରେଲ ଲିଙ୍କ ପ୍ରକଳ୍ପର ଦଶପଲ୍ଲା ଏବଂ ବାଣିଗୁଛା ଷ୍ଟେସନ ମଧ୍ୟରେ OHE ନିମନ୍ତେ ବୋଲ୍ଟ ଗ୍ରାଉଟିଙ୍ଗ୍ ଏବଂ ପ୍ଲେଟ୍ ଫିକ୍ସିଙ୍ଗ୍ ସହିତ ଟନେଲ T-1 (800 ମିଟର ଲମ୍ବ, ସିଏଚ୍. କି.ମି. 106.825 ରୁ କି.ମି. 107.625 ପର୍ଯ୍ୟନ୍ତ), ଟନେଲ T-2 (1775 ମିଟର ଲମ୍ବ, ସିଏଚ୍. କି.ମି. 108.225 ରୁ କି.ମି. 110.000 ପର୍ଯ୍ୟନ୍ତ) ଏବଂ ଟନେଲ T-3 (2620 ମିଟର ଲମ୍ବ, ସିଏଚ୍. କି.ମି. 126.420 ରୁ କି.ମି. ସିଏଚ୍. 129.040 ପର୍ଯ୍ୟନ୍ତ) ର ନିର୍ମାଣ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟ। **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 34521.00 ଲକ୍ଷ, **EMD(ଟଙ୍କାରେ):** 1,73,00,000/- , **କାର୍ଯ୍ୟ ଶେଷ ହେବା ଅବଧି:** 26(ଛବିଶି)ମାସ। **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.03.04.2023 ରିଖ 1200 ଘଟିକାରେ। ଉପରୋକ୍ତ EPC-ଟେଣ୍ଡରର ସମସ୍ତ ବିବରଣୀ RFP ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-173/CF/22-23



**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୦୨-୨୦୨୩, ତାରିଖ ୨୧।୦୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ସିଓ/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୦୨-୨୦୨୩-୧, ୨, ୩, ୪, ୫, ୬, ୭** ଓ ୮ ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା **ତା୧୫।୦୩।୨୦୨୩ରିଖ ୧୫.୦୦ ଘଟିକାରେ** ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ। ଯଥାକ୍ରମେ **କ୍ର.ସଂ. ଓ କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଅମାନତ ରାଶି: (୧)** ଚକ୍ରଧରପୁର ଡିଭିଜନରେ ୩୭ଟି ଷ୍ଟେଶନଠାରେ ପିଏ ସିଷ୍ଟମ୍‌କୁ ବଦଳାଇବା; ₹୫୬,୧୯,୮୪୫.୩୫; ₹୧,୧୨,୪୦୦/- । (୨) କରେଇକେଲା ୟାର୍ଡଠାରେ ଲେଭଲ୍ କ୍ରସିଂ ଗେଟ୍ ନଂ.୧୯୮ ବଦଳରେ ଆର୍‌ୟୁବି/ଏଲ୍‌ଏଚ୍ଏସ୍ ନିମନ୍ତେ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୧୮,୩୬,୭୨୪.୮୧; ₹୩୬,୭୦୦/- । (୩) ରାଜଖରସୁଆଁ-ବଡ଼ବିଲ ସେକ୍ସନରେ ୨୯ ଗୋଟି ସେତୁର ପୁନଃନିର୍ମାଣ ପାଇଁ ସିଗ୍‌ନାଲିଂ କାର୍ଯ୍ୟ; ₹୩୦,୦୬,୨୪୯.୦୬; ₹୬୦,୧୦୦/- । (୪) ଟାଟାନଗର, ଆଦିତ୍ୟପୁର, ଚକ୍ରଧରପୁର, ଡାଙ୍ଗୋଆପୋଷି, ବଣ୍ଡମୁଣ୍ଡା, ରାଉରକେଲା ଏବଂ ଝାରସୁଗୁଡ଼ା ଷ୍ଟେଶନଠାରେ ଟେଲିକମ୍ ସର୍କିଟଗୁଡ଼ିକର ପିଆଇଜେଏଫ୍ କେବୁଲ ବଦଳାଇବା; ₹୮୯,୭୨,୪୫୯.୬୩; ₹୧,୭୯,୫୦୦/- । (୫) ସିନି, ରାଉରକେଲା, ଝାରସୁଗୁଡ଼ାରେ ତିନିଟି ହେଲ୍‌ଥ ୟୁନିଟ୍‌ରେ ହସ୍ପିଟାଲ ମ୍ୟାନେଜମେଣ୍ଟ ଇନ୍‌ଫର୍ମେଶନ୍ ସିଷ୍ଟମ୍‌ର କମିଶନିଂ; ₹୧୪,୮୫,୦୯୪/-; ₹୨୯,୭୦୦/- । (୬) ଏସ୍ଏସ୍‌ଇ/ଟେଲି/ବଣ୍ଡମୁଣ୍ଡାଙ୍କ ଅଧୀନସ୍ଥ ସେକ୍ସନରେ ବିବିଧ ଟେଲିକମ୍ କାର୍ଯ୍ୟ; ₹୧୭,୭୯,୨୫୨.୯୭; ₹୩୫,୬୦୦/-। (୭) ଚକ୍ରଧରପୁର ଡିଭିଜନରେ ଇନ୍‌ଫ୍ରିଞ୍ଜ୍‌ଡ୍ ସିଗ୍‌ନାଲକୁ ଆର୍‌ଏଚ୍ଏସ୍‌ରୁ ଏଲ୍‌ଏଚ୍ଏସ୍‌କୁ ସ୍ଥାନାନ୍ତର କରିବା; ₹୩୭,୩୭,୧୯୭.୫୫; ₹୭୪,୮୦୦/- । (୮) ବଣ୍ଡମୁଣ୍ଡା-ରାଉରକେଲା-ବୀରମିତ୍ରପୁର ସେକ୍ସନରେ ୧୪ ଗୋଟି ଲାଟେରାଇଟ୍ ଷ୍ଟୋନ୍ ସ୍ଲାବ୍ ସେତୁକୁ ଆର୍‌ସିସି ବକ୍ସ ଦ୍ୱାରା ପୁନରୁଦ୍ଧାର କାର୍ଯ୍ୟ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୪୯,୪୦,୬୫୫.୮୨; ₹୯୮,୮୦୦/- । **ସମାପ୍ତି ଅବଧି:** କ୍ର.ସଂ. ୧, ୨, ୩, ୫ ଓ ୭ ପାଇଁ ୦୬ (ଛଅ) ମାସ; କ୍ର.ସଂ. ୪ ପାଇଁ ୦୯ (ନଅ) ମାସ ଏବଂ କ୍ର.ସଂ. ୬ ଓ ୮ ପାଇଁ ୧୨ (ବାର) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡ଼ରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ୍ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (PR-1150)



**National Entrance Screening Test (NEST) 2023**

**Admission to 5-year Integrated MSc Programmes in Biology, Chemistry, Mathematics, and Physics at NISER (Bhubaneswar) and UM-DAE CEBS (Mumbai)**
(Autonomous institutions under the Department of Atomic Energy, Government of India)

The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics - at National Institute of Science Education and Research (NISER), Bhubaneswar and University of Mumbai - Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2023 will be conducted in around 120 towns and cities all over India on **June 24, 2023 (Saturday)**.

**The candidates admitted to the programme are eligible to receive an annual scholarship of Rs.60,000 through DISHA program of Department of Atomic Energy, Government of India. In addition, the scholarship recipients receive a grant of Rs.20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.**

For detailed information on NEST 2023 application procedure and previous years' question papers please visit NEST 2023 website: **www.nestexam.in**

**Application:**
Through ONLINE portal ONLY.
Visit **www.nestexam.in** to apply.
Online portal opens on Feb. 27, 2023, & closes on May 17, 2023

**Examination:**
ONLINE/computer based ONLY.
Date of examination: June 24, 2023 (Saturday)
Time: 9:00 AM - 12:30 PM (1st session)
2:30 PM - 6:00 PM (2nd session)
**Results announcement : July 10, 2023**

**Address for correspondence :**
The Chief Coordinator, NEST 2023
NISER Bhubaneswar,
P.O.: Jatni, Dist: Khurda,
Odisha - 752050, India
E-mail: **nest-exam@niser.ac.in**
Website: **www.nestexam.**

**Fees structure and mode of payment :**
Male (General and OBC categories): **Rs.1200/-**
Male (SC and ST categories) : **Rs.600/-**
Female (all categories): **Rs.600/-**
Divyangjan candidates: **Rs.600/-**
Pay ONLY via Net banking/ Credit card/ Debit card



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल,खूँटी**

**अल्कालीन ई-निविदा आमंत्रण सूचना**

**अल्पकालीन ई- निविदा आमंत्रण सूचना संख्या - RDD/SD/KHUNTI/46/2022-23**

**कार्य की विस्तृत विवरणीः-**

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | खूँटी जिला अन्तर्गत अड़की प्रखण्ड के खेसारी बेड़ा से जोजो हातु पथ में बेड़ाहातु के पास मारंगलो नदी पर पुल निर्माण। | 4,43,41,100/- | 8,86,900/- | 10,000/- | 18 माह |
| | खूँटी जिला के कर्रा प्रखण्ड अन्तर्गत पंचायत डुमरगड़ी के कोने बिरदा मुख्य पथ में बेलारी नाला पर पुल निर्माण। | 3,07,22,400/- | 6,14,500/- | 10,000/- | 18 माह |

2. वेबसाइट में निविदा प्रकाशन की तिथि - 28/02/2023 कार्यालय अवधि तक।
3. ई-निविदा प्राप्ति की अंतिम तिथि एवं समय -13/03/2023 अपराह्न 5:00 बजे तक
4. ग्रामीण विकास विशेष प्रमंडल, खूँटी/मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची में निविदा शुल्क, अग्रधन की राशि, Bank Credit Certificate एवं Affidavit (Section X) जमा करने की तिथि एवं समय 14/03/2023 अपराह्न 05:00 बजे तक
5. निविदा खोलने का स्थान - मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची
6. तकनीकी निविदा खोलने की तिथि एवं समय -15/03/2023 अपराह्न 2:00 बजे
7. निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता,ग्रामीण विकास विशेष प्रमंडल, खूँटी।
8. ई-निविदा प्रकोष्ठ का दूरभाष सं० - 6201188328
9. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, खूँटी के पदनाम से देय हो देना होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,खूँटी

PR 290897 Rural Development(22-23).D

## ଚୋରି କରି ମହିଳା ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଘରେ ପଶି ଚୋରି କରିବା ଅଭିଯୋଗରେ ବଡଗଡ ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତା ମହିଳା ଜଣଙ୍କ ହେଲେ ନୟାଗଡର ଜାନକୀ ନାୟକ । ତାଙ୍କଠାରୁ ଗୋଟିଏ ମୋବାଇଲ ଓ ହାତଘଣ୍ଟି ଜବତ କରିଛି । ସୂଚନାନୁସାରେ ମଙ୍ଗଳବାର ଅଭିଯୋଗକାରୀ ସୁନିଲ କୁମାର ଦାସଙ୍କ ଘରୁ ଅଭିଯୁକ୍ତା ମହିଳା ଗୋଟିଏ ମୋବାଇଲ ଓ ହାତ ଘଣ୍ଟା ଚୋରୀ କରି ଫେରାର ହେଉଥିବା ବେଳେ ସ୍ଥାନୀୟ ଲୋକେ ଦେଖି କାବୁ କରି ପୋଲିସ ଜିମା ଦେଇଥିଲେ ।

## ସଂକ୍ଷେପରେ

### ଶଳାଭାଉଜଙ୍କୁ ବଳାତ୍କାର କରି ନଣନ୍ଦେଇ ଗିରଫ

ବାରଙ୍ଗ,୨୨।୨(ଡି.ଏନ୍.ଏ.): ଶଳାଭାଉଜଙ୍କୁ ବଳାତ୍କାର କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ସମ୍ପୃକ୍ତ ନଣନ୍ଦେଇଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରାଣକୃଷ୍ଣ ମହାନ୍ତି (୫୫)। ପୋଲିସ ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଏହି ଥାନା ଅଞ୍ଚଳର ଜଣେ ୩୦ ବର୍ଷୀୟା ମହିଳା ନିଜ ଘରେ ଏକାକୀ ଥିବାବେଳେ ତାଙ୍କ ନଣନ୍ଦେଇ ପ୍ରାଣକୃଷ୍ଣ ତାଙ୍କୁ ଧମକାଇ ବଳାତ୍କାର କରିଥିଲେ। ଏହି ସମୟରେ ପୀଡ଼ିତାଙ୍କ ଦିନମଜୁରିଆ ସ୍ୱାମୀ କାମ କରିବାକୁ ବାହାରକୁ ଯାଇଥିଲେ। ଝିଅ ମଧ ସ୍କୁଲ ଚାଲିଯାଇଥିଲା। ସନ୍ଧ୍ୟାରେ କାମରୁ ଫେରିବା ପରେ ସ୍ୱାମୀ ଘଟଣା ସମ୍ପର୍କରେ ସ୍ତ୍ରୀଙ୍କଠାରୁ ଅବଗତ ହୋଇଥିଲେ। ଏହାପରେ ପୀଡ଼ିତା ଏ ନେଇ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୪୧/୨୩) ରୁଜୁ ସହ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଇବା ପରେ ତାଙ୍କୁ ଗିରଫ କରିଥିଲା।

### ପ୍ରାତଃଭ୍ରମଣରୁ ଫେରୁଥିବା ମହିଳାଙ୍କଠୁ ଝାମ୍ପିନେଲେ ସୁନାଚେନ୍

ଭୁବନେଶ୍ୱର,୨୨।୨(ବ୍ୟୁରୋ): ରାଜଧାନୀରେ ଲୁଟେରା ଦଳ ପୁଣି ସକ୍ରିୟ ହୋଇଛନ୍ତି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନି ଭାଗବତ ସନ୍ଧାନ ଲେନ୍-୩ ନିକଟରେ ପ୍ରାତଃଭ୍ରମଣରୁ ଫେରୁଥିବା ଜଣେ ମହିଳାଙ୍କ ବେକରୁ ମଙ୍ଗଳବାର ଜଣେ ଦୁର୍ବୃତ୍ତ ସୁନା ଚେନ୍ ଝାମ୍ପି ନେଇଯାଇଛନ୍ତି। ଲୁଟର ଶିକାର ହୋଇଥିବା ସ୍ଥାନୀୟ ଫେଜ-୨ ଅଧିନ ଲେନ-୩ରେ ରହୁଥିବା ସ୍ମିତାଶ୍ରୀ ମଲ୍ଲିକ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଚେନ୍‌ରେ ଏକ ସୁନା ଲକେଟ୍ ଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୭୩/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

### ବିଧାୟକଙ୍କ ସମୀକ୍ଷା ବୈଠକ

ବାଲିପାଟଣା,୨୨।୨(ଡି.ଏନ୍.ଏ): ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲିଙ୍କ ବାସଭବନରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ବ୍ଲକ ଶିଶୁମଠ ନିକଟ ଶିଶୁ ଅନନ୍ତ ସେତୁ ଆପ୍ରୋଚ ରାସ୍ତା ତୁରନ୍ତ ଶେଷହେବା, ଶିଶୁଅନନ୍ତ ତୋରଣ କାମ ହେବା, ବାଲିପାଟଣା ହାଟ, ବ୍ଲକ, ପ୍ରାଣୀଧନ ଚିକିତ୍ସାଳୟ ସହିତ ବିଭିନ୍ନ ସ୍ଥାନରେ ବର୍ଷାଦିନେ ଜମୁଥିବା ଜଳ ନିଷ୍କାସନ ପାଇଁ ମଞ୍ଜୁର ୯୮ଲକ୍ଷର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାମ ଆରମ୍ଭ ହୋଇଥିବା ବିଧାୟକ କହିଥିଲେ। ଡ୍ରେନ କାମ ଶେଷ ହେବାପରେ ନିଜ ପାଣ୍ଠିରୁ ବାଲିପାଟଣା ଛକଠାରୁ ହାଟ ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟର ବ୍ୟବସ୍ଥା,୧୭ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ରାସ୍ତା ଓ କୋଠଘର ପାଇଁ ହାତପାଣ୍ଠିରୁ ଅର୍ଥ ମଞ୍ଜୁର ହେଇଥିବା କହିଥିଲେ। ଆଗାମୀ ଦିନରେ ପ୍ରତି ୪ଟି ପଞ୍ଚାୟତର ସଚେତନ ନାଗରିକମାନଙ୍କୁ ନେଇ ପଞ୍ଚାୟତକୁ ରାଜ୍ୟ ସରକାର ଦେଉଥିବା ଅର୍ଥର ସଦୁପଯୋଗ ପାଇଁ ସଚେତନ କର୍ମଶାଳା କରାଯାଇ ସରକାରଙ୍କ ବିଭିନ୍ନ ଆସୁଥିବା ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ ହେବ। ବିଲ୍ଡରଙ୍କ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବାକୁ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି।

# ଆଦିବାସୀ ମେଳାରେ ଜନଜାତି ପ୍ରଗତିର ଚିତ୍ର


ଆଦିବାସୀ ମେଳାରେ ତିଆରି ହୋଇଥିବା ଜନଜାତିର ଘରକୁ ଲୋକେ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ରାଜଧାନୀରେ ଆଦିବାସୀ ସଂସ୍କୃତି, ପରମ୍ପରା ଓ କଳାକୃତି ଝଲକ। ମେଳାରେ ହେଉଥିବା ଭିଡ଼କୁ ଦେଖିଲେ, ଲାଗୁଛି ଆଦିବାସୀ ପରମ୍ପରାକୁ ସହରବାସୀ କେତେ ଆଦର କରୁଛନ୍ତି। ବହୁତ କିଛି ଦେଖିବା ସହ ଜାଣିବାକୁ ମଧ ମିଳୁଛି। ଆଦିବାସୀଙ୍କ ସାମଗ୍ରିକ ବିକାଶର ପ୍ରତିଫଳନ ଦେଖିବାକୁ ମିଳିଛି ଆଦିବାସୀ ମେଳାରେ। ମେଳାରେ ଖୋଲିଥିବା ଷ୍ଟଲ୍, ଆଦିବାସୀ ଘର ଓ ମଞ୍ଚରେ ନାଚଗୀତ ହିଁ ଜନଜାତି ସମ୍ପ୍ରଦାୟର ପ୍ରଗତିର ଚିତ୍ର ବଖାଣୁଛି । ଆଦିବାସୀ ପଡ଼ିଆଠାରେ ଚାଲିଥିବା ଆଦିବାସୀ ମେଳାରେ ଦର୍ଶକଙ୍କ ସଂଖ୍ୟା ବେଶ୍ ବଢ଼ିବାରେ ଲାଗିଛି। ଲୋକମାନେ ସାମଗ୍ରୀ କିଣିବା ସହ ଏହାର ପ୍ରସ୍ତୁତି ଦେଖୁଛନ୍ତି। କହିବାକୁ ଗଲେ, ସହରବାସୀଙ୍କୁ କିଛି ନୂଆ ଅନୁଭୂତି ଦେଉଛି ଆଦିବାସୀ ମେଳା।



### ଆଦିବାସୀ ହାଟରେ ଲୋକଙ୍କ ଭିଡ଼

ଆଦିବାସୀ ହାଟରେ ଜନଜାତି ଲୋକଙ୍କ ଦ୍ୱାରା ପ୍ରସ୍ତୁତି ସାମଗ୍ରୀର ପସରା ମେଲିଛି। କଞ୍ଚା ହଳଦୀ, ହଳଦୀଗୁଣ୍ଡ, ଗୋଟା ହଳଦୀ, ଝୁଣା, ଚଣା, ସିକାକାଇ, ମୁଗ, ବିରି, ହରଡ଼, ସୋରିଷ, ଜିରା, ଫୁଲଝାଡ଼ୁ, ଡାଲଚିନି, ଅଳେଇଚ, ଗୁଜୁରାତି, ତେଜ ପତ୍ର, ଲଙ୍କା, ମେଥି ପତ୍ର, ହରିଡ଼ା, ବାହାଡ଼ା, ଅଁଳା, ଛୋଟ ଆଳୁ, ନାଲିଚାଉଳ, ବଡ଼ି, ପାମ୍ପଡ଼, ମାଣ୍ଡିଆ, ଧୂପ କାଠି, ଶିଝମଞ୍ଜି, ତେନ୍ତୁଳି, ରାଶିତେଲ, ନିଅଁତେଲ, ନଡ଼ିଆ ତେଲ, କୁସୁମ ତେଲ, ଖଜୁରୀ, ବରକୋଳି, ଗୋଲମରିଚ, ଶୁଖିଲା ଆଞ୍ଜୁଲ, ଝୁଡଙ୍ଗ ମଞ୍ଜି, ଗୋଟା ଧନିଆ, ତଡ଼କା ଡାଲି, ପିପ୍ପଳି, ଶୁଣ୍ଠି, ପନିର ଫଳ, ପଣସ କଠା, ଗୁଗୁଳ, ଅର୍ଜୁନ ଛାଲି, ମକା, ମାଟିଆଳୁ, କଖାରୁ, ଅମୃତଭଣ୍ଡା, ପିତାଜାମୁ, ଅଦା, ଆଖୁଗୁଡ଼, ଆଖୁ ଓ ଖଜୁରୀ ମିଶା ଗୁଡ଼, ଆଚାର ଭଳି କେତେ ଜିନିଷ। ଏସବୁ ଦେଖିବାକୁ ଯେମିତି ନୂଆ ଲାଗୁଛି, ସେତିକି ଆକର୍ଷଣୀୟ ମଧ ହୋଇଛି। ଲୋକମାନେ ମେଳା ବୁଲିବା ମଜା ନେବାସହ ଏସବୁ ବିଷୟରେ ପଚାରି ବୁଝୁଛନ୍ତି।

### କଳାବସ୍ତୁ ବିଭାଗରେ ଆକର୍ଷଣୀୟ ସାମଗ୍ରୀ

ମେଳାରେ କଳାବସ୍ତୁ ପ୍ରଭାଗରେ ସମୁଦାୟ ୧୩ଟି ଷ୍ଟଲ ରହିଛି। ଧରଣୀପେନୁ ଢୋକରା କାରିଗରି ସମିତି ବାଲିଗୁଡ଼ା କନ୍ଧମାଳ ପକ୍ଷରୁ ଢୋକରା ସାମଗ୍ରୀ, କଇଁଛ, ମାଣ, ଘଣ୍ଟି, ଫରୁଆ, ପିତଳ କବାଟ ହ୍ୟାଣ୍ଡେଲ, ମୂର୍ତ୍ତି ଆଦି ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ରଖାଯାଇଛି। ୧୫୦ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଏହି ଢୋକରା ଷ୍ଟଲରେ ମିଳୁଛି। ଜନଜାତି ଅଳଙ୍କାର ଷ୍ଟଲରେ ଦର୍ଶକମାନେ ଭିଡ଼ ଜମାଉଛନ୍ତି। ସେହିଭଳି ଅନ୍ୟଏକ ଷ୍ଟଲରେ ସବାଇ ଘାସର ସପ, ଫୁଲଝୁଡ଼ି, ଟେବୁଲ ମ୍ୟାଟ୍, ବ୍ୟାଗ୍, ଡାଇନିଙ୍ଗ୍ ମ୍ୟାଟ୍ ଆଦି ରହିଛି। ଆଇଟିଡିଏ କରଞ୍ଜିଆର ଷ୍ଟଲରେ ପଥର ନିର୍ମିତ ଆକର୍ଷଣୀୟ କଳା ମୁଗୁନି ପଥରକୁ କାଟି ପଲିସ୍ କରି ବିଭିନ୍ନ ପ୍ରକାରର ସାମଗ୍ରୀ ଗଣେଶ, କୁରୁଣୀ, ଦୀପ, ବାଟି, ଶିଳ ଆଦି ଘରୋଇ ବ୍ୟବହୃତ ସାମଗ୍ରୀ ମଧ ଉପଲବ୍ଧ ରହିଛି। ଏକ ଷ୍ଟଲରେ ସଞ୍ଚଳ ପୁରୀ ପୋଷାକ, ଟେରାକୋଟା ସାମଗ୍ରୀ ସହିତ ଲାଖ ତିଆରି ଚୁଡ଼ି, କଣ୍ଢେଇ, ହାର ଆଦି ମିଳୁଛି । ସେହିଭଳି କାଠଶିଳ୍ପର ଗଣେଶ, ବଳଦଗାଡ଼ି, ହାତୀ ଆଦିକୁ ପଲିସ୍ କରି ଅତ୍ୟନ୍ତ ନିଖୁଣ ଭାବେ ତିଆରି କରାଯାଇଛି। ଶିଆଳି ଲତାରୁ ବିଭିନ୍ନ ପ୍ରକାର ବ୍ୟାଗ, ଘରୋଇ ଶିକା, ସୂତା ଆଦି ମଧ ରହିଛି। ଏହି କଳାବସ୍ତୁ ସେକ୍ଟରରେ ଗୋଣ୍ଡ ଓ ସଉରା ଚିତ୍ରକଳା ସହିତ ଜୁଆଙ୍ଗ ଓ କନ୍ଧ ଚିତ୍ରକଳା ଦର୍ଶକମାନଙ୍କ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ରହିଛି ।




### ସାଂସ୍କୃତିକ କାର୍ଯ୍ୟକ୍ରମର ଆସର

ଲୋକେ ଆଦିବାସୀ ସାମଗ୍ରୀ କିଣିବା ସେମାନଙ୍କ ସ୍ୱତନ୍ତ୍ର ଖାଦ୍ୟର ମଜା ନେଉଛନ୍ତି। ଏଥିସହ ପ୍ରତି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି। ବୁଧବାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ନାଟକ 'ଗୁପ୍ତ ସମ୍ପର୍କ' ପରିବେଷିତ ହୋଇଥିଲା। ସାଂସ୍କୃତିକ ପରିଷଦର କଳାକାରମାନେ ଏହି ନାଟକକୁ ପରିବେଷଣ କରିଥିଲେ। ନବଘନ ରାଉଳ ନାଟକ ରଚନା କରିଥିବାବେଳେ ଅନନ୍ତ କିଶୋର ସାହୁ ନିର୍ଦ୍ଦେଶନା ଦେଇଥିଲେ। ନାଟକର କାହାଣୀ ଅନୁସୂଚିତ ଜନଜାତିଙ୍କ ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ନେଇ ଗତିଶୀଳ ହୋଇଥିବା ବେଳେ ହସ, କାନ୍ଦ ଓ ପ୍ରେମକୁ ନେଇ ରୋମଞ୍ଚିତ ହୋଇଥିଲା। ଏହା ଏକ ପାରିବାରିକ ନାଟକ ଥିଲା । ଅନେକ ଲୋକ ଏହାକୁ ବସି ଦେଖିଥିଲେ।


ମେଳା ମଞ୍ଚରେ ପରିବେଷିତ ନାଟକ 'ଗୁପ୍ତ ସମ୍ପର୍କ'ର ଏକ ଦୃଶ୍ୟ।

## ରାଜ୍ୟ ଚାରୁକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୪୦ତମ ରାଜ୍ୟ ଚାରୁକଳା ପ୍ରଦର୍ଶନୀ ରାଜ୍ୟ ସଂଗ୍ରହାଳୟ ପରିସର କଳିଙ୍ଗ ଆର୍ଟ ଗ୍ୟାଲେରୀଠାରେ ବୁଧବାର ଆରମ୍ଭ ହୋଇଛି। ରାଜ୍ୟ ସୂଚନା ଆୟୁକ୍ତ ଦିଲୀପ କୁମାର ବିଶୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଶିଳ୍ପୀଙ୍କ ସୃଜନଶୀଳ ଚିତ୍ର ଓ ଭାସ୍କର୍ଯ୍ୟର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଧର୍ମପଦ ପୁରସ୍କାରପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଶିଳ୍ପୀଙ୍କ କଳାକୃତି ବୁଲି ଦେଖିବା ସହ ଏସବୁ ସମୟୋପଯୋଗୀ ହୋଇଥିବା ପ୍ରକାଶ କରିଥିଲେ । ଏହି ଅବସରରେ କଳାକୃତିଗୁଡିକର ଏକ ରଙ୍ଗୀନ କ୍ୟାଟ୍‌ଲଗ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରଦର୍ଶନୀରେ ପୁରସ୍କୃତ ୭ କଳାକୃତି, ୧୦୧ ଚିତ୍ରକଳା, ୩୦ଟି ଭାସ୍କର୍ଯ୍ୟକଳା, ୧୮ଟି ମୁଦ୍ରଣକଳା ଓ ୧୫ଟି ପାରମ୍ପରିକ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଏକାଡେମୀ କାର୍ଯ୍ୟକାରୀ ସମିତିର ସଦସ୍ୟ ତଥା ବରିଷ୍ଠ ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବହୁ ଶିଳ୍ପୀ, ଛାତ୍ରୀଛାତ୍ର ତଥା କଳାନୁରାଗୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ପ୍ରଦର୍ଶନୀ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଚାଲିବ।


ରାଜ୍ୟ ଚାରୁକଳା ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ଅତିଥିମାନେ କଳାକୃତିଗୁଡିକର କ୍ୟାଟେଲଗ ଉନ୍ମୋଚନ କରୁଛନ୍ତି।

## ମାଷ୍ଟରକ୍ୟାଣ୍ଟିନରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

### ଆଉ ଜଣେ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ରେଳ ଷ୍ଟେଶନ ନିକଟରେ ଗତ ୧୪ତାରିଖ ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହୋଟେଲ କର୍ମଚାରୀମାନେ ସଂଘବଦ୍ଧ ଆକ୍ରମଣ କରିବା ଘଟଣାରେ ଖାରବେଳନଗର ଥାନା ପୋଲିସ ଆଉଜଣେ ଫେରାର ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଗୁଜରାଟ ସୁରଟ ଜିଲା ସିଙ୍ଗମ୍ପୁର ଥାନା ଅଞ୍ଚଳର ସରୋଜ ପ୍ରଧାନ (୨୮)। ସରୋଜ ଉକ୍ତ ଅସ୍ଥାୟୀ ହୋଟେଲର କର୍ମଚାରୀ ଭାବେ କାମ କରୁଥିଲେ। ତାଙ୍କୁ କୋର୍ଟଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୂର୍ବରୁ ଗତ ଗୁରୁବାର ଉକ୍ତ ହୋଟେଲର ୪ କର୍ମଚାରୀ ଜେଲରେ ଅଛନ୍ତି। ତେବେ ମାମଲାରେ ସମ୍ପୃକ୍ତ ୩ରୁ ଅଧିକ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି କରୁଛି।

## ତାଜ୍ ମହୋତ୍ସବରେ ଓଡ଼ିଶୀ ଆକର୍ଷଣ



ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଉତ୍ତରପ୍ରଦେଶ ଆଗ୍ରାଠାରେ ଚାଲିଥିବା 'ତାଜ୍ ମହୋତ୍ସବ ୨୦୨୩'ରେ ଓଡ଼ିଶୀ ଆକର୍ଷଣ ସାଜିଥିଲା। ବିଦୂଷୀ କସ୍ତୁରୀ ପଟ୍ଟନାୟକ ଓ ସଂକଳ୍ପ ଫାଉଣ୍ଡେଶନ ଗ୍ରୁପ୍ ପକ୍ଷରୁ ମୋଟ ୩ଟି ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେ ତାଙ୍କ ୮ଜଣ ଶିଷ୍ୟା ଅନିତା ରାଉତ, ରାଣୀ ଜୈନ, ସୁନିତା ବିଶ୍ୱାଳ, ଶୁଭଶ୍ରୀ ପ୍ରଧାନ, ନେହା ଦେ, ଏ ଅଭିରାମ, ପ୍ରିୟଙ୍କା ଦାଶ ଓ ରିନିକା ମହାପାତ୍ରଙ୍କ ସହ ଚମତ୍କାର ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପ୍ରଥମ ପରିବେଷଣରେ 'ଶିବ ପଞ୍ଚାକ୍ଷର ସ୍ତୋତ୍ରମ୍- ନାଗେନ୍ଦ୍ର ହରାୟ ତ୍ରିଲୋଚନାୟ, ଭସ୍ମାଙ୍ଗ ରାଗାୟ ମହେଶ୍ୱରାୟ' ଉପରେ ଆଧାରିତ ମଙ୍ଗଳାଚରଣ, ଯାହା ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଉପସ୍ଥାପିତ ହୋଇଥିଲା। ଏହି ମଙ୍ଗଳାଚରଣ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଅର୍ପିତ ଥିଲା। ଦ୍ୱିତୀୟ କାର୍ଯ୍ୟକ୍ରମରେ 'ଥେଇ ଘର ନାଚ', ଯାହା ରାଗ ମଜଖମଜ ଏବଂ ତାଳ ତ୍ରିପୁଟ ଉପରେ ଆଧାରିତ ଥିଲା ଓ ଖେମତା ଦ୍ୱାରା ଅବରୋଧିତ ହୋଇଥିଲା। ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ଅଭିନୟ 'ଜୟ ଭଗବତୀ ଦେବୀ ନମୋ ବରଦେ'। ଏହି ଅଭିନୟ ମହର୍ଷି ବ୍ୟାସଦେବଙ୍କ ଭଗବତୀ ସ୍ତୋତ୍ରମ୍‌ରେ ଅତି ସୁନ୍ଦର କରାଯାଇଥିବା ବ୍ୟାଖ୍ୟା ଅନୁଯାୟୀ ଦେବୀ ଦୁର୍ଗାଙ୍କ ବହୁଧା ଶକ୍ତିର ଅନ୍ୟତମ ସର୍ବାଧିକ ପ୍ରଭାବଶାଳୀ ପ୍ରଦର୍ଶନ ଥିଲା। ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ।

## ଜୀବଜନ୍ତୁଙ୍କ ବାସସ୍ଥଳୀ ଉପରେ ପାଣି ଛିଞ୍ଚାଯିବ

ବାରଙ୍ଗ,୨୨।୨(ଡି.ଏନ୍.ଏ.)

### ନନ୍ଦନକାନନରେ ଖରାଦିନ ପାଇଁ ପ୍ରସ୍ତୁତି

ଏବେଠୁ ଧୀରେ ଧୀରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହେଲାଣି। ଏହାକୁ ଦୃଷ୍ଟିରେ ରଖି ନନ୍ଦନ କାନନରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାଣୀ ଉଦ୍ୟାନର ୨୧୩ ଖୁଆଡ଼ରେ ରହୁଥିବା ୧୬୨ ପ୍ରଜାତିର ୩୮୭୨ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଆଗୁଆ ଉଦ୍ୟମ ଆରମ୍ଭ କରିଛନ୍ତି। ଗ୍ରୀଷ୍ମତାପରେ ଯେମିତି ବନ୍ୟପ୍ରାଣୀ ପ୍ରଭାବିତ ନ ହୁଅନ୍ତି, ସେଥିପାଇଁ ଜୀବଜନ୍ତୁମାନେ ରହୁଥିବା ବାସସ୍ଥଳୀକୁ ବାଉଁଶତାଟ ଓ ନଡ଼ାଛପର କରାଯିବା ସହିତ ନିୟମିତ ବ୍ୟବଧାନରେ ପାଣି ଛିଞ୍ଚାଯିବ। ବିଭିନ୍ନ ଜୀବଜନ୍ତୁଙ୍କୁ ପିଇବାକୁ ଦିଆଯାଉଥିବା ପାଣିରେ ବରଫ ମିଶାଇବାର ବ୍ୟବସ୍ଥା ହେଉଛି। ସିମ୍ପାଞ୍ଜି ଓ ମାଙ୍କଡ଼ମାନଙ୍କୁ ପଇଡ଼ ପାଣି, ଭାଲୁ, ହାତୀ, ଜଳହସ୍ତୀ ଆଦି ଜନ୍ତୁଙ୍କ ପାଇଁ ତରଭୁଜ, ଆଖୁ ଆଦି ଶରୀରକୁ ଥଣ୍ଡା ରଖୁଥିବା ଫଳ ସମେତ ଖାଦ୍ୟ ପାନୀୟ ଦିଆଯିବାର ଯୋଜନା କରାଯାଉଛି। ଖୋଲା ଆକାଶ ତଳେ ରହୁଥିବା ଚଢ଼େଇ ଏନକ୍ଲୋଜରଗୁଡ଼ିକୁ ଗ୍ରୀଷ୍ମ ପ୍ରକୋପରୁ ସୁରକ୍ଷା ପାଇଁ ଏନ୍‌କ୍ଲୋଜରରେ ଆଗ୍ରୋନେଟ୍ ବ୍ୟବସ୍ଥା କରାଯିବ। ଜୀବଜନ୍ତୁ ଗାଧୋଇବା ପାଇଁ ଉଦ୍ଦିଷ୍ଟ ପାଣି ବାରମ୍ବାର ବଦଳାଯିବ। ଏହାସତ୍ତ୍ୱେ ଯେଉଁ ଜୀବଜନ୍ତୁମାନେ କୌଣସି ସମୟରେ ହାଲିଆ ତଥା ଦୁର୍ବଳ ଅନୁଭବ କରିବେ ସେମାନଙ୍କ ଲାଗି ଇଲେକ୍ଟ୍ରୋରାଲ, ମଲ୍ଟି ଭିଟାମିନ ଟାବଲେଟ୍ ଆଦି ଦେବାର ବ୍ୟବସ୍ଥା କରାଯିବ। ଆବଶ୍ୟକ ପଡ଼ିଲେ ଜନ୍ତୁ ଏନକ୍ଲୋଜରରେ ଏସି ଲଗାଯିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜୀବଜନ୍ତୁଙ୍କ ସୁରକ୍ଷା ଓ ସେମାନଙ୍କ ଦେଖାଶୁଣା ନିମନ୍ତେ ଜଣେ ବରିଷ୍ଠ ଚିକିତ୍ସକ, ଜଣେ ରେଞ୍ଜରଙ୍କ ସମେତ ୬ଜଣିଆ କର୍ମଚାରୀଙ୍କୁ ନେଇ ଏକଟିମ୍ ଗଠନ କରାଯାଇଛି। ଏହି ଟିମ୍ ଦିନ ତମାମ ସମସ୍ତ ଏନକ୍ଲୋଜର ବୁଲି ତଦାରଖ କରିବେ ବୋଲି ଜଣାପଡ଼ିଛି। ଆସନ୍ତା ମାର୍ଚ୍ଚ ପହିଲାରୁ ଏହା କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି।




## ଶ୍ରୀମା', ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ବାଲିଅନ୍ତା,୨୨।୨(ଡି.ଏନ୍.ଏ.)

ଶ୍ରୀମା'ଙ୍କ ଜନ୍ମଦିନ ଅବସରରେ ସ୍ଥାନୀୟ ଆସ୍ଥା ସ୍କୁଲରେ ବୁଧବାର ଏକ ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତାର ସପ୍ତମ ସଂସ୍କରଣ ଯୁଗ୍ମ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାରର ୫୦ରୁ ଉର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରୁ ୧୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଉପଦେଷ୍ଟା ଭାଗୀରଥି ମହାପାତ୍ର ଶ୍ରୀମା', ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିଭଙ୍ଗୀରେ ଶିକ୍ଷାର ଉପାଦେୟତା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ରୂପେ ମନୋରଞ୍ଜନ ନାୟକ ଯୋଗଦେଇଥିଲେ। ଛାତ୍ରୀଛାତ୍ର ନିଜ ନିଜର ବକ୍ତବ୍ୟ ବିଚାରକ ମଣ୍ଡଳୀ ରୂପେ ଦାୟିତ୍ୱ ତୁଲାଇବା, ଡ. ଶର୍ମିଳା ସୁବ୍ରମନିୟମ୍, ଡ. ଅଶୋକ ମଙ୍ଗରାଜ ଓ ଭାଗୀରଥି ମହାପାତ୍ରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଅତିଥି ରୂପେ ପ୍ରସାଦ ତ୍ରିପାଠୀ ଯୋଗଦେଇ ଶ୍ରୀମା', ଶ୍ରୀ ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଡ. ଅର୍ଚ୍ଚନା ନାୟକ ଯୋଗଦେଇ ଭାରତୀୟ ସାହିତ୍ୟରେ ଆବେଗ, ଆମ୍ଭିୟତା ଓ ଚେତନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଡ. ସ୍ୱରୂପ ଚନ୍ଦ୍ର ସାହୁଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଓ ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ରୋଟାରିଆନ୍ ବିଜୟ ପାତ୍ର ଓ ଅନ୍ୟ ଟ୍ରଷ୍ଟି ଯୋଗଦେଇଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

### ଆସ୍ଥା ସ୍କୁଲ୍‌ର ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତା

ପ୍ରତିଯୋଗିତାର ପ୍ରଥମ ସ୍ଥାନ ଏସ୍‌ସିବି ମେଡିକାଲ କଲେଜର ଶିଶିର ମହାରଣା, ଦ୍ୱିତୀୟ ସ୍ଥାନ ଭୁବନେଶ୍ୱର ସିଲିକନ୍‌ର ଶୁଭୋଜିତ୍ ବିଶ୍ୱାସ, ୩ୟ ସ୍ଥାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦୀପଶିଖା ମହାପାତ୍ର ଓ ୪ର୍ଥ ସ୍ଥାନରେ କିଟ୍‌ର ଡିଜେକାଇଟ୍ ଆବଡୋଲେ ଓ ୫ମ ସ୍ଥାନରେ ବିକାଶ ସ୍କୁଲର ଖୁସି ଗର୍ଗ ପୁରସ୍କୃତ ହୋଇଥିଲେ। ଏହି ପ୍ରତିଯୋଗିତାକୁ ପ୍ରଫେସର ଜିନାଶିଷ ମହାନ୍ତି ପରିଚାଳନା କରିଥିବାବେଳେ ପ୍ରଫେସର ନନ୍ଦିତା ମହାପାତ୍ର, ପ୍ରଫେସର ଅଭିପ୍ସା ମିଶ୍ର, ପ୍ରଫେସର ରୂପାଲି ପାଇକରାୟ ଓ ପ୍ରଫେସର ଆଭା ସତରୂପା ପ୍ରମୁଖ ସହଯୋଗ କରିଥିଲେ। ପ୍ରଫେସର ଅଶୋକ ପଣ୍ଡା ଧନ୍ୟବାଦ ଦେଇଥିଲେ।

**ରାଜ୍ୟସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ପାଇଁ ପୋଷ୍ଟର ଉନ୍ମୋଚନ**

କଟକ ଅଫିସ: ଦିଲ୍ଲୀସ୍ଥିତ ଓଡ଼ିଆ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ପାଇଁ ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମ ବୁଧବାର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ବର୍ଗରେ ଯଥାକ୍ରମେ '୨୦୩୬ର ମୋ ଓଡ଼ିଶା' ଓ 'ପୂର୍ବୋଦୟ ଏବଂ ୨୦୪୭'ରେ ଭାରତ ବର୍ଷ ବିଷୟବସ୍ତୁକୁ ନେଇ ଏହି ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଆସନ୍ତା ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ଇଚ୍ଛୁକ ଛାତ୍ରୀଛାତ୍ର ୱେବ୍‌ସାଇଟ୍‌ରେ ନିଜ ପ୍ରବନ୍ଧ ଅପ୍‌ଲୋଡ୍ କରିପାରିବେ। ଶ୍ରେଷ୍ଠ ପ୍ରବନ୍ଧ ଲେଖିଥିବା ଛାତ୍ରୀଛାତ୍ରଙ୍କୁ ଦିଲ୍ଲୀରେ ଆୟୋଜିତ ସମାରୋହରେ ପୁରସ୍କୃତ କରାଯିବ। ଏହି ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତି, ଅଭୟ ସାହା, ସ୍ମିତିପ୍ରଜ୍ଞା ସ୍ୱାଇଁ, ଶିବ ପ୍ରସାଦ ବେହେରା, ମୁସ୍କାନ ରାୟ, ଶୁଭ୍ରଜ୍ୟୋତି ରାଉତ, ଏଲିନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସେମିରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ କ୍ଲବ୍

ଚୌଦ୍ୱାର,୨୨।୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁରଠାରେ ଚାଲିଥିବା ଆନ୍ତଃଜିଲା ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁରର ହିନ୍ଦୁସ୍ଥାନ ସ୍ପୋର୍ଟିଂ କ୍ଲବ୍ ଓ କଟକର ନିମପୁର ସ୍ପୋର୍ଟିଂ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ନିମପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଳୟ ଜେନା ସର୍ବାଧିକ ୭୦ ରନ୍ କରିଥିଲେ। ଜବାବରେ ହିନ୍ଦୁସ୍ଥାନ ଟିମ୍ ୫ ଉଇକେଟ ହରାଇ ବିଜୟ ହାସଲ କରିବା ସହ ସେମି ଫାଇନାଲରେ ପ୍ରବେଶ କରିଛି। ଟିମ୍ ପକ୍ଷରୁ ଅରୁଣ ମହାରଣା ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଥିଲେ। ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ଦେବାଦେବୀ ଦାସ ଓ ଗୋଖ୍‌ଲେ ଆଦର୍ଶ ମହାବିଦ୍ୟାଳୟ ଅଧକ୍ଷା ଗୀତାଞ୍ଜଳି ରାଉତ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସୁନୀଲ ଚନ୍ଦ୍ର ରାଉତ, ଶିଶିର ନାୟକ, କାମଦେବ ପ୍ରଧାନ, ରଞ୍ଜନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗଣେଶ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଫୁଲନଖରା,୨୨।୨(ଡି.ଏନ୍.ଏ.): ପାହାଳ ଥାନା ଅନ୍ତର୍ଗତ ଜୟରଶାସନସ୍ଥିତ ମହାନ୍ତିପାଟଣାଠାରେ ଗଣେଶ ମନ୍ଦିର ପ୍ରତିଷ୍ଠା ସହ ବିଭିନ୍ନ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ କଳସ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି। ସକାଳେ ଜୟରଶାସନ, ମନ୍ଦାରିଆପାଟଣା, ମହାନ୍ତିପାଟଣା ଗ୍ରାମର ମହିଳାମାନେ ବଟେଶ୍ୱର ପୀଠ ନିକଟ ପୋଖରୀରୁ ୧୦୮ କଳସରେ ପାଣି ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଗୁରୁବାର ବିଗ୍ରହମାନଙ୍କ ପ୍ରାଣପ୍ରତିଷ୍ଠା, ଶୁକ୍ରବାର ବିଗ୍ରହମାନଙ୍କୁ ନଗର ପରିକ୍ରମା ପରେ ମନ୍ଦିର ପ୍ରବେଶ କରାଯିବ। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍କୀର୍ତ୍ତନ, ପ୍ରବଚନ, ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ୨୬ରେ ଏସ୍ଏସ୍‌ବି ଅଧାପକ ସଂଘର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

କଟକ ଅଫିସ,୨୨।୨: ରାଜ୍ୟ ଏସ୍ଏସ୍‌ବି ଅଧାପକ ସଂଘ ପକ୍ଷରୁ ଆସନ୍ତା ୨୬ରେ ଭୁବନେଶ୍ୱରସ୍ଥିତ ଉତ୍କଳ ଦୃଷ୍ଟିହୀନ ସଂଘ ସମ୍ମିଳନୀ କକ୍ଷରେ 'ଓଡ଼ିଶାରେ ନୂତନ ଶିକ୍ଷାନୀତି ଲାଗୁର ରୋଡ୍‌ମ୍ୟାପ୍ ଓ ଉଚ୍ଚଶିକ୍ଷା ଅନୁଷ୍ଠାନ ଉପରେ ଏହାର ପ୍ରଭାବ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ ମେୟର ସୁବାସ ସିଂ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ତୁଷାରକାନ୍ତି ତ୍ରିପାଠୀଙ୍କ ସମେତ ରାଜ୍ୟର ବହୁ ପ୍ରତିଷ୍ଠିତ ରାଜନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବିଭିନ୍ନ କଲେଜର କାର୍ଯ୍ୟରତ ୧୦୦୦ରୁ ଊର୍ଦ୍ଧ୍ୱ ଏସ୍ଏସ୍‌ବି ଅଧାପିକା, ଅଧାପକ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଏସ୍ଏସ୍‌ବି ସଂଘ ସଭାପତି ସରୋଜକାନ୍ତ ନାୟକ ଓ ସମ୍ପାଦକ ଡ. ଲମ୍ବୋଧର ରାଉତ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ବିଶେଷକରି ଅନୁଦାନପ୍ରାପ୍ତ ବେସରକାରୀ କଲେଜଗୁଡ଼ିକରେ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟା, ଦରମା ସମସ୍ୟା ଓ ତାରତମ୍ୟ, ସମାନ କାମକୁ ସମାନ ଦରମା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ତେଣୁ ବହୁସଂଖ୍ୟାରେ ଯୋଗଦେଇ ଏହି ଆଲୋଚନାଚକ୍ରକୁ ସଫଳ କରିବା ପାଇଁ ରାଜ୍ୟସ୍ତରୀୟ ନେତୃବୃନ୍ଦ ଏସ୍ଏସ୍‌ବି ଅଧାପିକା ଅଧାପକଙ୍କୁ ଆହ୍ୱାନ କରିଛନ୍ତି।

# ଗୋଟିଏ ବିଦ୍ୟାଳୟରେ ୨ ପ୍ରଧାନ ଶିକ୍ଷକ

- ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲରେ ତୁଟୁନି ବିବାଦ
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

କଟକ ଅଫିସ,୨୨।୨

ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲରେ ୨ ଜଣ ପ୍ରଧାନ ଶିକ୍ଷକ। ଜିଲା ଶିକ୍ଷା ଅଧିକାର(ଡିଇଓ) କାର୍ଯ୍ୟାଳୟ ପକ୍ଷରୁ ଜଣଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆ ଯାଇଥିବାବେଳେ କଟକ ଖ୍ରୀଷ୍ଟିଆନ ଏଜୁକେଶନ ବୋର୍ଡ (ସିସିଇବି) ଦ୍ୱାରା ଆଉ ଜଣେ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ କରୁଛନ୍ତି। ସିସିଇବି ପକ୍ଷରୁ କିଛି ମାସ ହେବ ରାଜେନ୍ଦ୍ର ପ୍ରସାଦ ସାମଲଙ୍କୁ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ଜିଲା ଶିକ୍ଷା ବିଭାଗ ଅନୁଯାୟୀ ପ୍ରଫୁଲ୍ଲ ସାହୁ ବର୍ତ୍ତମାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଛନ୍ତି। ଏଭଳି ସ୍ଥିତିରେ ବିଦ୍ୟାଳୟ ଉନ୍ନତୀକରଣ ପାଇଁ ଆସୁଥିବା ଟଙ୍କା କାର୍ଯ୍ୟରେ ଲାଗି ପାରୁନାହିଁ। ପିଲାମାନଙ୍କ ପାଇଁ ଉପଯୁକ୍ତ କ୍ଲାସ୍ ରୁମ୍ ନ ଥିବାରୁ ସେମାନଙ୍କୁ ନିର୍ମାଣାଧୀନ କୋଠାରେ ପଢ଼ିବାକୁ ପଡୁଛି। ଏପରି କି ପିଇବାକୁ ବିଶୁଦ୍ଧ ପାନୀୟ ଜଳ ମିଳିପାରୁନାହିଁ। ବିଦ୍ୟାଳୟ ପରିଚାଳନା କମିଟି ଓ ଜିଲା ଶିକ୍ଷା ଅଧିକାରୀଙ୍କ ମଧ୍ୟରେ ବିବାଦ ଯୋଗୁ ଛାତ୍ରୀଛାତ୍ରମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ମଧ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଅନ୍ୟପକ୍ଷରେ ୫-ଟି ସ୍କୁଲ ରୂପାନ୍ତିକରଣ କାର୍ଯ୍ୟକ୍ରମରେ ଖ୍ରୀଷ୍ଟ କଲିଜିଏଟ ସ୍କୁଲକୁ ସାମିଲ କରାଯାଇଥିଲେ ସୁଦ୍ଧା ବିବାଦ ଯୋଗୁଁ ଏହାର ଉନ୍ନତୀକରଣ କାର୍ଯ୍ୟ ଆଗେଇ ପାରୁନାହିଁ। ଦୀର୍ଘଦିନ ଧରି ସମସ୍ୟା ଲାଗିରହିଥିଲେ ମଧ୍ୟ ଶିକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ।

ସୂଚନା ମୁତାବକ, ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲ ସିସିଇବି ଦ୍ୱାରା ପରିଚାଳିତ। ପ୍ରତ୍ୟେକ ୩ବର୍ଷରେ ବୋର୍ଡର ନିର୍ବାଚନ ଅନୁଷ୍ଠିତ ହୋଇ କାର୍ଯ୍ୟକାରୀ କମିଟି ହୋଇଥାଏ। ଏଥିରେ ୨୩ଜଣ ସଦସ୍ୟ ନିର୍ବାଚିତ ହୋଇଥାନ୍ତି। ମାତ୍ର ବିଦ୍ୟାଳୟ ପରିଚାଳନା ଲାଗି ଆଉ ଏକ କମିଟି ଗଠନ କରାଯାଇଛି। ଏଥିରେ ମୋଟ ୧୧ଜଣ ସଦସ୍ୟ ରହିଛନ୍ତି। ବୋର୍ଡର ୬ଜଣ ସଦସ୍ୟଙ୍କୁ ଏହି ପରିଚାଳନା କମିଟିକୁ ପଠାଯାଇଥାଏ। ଏଥିସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଜଣେ ଶିକ୍ଷକ, ଦୁଇ ଜଣ ହିନ୍ଦୁ ଓ ଜଣେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ମୋଟ ୧୧ ଜଣଙ୍କୁ ପରିଚାଳନା କମିଟିରେ ରଖାଯାଇଥାଏ। ବିଦ୍ୟାଳୟ ପରିଚାଳନା କମିଟି ଲାଗି ସଭାପତି ଓ ସମ୍ପାଦକ ମନୋନୟନ କାର୍ଯ୍ୟ ସିସିଇବି ଉପରେ ରହିଥାଏ। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି ମଧ୍ୟ ସିସିଇବି କରିଥାଏ। ମାତ୍ର ଅନ୍ୟାନ୍ୟ ନିଯୁକ୍ତି ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା କରାଯାଇଥାଏ। ନିକଟରେ ବିଦ୍ୟାଳୟ ପରିଚାଳନା କମିଟିର ଜଣେ ଅଧିକାରୀ ଓ ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ୧୪ଟି ପଦ ଲାଗି ନିଯୁକ୍ତି ପ୍ରଦାନ କରିଥିଲେ। ଏଥିଲାଗି ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଥିଲା। ୧୧ଜଣ ଶିକ୍ଷକ, ଜଣେ ପିଇଟି, ୨ଜଣ କ୍ଲର୍କ ନିଯୁକ୍ତି ପାଇଥିଲେ। ତେବେ ଏହି ନିଯୁକ୍ତି ପ୍ରକ୍ରିୟା ବେଆଇନ ଓ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠିଥିଲା। ଡିଇଓ କାର୍ଯ୍ୟାଳୟ



କର୍ମଚାରୀଙ୍କ ଏକାଧିକ ସମ୍ପର୍କୀୟ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହୋଇଥିବା ଅଭିଯୋଗ ଆସିଥିଲା। ଏ ସଂକ୍ରାନ୍ତରେ ପରିଚାଳନା କମିଟିର ଜଣେ ପୂର୍ବତନ ସମ୍ପାଦକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରିକି ସିସିଇବି ନିକଟରେ ଅଭିଯୋଗ ହେବା ପରେ ଏକ ସ୍ୱତନ୍ତ୍ର କମିଟି ଏହାର ତଦନ୍ତ କରିଥିଲା। ନିଯୁକ୍ତିରେ ଅନିୟମିତତା ହୋଇଥିବା ଜାଣିବା ପରେ ତଦନ୍ତ କମିଟି ସିସିଇବିକୁ ରିପୋର୍ଟ ପ୍ରଦାନ କରିଥିଲା। ଫଳରେ ସିସିଇବି କାର୍ଯ୍ୟକାରୀ କମିଟି ପୂର୍ବତନ ସମ୍ପାଦକ ଓ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କୁ ନିଲମ୍ବନ ପରେ ବୋର୍ଡ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାମଲଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ମାମଲା କୋର୍ଟରେ ମଧ୍ୟ ପହଞ୍ଚିଛି। ତେବେ ନିଲମ୍ବିତ ହୋଇଥିବା ପ୍ରଧାନ ଶିକ୍ଷକ ବିଭିନ୍ନ ସମୟରେ ବିଦ୍ୟାଳୟକୁ ଆସି ହସ୍ତକ୍ଷେପ କରୁଥିବା ଅଭିଯୋଗ ଉଠୁଛି। ଏପରିକି ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଡିଡିଓ ପାୱାର ପ୍ରଦାନ କରାଯାଇ ନ ଥିବାରୁ ବିଦ୍ୟାଳୟକୁ ଆସୁଥିବା ସରକାରୀ ସହାୟତା ରାଶି ବ୍ୟାଙ୍କ ଆକାଉଣ୍ଟରେ ପଡ଼ି ରହୁଛି। ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରିବା କଷ୍ଟକର ହୋଇପଡୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୫-ଟି ଜରିଆରେ ବିଦ୍ୟାଳୟର ରୂପାନ୍ତରୀକରଣ ଲାଗି ୪୫ ଲକ୍ଷ ଟଙ୍କା ଆସିଛି। ହେଲେ ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଖର୍ଚ୍ଚ ଲାଗି ଟଙ୍କା ଉଠାଇ ପାରୁ ନାହାନ୍ତି, ଯାହାକୁ ନେଇ ସମସ୍ୟା ବଢ଼ିବାରେ ଲାଗିଛି। ତେବେ ଏନେଇ ଡିଇଓ କୃଷ୍ଣ ଚନ୍ଦ୍ର ନାୟକ କହିଛନ୍ତି ମୋ ବିନା ଅନୁମତିରେ ଏଭଳି କାର୍ଯ୍ୟ କରାଯାଇଛି। ବୋର୍ଡ ପକ୍ଷରୁ ପ୍ରଧାନ ଶିକ୍ଷକ ପାଇଁ ଯାହାକୁ ଦାୟିତ୍ୱ ପ୍ରଦାନ କରିବାକୁ କୁହାଯାଉଛି। ସେ ସେଥିପାଇଁ ଯୋଗ୍ୟ ନୁହନ୍ତି। ଗାଇଡ୍‌ଲାଇନ ଅନୁଯାୟୀ ଯିଏ ୭ବର୍ଷ ଟିଜି ପୋଷ୍ଟରେ ଥିବ ସେ ପ୍ରଧାନ ଶିକ୍ଷକ ହେବା ପାଇଁ ଯୋଗ୍ୟ ହେବେ, ହେଲେ ପ୍ରଧାନଙ୍କ ସେ ଯୋଗ୍ୟତା ନାହିଁ। ତେଣୁ ଆମେ କିଭଳି ତାଙ୍କୁ ଦାୟିତ୍ୱ ପ୍ରଦାନ କରିବୁ? ଡିଇଓ କାର୍ଯ୍ୟାଳୟ ଅନୁଯାୟୀ ପ୍ରଫୁଲ୍ଲ ସାହୁ ହିଁ ବର୍ତ୍ତମାନ ପ୍ରଧାନ ଶିକ୍ଷକ ବୋଲି ଡିଇଓ କହିଛନ୍ତି। ତେବେ ବର୍ତ୍ତମାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ଥାନରେ ଜଣେ ବସିଥିବାବେଳେ ଡିଇଓଙ୍କ ପକ୍ଷରୁ ଆଉ ଜଣଙ୍କୁ ପ୍ରଧାନ ଶିକ୍ଷକ ଭାବେ ସ୍ୱୀକୃତି ମିଳିଛି। ଏଭଳି ବିବାଦ ଏବେ ପିଲାଙ୍କ ସମସ୍ୟାର କାରଣ ପାଲଟିଛି। ଏନେଇ ସିସିଇବିର ସମ୍ପାଦକ ରବୀନ୍ଦ୍ର କୁମାର ଦାସ କହିଛନ୍ତି, ସିସିଇବି ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାମଲଙ୍କୁ ହିଁ ପ୍ରଧାନ ଶିକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି । ବର୍ତ୍ତମାନ ସ୍କୁଲର ପ୍ରଧାନ ଶିକ୍ଷକ ସେ ଅଛନ୍ତି। କମିଟି ତଦନ୍ତ କରାଯାଇ ସାହୁଙ୍କୁ ଉକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି । ତେବେ ପିଲାଙ୍କ ସମସ୍ୟା ସମାଧାନ ନେଇ ଏଡିଏମ୍‌ଙ୍କ ସହ ଆଲୋଚନା ହୋଇଛି। ଏହାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ସେ କହିଛନ୍ତି।

## ଜୀବଜନ୍ତୁଙ୍କ ବାସସ୍ଥଳୀ ଉପରେ ପାଣି ଛିଞ୍ଚାଯିବ

ବାରଙ୍ଗ,୨୨।୨(ଡି.ଏନ୍.ଏ.)

ଗ୍ରୀଷ୍ମପ୍ରବାହ ଆରମ୍ଭ ହେଲାଣି। ଏହାକୁ ଦୃଷ୍ଟିରେ ରଖି ନନ୍ଦନ କାନନରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାଣୀ ଉଦ୍ୟାନର ୨୧୩ ଖୁଆଡ଼ରେ ରହୁଥିବା ୧୬୨ ପ୍ରଜାତିର ୩୮୭୨ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଆଗୁଆ ଉଦ୍ୟମ ଆରମ୍ଭ କରିଛନ୍ତି। ଗ୍ରୀଷ୍ମତାପରେ ଯେମିତି ବନ୍ୟପ୍ରାଣୀ ପ୍ରଭାବିତ ନ ହୁଅନ୍ତି, ସେଥିପାଇଁ ଜୀବଜନ୍ତୁମାନେ ରହୁଥିବା ବାସସ୍ଥଳୀକୁ ବାଉଁଶତାଟ ଓ ନଡ଼ାଛପର କରାଯିବା ସହିତ ନିୟମିତ ବ୍ୟବଧାନରେ ପାଣି ଛିଞ୍ଚାଯିବ। ଖୋଲା ଆକାଶ ତଳେ ରହୁଥିବା ଚଢ଼େଇ ଏନକ୍ଲୋଜରଗୁଡ଼ିକୁ ଗ୍ରୀଷ୍ମ ପ୍ରକୋପରୁ ସୁରକ୍ଷା ପାଇଁ ଏନ୍‌କ୍ଲୋଜରରେ ଆଗ୍ରୋନେଟ୍ ବ୍ୟବସ୍ଥା କରାଯିବ। ଜୀବଜନ୍ତୁ ଗାଧୋଇବା ପାଇଁ ଉଦ୍ଦିଷ୍ଟ ପାଣି ବାରମ୍ବାର ବଦଳାଯିବ। ଏହାସତ୍ତ୍ୱେ ଯେଉଁ ଜୀବଜନ୍ତୁମାନେ କୌଣସି ସମୟରେ ହାଲିଆ ତଥା ଦୁର୍ବଳ ଅନୁଭବ କରିବେ ସେମାନଙ୍କ ଲାଗି ଇଲେକ୍ଟ୍ରୋରାଲ, ମଲ୍ଟି ଭିଟାମିନ ଟାବଲେଟ୍ ଆଦି ଦେବାର ବ୍ୟବସ୍ଥା କରାଯିବ। ଆବଶ୍ୟକ ପଡ଼ିଲେ ଜନ୍ତୁ ଏନକ୍ଲୋଜରରେ ଏସି ଲଗାଯିବ। ଜୀବଜନ୍ତୁଙ୍କ ସୁରକ୍ଷା ଓ ସେମାନଙ୍କ ଦେଖାଶୁଣା ନିମନ୍ତେ ଜଣେ ବରିଷ୍ଠ ଚିକିତ୍ସକ, ଜଣେ ରେଞ୍ଜରଙ୍କ ସମେତ ୬ଜଣିଆ କର୍ମଚାରୀଙ୍କୁ ନେଇ ଏକଟିମ୍ ଗଠନ କରାଯାଇଛି। ଏହି ଟିମ୍ ଦିନ ତମାମ ସମସ୍ତ ଏନକ୍ଲୋଜର ବୁଲି ତଦାରଖ କରିବେ ବୋଲି ଜଣାପଡ଼ିଛି। ଆସନ୍ତା ମାର୍ଚ୍ଚ ପହିଲାରୁ ଏହା କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି।

# ବୋଡ଼ାସମ୍ବର-ସେନାପତି ତର୍କ ପ୍ରତିଯୋଗିତା

କଟକ ଅଫିସ,୨୨।୨

ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବୋଡ଼ାସମ୍ବର-ସେନାପତି ତର୍କ ପ୍ରତିଯୋଗିତା ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳସଚିବ କାହ୍ନୁଚରଣ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ବୈଜ୍ଞାନିକ ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ପୋଲିସ ପ୍ରଶାସକ ସୁଧାଂଶୁ ଷଡ଼ଙ୍ଗୀ ଓ ଶିକ୍ଷାବିତ୍ ମଞ୍ଜୁଶ୍ରୀ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରତିଯୋଗୀମାନେ ବିଭିନ୍ନ ବିଷୟରେ ତର୍କ ଉପସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତାରେ



ବୋଡ଼ାସମ୍ବର-ସେନାପତି ତର୍କ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ସୁଯେଶା ମିଶ୍ର ପ୍ରଥମ, ଅନ୍ୱେଷା ମିଶ୍ର ଦ୍ୱିତୀୟ ଓ ଅତିଶା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧିକାରୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଅଳକାନନ୍ଦା ପରିଡ଼ା, ନିଯୁକ୍ତି ସଂଯୋଜକ ବିଶ୍ୱରଞ୍ଜନ ସିଂ ଓ ପ୍ରତିମା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଦେଶର ଅର୍ଥନୀତି ନିମ୍ନଗାମୀ ହୋଇଛି'

କଟକ ଅଫିସ, ୨୨।୨:

ଦେଶରେ ଦରଦାମ୍ ବୃଦ୍ଧି, ବେକାରି ସମସ୍ୟା, ଆର୍ଥିକ ବିଶୃଙ୍ଖଳା ଓ ଅର୍ଥନୀତି ନିମ୍ନଗାମୀ ହୋଇଛି। ସେହିପରି ଦେଶରେ ହିଂସା, ଘୃଣା ଓ ବିଦ୍ୱେଷ ବଢ଼ିଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ସଂସଦରୁ ସଡ଼କ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛି। ଅନ୍ୟପକ୍ଷରେ ଦେଶର ଜାତୀୟ ବ୍ୟାଙ୍କ, ଏଲ୍ଆଇସିର ବହୁ କୋଟି ଟଙ୍କା ଆଦାନୀ ଗ୍ରୁପ୍ କମ୍ପାନୀରେ ବିନିଯୋଗ ହୋଇଛି। ଏହି ପୁଞ୍ଜି ବିନିଯୋଗ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ସମ୍ଭବ ହେବନାହିଁ। ହିଡେନ୍‌ବର୍ଗ ରିପୋର୍ଟରେ ଆଦାନୀ ଗ୍ରୁପ୍ କମ୍ପାନୀର ଶେୟାରକୁ ଜାଣିଶୁଣି ବହୁମୂଲ୍ୟ ବଢ଼ାଯାଇଛି ବୋଲି ଦର୍ଶାଯାଇଛି। ଏପରି କି ବିଦେଶରୁ ବହୁ କୋଟି ଟଙ୍କା କମ୍ପାନୀରେ ବିନିଯୋଗ କରାଇ ନିଜ ଶେୟାର ବହୁ ପରିମାଣରେ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ନିବେଶକମାନଙ୍କୁ ବହୁ କୋଟି ଟଙ୍କା ଠକିଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ହିଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ କମ୍ପାନୀର ଶେୟାର ମୂଲ୍ୟ ବହୁ ପରିମାଣରେ କମିଯାଇଛି। ଫଳରେ ଦେଶରେ ପୁଞ୍ଜି ବଜାର ଓ ନିବେଶକମାନେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ଏଲ୍ଆଇସି ଓ ଭାରତୀୟ ବ୍ୟାଙ୍କଗୁଡ଼ିକର ବହୁ କୋଟି ଟଙ୍କା କ୍ଷତି ହୋଇଛି। ଆଦାନୀ କମ୍ପାନୀର ଆର୍ଥିକ କାରବାର ଓ ଠକେଇର ସତ୍ୟତା ଜାଣିବା ପାଇଁ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି। ହେଲେ କେନ୍ଦ୍ର ସରକାର ତାହାକୁ ଗ୍ରହଣ କରୁନାହାନ୍ତି ବୋଲି କଟକ ନଗର କଂଗ୍ରେସ ପକ୍ଷରୁ କଲେଜଛକସ୍ଥିତ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର ଅଭିଯୋଗ କରିଛନ୍ତି। ଏହି ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ଦଳୀୟ ନେତା ବିଶ୍ୱନାଥ ଶତପଥୀ, ନଗର କଂଗ୍ରେସ ସଂଯୋଜକ ରାଜେନ୍ଦ୍ର ପଟ୍ଟନାୟକ, ମାନସ ନାୟକ ଓ ବରଦା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ସହ ଅନ୍ୟମାନେ ।

# ଅତିଥି ଅଧାପିକାଙ୍କୁ କ୍ଲାସ୍ ନ ମିଳିବାକୁ ନେଇ ବିବାଦ

କଟକ ଅଫିସ,୨୨।୨:

**ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ**
- ମାଲ୍‌ଗୋଦାମ ଥାନାରେ ୨ ମାମଲା

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଜଣେ ଅତିଥି ଅଧାପିକାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ଲାସ ଦିଆ ନ ଯିବାକୁ କେନ୍ଦ୍ର କରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଅଧାପିକାଙ୍କ ସ୍ୱାମୀ କୁଳପତିଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାଲ୍‌ଗୋଦାମ ଥାନାରେ ଅଭିଯୋଗ କରାଯାଇଛି। ସେହିପରି ଅଧାପିକା ମଧ୍ୟ କୁଳପତିଙ୍କ ନାମରେ ତାଙ୍କୁ କ୍ଲାସ ଦିଆ ନ ଯାଇ ଧମକ୍ ଦେଉଥିବା ନେଇ ସେହି ଏକା ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଲ୍‌ଜିତ ସିଂହ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୯ ତାରିଖ ଦିନ ପ୍ରାୟ ୧୨ଟା ୪୪ମିନିଟ୍‌ରେ ସେ ତାଙ୍କ ଅଫିସରେ ସାକ୍ଷାତ୍‌କାର ନେଉଥିଲେ। ଏହି ସମୟରେ ବଟକୃଷ୍ଣ ସାହୁ ନାମକ ସ୍ଥାନୀୟ କର୍ପୋରେଟର ଅନ୍ୟ ୨ଜଣଙ୍କ ସହ ହଠାତ୍ ପଶି ଆସିଥିଲେ। ସେ କୁଳପତିଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ୍ ଦେଇଥିଲେ। ତାଙ୍କ ସ୍ତ୍ରୀ ସୁଚିତ୍ରା ସାହୁ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଅତିଥି ଅଧାପିକା ହୋଇଥିବାବେଳେ ପୁଅ ୫ମବର୍ଷ ଏଲଏଲବି ଶ୍ରେଣୀରେ ଅଧ୍ୟୟନ କରନ୍ତି। ସେ କୁଳପତିଙ୍କୁ ତାଙ୍କ ସ୍ତ୍ରୀଙ୍କ ଠିକା ଚୁକ୍ତି ଅବଧି ବଢ଼ାଇବାକୁ ବାଧ କରିଥିଲେ। ତାହା ନ କଲେ ଜୀବନରୁ ମାରିଦେବାକୁ ସେ ଧମକ୍ ଦେଇଥିଲେ। ଏହି ସମୟରେ କୁଳପତିଙ୍କ ସୁରକ୍ଷା କର୍ମୀଙ୍କୁ ମଧ୍ୟ ଧମକାଇଥିଲେ। କୁଳପତି କୌଣସି ଉପାୟ ନ ପାଇ କୁଳସଚିବ ଓ ଅନ୍ୟ ଅଧିକାରୀମାନଙ୍କୁ ସୁରକ୍ଷା ପାଇଁ ଡାକିଥିଲେ। ତେବେ ପିସିଆର ଭ୍ୟାନ ଆସିଯିବାରୁ ସେମାନେ ପଳାଇଥିଲେ। ତେଣୁ କୁଳପତିଙ୍କୁ ସୁରକ୍ଷା ଯୋଗାଇ ଦେବା ଓ ଧମକ୍ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି। ଅପରପକ୍ଷରେ, ୨୧ ତାରିଖରେ ଅତିଥି ଅଧାପିକା ଅଭିଯୋଗ ଦାଖଲ କରି ଜଣାଇଛନ୍ତି ଯେ, ସେ ୧୨ ବର୍ଷ ହେବ ମଧୁସୂଦନ ଆଇନ ମହାବିଦ୍ୟାଳୟ ସମୟରୁ ଅଧାପନା କରିଆସୁଛନ୍ତି। ହେଲେ ଗତ ୧୪ ତାରିଖରେ ସେ ବିଶ୍ୱବିଦ୍ୟାଳୟରେ ପହଞ୍ଚି ତାଙ୍କୁ କୌଣସି କ୍ଲାସ ଦିଆଯାଇ ନ ଥିବା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ସେ ଏ ବାବଦରେ ବିଭାଗୀୟ ମୁଖ୍ୟ ଓ କୁଳପତିଙ୍କୁ ଜଣାଇଥିଲେ। ବିଭାଗୀୟ ମୁଖ୍ୟଙ୍କ ସହ ଫୋନ୍‌ରେ ଆଲୋଚନା ପରେ ଜାଣିବାକୁ ପାଇଲେ ଯେ, ତାଙ୍କ ପୁଅ ଏଠାରେ ପଢୁଥିବା ହେତୁ ତାଙ୍କୁ ନିୟମ ଅନୁଯାୟୀ କ୍ଲାସ ଦିଆଯାଇ ନାହିଁ। ସେ ଏପରି ଅପମାନିତ ହେବା ପରେ ତାଙ୍କୁ କ୍ଲାସ ଦେବା ନିମନ୍ତେ ସେ କୁଳପତିଙ୍କୁ ଅନୁରୋଧ କରିଥିବାବେଳେ ସେ ତାଙ୍କୁ ଗାଳିଗୁଲଜ କରିଥିଲେ। ସେ ଉତ୍ସର୍ଗୀକୃତ ଭାବେ ୧୨ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଆସୁଥିବାବେଳେ ତାଙ୍କ ପ୍ରତି ବ୍ୟବହାର କରାଯିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ଦର୍ଶାଇଛନ୍ତି। ସେ ମଧ୍ୟ ନିଜର ତଥା ତାଙ୍କ ପୁଅ ପ୍ରତି ବିପଦ ଥିବା ଦର୍ଶାଇ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପୋଲିସ ନିକଟରେ ପ୍ରାର୍ଥନା କରିଛନ୍ତି।

## ଗଞ୍ଜେଇ ଜବତ: ୨ ଗିରଫ

କଟକ ଅଫିସ,୨୨।୨:

ବାଦାମବାଡ଼ି ସରକାରୀ ବସ୍‌ଷ୍ଟାଣ୍ଡ ପଛ ଗେଟ୍ ନିକଟରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ସାଢ଼େ ୯ କିଲୋ ଗଞ୍ଜେଇ ଜବତ କରିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ୨ଜଣ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାୟଗଡ଼ା ଜିଲା ଇନ୍ଦ୍ରାଣୀ ନଗର ୬ ନମ୍ବର ଲେନ୍‌ର ଭୋଳା ଶଙ୍କର ଜେନା ଓ ହେମନ୍ତ ବେହେରା। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ଅଭିଯୁକ୍ତ ଦ୍ୱୟ ଦୁଇଟି ଜରି ପ୍ୟାକେଟ୍‌ରେ ଗଞ୍ଜେଇ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ଚଢ଼ାଉ କରିଥିଲା।


ଯୋବ୍ରା ରିଂରୋଡ୍ ପାର୍ଶ୍ୱରେ ଜଣେ ମହିଳା ବାଉଁଶଜାତ ଗୃହ ଉପକରଣ ପ୍ରସ୍ତୁତ କରୁଛନ୍ତି।

# 'ଯୋଗ କଲେ ଶରୀର ସୁସ୍ଥ ରୁହେ'

**ଏସ୍‌ଭି ନିର୍‌ତାରର ବାର୍ଷିକ ଉତ୍ସବ**

କଣ୍ଟାପଡ଼ା, ୨୨।୨(ଡି.ଏନ୍.ଏ.)

କଟକ ଜିଲା କଣ୍ଟାପଡ଼ା ବ୍ଲକ ଅଧୀନ ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରର ୩୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିର୍‌ତାର୍ ପରିସରରେ ଆୟୋଜିତ ସଭାରେ ସ୍ୱାମୀ ଅଚଳାନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ନିୟମିତ ଯୋଗାଭ୍ୟାସ ଦ୍ୱାରା ମନ ଓ ଶରୀର ସୁସ୍ଥ ରୁହେ। ଭୁବନେଶ୍ୱରସ୍ଥିତ 'ସୋଆ' ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ଡା. ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଠିକ୍ ରହିଲେ ମଣିଷ ଭିତରେ ଭଲମନ୍ଦ ବିଚାର କରିବାର କ୍ଷମତା ବୃଦ୍ଧି ପାଇବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗଦେଇ ନିଜ ମାତୃଭାଷାକୁ ଭଲ ପାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନିର୍‌ତାର୍‌ର ନିର୍ଦ୍ଦେଶକ ଡା. ପତିତ ପାବନ ମହାନ୍ତି ଯୋଗଦେଇ ଆଗକୁ ନିର୍‌ତାର୍‌ରେ ହେବାକୁ ଥିବା ନୂତନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର କୁମାର ସାହୁ ସ୍ୱାଗତ ଭାଷଣ, ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଅନୁଷ୍ଠାନର କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ନିର୍‌ତାର୍ କର୍ମଚାରୀମାନେ ନାଟକ 'ଚିଡ଼ିଆଖାନା' ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସ୍ନାୟୁ ବିଭାଗ ମୁଖ୍ୟ ଡା. ଅଶୋକ କୁମାର ମହାପାତ୍ର ଓ ଭୁବନେଶ୍ୱର ଏମ୍ସର ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ୩ ବଖରା ଜଳିଗଲା

ବେଗୁନିଆ,୨୨।୨(ଡି.ଏନ୍.ଏ.) : ବେଗୁନିଆ ତହସିଲ ସିକୋ ପଞ୍ଚାୟତ ଅନ୍ତର୍ଗତ ପାଇକସାହିରେ ବୁଧବାର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଦୁଇଟି ପରିବାରର ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ସନ୍ତୋଷ କୁମାର ପ୍ରଧାନଙ୍କର ୨ ବଖରା ଓ ଲକ୍ଷ୍ମୀ ନାରାୟଣ ପ୍ରଧାନଙ୍କର ୧ବଖରା ଲେଖାଏଁ ବାସ ଗୃହ ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ରଣପୁର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରତିନିଧି ତୀର୍ଥବାସୀ ରାୟଙ୍କ ସହିତ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ। ଅଗ୍ନି ବିପନ୍ନ ପରିବାରଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବାର ପ୍ରାଥମିକ ଆକଳନରୁ ଜଣାପଡିଛି ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବେଗୁନିଆ,୨୨।୨(ଡି.ଏନ.ଏ): ବେଗୁନିଆ ଥାନା କୁଶପଲ୍ଲା -ମାଧପୁର ରାସ୍ତା ଉପରୁ ଜଣେ ଯୁବକଙ୍କ ମୃତଦେହକୁ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଜବତ କରିଥିଲା। ମୃତକ ହେଲେ ନିକଟସ୍ଥ ବଡ଼ବେରଣା ଗ୍ରାମ ଆଦିବାସୀ ସାହିର ସୁକାନ୍ତ ନାୟକ(୩୮)। ତେବେ ତାଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଅନୁମାନ କରୁଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ବୁଧବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

### କୂଅରେ ଗଳିପଡ଼ିଥିବା ବୃଦ୍ଧ ଉଦ୍ଧାର

ଜଟଣୀ,୨୨।୨(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ଗ୍ରାମରେ ଏକ କୂଅରେ ଗଳିପଡ଼ିଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରାଯାଇଛି। ବୁଧବାର ସକାଳୁ ଉଠି ବୃଦ୍ଧ ଉପେନ୍ଦ୍ର ବିଶ୍ୱାଳ ନିଜ ବାରିକୁ ଯାଉଥିଲେ। ଏହି ସମୟରେ ବେଳେ ଅନ୍ୟମନସ୍କ ହୋଇ ନିକଟରେ ଥିବା କୂଅରେ ଗଳି ପଡ଼ିଥିଲେ। ୩୦ଫୁଟ ଗଭୀର କୂଅଟି ମୁକୁଳା ଥିବା କାରଣରୁ ହଠାତ୍ କୂଅ ଭିତରକୁ ଗଳି ପଡ଼ିଥିଲେ। ଘଟଣା ବିଷୟରେ ପରିବାର ଲୋକେ ଜାଣି ଜଟଣୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ବୃଦ୍ଧଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା। ଉଦ୍ଧାର କରି ବୃଦ୍ଧଙ୍କୁ ମେଡିକାଲ ପଠାଯାଇଥଲା ବେଳେ ସେ ସୁସ୍ଥ ଥିବା ସୂଚନା ମିଳିଛି।

### ବିଦ୍ୟୁତ୍‌ଖୁଣ୍ଟରୁ ଖସିପଡ଼ି ଠିକା କର୍ମଚାରୀ ମୃତ

ନିରାକାରପୁର,୨୨।୨(ଡି.ଏନ.ଏ): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଡିଆ ପଞ୍ଚାୟତ ଭୋଇସାହି ଗାଁ ମୁଣ୍ଡନିକଟରେ ଟିପିସିଏଲ୍ ବିଦ୍ଯୁତ ବିଭାଗଠାରୁ ଠିକା ନେଇ କାର୍ଯ୍ୟ କରୁଥିବା ଆରଜି ଇଲେକ୍ଟ୍ରିକାଲର ଜଣେ ଅଣ ଓଡ଼ିଆ ଠିକା କର୍ମଚାରୀ ବୁଧବାର ଖୁଣ୍ଟରେ ଚଢି କାର୍ଯ୍ୟ କରୁଥିବା ସମୟରେ ଖସିପଡିବାରୁ ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗର ମାଲଦା ଜିଲାର ସଦୁର ମିଆଁ। ସୂଚନାଯୋଗ୍ୟ, ଭୋଇ ସାହି ଗାଁ ମୁଣ୍ଡରେ ବିଦ୍ୟୁତ୍ କାର୍ଯ୍ୟ ଚାଲୁଥିବା ବେଳେ ବୁଧବାର ସଦୁର ଏକ ବିଦ୍ୟୁତ୍‌ଖୁଣ୍ଟରେ ଚଢି ଏକ କ୍ଲାମ୍ପକୁ ଟାଇଟ କରୁଥିବା ବେଳେ ହଠାତ୍ ତାହା ଭାଙ୍ଗିଯାଇଥିଲା। ଫଳରେ ସେ ଖୁଣ୍ଟ ଉପରୁ ପ୍ରାୟ ୨୦ଫୁଟ ତଳକୁ ଖସିପଡି ଆହତ ହୋଇଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ନେଇଥିଲେ ମଧ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବରପାଇ ନିରାକାରପୁର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ରିତେଶ ସିଂ, ଜଙ୍କିଆ ଏସ୍‌ଡିଓ ପ୍ରତ୍ୟୁଷ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

### ମଦ ଜବତ, ୨ ବେପାରୀ ଗିରଫ

ଯାଁଳା,୨୨।୨(ଡି.ଏନ.ଏ): ଭୁବନେଶ୍ୱର ଅଧୀନସ୍ଥ ଇନ୍‌ଫୋଭ୍ୟାଲି ରାସ୍ତାର ଗୌଡ-କାଶିପୁର ଗ୍ରାମ ଓ ଛକ ଠାରୁ ୨୪ ଲିଟର ଦେଶୀ ମଦ ସହ ୨ ବେପାରୀଙ୍କୁ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛନ୍ତି। ସେମାନେ ହେଲେ ଗୌଡ଼କାଶୀପୁରର ଅନିରୁଦ୍ଧ ନାୟକ ଓରଫ ନାଲୁ ଓ ପ୍ରଶାନ୍ତ ବେହେରା ଓରଫ ଗାଣ୍ଡୁ। ଏ ନେଇ ପୋଲିସ ୨ଟି ପୃଥକ ମାମଲା(ନଂ.୫୭, ୫୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ ଥାନା ଅଞ୍ଚଳରେ ବେଆଇନ ଚୋରା ମଦ ବିକ୍ରି ଉପରେ ଅଂକୁଶ ଲଗାଇବା ଆରମ୍ଭ ହୋଇଥିବା ବେଳେ ବୁଧବାର ପୋଲିସର ଏକ ଟିମ୍ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ହେଲେ ଗୌଡକାଶିପୁର ଶିବ ମନ୍ଦିର ଓ ଛକରେ ଲୋକଙ୍କୁ ବିନା ଲାଇସେନ୍ସରେ ମଦ ବିକ୍ରି କରୁଥିବା ସମୟରେ ଉକ୍ତ ୨ଜଣଙ୍କୁ ପୋଲିସ ଧରିଥିଲେ। ଯାଞ୍ଚ କରିବାରୁ ଉଭୟଙ୍କଠାରୁ ୨୪ ଲିଟର ଦେଶୀ ମଦ ଜବତ ହୋଇଥିଲା ।

# ପ୍ରଥମ ଦିନରେ ୩୧.୩୦ ଲକ୍ଷ ଟଙ୍କାର ବେପାର

**ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷିଯାନ୍ତ୍ରିକ ମେଳା**

- ଦ୍ୱିତୀୟ ଦିନରେ ୩୦ ହଜାର ଲୋକଙ୍କ ସମାଗମ
- କିଣାକିଣି କଲେ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ

ଖୋର୍ଦ୍ଧା ଅଫିସ,୨୨।୨



ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଅବସରରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ, ଓର୍‌ମାସ୍ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷିଯାନ୍ତ୍ରିକ ମେଳା ଚାଲିଛି। ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଛି। ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ଜିଲାରୁ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ପ୍ରଡକ୍ସନ ଗ୍ରୁପ୍ ଦ୍ୱାରା ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉତ୍ପାଦ, କୁଟୀର ଉଦ୍ୟୋଗ, ଟେରାକୋଟା ପ୍ରଭୃତି ବିଭିନ୍ନ ଭେରାଇଟିର ସାମଗ୍ରୀ ସ୍ଥାନ ପାଇଛି। ପ୍ରଥମ ଦିନରେ ୩୧ଲକ୍ଷ ୩୦ହଜାର ଟଙ୍କାର ବେପାର ହୋଇଥିବା ଓର୍‌ମାସ୍ ଉପନିର୍ଦ୍ଦେଶକ ଗୁଣ୍ଡିଚା ବେହେରା ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ୩ ଲକ୍ଷ ୬୫ହଜାର, କୃଷି ଯନ୍ତ୍ରପାତି ବାବଦକୁ ୨୬ଲକ୍ଷ ୮୦ହଜାର, ଖାଦ୍ୟ ଷ୍ଟଲରେ ୮୫ ହଜାର ଟଙ୍କାର ବେପାର ହୋଇଥିବା ଜଣାପଡ଼ିଛି। ଦ୍ୱିତୀୟ ଦିନରେ ପ୍ରାୟ ୩୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ମେଳା ବୁଲାବୁଲି, କିଣାକିଣି ସହ ଖାଦ୍ୟଷ୍ଟଲ ଓ ସେଲ୍ଫି ପଏଣ୍ଟରେ ଭିଡ଼ ଜମୁଛି। ବିଭିନ୍ନ ଯୋଜନା ଓ ଦୀନଦୟାଲ କୌଶଳ କଲ୍ୟାଣ ଯୋଜନାରେ ଯୁବତୀ ଯୁବକଙ୍କୁ ପ୍ରଶିକ୍ଷଣ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବୁଝାଉଛନ୍ତି। ଜଳ ପରିମଳ, ମତ୍ସ୍ୟ ଓ ପଶୁପାଳନ, କୃଷି ଯନ୍ତ୍ରପାତି ଏବଂ ଉଦ୍ୟାନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଦ୍ୱିତୀୟ ସନ୍ଧ୍ୟାରେ ଜଟଣୀର ନୃତ୍ୟଶ୍ରୀ ଅନୁଷ୍ଠାନ ଏବଂ ନୀଳଶୈଳ ନୃତ୍ୟାଞ୍ଜଳି ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ, ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଖୋର୍ଦ୍ଧା କଳିଙ୍ଗ ପାଇକ କ୍ରିଏଶନ ପକ୍ଷରୁ ଚିତ୍ତାକର୍ଷକ ପାଇକ ଆଖଡ଼ା, ମୟୂରଭଞ୍ଜର ପଲ୍ଲବୀ ଅନୁଷ୍ଠାନର କଳକାରମାନେ ମାଲଖମ୍ବ ପ୍ରଦର୍ଶନ କରିଥିଲେ। ଜଟଣୀ ନୀଳଶୈଳ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀରେ ଡାଲଖାଇ, ମା' ସମଲେଇଙ୍କ ଭଜନ ନୃତ୍ୟ ପରିବେଷଣ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଜଟଣୀର ଅନ୍ୟତମ ଅନୁଷ୍ଠାନ ନୃତ୍ୟଶ୍ରୀର କଳାକାରମାନେ ଓଡ଼ିଶୀରେ ମଙ୍ଗଳାଚରଣ, ଭଜନ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିଭୋର କରିଥିଲେ।

## ଖୋଜାପଡୁଛି ମାଟି ସୁରେଇ



ସମୟ ବଦଳିଛି। ସମୟ ଅନୁସାରେ ଲୋକଙ୍କ ଚାଲିଚଲଣ, ରୁଚିରେ ମଧ ପରିବର୍ତ୍ତନ ଆସିଛି। ଲୋକେ ଆଧୁନିକ ଜୀବନଶୈଳୀ ଅପେକ୍ଷା ପ୍ରକୃତି ଆଡକୁ ଢଳିବାରେ ଲାଗିଛନ୍ତି। ସାଧାରଣତଃ ଖରାଦିନେ ଥଣ୍ଡାପାଣି ମିଳିଗଲେ, ଆଶ୍ୱସ୍ତି ଲାଗେ। ତେବେ ଫ୍ରିଜର ପାଣି ଅପେକ୍ଷା ମାଟିହାଣ୍ଡିର ପାଣି ପିଇବାକୁ ଅନେକେ ପସନ୍ଦ କରନ୍ତି। ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ପସନ୍ଦ ରହିଛି ମାଟିରେ ପ୍ରସ୍ତୁତ ପାଣି ସୁରେଇ। ବଲାଙ୍ଗୀର ଜିଲା ମାଲମୁଣ୍ଡାରୁ ଆସିଛନ୍ତି କଟେଜ ପ୍ରଡ୍ୟୁସର ଗ୍ରୁପ୍। ଏହି ଗ୍ରୁପ୍ ପକ୍ଷରୁ ସମସ୍ତ ସାମଗ୍ରୀ ମାଟିରେ ତିଆରି କରାଯାଇଛି। ଘରୋଇ ସାଜସଜ୍ଜାଠାରୁ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର ସାମଗ୍ରୀ ଯଥା ହାଣ୍ଡି, ଡେକ୍‌ଚି, ତାୱା, କଡେଇ, ପ୍ଲେଟ, ବେଲା, ପ୍ରେସର କୁକର, ଡାଙ୍କୁଣି, ଗ୍ଲାସ, ଚାମଚ, ପାଣି ବୋତଲ, ଦୀପ, ସରାଗାତ, ମାଟି ବାକ୍ସ, ହାଣ୍ଡି, ଚା କପ୍, ଫୁଲଦାନୀ ସମେତ ଘର ସାଜସଜା ଲାଗି ଟେରାକୋଟା ପ୍ରଭୃତି ୫୦ରୁ ୮୦ ପ୍ରକାର ସାମଗ୍ରୀ ରହିଛି। ଏହି ଗ୍ରୁପ୍‌ର ଶ୍ୟାମ ରାଣା କହିଛନ୍ତି, ୨୦୦୪ ମସିହାରେ ୧୦ଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଗ୍ରୁପ୍‌ରେ ଏବେ ୫୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟା ରହିଛନ୍ତି। ସାମଗ୍ରୀ ପ୍ରସ୍ତୁତ ଲାଗି କୁମ୍ଭକାର ଚକା ଏବଂ ମାଟି ଆବଶ୍ୟକ ପଡ଼ିଥାଏ। କୌଣସି ପ୍ରଶିକ୍ଷଣ ନୁହଁ ବରଂ ନିଜସ୍ୱ ପ୍ରଚେଷ୍ଟାରେ ଏସବୁ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ପ୍ରଥମେ ଦୀପ, ସରାଗାତ, ସାଜସଜ୍ଜା ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସାମଗ୍ରୀକୁ ସାମିଲ କରାଯାଇଥିଲା। ଓର୍‌ମାସ ଜରିଆରେ ବିଭିନ୍ନ ରାଜ୍ୟରେ ବେପାର କରିବାର ସୁଯୋଗ ପାଇଛନ୍ତି। ୧୦ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ବେପାର ଏବେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଲାଣି। ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ ସହ ସମାଜରେ ପ୍ରତିଷ୍ଠା ଆସିଛି।

## ମହମହ ବାସୁଛି କନ୍ଧମାଳ ହଳଦୀ

ପଲ୍ଲିଶ୍ରୀ ମେଳାରେ ମହ ମହ ବାସୁଛି କନ୍ଧମାଳ ହଳଦୀ। ଚାରିଆଡେ ହଳଦୀ ସମେତ ଝୁଣା, ମହୁର ବାସନା ଲୋକଙ୍କୁ ଟାଣି ଆଣୁଛି। ମହିଳାଙ୍କ ହାତରେ ରହିଛି କନ୍ଧମାଳ ହଳଦୀ ପ୍ୟାକେଟ। ମେଳାରେ ଖୋଲିଛି କଟକ କଣ୍ଟିପୁର ମା' ଦକ୍ଷିଣେଶ୍ୱରୀ ଉତ୍ପାଦ ଗୋଷ୍ଠୀର ଗ୍ରାମୀଣ ବଜାର। ଏଠାରେ କନ୍ଧମାଳରୁ ଉତ୍ପାଦ ହେଉଥିବା ସାମଗ୍ରୀ ବିକ୍ରି ହେଉଛି। ଲୋକେ




ଆନନ୍ଦର ସହ ଏହାକୁ କିଣି ନେଉଛନ୍ତି। କନ୍ଧମାଳର ହଳଦୀ, ମାଣ୍ଡିଆ, ମହୁ, ସୋରିଷ, ଝୁଣା ସମେତ ମୁଗ, ବିରି, କୋଳଥ, ଅଳସି, ମସୁର ଡାଲି, ଧୂପ, ପାଳୁଅ ପ୍ରଭୃତି ୫୦ ପ୍ରକାର ଖାଦ୍ୟ ସାମଗ୍ରୀ ମିଳୁଛି। ୨୦ଟଙ୍କାରୁ ଆରମ୍ଭ କରି ୫ଶହ ଟଙ୍କା ପର୍ଯ୍ୟନ୍ତ ଦାମ୍ ରହିଛି। ଏହାର ବିକ୍ରେତା କୁହନ୍ତି କନ୍ଧମାଳରୁ ସାମଗ୍ରୀ ଅଣାଯାଇ ପ୍ରୋସେସିଂ ପରେ ଚାହିଦା ଅନୁସାରେ ବିକ୍ରି କରାଯାଉଛି। କନ୍ଧମାଳ ସାମଗ୍ରୀର ଭଲ ଚାହିଦା ରହିଛି। ୨୦୦୬ ମସିହାରେ ୧୦ଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଗ୍ରୁପ୍‌ରେ ଏବେ ୫୦ ସଦସ୍ୟ ରହିଛନ୍ତି। ବିଭିନ୍ନ ରାଜ୍ୟରେ ବେପାର କରିବାର ସୁଯୋଗ ମିଳିଛି। କଟକ, ଭୁବନେଶ୍ୱରରେ ନିଜସ୍ୱ ଦୋକାନ ରହିଛି। ଆଗକୁ ଅନଲାଇନ ବେପାର କରିବାର ଯୋଜନା ରହିଛି। ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ଅଞ୍ଚଳର ଲୋକଙ୍କ ସହ ମିଶିବାର ସୁଯୋଗ ସହ ଭାଇଚାରା ଭାବ ସୃଷ୍ଟି ହେଉଛି।

## ସବାଇ ଘାସ ପରିଚୟ ଦେଇଛି

ପଲ୍ଲିଶ୍ରୀ ମେଳାର ମୁଖ୍ୟ ଆକର୍ଷଣ ପାଲଟିଛି ବାଲେଶ୍ୱର ଜିଲା ବାଲିଆପାଳ ଅନ୍ତର୍ଗତ ବେତଗାଡ଼ିଆସ୍ଥିତ ସୁବର୍ଣ୍ଣରେଖା ଉତ୍ପାଦକ ଗୋଷ୍ଠୀ ଦ୍ୱାରା ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ। ମେଳାରେ ଏହାର ଭଲ ଚାହିଦା ରହିଛି। ଘରୋଇ ସାଜସଜ୍ଜା, ଫୁଲଦାନି, ୱାଲ ହେଙ୍ଗର, ଟେବୁଲ ଲ୍ୟାମ୍ପ, ଫୁଲଚାଙ୍ଗୁଡି, ପାପୋଛ, ଡାଇନିଂ ସେଟ, ପେପର ବକ୍ସ, ଭ୍ୟାନିଟି ବ୍ୟାଗ ପ୍ରଭୃତି ୨୦ରୁ ୨୫ ପ୍ରକାର ସାମଗ୍ରୀ ରହିଛି। ଏହି ଗୋଷ୍ଠୀର ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି, ୨୦୦୨ ମସିହାରେ ଗାଁର ୧୫ଜଣ ମହିଳାଙ୍କୁ ନେଇ ଏହି ଗ୍ରୁପ୍ ଗଠନ ହୋଇଥିଲା। ଏବେ ଉତ୍ପାଦକ ଗୋଷ୍ଠୀରେ ୩୫ରୁ ଊର୍ଦ୍ଧ୍ୱ ମହିଳା ରହିଛନ୍ତି। ୧୦ହଜାର ଟଙ୍କାରୁ ବେପାର ଆରମ୍ଭ ହୋଇଥିଲା। ଏବେ ବର୍ଷକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେପାର ବଢିଛି। ଓର୍‌ମାସ୍ ଜରିଆରେ ଓଡ଼ିଶା ସମେତ କୋଲକାତା, ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ ପ୍ରଭୃତି ସ୍ଥାନକୁ ସେମାନେ ସାମଗ୍ରୀ ନେଇଯାଇଥିଲେ। ଗତବର୍ଷ ଦିଲ୍ଲୀ ବଜାରରେ ପ୍ରାୟ ୧.୫ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିଲା। ଘରୁ ବାହାରକୁ ବାହାରି ନ ଥିବା ମହିଳା ଏବେ ସାରା ଓଡ଼ିଶା ବୁଲୁଛନ୍ତି। ଉତ୍ପାଦନ, ବଜାର ସମ୍ପର୍କରେ ଜ୍ଞାନ ଆହରଣ କରୁଛନ୍ତି। ସେହିପରି ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ହାତ ତିଆରି। ଏଥିରେ କୌଣସି ଯନ୍ତ୍ରପାତିର ବ୍ୟବହାର କରାଯାଉନାହିଁ। ସାମଗ୍ରୀ ପ୍ରସ୍ତୁତ ଲାଗି ସବାଇ ଘାସ, ଖଜୁରିପତ୍ର ଏବଂ ବାଟିସୂତା ବ୍ୟବହାର କରାଯାଏ। ସବାଇ ଘାସ କେଜି ପିଛା ୩୦ରୁ ୪୦ଟଙ୍କା, ଖଜୁରୀ ପତ୍ର କେଜି ପିଛା ଶହେରୁ ୧୨୦ ଟଙ୍କା ଏବଂ ସୂତା ବିଭିନ୍ନ ଡିଜାଇନର ବ୍ୟବହାର କରାଯାଇଥାଏ। ଏହା ମିଟର ୪ଶହରୁ ୮ଶହ ଟଙ୍କା ପର୍ଯ୍ୟନ୍ତ ପଡିଥାଏ। ସବାଇ ଘାସ ସାମଗ୍ରୀ ନିଜସ୍ୱ ଜ୍ଞାନ କୌଶଳରେ ପ୍ରସ୍ତୁତ କରାଯାଇଛି। ଏଥିଲାଗି କୌଣସି ସ୍ଥାନରୁ ପ୍ରଶିକ୍ଷଣ ନିଆଯାଇନାହିଁ। ଖଜୁରୀ ପତ୍ରରେ ସବାଇ ଘାସକୁ ବାଇଡିଂ କରାଯାଇ ସେଥିରେ ସୂତାକୁ ଗୁଡାଇ ଆକାର ଦିଆଯାଏ। ତେବେ କଞ୍ଚାମାଲ ସବୁ ସମୟରେ ଉପଲବ୍ଧ ହେଉ ନ ଥିବା, ବର୍ଦ୍ଧିତ ଦର ତଥା ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳି ନ ଥାଏ। ତଥାପି ସବାଇ ଘାସ ସାମଗ୍ରୀ ଆମକୁ ପରିଚୟ ଦେବା ସହ ସମାଜରେ ମର୍ଯ୍ୟାଦା ବଢାଇଛି। ଲୋକଙ୍କ ସ୍ନେହ ଶ୍ରଦ୍ଧା ମିଳିଛି। ସବାଇ ଘାସ ସହିତ ବାଏଫ୍ଲକରେ ମାଛଚାଷ ଆରମ୍ଭ କରିଛି। ଆଗାମୀ ଦିନରେ ଏହାକୁ ବ୍ୟାପକ କରିବାକୁ ଯୋଜନା ରହିଛି।




# 'ସ୍ୱାଧୀନୋତ୍ତର ଭାରତରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର'

ଖୋର୍ଦ୍ଧା ଅଫିସ,୨୨।୨

**ଡ. ଜନ୍ମେଜୟ ଚୌଧୁରୀ ସମ୍ବର୍ଦ୍ଧିତ**

ସ୍ୱାଧୀନୋତ୍ତର ଭାରତରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଏହାର ଏକ ଗୌରବମୟ ଇତିହାସ ରହିଛି। ଖୋରଧାର ଐତିହ୍ୟ, ସାହିତ୍ୟ, ସଂସ୍କୃତି, ପରମ୍ପରା, ଧାର୍ମିକ ଭାବଧାରା ଓ ସ୍ୱାଧୀନତା ସଂଗ୍ରାମ ଆଦି ଓଡ଼ିଶାକୁ ମହିମାନ୍ୱିତ କରିଛି ବୋଲି ଐତିହ୍ୟ ଗବେଷକ ପ୍ରଫେସର୍ ନାରାୟଣ ରାଓ କହିଛନ୍ତି। ବୁଧବାର ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଖୋରଧା ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ଖୋର୍ଦ୍ଧାର ଐତିହ୍ୟ ସଂକ୍ରାନ୍ତ ଆଲୋଚନାଚକ୍ରକୁ ଗବେଷକ ରାଓ ଉଦ୍‌ଘାଟନ କରି ଏହା ପ୍ରକାଶ କରିଛନ୍ତି। ପାଇକ ବିଦ୍ରୋହ ଭାରତୀୟ ମୁକ୍ତି ସଂଗ୍ରାମର ଆନ୍ଦୋଳନକୁ ପ୍ରଜ୍ୱଳିତ କରିଥିଲା। ଏହା ପଛରେ ରହିଛି ଜାତୀୟତା, ପାଇକ ବୀରଙ୍କ ବୀରତ୍ୱର ଗାଥା, ଦେଶପ୍ରୀତି ଓ ମାତୃଭୂମି ପ୍ରତି କର୍ତ୍ତବ୍ୟ ବୋଲି ରାଓ କହିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଜନ୍ମେଜୟ ଚୌଧୁରୀ ଯୋଗଦେଇ ଅଶୋକଙ୍କ କଳିଙ୍ଗ ଯୁଦ୍ଧଠାରୁ ଆରମ୍ଭ କରି ଖାରବେଳଙ୍କ ଦିଗ୍‌ବିଜୟ, ଶୈଳୋଦ୍‌ଭବ ରାଜାମାନଙ୍କ ଦକ୍ଷିଣ ପୂର୍ବ ଏସୀୟ ଦ୍ୱୀପପୁଞ୍ଜରେ ଓଡ଼ିଆ ଉପନିବେଶ ସ୍ଥାପନ, ମଧ୍ୟଯୁଗୀୟ ରାଜାମାନଙ୍କ ଭୁବନେଶ୍ୱରରେ ଅସଂଖ୍ୟ ମନ୍ଦିର ନିର୍ମାଣ, ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆଦି ବହୁ ଐତିହାସିକ ଘଟଣା ଇତିହାସରେ ଲିପିବଦ୍ଧ ରହିଛି। ଏ ମାଟିର ବୀରମାନଙ୍କ ତ୍ୟାଗ ଓ ବଳିଦାନ ଓଡ଼ିଶାକୁ ଗୌରବାନ୍ୱିତ କରିଛି ବୋଲି ସେ କହିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଖୋର୍ଦ୍ଧା ଜଡ଼ିତ। ଖୋର୍ଦ୍ଧାକୁ ବାଦ୍ ଦେଇ ଓଡ଼ିଶାର ଇତିହାସ ଲେଖାଯାଇପାରିବ ନାହିଁ ବୋଲି ଚୌଧୁରୀ କହିଥିଲେ। ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଶିଶୁ ସାହିତ୍ୟିକ ବିଭୁପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ଭୀମସେନ ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ ଯୋଗ ଦେଇ ଖୋରଧା ସଂସ୍କୃତିର ବିଭିନ୍ନ ପ୍ରସଙ୍ଗ, ଘଟଣାବଳୀ, ଇତିହାସର ଅବଲୋକନ କରିଥିଲେ। ହିନ୍ଦୁ-ମୁସଲିମ୍ ସଂସ୍କୃତିର ସମନ୍ୱୟ ପୀଠ ଭାବେ ଖୋରଧା ଭାଇଚାରାର ବାର୍ତ୍ତା ଦେଉଛି ବୋଲି ମତ ପ୍ରକାଶ ପାଇଥିଲା। ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବ ସୁନ୍ଦର ପଟ୍ଟନାୟକ କବି ଜୟଦେବ, ସତ୍ୟବାଦୀ ଓ ବୈଷ୍ଣବୀୟ ପଞ୍ଚସଖାଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଳାସିନୀ ଦାସ ବାଣପୁରର ସାରସ୍ୱତ ପରମ୍ପରା ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ଡ. ଜନ୍ମେଜୟ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡ. ସସ୍ମିତା ପଟ୍ଟନାୟକ ଏବଂ ଡ. ରଶ୍ମି କରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଆରତି ମଞ୍ଜରୀ ଦାଶ, ଡ. ଚପଳା ପଣ୍ଡା, ବିକ୍ରମ ଚମ୍ପତିରାୟ, ବାସୁଦେବ ସାହୁ ପ୍ରମୁଖ ଏକାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଉପସଭାପତି ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## କୁଶପଲ୍ଲା ଫୁଟବଲ: ଶାନ କ୍ଲବ ସେମିରେ

ବେଗୁନିଆ,୨୨।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲୁଥିବା ୩୬ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ତୃତୀୟ କ୍ୱାର୍ଟର ମ୍ୟାଚ। ଭୁବନେଶ୍ୱରସ୍ଥିତ ଶାନ କ୍ଲବ ଓ ଯାଜପୁରର ଧର୍ମଶାଳା ଫୁଟବଲ ଏକାଡେମୀ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଶାନ କ୍ଲବ ୬-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ପଡ଼ିଆରେ ଶାନ କ୍ଲବର ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାଚର ପ୍ରଥମାର୍ଦ୍ଧରେ ୩ଟି ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଲେଖାଏଁ ଗୋଲ ସ୍କୋର ଦେଇଥିଲେ। ପଡ଼ିଆରେ ରାଜୁ ମହାନ୍ତି ମ୍ୟାଚ୍ ପରିଚାଳକ ଭାବେ ଏବଂ ପ୍ରଫୁଲ୍ଲ କୁମାର ବେହେରା, ପ୍ରିୟବ୍ରତ ବାହିନୀପତି ଏବଂ ରମେଶ ଚନ୍ଦ୍ର ପାଇକରାୟ ସହ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ନାଳନ୍ଦା ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ରାଜେଶ କୁମାର ସାହୁ ମୁଖ୍ୟ ଅତିଥିଭାବେ, ଅଶୋକ ମହାନ୍ତି, ହାଫିଜ ମୁନତାଜିମ, ଏସ.କେ ଇସମାଇଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫୈଜଲ ହୋସେନ ଖାଁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବର ଉପଦେଷ୍ଟା ତଥା ପୂର୍ବତନ ସର୍ବଭାରତୀୟ ଖେଳାଳି ଅବଦୁଲ ଦୟାନ ଖାଁ ଶେଷରେ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଥାଉକି ଭାଇଜାଗ ସିଟି ଫୁଟବଲ କ୍ଲବ ଓ ହାଓଡା ଫ୍ରେଣ୍ଡସ କ୍ଲବ କୋଲକାତା ମଧ୍ୟରେ ଚତୁର୍ଥ କ୍ୱାର୍ଟର ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

## ଖଗେଶ୍ୱର ସଭାପତି, ସମ୍ପାଦକ ଦେବାଶିଷ

ଟାଙ୍ଗୀ(ଖୋର୍ଦ୍ଧା)୨୨।୨(ଡି.ଏନ୍.ଏ.)

**ଚିଲିକା ଓକିଲ ସଂଘର କର୍ମକର୍ତ୍ତା ଚୟନ**

ଗଙ୍ଗାଧରପୁରସ୍ଥିତ ଚିଲିକା ଜୁଡିସିଆଲ କୋର୍ଟ ସଂଲଗ୍ନ ଚିଲିକା ଓକିଲ ସଂଘ କାର୍ଯ୍ୟାଳୟ ସଭାଗୃହରେ ସଂଘର ବୁଧବାର ୨୩- ୨୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏଥିରେ ସଭାପତି ଭାବେ ଖଗେଶ୍ୱର ପାତ୍ର, ସମ୍ପାଦକ ଦେବାଶିଷ ରଥ, ଉପସଭାପତି ଚିତ୍ରସେନ ସାହୁ, ସହ ସମ୍ପାଦକ ପ୍ରମୋଦ କୁମାର ପଲେଇ, କୋଷାଧ୍ୟକ୍ଷ-ଅଶୋକ କୁମାର ଜେନା, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ହେମନ୍ତ କୁମାର ସାହୁ,ସନ୍ତୋଷ କୁମାର ବେହେରା, ସୁରେଶ ଶେଖର ରଥଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ ଏକ ଶପଥଗ୍ରହଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଚିଲିକା ଜୁଡିସିଆଲ କୋର୍ଟର ମାନ୍ୟବର ବିଚାରପତି ବିକାଶ ଗୋଏଲଙ୍କ ଉପସ୍ଥିତିରେ ସଂଘର ବିଦାୟୀ ସଭାପତି ତଥା ନୋଟାରୀ ଭାସ୍କର ଚନ୍ଦ୍ର ଘଡାଇ ପଦ ଓ ଗୋପନୀୟତା ସହ କର୍ତ୍ତବ୍ୟନିଷ୍ଠା ନିମନ୍ତେ ଶପଥ ପାଠ କରାଇଥିଲେ। ପରେ ସଂଘର ବିଦାୟୀ ଉପସଭାପତି ତଥା ସରକାରୀ ଓକିଲ ପ୍ରଦୀପ୍ତ କୁମାର ନନ୍ଦ, ଚିଲିକା ତହସିଲ ଏପିପି ସୁରେନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ସମ୍ପାଦକ ପ୍ରଦୋଷ କୁମାର ଦାସ ତଥା ଅଶୋକ କୁମାର ଚମ୍ପତି, ବରିଷ୍ଠ ଓକିଲ ରମେଶ କୁମାର ଖଟେଇ, ବିଦାୟୀ ସହସମ୍ପାଦକ ବିରଞ୍ଚି କୁମାର ବେହେରା, ଦୁର୍ଗାଶଙ୍କର ଶତପଥୀ, ବିବେକାନନ୍ଦ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ଆଡଭୋକେଟମାନେ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# କମ୍ପାନୀକୁ ସରକାରୀ ଜମି ଦେବାକୁ ମସୁଧା

**ଥଇଥାନ ଦାବି କଲେ ଗ୍ରାମବାସୀ**

ଖୋର୍ଦ୍ଧା ଅଫିସ,୨୨।୨



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ହରିପୁର ଗ୍ରାମର ବାସିନ୍ଦା।

ସରକାର ଭୂମିହୀନ ପରିବାରଙ୍କୁ ଜାଗା ମିଶନରେ ଜାଗା ଯୋଗାଉଥିବା ଡିଣ୍ଡିମ ପିଟୁଛନ୍ତି। ଅନ୍ୟପକ୍ଷରେ ଶିଳ୍ପ ପ୍ରତିଷ୍ଠା ଆଳରେ ଗରିବ, ଅବହେଳିତ ପରିବାରଙ୍କୁ ଉଚ୍ଛେଦ କରୁଛନ୍ତି। ଦୀର୍ଘବର୍ଷ ଧରି ପରିବାର ସହ ରହୁଥିବା ଲୋକଙ୍କୁ ଉଚ୍ଛେଦ କରି କମ୍ପାନୀ ହାତକୁ ଜମି ଟେକି ଦେଉଛନ୍ତି। ତେବେ ଉକ୍ତ ପରିବାର କେଉଁଠି ରହିବେ ଓ କିପରି ଚଳିବେ ସେ ସମ୍ପର୍କରେ କୌଣସି ବିଚାର କରାଯାଉନାହିଁ। ମେଣ୍ଢାଶାଳ ଗ୍ରାମ ହରିପୁର ମୌଜାର ଖାତା ନଂ. ୧୬୨ ପ୍ଲଟ ନଂ. ୩୫୫ ଓ ୩୫୬ର ମୋଟ ୧୪ ଏକର ଜମିରେ ଥିବା କାଜୁ ଜଙ୍ଗଲରେ ୩୫ଟି ପରିବାର ଦୀର୍ଘ ଦଶନ୍ଧି ଧରି ରହି ଆସୁଛନ୍ତି। ଏବେ ଉକ୍ତ ଜମିକୁ ଏକ ଘରୋଇ କମ୍ପାନୀକୁ ହସ୍ତାନ୍ତର ଲାଗି ଯୋଜନା ଚାଲିଛି। ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ବୁଧବାର ମେଣ୍ଢାଶାଳ ଗ୍ରାମର କେତେଜଣ ବାସିନ୍ଦା ଏହି ଅଭିଯୋଗ କରିଛନ୍ତି। ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବା ଲାଗି ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ହରିପୁର ମୌଜାର ଖାତା ନଂ. ୧୬୨ ପ୍ଲଟ ନଂ. ୩୫୫ ଓ ୩୫୬ର ମୋଟ ୧୪ ଏକର ଜମିକୁ ଏକ ଘରୋଇ କମ୍ପାନୀକୁ ହସ୍ତାନ୍ତର ଲାଗି ଯୋଜନା ହେଉଛି। ଏ ନେଇ ଜଣାପଡ଼ିବା ପରେ ସେଠାରେ ରହୁଥିବା ଲୋକେ ଚିନ୍ତାରେ ପଡ଼ିଛନ୍ତି। ଗତ୧୪ ତାରିଖରେ ତହସିଲଦାର ପୋଲିସ ଫୋର୍ସ ସହ ପହଞ୍ଚି ଜମିର ମାପଚୁପ କରିଥିଲେ। ସମ୍ପ୍ରତି ଜେସିବି ଲଗାଇ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିରୋଧସତ୍ତ୍ୱେ ଗ୍ରାମବାସୀ ଲଗାଇଥିବା ଗଛକୁ ଫୋର୍ସ ପୋଡ଼ି ନଷ୍ଟ କରିଦେଇଛନ୍ତି। ଉପଯୁକ୍ତ ଥଇଥାନ ଲାଗି ସେମାନେ ଦାବି ଜଣାଇଛନ୍ତି। ୨୦୨୧ ଜୁଲାଇରେ ଜିଲାପାଳଙ୍କୁ ଭେଟି ଉକ୍ତ ଜମିକୁ ସେମାନଙ୍କୁ ଲିଜ୍ ଦେବା ଲାଗି ଅନୁରୋଧ କରିଥିଲେ। ଏଯାଏଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନଥିବା ଗ୍ରାମବାସୀ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୨।୨୦୨୩

| | |
|---|---|
| ୩,୮୪,୧୫୩ ଟଙ୍କା | |
| ସୁନା | ୩୫୦ ମିଲିଗ୍ରାମ୍ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ୧ରେ ମୁକ୍ତିମଣ୍ଡପଧାରୀ ଶାସନ ପାଳିବ ଫଗୁଦଶମୀ

**ପୁରୀ ଅଫିସ,୨୨।୨:** ୨୦୨୨-୨୩ ମସିହାର ରାଧାରମଣ ପଞ୍ଜିକାରେ ମାର୍ଚ୍ଚ ୨ତାରିଖ ଗୁରୁବାରଠାରୁ ଶ୍ରୀମନ୍ଦିରରେ ଫଗୁଦଶମୀ, ଦୋଳଯାତ୍ରା ଆରମ୍ଭ ହେବ ବୋଲି ଉଲ୍ଲେଖ ରହିଛି। ତେବେ ମୁକ୍ତିମଣ୍ଡପଧାରୀ ଶାସନ ତଥା ଅନ୍ୟ ସ୍ଥାନରେ ତାହା ମାର୍ଚ୍ଚ ୧ ତାରିଖ ବୁଧବାର ପାଳନ କରାଯିବ। କାରଣ ୧ ତାରିଖ ବୁଧବାର ଦଶମୀ ଅହୋରାତ୍ର ତଥା ୬୦ଦଣ୍ଡ ଥିବାରୁ ଏହି ପର୍ବ ପାଳନ କରିବାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର ମୁକ୍ତିମଣ୍ଡପ ସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ବିଜେଡିରେ ସାମିଲ ହେଲେ ଭାଜପା, କଂଗ୍ରେସ କର୍ମୀ

**ପୁରୀ ଅଫିସ, ୨୨।୨:** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ପ୍ରଶାସନ ଓ ବିକାଶବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏବଂ ବିଜେଡି ସାଧାରଣ (ସମ୍ପାଦକ ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱକୁ ଗ୍ରହଣ କରି ବୁଧବାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଅନେକ ନେତା ଓ କର୍ମୀ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। କୃଷ୍ଣପ୍ରସାଦ ବ୍ଲକ ଅରଖକୁଦାର ପୂର୍ବତନ ସରପଞ୍ଚ ନାରଣ ବେହେରା, ଗଙ୍ଗାଧର ବେହେରା, ବୀର ବେହେରା, ଅଜୟ ବେହେରା, ଜଗା ବେହେରା, ବାସୁ ବେହେରା, ସୁଦାମ ବେହେରା, ଲକ୍ଷ୍ମୀଧର ବେହେରା ପ୍ରମୁଖ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କର ଯୋଗଦାନ ଦ୍ୱାରା ବିଜେଡି ଆହୁରି ମଜଭୁତ ହେବ ବୋଲି ଦାସବର୍ମା କହିଛନ୍ତି। ଏହି ମିଶ୍ରଣ ପର୍ବରେ କେଦାରନାଥ ଜେନା, ଜ୍ଞାନଚାନ୍ଦ ପ୍ରଧାନ ଓ ପୂର୍ଣ୍ଣିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନରେନ୍ଦ୍ରକୋଣଠାରେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱକୁ ଗ୍ରହଣ କରି ପୁରୀ ସଦର ନିର୍ବାଚନମଣ୍ଡଳୀର ଅନେକ କଂଗ୍ରେସ ନେତା ଓ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ହରିହର ପାଢ଼ୀ, ବିରେନ୍ଦ୍ର ଭୂଷଣ ହୋତା, ଅଭିମନ୍ୟୁ ଜେନା ପ୍ରମୁଖ ରହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ବିଜେଡି ସାଧାରଣ ସମ୍ପାଦକ ନାରାୟଣ ପଟ୍ଟନାୟକ, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନୀଲ ମହାନ୍ତି, ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ, ପୁରୀ ସଦର ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ସୁଧାଂଶୁ ସାହୁ ଏବଂ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଦୃଷ୍ଟି ଆଢୁଆଳରେ ବାଲୁଙ୍କେଶ୍ୱର ଦେବଙ୍କ ପୀଠ

■ ଚାଳ ଛପର ଘରେ ପୂଜା ପାଉଛନ୍ତି ଠାକୁର
■ ରୋଷେଇ ଘର ନାହିଁ

**ସାକ୍ଷୀଗୋପାଳ, ୨୨।୨ (ସ୍ୱ.ପ୍ର. /ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ବଣିଆ ସାହିସ୍ଥିତ ଶୈବ ପୀଠ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ଅବସ୍ଥିତ। ମନ୍ଦିର ପାର୍ଶ୍ୱ ଦେଇ ଗୋଟିଏ ପଟେ ପୁଣ୍ୟଗର୍ଭା ରତ୍ନଚିରା ନଦୀ ବହିଯାଇଛି। ରାଜା ମହାରାଜା ଶାସନ ସମୟରୁ ସ୍ଥାପିତ ଏହି ଶୈବପୀଠକୁ ଶାସନ ଶ୍ରୀରାମଚନ୍ଦ୍ରପୁର, ବଣିଆ ସାହି, ହାଟସାହି, ପଟ୍ଟନାୟକିଆ ସାହି ପୁରହିତପୁରନୂଆଗାଁ, ସାରୁଗାଡ଼ିଆ ଆଦି ପାଖଆଖ ଗାଁରୁ ଶତାଧିକ ଲୋକ ପୂଜାର୍ଚ୍ଚନା ଓ ଭୋଗରାଗ ପାଇଁ ଆସିଥାନ୍ତି। ଦୋଳ ପୂର୍ଣ୍ଣିମାରେ ଦୋଳରେ ଠାକୁରଙ୍କ ଏକ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୁଏ। ଜାଗର ମୁଖ୍ୟ ଯାତ୍ରା ହୋଇଥିବାବେଳେ ଜାଗରରେ ଠାକୁରଙ୍କ ସମ୍ମୁଖରେ ସ୍ଥାନୀୟ ପାଞ୍ଚ ଗ୍ରାମ କମିଟି ପକ୍ଷରୁ ୫ ଦିନବ୍ୟାପି ରାଜ୍ୟର ପ୍ରତିଷ୍ଠିତ ପାଲା ଗାୟକ ମାନଙ୍କ ଦ୍ୱାରା ବାଦୀପଲା ପରିବେଷଣ କରାଯାଇଥାଏ। ଏସବୁ ସତ୍ତ୍ୱେ ଏହି ପୁରାତନ ଶୈବପୀଠ ସ୍ଥାନୀୟ ପ୍ରଶାସନ ତଥା ରାଜନୈତିକ ବ୍ୟକ୍ତିଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏକ ଚାଳ ଛପର ଘରେ ଠାକୁର ପୂଜା ପାଉଛନ୍ତି। ବର୍ଷା ସମୟରେ ଠାକୁରଙ୍କ ଘରେ ପାଣି ଗଳୁଥିବାରୁ ପୂଜାର୍ଚ୍ଚନାରେ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଏଠାକୁ ଆସୁଥିବା ଭକ୍ତମାନେ ରୋଷ ଭୋଗ ଲାଗି କରିଥାନ୍ତି। ହେଲେ ଏକ ରୋଷେଇ ଘର ନ ଥିବାରୁ ଭକ୍ତ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେବେ ଗାଁର ଭାଇଚାରା ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଥିବା ଏହି ପୁରାତନ ମନ୍ଦିରଟିର ଉନ୍ନତୀକରଣ କରାଯିବା ପାଇଁ ବାଲୁଙ୍କେଶ୍ୱର ଦେବଙ୍କ ବରିଷ୍ଠ ପୂଜକ ଲକ୍ଷ୍ମୀଧର ପାଢ଼ୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହି ସମସ୍ୟା ଉପରେ ସ୍ଥାନୀୟ ରାଜନେତା ଓ ପ୍ରଶାସନର ଦୃଷ୍ଟି ପଡିଲେ ଏହି ଶୈବପୀଠର ଉନ୍ନତି ହେବା ସହ ଏଠାକୁ ଆସୁଥିବା ଭକ୍ତଙ୍କ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି କମିଟି ସଭାପତି ସୁରେନ୍ଦ୍ର ପାଢ଼ୀ ଓ ସମ୍ପାଦକ ମନୋରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।


ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ।


ବାଲୁଙ୍କେଶ୍ୱର ଦେବଙ୍କ ପୀଠ।

# ଚାଷଜମି ବୁଲି ଦେଖିଲେ ବିଭାଗୀୟ ଯନ୍ତ୍ରୀ

**କଣାସ,୨୨।୨(ସ୍ୱ.ପ୍ର.)**

ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନଦୀରୁ ଜଳରୁ ବଞ୍ଚିତ ହେଉଥିବା ଚାଷଜମିକୁ ବୁଧବାର ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ତହସିଲଦାର, ବିଡିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ବୁଲି ଦେଖିଛନ୍ତି।

କଣାସ ବ୍ଲକ ଅନ୍ତର୍ଗତ ବକୁ ଆଖପାଖ ଗ୍ରାମପଞ୍ଚାୟତର ଅନେକ ଗ୍ରାମର ଶାରଦ ଧାନ ଫସଲ ଚଳିତ ବର୍ଷ ମକରା ନଦୀର ଘାଇ ଯୋଗୁ ନଷ୍ଟ ହୋଇଯାଇଛି। ଏଥିପାଇଁ ଅନେକେ ଗ୍ରାମର ଚାଷୀ ଖରାଟିଆ ଚାଷକୁ ଅନାଇ ବସିଥିବାବେଳେ ନଦୀରୁ ଜଳ କମିବାରୁ ଧାନ ଚାଷ ନଷ୍ଟ ହେବାକୁ ବସିଲାଣି। ଫଳରେ ଅନେକ ଚାଷୀ ସୋମବାର ପୁରୀଠାରେ ଜିଲାପାଳଙ୍କୁ ଭେଟି ଏ ବାବଦରେ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପର ଦିନ ମଣିପୁରଠାରେ ୨ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ନ ଥିଲେ। ସେଥିପାଇଁ ବୁଧବାର ଯନ୍ତ୍ରୀ ମହାନ୍ତିଙ୍କ ସମେତ ତହସିଲଦାର ପାଣିଗ୍ରାହୀ, ବିଡିଓ ବେହେରା, ସହକାରୀ ଯନ୍ତ୍ରୀ ସୁରେଶ ମାଝି ଓ କନିଷ୍ଠଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ପାଣିରୁ ବଞ୍ଚିତ ଥିବା ଚାଷ ଜମି, ମଲାଗୁଣିନଦୀର ରାମେଶର ନିକଟ ଡ୍ୟାମକୁ ବୁଲି ଦେଖିଥିଲେ। ଏଥିସହ ଉମାକାନ୍ତ ପଟ୍ଟନାୟକ, ଶ୍ୟାମଶଙ୍କର ମିଶ୍ର, ଇନ୍ଦ୍ରମଣୀ ବାରିକ, ପ୍ରଭାସ ସୁନ୍ଦରାୟ, ପବିତ୍ରମୋହନ ରାୟ, କୁନୁ ପଟ୍ଟନାୟକ, ବିକ୍ରମ ନାଥ ପ୍ରମୁଖ ୨ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହ ଆଲୋଚନା କରିଥିଲେ।

# ଉଦ୍ୟାନ ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ


ଉଦ୍ୟାନକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

**ନିମାପଡ଼ା,୨୨।୨(ଡି.ଏନ୍.ଏ.)**

ନିମାପଡ଼ା ଜଳସେଚନ ବିଭାଗ ପକ୍ଷରୁ ୨୨ ଲକ୍ଷ ଟଙ୍କା ବ୍ୟୟରେ ଜଳସେଚନ ବିଭାଗ ଅଫିସ ପରିସରରେ ନବନିର୍ମିତ ଏକ ଆକର୍ଷଣୀୟ କଲୋନୀ ଉଦ୍ୟାନକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ, ଆକର୍ଷଣୀୟ ଉଦ୍ୟାନ ବୁଲି ମନ୍ତ୍ରୀ ଦାଶ ବେଶ ଖୁସି ଅନୁଭବ କରିଥିବାବେଳେ ଉଦ୍ୟାନ ଭିତରେ ମନ୍ତ୍ରୀ ଦାଶ ବିଭାଗୀୟ ଅଧିକାରୀଙ୍କ ସହ ଫଟୋ ଉଠାଇଥିଲେ। ଏପରି କାର୍ଯ୍ୟ ପାଇଁ ମନ୍ତ୍ରୀ ଦାଶ ବିଭାଗୀୟ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀ ସାଗର ମହାନ୍ତି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ଅଧିକ୍ଷଣ ଯନ୍ତ୍ରୀ ଶଶୀଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶ, ସହକାରୀ ଯନ୍ତ୍ରୀ ହେମାମାଳିନୀ ପତି, ଲମ୍ବୋଦର ପାଢୀ, କୃପାସିନ୍ଧୁ ପ୍ରଧାନ, ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ବହୁ ଏଜେନ୍ସି, ଅଫିସ କର୍ମଚାରୀ ଉପସ୍ଥିତ ଥିଲେ। ଜଳସେଚନ ବିଭାଗ ପକ୍ଷରୁ ମନ୍ତ୍ରୀ ଦାଶଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସାହିଯାତ କଳା ଲୋକଲୋଚନକୁ ଅଣାଯିବା ଉଚିତ



କାର୍ଯ୍ୟକ୍ରମରେ ସାହିଯାତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପୁରୀ ଅଫିସ, ୨୨।୨**

### ସାହିଯାତ କଳାକାରଙ୍କୁ ସମ୍ବର୍ଦ୍ଧନା

ପୁରୀ କୁଣ୍ଢେଇବେଣ୍ଟ ସାହି ସୁନ୍ଦରା ଯାଗା ପ୍ରାଙ୍ଗଣରେ ଆଠସାହି ଆଖଡ଼ା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ସାହିଯାତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀମନ୍ଦିରରେ ହେବାକୁ ଥିବା ପାରମ୍ପରିକ ରାମଜନ୍ମକୁ ନେଇ ଶ୍ରୀକ୍ଷେତ୍ରରେ ସାହିଯାତ ପରମ୍ପରା ଅନୁଷ୍ଠିତ ହୋଇଥାଏ। ଏହି ମହୋତ୍ସବ ଶ୍ରୀରାମଙ୍କ ଜନ୍ମଠାରୁ ରାବଣ ବଧ ପର୍ଯ୍ୟନ୍ତ ପୁରୀର ବିଭିନ୍ନ ସାହି ଆଖଡ଼ାରୁ ଭୂୟସୀମାନେ ବାହାରି ପଡ଼ୋଶୀ ସାହିରେ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିବା ସହିତ ଶ୍ରୀମନ୍ଦିର ନୀତିକାନ୍ତି ପାଳନ କରିଥାନ୍ତି। ଗତବର୍ଷ ଏହି ପାରମ୍ପରିକ ମହୋତ୍ସବରେ ଯୋଗଦେଇଥିବା କଳାକାରମାନଙ୍କୁ ବୁଧବାର ମାନପତ୍ର, ଉପଢୌକନ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠିତ ସଭାରେ ଆଠସାହି ଆଖଡ଼ା ସମନ୍ୱୟ କମିଟି ସଭାପତି ସମ୍ପାଦକ ଓ ବରିଷ୍ଠ ସେବାୟତମାନେ ଉପସ୍ଥିତ ଥିଲେ। ସାହିଯାତ ସମୟରେ ଜିଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ଶାନ୍ତିଶୃଙ୍ଖଳା ସହିତ ଏହି ପାରମ୍ପରିକ କାର୍ଯ୍ୟକ୍ରମ କିପରି କରାଯାଇପାରିବ ସେନେଇ ଅଲୋଚନା କରାଯାଇଥିଲା। ଆଠସାହି ମୁରବିମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାହିଯାତର ପାରମ୍ପରିକ କଳାକୁ ଲୋକଲୋଚନକୁ ଅଣାଯିବା ଉପରେ ଗୁରୁତ୍ୱ ଦେବା ପାଇଁ ଅତିଥି ମତବ୍ୟକ୍ତ କରିଥିଲେ। ସଭାରେ ଆଠ ସାହି ଆଖଡ଼ା ସଭାପତି ବାବାଜୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଚକ୍ରଧର ମହାପାତ୍ର, ନିରଞ୍ଜନ ସିଂହାରୀ, ନାରାୟଣ ମହାପାତ୍ର, ରଜତ ପ୍ରତିହାରୀ, ଭଗବାନ ସୁଆର, ଜଗନ୍ନାଥ ମହାପାତ୍ର, ରବିନ୍ଦ୍ର ସେନାପତି, ରବି ଦାସ, ରାମଚନ୍ଦ୍ର ମହାପାତ୍ର, ସାଇନା ଖୁଣ୍ଟିଆ, ଇଲା ରଣା, ରବିନାରାୟଣ ପୂଜାପଣ୍ଡା, ଭୀମସେନ୍ ପାଲ କାନ୍ଧାରୀ, କ୍ରୀତଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବଟି ଆଦାୟ: ୨ ଗିରଫ

**ପୁରୀ ଅଫିସ, ୨୨।୨**

ବଟି ଆଦାୟ ଅଭିଯୋଗରେ ଟାଉନ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟାଉନ ଥାନା ଅଞ୍ଚଳର ଅଜିତ ନାୟକ ଓ ହରଚଣ୍ଡି ସାହି ବାରବାଟି ଜାଗା ଅଞ୍ଚଳର କାହ୍ନୁ ଦାସ। ଏମାନଙ୍କ ନିକଟରୁ ଗୋଟିଏ ଲୁହାରଡ ଓ କାଠଫାଳିଆ ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ ନଂ. (୫୮/୨୩) ରୁଜୁ କରିଛି। ବାଣୁଆ ଗଳି ନିକଟରେ ଅଭିଯୁକ୍ତ ଦ୍ୱୟ ଦୋକାନୀମାନଙ୍କଠାରୁ ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ।

# ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକଙ୍କ ଅବସରକାଳୀନ ସଭା

**ପିପିଲି,୨୨।୨ (ସ୍ୱ.ପ୍ର.)**

ପିପିଲି ମହାବିଦ୍ୟାଳୟର ରୟାଲ ଡିପାର୍ଟମେଣ୍ଟ ଅଫ୍ ପଲିଟିକାଲ ସାଇନ୍ସର ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ଗଦାଧର ପ୍ରଧାନଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଏନ୍‌ସିସି ମୁଖ୍ୟ ଡ. ଅଦିତ୍ୟ ପ୍ରସାଦ ରଥ ଏବଂ ରାଜନୀତି ବିଜ୍ଞାନ ବିଭାଗ ଶିକ୍ଷକ ଡ. ଆଦିତ୍ୟ ପ୍ରସାଦ ରଥ ସଭା ପରିଚାଳନା କରିଥିଲେ। ତାଙ୍କ କର୍ମମୟ ଜୀବନ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ କହିଥିଲେ। ଅଧକ୍ଷ ଡା. ଶିବ ପ୍ରସାଦ ମିଶ୍ର କହିଥିଲେ, ସବୁ ଛାତ୍ରୀଛାତ୍ରଙ୍କ ଏକାଠି ହେବା ଜଣେ ଶିକ୍ଷକଙ୍କ ପାଇଁ ଗର୍ବର କଥା। ସଭାରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଭୀମସେନ କର, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଧାପକ ଡ. ତ୍ରିନାଥ ଶତପଥି, ଏନ୍‌ସିସି ମୁଖ୍ୟ ଡ. ରଥ, ରାଜନିତୀ ବିଜ୍ଞାନ ବିଭାଗ ଶିକ୍ଷୟିତ୍ରୀ ରେଶ୍ମାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ରେଶ୍ମାରାଣୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର


କାର୍ଯ୍ୟକ୍ରମରେ ଏମ୍‌ପି ପିନାକୀ ମିଶ୍ର, ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟମାନେ।

**ପିପିଲି,୨୨।୨ (ସ୍ୱ.ପ୍ର.)**

ପିପିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ୯୯ ଲକ୍ଷ ୩୫ ହଜାର ୯୩୬ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟକୁ ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଡିଓ ରଶ୍ମିତା ନାଥ, ପିପିଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରବିନ୍ଦ୍ରନାଥ ନନ୍ଦ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ନବଘନ ବେହେରା, ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ପୌରାଧକ୍ଷ ସେକ୍ ବାବୁ, ପୌର ଉପାଧକ୍ଷା ଭାଗ୍ୟବତୀ ମହାରଣା, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ଦାଶ, ବିଧାୟକ ପ୍ରତିନିଧି ଶରତ ବେହେରା, ପୂର୍ବତନ କାଉନ୍ସିଲର ଗନ୍ଧର୍ବ ପରିଡ଼ା, ଓଡ଼ିଶା ପ୍ରାଥମିକ ଶିକ୍ଷକ ମହାସଂଘର ମହାସଚିବ ବିକ୍ରମ ରଥ, ପ୍ରାଥମିକ ଶିକ୍ଷକ ସଂଘ ପିପିଲି ବ୍ଲକ ସଭାପତି ଜୟପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଦିନମଜୁରିଆଙ୍କ ଜୀବନ ଗଲା

**ନିମାପଡ଼ା,୨୨।୨ (ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତୁଆର ପଞ୍ଚାୟତର ଦେଉଳିଆଠେଙ୍ଗ ଗ୍ରାମ ପୋଖରୀରେ ବୁଡ଼ି ବୁଧବାର ନରେନ୍ଦ୍ର ଦାସ(୫୮)ଙ୍କ ମୃତ୍ୟୁ ଘଟିଛି। ନିମାରଡ଼ା ପୋଲିସ ଏନେଇ ଏକ ମାମଲା (ନଂ.୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନରେନ୍ଦ୍ର ଜଣେ ଦିନମଜୁରିଆ ହୋଇଥିବାବେଳେ ସେ କାମ ସାରି ଅପରାହ୍ନ ୨ଟା ବେଳେ ଗ୍ରାମର ଅଲେଖ ଆଶ୍ରମ ପୋଖରରେ ଗାଧଉଥିଲେ। ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ଗ୍ରାମ ଲୋକ ଦେଖି ନରେନ୍ଦ୍ରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡାକ୍ତରଖାନାରେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡ଼ିକାଲକୁ ପଠାଇଛି। ଏନେଇ ମୃତ ନରେନ୍ଦ୍ରଙ୍କ ଭାଇ ବିନୋଦ ବିହାରୀ ଦାସ ଥାନାରେ ଅଭିଯୋଗ କରିଛନ୍ତି। ନରେନ୍ଦ୍ରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି।

# ପିଲାଙ୍କୁ ପରିବେଶ ସୁରକ୍ଷା ପାଠ ପଢ଼ାଇଲେ ବାର୍ଡମ୍ୟାନ୍

**ପିପିଲି,୨୨।୨(ସ୍ୱ.ପ୍ର.)**

ଖରାଦିନେ ତୃଷାର୍ଥ ପକ୍ଷୀଙ୍କ ପାଇଁ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ ୩୪ହଜାରୁ ଊର୍ଦ୍ଧ୍ୱ ମାଟିପାତ୍ର ବାଣ୍ଟିବା ସହ ଏପର୍ଯ୍ୟନ୍ତ ୧ ଲକ୍ଷ ସିଡବଲ ତିଆରି କରି ବିଭିନ୍ନ ସ୍ଥାନରେ ବିନିଯୋଗ କରି ନିଜକୁ ପରିବେଶ ସୁରକ୍ଷା କ୍ଷେତ୍ରରେ ଉତ୍ସର୍ଗୀକୃତ କରିପାରିଛନ୍ତି। ତେବେ ସେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ କମ୍ୟୁନିଟି ସେଣ୍ଟରରେ ଏନେଇ କର୍ମଶାଳା ମଧ୍ୟ ଆୟୋଜନ କରିଛନ୍ତି। ଶୁଭ୍ରାଂଶୁ ଏଭଳି ଏକ କର୍ମଶାଳା ପୁରୀ ଜିଲା ପିପିଲି ବ୍ଲକ କାଜିପାଟଣାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଆୟୋଜିତ କରିଥିଲେ। ଖରାଦିନେ ତୃଷାର୍ଥ ପକ୍ଷୀଙ୍କ ଜୀବନ ସୁରକ୍ଷା ସହ ଖରାଦିନରେ ବନାଗ୍ନି ସମସ୍ୟା ଓ ଏହାର ସମାଧାନ ସହ ସବୁଜିମା ସୃଷ୍ଟିରେ ସିଡବଲର ଭୂମିକା ନେଇ ସେ ଏହି କର୍ମଶାଳାର ଆୟୋଜନ କରିଥିଲେ। ତେବେ ଏଭଳି କର୍ମଶାଳା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଖୁବ୍ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଏଭଳି ଶିକ୍ଷା ଆଗାମୀ ଦିନରେ ପରିବେଶ ପ୍ରତି ଭଲ ପାଇବା ସୃଷ୍ଟି କରିବ ବୋଲି କର୍ତ୍ତୃପକ୍ଷ ଶୁଭ୍ରାଂଶୁଙ୍କୁ ସାଧୁବାଦ ଜଣାଇଥିଲେ। ସୂଚନା ଥାଉକି ପରିବେଶ ସୁରକ୍ଷା ଭିତ୍ତିକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରି ପ୍ରଥମ ଓଡ଼ିଆ ଏବଂ ଅଷ୍ଟମ ଭାରତୀୟ ଭାବେ ଶୁଭ୍ରାଂଶୁ ୟୁକେ ୱାଇଲ୍ଡଲାଇଫରେ ଯୁବ ପରିବେଶବିତ୍ ଭାବେ ସ୍ଥାନ ଗ୍ରହଣ କରିଛନ୍ତି। ପ୍ଲାଷ୍ଟିକ ବର୍ଜନକୁ ନେଇ ମାନବଶୃଙ୍ଖଳ, ଜଙ୍ଗଲରେ ନିଆଁ ଲିଭାଇବା ଭଳି କାର୍ଯ୍ୟ କରିଛନ୍ତି। ୨୦୧୮- ୧୯ରେ ଜାତିସଂଘଠାରୁ ପୁରସ୍କାର ପାଇବା ସହ ରାଜ୍ୟପାଳଙ୍କଠାରୁ ବାର୍ଡମ୍ୟାନର ଆଖ୍ୟା ଅର୍ଜନ କରିଛନ୍ତି।


ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ ପିଲାଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଉଛନ୍ତି।

# 'ରାଜ୍ୟ ସରକାରଙ୍କ ବିଫଳତାକୁ ଅସ୍ତ୍ର କର'

**ପୁରୀ ଅଫିସ, ୨୨।୨**

### ରାଜ୍ୟ ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ

ରାଜ୍ୟ ଭାଜପା ଯୁବ ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ ବୁଧବାର ଚକ୍ରତୀର୍ଥ ରୋଡସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ରାଜ୍ୟ ଯୁବମୋର୍ଚ୍ଚା ପ୍ରଭାରୀ ତଥା ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, କେନ୍ଦ୍ର ପ୍ରଭାରୀ ଶଶାଙ୍କ ଶେଖର ରାଜ୍ ଯୋଗଦେଇ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ବିଫଳତାକୁ ଅସ୍ତ୍ର କରିବା ସହ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କିଭଳି ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବ ସେନେଇ ବରିଷ୍ଠ ନେତୃବୃନ୍ଦ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ତୃଣମୂଳ ସ୍ତରରୁ ଦଳର ସ୍ଥିତିକୁ ମଜଭୁତ କରିବା ସହ ବୁଥ୍-ଟୁ-ବୁଥ୍ ଯାଇ ଲୋକଙ୍କ ସମସ୍ୟା ସହ ଯୋଡ଼ିହୋଇ ସେମାନଙ୍କ ହକ୍ ଲଢେଇରେ ସାମିଲ ହେବାକୁ ବରିଷ୍ଠ ନେତୃବୃନ୍ଦ କହିଥିଲେ। ରାଜ୍ୟରେ ଅରାଜକତା, ବେକାରୀ ସମସ୍ୟା, ଶିକ୍ଷିତ ଯୁବକ ଦାଦନ ଖଟିବାକୁ ଯିବା, ମହିଳାଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିବା, ଖେଳ ଭିତ୍ତିଭୂମି ନାମରେ ହରିଲୁଟ୍ ଓ ଠିକାଦାର ପୋଷା ନୀତିକୁ ବିରୋଧ, ଶିକ୍ଷା ଓ ସ୍ୱାସ୍ଥ୍ୟବସ୍ଥା ବିପର୍ଯ୍ୟସ୍ତ ଇତ୍ୟାଦି ପ୍ରମୁଖ ପ୍ରସଙ୍ଗକୁ ଯୁବ ମୋର୍ଚ୍ଚା ଅସ୍ତ୍ର କରି ଆଗାମୀ ଦିନରେ ରାଜ୍ୟବ୍ୟାପି ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ଓ ସଂକଳ୍ପ ନିଆଯାଇଛି। ଏହି ଅବସରରେ ରାଜନୈତିକ ୨ଟି ପ୍ରସ୍ତାବ ଉପସ୍ଥାପନା କରାଯାଇଥିଲା। ଓଡ଼ିଶାରେ ପର୍ଯ୍ୟଟନ ନାମକୁ ମାତ୍ର। ଖେଳାଳିଙ୍କୁ ଉଚିତ ପ୍ରୋତ୍ସାହନ ପାଇଁ ପ୍ରତ୍ୟେକ ଜିଲାରେ ସ୍ପୋର୍ଟ ହଷ୍ଟେଲ ନିର୍ମାଣ, କୋଚ୍ ଏବଂ ପିଇଟି ନିଯୁକ୍ତି ସଂଖ୍ୟା ବୃଦ୍ଧି କରିବା ପାଇଁ ଦଳ ଦାବି କରିଛି। ରାଜ୍ୟ ସରକାର ଗଳିକନ୍ଦିରେ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦେବା ନିଷ୍ପତ୍ତିକୁ ଭାଜପା ନିନ୍ଦା କରିଛି। ବୈଠକରେ ରାଜ୍ୟ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଯୁବମୋର୍ଚ୍ଚା ଜାତୀୟ ଉପସଭାନେତ୍ରୀ ଅର୍ପିତା ଅପରାଜିତା ବଡ଼ଜେନା, ଜାତୀୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଏବଂ ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ପୁରୀ ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ର ପ୍ରଭାରୀ ଶଶାଙ୍କ ଶେଖର ରାଜ୍ ଏବଂ ଅନ୍ୟ ନେତୃବୃନ୍ଦ।

## ସଂକ୍ଷେପରେ

### ବଢୁଛି 'ମୋ ଖତ' ଚାହିଦା

ଭୁବନେଶ୍ୱର,୨୨।୨(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ସହରରୁ ସଂଗ୍ରହ କରାଯାଉଥିବା ଜୈବିକ ଆବର୍ଜନାରୁ ପ୍ରସ୍ତୁତ ହେଉଥିବା 'ମୋ ଖତ'ର ଚାହିଦା ବଢ଼ିବାରେ ଲାଗିଛି। ସମଗ୍ର ରାଜ୍ୟରେ ଏହି ଜୈବିକ ଖତ ପ୍ରସ୍ତୁତ କରିବାରେ ବିଏମସି ଆଗୁଆ ରହିଛି। ୨୦୨୧ ଜାନୁଆରୀ ମାସରେ ରାଜମହଲରେ 'ମୋ ଖତ' ବିକ୍ରୟ କେନ୍ଦ୍ର ଖୋଲିଥିବାବେଳେ ୨ ବର୍ଷ ମଧ୍ୟରେ ବେଶ୍ ବ୍ୟବସାୟ ହୋଇପାରିଛି। ବର୍ତ୍ତମାନ ସୁଦ୍ଧା ୨୬୦ ମେଟ୍ରିକ୍ ଟନ୍ ଖତ ବିକ୍ରୟ ହୋଇଥିବାବେଳେ ୫୨ଲକ୍ଷ ଟଙ୍କାରୁ ଅଧିକ ଆୟ ହୋଇପାରିଛି। ସହରର ବିଭିନ୍ନ ହୋଟେଲ, ମଲ୍ ଆଦିର ମାଲିକମାନେ ଏହି ଖତ କ୍ରୟ କରୁଥିବାବେଳେ ସହରବାହାରକୁ ମଧ୍ୟ ଖତ ପଠାଯାଉଛି। କଟକ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼ ଓ ଯାଜପୁର ଜିଲା ସମେତ ଅନ୍ୟାନ୍ୟ ସ୍ଥାନକୁ ଏହି ଖତ ପଠାଯାଉଛି। କିଲୋଗ୍ରାମ ପ୍ରତି ୨୦ଟଙ୍କାରେ ଏହି ଖତ ବିକ୍ରି ହେଉଥିବାବେଳେ ଆମାଜନ ଓ ଫ୍ଲିପ୍‌କାର୍ଟରେ ମଧ୍ୟ ଉପଲବ୍ଧ ହେଉଛି। ଥରରେ ୨୫କେଜିରୁ ଅଧିକ ପରିମାଣର ଖତ ବରାଦ କରାଯାଇପାରୁଛି। ତେବେ ସଫେଇ ଗାଡ଼ି ମାଧ୍ୟମରେ ଅଳ୍ପ ପରିମାଣର ଖତ ମଧ୍ୟ ପହଞ୍ଚି ପାରୁଛି। ତେବେ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଅଧିକ ପରିମାଣ ଖତ ପ୍ରସ୍ତୁତି ପାଇଁ ବିଏମସି ଯୋଜନା କରୁଥିବା ଡେପୁଟି କମିଶନର(ପରିମଳ) ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ନିର୍ମାଣାଧୀନ ଭେଣ୍ଡିଂ ଜୋନର ସ୍ଥିତି ସମୀକ୍ଷା

ଭୁବନେଶ୍ୱର,୨୨।୨(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ନିର୍ମାଣାଧୀନ ଭେଣ୍ଡି ଜୋନ ସ୍ଥିତି ସମୀକ୍ଷା କରାଯାଇଛି। ବିଏମସି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ବୁଧବାର ଭୁବନେଶ୍ୱର କସମୋପଲିସ ନିକଟରେ ନିର୍ମାଣାଧୀନ ଭେଣ୍ଡି ଜୋନର ସ୍ଥିତି ସମୀକ୍ଷା କରିଛନ୍ତି । ମୁକ୍ତା ଯୋଜନା ଅଧିନରେ ସେଠାରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଉଥିବାବେଳେ ଭୁବନେଶ୍ୱରର ସବୁ ୱାର୍ଡରେ ଭେଣ୍ଡି ଜୋନ ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଗତ ସୋମବାର ହୋଇଥିବା କର୍ପୋରେସନ ବୈଠକରେ ୱାର୍ଡ ସ୍ତରରେ ଭେଣ୍ଡିଂ ଜୋନର ବିକାଶ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ଅତିରିକ୍ତ କମିଶନର କାର୍ଯ୍ୟର ଅଗ୍ରଗତିର ତର୍ଜମା କରିଛନ୍ତି।

### ସତ୍ୟନଗର ଲେଡ଼ିଜ ଫୋରମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୨।୨( ବ୍ୟୁରୋ): ସତ୍ୟନଗର ଲେଡ଼ିଜ ଫୋରମ ତରଫରୁ ବୁଧବାର ୟୁନିଟ-୯ ୱାର୍ଡ଼ ଅଫିସରେ ମହିଳାଙ୍କ ଲୋହିତ ରକ୍ତ କଣିକାରେ ହିମୋଗ୍ଲୋବିନର ପରିମାଣ ପରୀକ୍ଷା କାର୍ଯ୍ୟକ୍ରମ ଆପୋଲୋ ହସପିଟାଲ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କର ହିମୋଗ୍ଲୋବିନ, ମଧୁମେୟ ଓ ଉଚ୍ଚ ରକ୍ତଚାପ ପରୀକ୍ଷଣ କରାଯାଇଥିଲା। ଏଥିରେ ୨୯ ନଂ. ୱାର୍ଡ଼ର କର୍ପୋରେଟର ଜୀବନ ରାଉତ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ଅଶୋକ ରଥ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟନଗର ଲେଡ଼ିଜ ଫୋରମର ସଦସ୍ୟା ଦୀପ୍ତି ବେହେରା, ଗୋବିନ୍ଦ ପାତ୍ର, ମାନସୀ ପାଢ଼ୀ, କାଜଲ ମହାପାତ୍ର, ରତ୍ନମଞ୍ଜରୀ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ଏହା ସଂସ୍ଥାର ସମ୍ପାଦିକା ଅନୁରାଧା ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

### ସ୍ୱଚ୍ଛସାଥୀ ପୂଜାଙ୍କୁ ମେୟରଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୨।୨(ବ୍ୟୁରୋ): ଅଳିଆ ଗଦାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱମୂଲ୍ୟର ସୁନା ଚେନ ପାଇ ଫେରାଇଥିବା ସ୍ୱଚ୍ଛସାଥୀ ପୂଜାଙ୍କୁ ଏବେ ଶୁଭେଚ୍ଛାର ସୁଅ ଛୁଟୁଛି । ମଙ୍ଗଳବାର ବିଏମସି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ବୁଧବାର ମେୟର ତଥା ଅନ୍ୟ କର୍ପୋରେଟରମାନେ ପୂଜାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ପୂଜାଙ୍କ ସଚ୍ଚୋଟତା ଲାଗି ମେୟର ଖୁସିବ୍ୟକ୍ତ କରିବା ସହ ସେ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିବେ ବୋଲି କହିଛନ୍ତି। ସୂଚନା ଥାଉ କି, ଶୈଳଶ୍ରୀ ବିହାରର ବିଭୂତି ସେଠୀ ନାମକ ଜଣେ ବ୍ୟକ୍ତି ନିଜ ସୁନା ଚେନକୁ ଭୁଲ୍‌ବଶତଃ କିଛି ଫୁଲ ସହ ଡଷ୍ଟବିନରେ ପକାଇ ବିଏମସିକୁ ଦେଇଦେଇଥିଲେ।

# ବିଏମ୍‌ସି ଅଧୀନ ଆହାର କେନ୍ଦ୍ରକୁ ଆଇଏସ୍‌ଓ ସାର୍ଟିଫିକେଟ

ଭୁବନେଶ୍ୱର,୨୨।୨(ବ୍ୟୁରୋ)




ସ୍ୱଚ୍ଛତା ଓ ଉତ୍ତମମାନର ଖାଦ୍ୟ ଯୋଗାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୧୦ ଆହାର କେନ୍ଦ୍ରକୁ ଆଇଏସ୍‌ଓ ସାର୍ଟିଫିକେଟ ମିଳିଛି। ବିଏମସି ଅଧୀନରେ ମୋଟ ୧୧ଟି ଆହାର କେନ୍ଦ୍ର ଥିବାବେଳେ ଏଥିମଧ୍ୟରୁ ଗୋଟିଏକୁ ଭାଙ୍ଗି ଦିଆଯାଇଛି। ଆହାର କେନ୍ଦ୍ର ଜରିଆରେ ଭୁବନେଶ୍ୱରରେ ଦୈନିକ ମୋଟ ୭୭୫୮ଜଣ ହିତାଧିକାରୀ ମାତ୍ର ୫ ଟଙ୍କାରେ ରନ୍ଧା ଖାଦ୍ୟ ପାଉଛନ୍ତି। ଏ ସମସ୍ତ ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଇଛି। କ୍ୟାପିଟାଲ ହସ୍ପିଟାଲ, ସମ୍ ହସ୍ପିଟାଲ ଓ କଳିଙ୍ଗ ହସ୍ପିଟାଲ ନିକଟରେ ଥିବା ଆହାର କେନ୍ଦ୍ରରେ କେବଳ ରାତ୍ରି ସମୟରେ ରନ୍ଧାଖାଦ୍ୟ ଉପଲବ୍ଧ ହେଉଥିବାବେଳେ ଅନ୍ୟସବୁ ସ୍ଥାନରେ କେବଳ ଦିନ ସମୟରେ ରନ୍ଧା ଖାଦ୍ୟ ଦିଆଯାଉଛି। ଏମ୍‌ସ ହସ୍ପିଟାଲ ନିକଟରେ ଦୁଇଟି ଆହାର କେନ୍ଦ୍ର ଥିବାବେଳେ ସେଠାରେ ରାତ୍ରି ସମୟରେ ଲୋକଙ୍କୁ ରନ୍ଧା ଖାଦ୍ୟ ଉପଲବ୍ଧ ହେଉ ନ ଥିବାରୁ ସ୍ଥାନୀୟ ତଥା ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଲୋକଙ୍କ ଅସୁବିଧା ଓ ଦାବିକୁ ଗୁରୁତ୍ୱ ଦିଆଯାଇ ଏମ୍‌ସ ହସ୍ପିଟାଲ ନିକଟରେ ଥିବା ଦୁଇଟି ଆହାର କେନ୍ଦ୍ରରେ ଖୁବ୍‌ଶୀଘ୍ର ରାତ୍ରିକାଳୀନ ରନ୍ଧାଖାଦ୍ୟ ଯୋଗାଇଦେବାକୁ ବିଏମ୍‌ସି ଯୋଜନା କରୁଥିବା ଜଣାପଡିଛି।

# ଭାଜପା କର୍ପୋରେଟରଙ୍କ ସହ ମେୟରଙ୍କ ଆଲୋଚନା

## କର୍ପୋରେଶନ ବୈଠକରେ କଣ୍ଠରୋଧ ଅଭିଯୋଗ ଥିଲା

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଗତ ସୋମବାର ଭୁବନେଶ୍ୱର ମହାନଗର ନିଗମ(ବିଏମସି) କାର୍ଯ୍ୟାଳୟରେ ହୋଇଥିବା କର୍ପୋରେଶନ ବୈଠକରେ ଭାଜପା କର୍ପୋରେଟରଙ୍କୁ ଆଲୋଚନା କରିବାକୁ ସୁଯୋଗ ଦିଆଯାଇ ନ ଥିବା ଅଭିଯୋଗ ଉଠିଥିଲା। ଏଥିସହ ବିଜେଡି କର୍ପୋରେଟର ଦାଦାଗିରି କରିବା ସହ ସେମାନଙ୍କ କଣ୍ଠରୋଧ କରିଥିଲେ। ମେୟର ଓ କମିଶନରଙ୍କ ଉପସ୍ଥିତିରେ ଏଭଳି ଘଟଣା ଘଟୁଥିବାବେଳେ ଜାଣିଶୁଣି ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ଭାଜପା କର୍ପୋରେଟରମାନେ ବୈଠକ ତ୍ୟାଗ କରି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏପରିକି ଧାରଣାକୁ ନେଇ ମେୟର ସୁଲୋଚନା ଦାସଙ୍କ ବିବାଦୀୟ ବୟାନ ସେମାନଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଥିଲା। ଭାଜପା କର୍ପୋରେଟରମାନେ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଯାହାର ଯାହା ସମସ୍ୟା ଅଛି ତାହାକୁ ନଜରକୁ ଆଣିଲେ ସମାଧାନ ତୁରନ୍ତ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏଥିପାଇଁ ୨୨ ତାରିଖରେ ସ୍ୱତନ୍ତ୍ର ବୈଠକ ବସିବ ବୋଲି ମେୟର କହିଥିଲେ। ଏହି ଅନୁସାରେ, ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ ଭାଜପା କର୍ପୋରେଟରଙ୍କ ସହ ମେୟର ଆଲୋଚନା କରିଥିଲେ। ଧାରଣା କାଳରେ ଉଭୟ ମେୟର ଓ କର୍ପୋରେଟରଙ୍କ ଅରୁଚିକର ମନ୍ତବ୍ୟକୁ ନେଇ ପରସ୍ପର ବୁଝାମଣା ହୋଇଥିବା ୱାର୍ଡ ନଂ.୬୭ର କର୍ପୋରେଟର ମଧୁମିତା ପ୍ରଧାନ ସୂଚନା ଦେଇଛନ୍ତି। କର୍ପୋରେଟର ଜୀବନ ରାଉତ, ଧରିତ୍ରୀ ଜେନା, ସୁଚିତ୍ରା ପାତ୍ର, ରାମଚନ୍ଦ୍ର ରଣସିଂହ, ସୁଜାତା ଛୋଟରାୟ, ମଧୁସ୍ମିତା ପ୍ରଧାନ, ଯଶୋଧରା ପ୍ରଧାନ, ଗୀତାଞ୍ଜଳୀ ସାହୁ, ଲକ୍ଷ୍ମୀପ୍ରିୟା ପରିଡ଼ା ଓ ସୁକୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ୱାର୍ଡର ସମସ୍ୟା ସମ୍ପର୍କରେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭେଣ୍ଡିଂ ଜୋନ୍ ନିର୍ମାଣ, ପରିମଳ ବ୍ୟବସ୍ଥାରେ ସୁଧାର ସହ ଅବହେଳିତ ଅବସ୍ଥାରେ ମୁକୁଳା ଡ୍ରେନରେ ସ୍ଲାବ୍ ପଡ଼ିବା, ମହିଳା ସମିତି ଗୃହ ନିର୍ମାଣ, ଜଳାଶୟ ପୁନରୁଦ୍ଧାର ଆଦି ବିଷୟରେ ଆଲୋଚନା ହୋଇଥିଲା।



ସୂଚନା ଭବନଠାରେ ଚାଲିଥିବା '୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୨୩'ର ବୁଧବାର ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ମର୍ଦ୍ଦଳ ବାଦନରୁ ଆରମ୍ଭ ହେଲା ତୃତୀୟ ସନ୍ଧ୍ୟା

## ୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ସୂଚନା ଭବନଠାରେ ଚାଲିଥିବା '୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୨୩'ର ବୁଧବାର ତୃତୀୟ ସନ୍ଧ୍ୟା ବେଶ୍ ଚିତ୍ତାକର୍ଷକ ଥିଲା। ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀଙ୍କ ଦ୍ୱାରା ବୃନ୍ଦ ମର୍ଦ୍ଦଳ ବାଦନରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ୧୧ ମାତ୍ରାରୁ ଆରମ୍ଭ ଓ ୧୬ ମାତ୍ରା ଆଦିତାଳର ଉପସଂହାର ଉପରେ ଏହା ପର୍ଯ୍ୟବସିତ ଥିଲା। ପରେ ଗୁରୁ ଅଚ୍ୟୁତ ମହାରଣାଙ୍କ ଦ୍ୱାରା ଏକକ ଗାୟନରେ ଗୁଣନିଧି ନିରବଧି ମନରୁ ନ ଗଲୁରେ... ପରିବେଷିତ ହୋଇଥିଲା, ଯାହା ରାଗ ରସ ମନ୍ଦାର ଓ ତାଳ ଯତି-ବେଣୁଧର ଉପରେ ଆଧାରିତ ଥିଲା। ଏହାପରେ ସୁରସରିତା ରାଉତଙ୍କ ଦ୍ୱାରା ଏକକ ଗାୟନରେ ଭାବାଙ୍ଗରେ 'ସତେ କି ଭଙ୍ଗୀ କଲା' ଓ ନାଟ୍ୟାଙ୍ଗୀରେ 'ଚାହାଁ ଚାହାଁରେ ବନ୍ଧୁ ଚାହାଁଏ' ପ୍ରଦର୍ଶିତ ହୋଇଥିଲା। ପରେ ବସୁନ୍ଧରା ପରିଡ଼ାଙ୍କ ଦ୍ୱାରା ମହୀ ମଣ୍ଡନା ତୁ ନ ମାର..., ପ୍ରିୟ ସହି, ପରମାନ୍ଦ ବଡ଼ ତୁହି...ରେ ଦର୍ଶକ ମୁଗ୍ଧ ହୋଇଥିଲେ। ଏହା ରାଗ ମାର୍ଗ ବିହାଗ ଓ ଏକତାଳି ଉପରେ ନିବଦ୍ଧ ଥିଲା। ବିଜୟଲକ୍ଷ୍ମୀ ରାଉତରାୟଙ୍କ ଦ୍ୱାରା ଓଡ଼ିଶୀ ଏକକ ଗାୟନରେ 'କିଏ ଲୋ ସଜନୀ କେଳି କଦମ୍ବ ମୂଳେ' ଏବଂ ଜ୍ୟୋତିର୍ମୟୀ ନାୟକଙ୍କ ଦ୍ୱାରା ରାଗ ରାଗେଶ୍ରୀ ଓ ତାଳ ଏକତାଳି ଉପରେ ଆଧାରିତ ଘନ କୁନ୍ତଳା... ଓ ତଥାପିରେ କହ ତଥାପିରେ ପ୍ରିୟସହୀ.. ପରିବେଷିତ ହୋଇଥିଲା। ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ପିପିଏଲ ମୁଖ୍ୟ ସୁଧୀରଞ୍ଜନ ମିଶ୍ର ଏବଂ ଓଏଚ୍‌ପିସିର ପରିଚାଳନା ନିର୍ଦ୍ଦେଶକ ଇଂ. ସହଦେବ ଖଟୁଆ ଯୋଗ ଦେଇଥିଲେ। ଫାଉଣ୍ଡେଶନ ସଭାପତି କ୍ଷୀରୋଦ ପଟ୍ଟନାୟକ, ସମ୍ପାଦକ ଗୁରୁ ରାମହରି ଦାସ ଓ ଆବାହକ ଅରକ୍ଷିତ ଦାଶ ଉପସ୍ଥିତ ଥିଲେ। ସଂଯୋଜକ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ଅଭିଯୋଗ ପାଇଁ ରାଜଧାନୀ ରାସ୍ତାରେ ୩ ଦିନ

## ଏଟିଏମ୍ ବଦଳାଇ ଚାଷୀଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଅଜଣା ଲୋକଙ୍କୁ ଏଟିଏମ୍ ଦେଇ ଜଣେ ଚାଷୀ ଠକେଇର ଶିକାର ହୋଇଛନ୍ତି। ଦୁର୍ବୃତ୍ତ ଜଣଙ୍କ ଚାଷୀଙ୍କୁ ସାହାଯ୍ୟ କରିବା ଆଳରେ ଏଟିଏମ୍ ବଦଳାଇ ସେଥିରେ ଥିବା ୪୦ହଜାର ଟଙ୍କା ଉଠାଇ ନେଇଛନ୍ତି। ଠକେଇର ଶିକାର ହୋଇଥିବା ଚାଷୀ ଜଣଙ୍କ ହେଲେ ରାୟଗଡ଼ା ଜିଲା କାଶୀପୁରର ଜୟଧନ ଗୌଡ। ଠକେଇର ଶିକାର ହେବା ଜାଣିବା ପରେ ଜୟଧନ କାଶୀପୁର ଥାନା ଓ ଭୁବନେଶ୍ୱର ଜିଆର୍‌ପି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କେହି ତାଙ୍କର ଅଭିଯୋଗ ଗ୍ରହଣ କରୁ ନାହାନ୍ତି ବୋଲି ସେ କହିଛନ୍ତି। ଯେଉଁଠି ଘଟଣା ଘଟିଛି ସେହି ନିକଟସ୍ଥ ଥାନାରେ ଅଭିଯୋଗ କର କହି ତାଙ୍କୁ ପୋଲିସ ଫେରାଇ ଦେଉଥିବା ସେ କହିଛନ୍ତି। ତେଣୁ କିଛି ଉପାୟ ନ ପାଇ ରାଜଧାନୀରେ ସେ ୨ ଦିନ ଧରି ହଇରାଣ ହେଉଥିବା କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଚାଷର ନୂଆ ଜ୍ଞାନ କୌଶଳ ଶିଖିବା ପାଇଁ ଗତ ୧୭ତାରିଖରେ କାଶୀପୁରରୁ ଜୟଧନ ରାଜଧାନୀକୁ ଆସିଥିଲେ। ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଚାଲିଥିବା କୃଷି ଓଡ଼ିଶାରେ ଯୋଗ ଦେଇ ନୂଆ ଯନ୍ତ୍ରପାତି ସହ ଚାଷର ନୂଆ ପ୍ରୟୋଗ ଦେଖି ସେହି ଦିନ ରାତିରେ ଘରକୁ ଫେରିବାର ଥିଲା। ତେବେ କେରଳରେ ରହୁଥିବା ଜଣେ ସମ୍ପର୍କୀୟ ତାଙ୍କୁ ୬ହଜାର ଟଙ୍କା ପଠାଇ ଚେକ୍ କରିବାକୁ କହିଥିଲେ। ଏହାପରେ ସେହିଦିନ ରାତିରେ ଭୁବନେଶ୍ୱର ରେଳ ଷ୍ଟେଶନ ପାଖରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ଯାଇ ଚେକ୍ କରିଥିଲେ। ଏହି ସମୟରେ କିଛି ଟଙ୍କା ଉଠାଇବାକୁ ଚାହିଁବାରୁ ପଛ ପାଖରେ ଛିଡ଼ା ହୋଇଥିବା ଜଣେ ଅଜଣା ଯୁବକଙ୍କୁ ଟଙ୍କା ଉଠାଇବାକୁ ଅନୁରୋଧ କରିଥିଲେ। ହେଲେ ଯୁବକ ଜଣଙ୍କ ଏଟିଏମ୍ ବଦଳାଇ ଟଙ୍କା ଉଠୁ ନ ଥିବା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ୧୮ତାରିଖରେ ଘରେ ପହଞ୍ଚିବା ପରେ ଏକ ଜନସେବା କେନ୍ଦ୍ରକୁ ଯାଇ ଜୟଧନ ଟଙ୍କା ଉଠାଇବାବେଳେ ଟଙ୍କା ନ ଉଠିଥିଲା। ଏହାଦେଖି ସେଠାରେ ଥିବା କର୍ମଚାରୀ ନାମ ପଚାରିବାରୁ ଅନ୍ୟ ନାମରେ ଉକ୍ତ ଏଟିଏମ୍ ରହିଥିବା କହିଥିଲେ। ଏହା ପରେ ଠକେଇର ଶିକାର ହେବା ଜାଣି ଜୟଧନ କାଶୀପୁର ଥାନାକୁ ଯାଇଥିଲେ। ହେଲେ ସେଠାରେ ତାଙ୍କୁ ଭୁବନେଶ୍ୱରରେ ଘଟଣା ଘଟିଛି, ତେଣୁ ସେଠାରେ ଅଭିଯୋଗ କରିବାକୁ ପୋଲିସ କହିଥିଲା। ଫଳରେ ସେ ୧୯ ତାରିଖରେ ପୁଣି ଭୁବନେଶ୍ୱର ଆସି ଜିଆରପି ଥାନାରେ ଅଭିଯୋଗ ପତ୍ର ଦେଇଥିଲେ। କିନ୍ତୁ କେଉଁଠି ଏଟିଏମ୍ କାର୍ଡ ବଦଳି ହୋଇଛି ବୋଲି କହି ନ ପାରିବାରୁ ଜିଆର୍‌ପି ପୋଲିସ ମଧ୍ୟ ଅଭିଯୋଗ ଗ୍ରହଣ କଲା ନାହିଁ। ତେଣୁ ଏବେ ସେ ଗତ ୩ଦିନ ହେଲା ରାଜଧାନୀର ରାସ୍ତା ପାର୍ଶ୍ୱରେ ଏଣେତେଣେ ବୁଲୁଛନ୍ତି। ନ୍ୟାୟ କେଉଁଠୁ ପାଇବେ ସେ ନେଇ ଜୟଧନ ଏବେ ଚିନ୍ତାରେ ପଡ଼ି ଯାଇଛନ୍ତି।

# ଏମ୍ସରେ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)



■ ଡିଇସି ଏବଂ ଆଲବେଣ୍ଡାଜୋଲ୍ ଟାବଲେଟ୍ ସେବନ ପାଇଁ ଆହ୍ୱାନ

■ ମାଗଣା ବାତଜ୍ୱର ଔଷଧ ବଣ୍ଟନ ପାଇଁ ଓପିଡିରେ ସ୍ୱତନ୍ତ୍ର ବ୍ୟବସ୍ଥା

ଫାଇଲେରିଆ ନିରାକରଣ ଅଭିଯାନ ଅନ୍ତର୍ଗତ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ବୁଧବାର ଏମ୍ସ ପରିସରରେ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସର୍ବପ୍ରଥମେ ଡିଇସି ଏବଂ ଆଲବେଣ୍ଡାଜୋଲ୍ ଟାବଲେଟ୍ ସେବନ କରିଥିଲେ। ଏଥିସହିତ ସମସ୍ତେ ଫାଇଲେରିଆ ନିରାକରଣ ଅଭିଯାନରେ ସାମିଲ ହୋଇ ଡିଇସି ଏବଂ ଆଲବେଣ୍ଡାଜୋଲ୍ ଟାବଲେଟ୍ ସେବନ କରିବାକୁ ଡା. ବିଶ୍ୱାସ ଆହ୍ୱାନ ଦେଇଥିଲେ। ନ୍ୟାସନାଲ ସେଣ୍ଟର ଫର ଭେକ୍ଟର ବର୍ନ ରୋଗ ନିୟନ୍ତ୍ରଣ ଅଧୀନରେ ଦେଶର ୨୫୬ ଫାଇଲେରିଆ ପ୍ରବଣ ଜିଲାରେ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ଡିଇସି ଏବଂ ଆଲବେଣ୍ଡାଜୋଲ୍‌ର ଆବଶ୍ୟକ ମାତ୍ରା ଦିଆଯାଇଥାଏ। ଏହି ଜିଲାଗୁଡ଼ିକ ମଧ୍ୟରୁ ଓଡ଼ିଶାରେ ଖୋର୍ଦ୍ଧା ସମେତ ୨୦ଟି ଜିଲା ରହିଥିବା ଡା. ବିଶ୍ୱାସ ପ୍ରକାଶ କରିଛନ୍ତି। ଏମ୍ସରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଡିଇସି ଏବଂ ଆଲବେଣ୍ଡାଜୋଲ୍ ଟ୍ୟାବଲେଟ୍‌ର ମାଗଣା ବଣ୍ଟନ ପାଇଁ ଓପିଡି ପରିସରରେ ଏକ ସ୍ୱତନ୍ତ୍ର ସାର୍ବଜନୀନ ବାତଜ୍ୱର ସେବନ କେନ୍ଦ୍ର ସ୍ଥାପନ କରାଯାଇଛି। ବୁଧବାର ଗୋଟିଏ ଦିନରେ ଏମ୍ସ ଭୁବନେଶ୍ୱରରେ ୫୪୪ରୁ ଅଧିକ ବ୍ୟକ୍ତି ମାଗଣା ବାତଜ୍ୱର ଔଷଧ ସେବନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ୍) ଡା. ପି ଆର ମହାପାତ୍ର, ଡିନ୍(ଗବେଷଣା) ଡା. ବିନୋଦ ପାତ୍ର, ସିଏମ୍‌ଏଫ୍‌ଏମ୍ ବିଭାଗର ଅଧ୍ୟାପକ ଡା. ବିନୋଦ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ଡିଏମ୍‌ଓ ଡା. ଜୀବନ୍ତ ଆଚାରି, ଭିବିଡିଟି ଦୀପକ ନାୟକ, ସୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ODISHA PUBLIC SERVICE COMMISSION, CUTTACK

NOTICE

No. 1920/PSC Dt.22.02.2023
(DR - IV) (2PH-02-2022-23)

No. D-328: It is for information of all provisionally qualified candidates relating to recruitment for the post of **Assistant Director (Law)**, pursuant to Advertisement No. 22 of 2021-22 that the Document Verification and Viva Voce Test will be conducted from **02.03.2023 to 04.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified | Board |
|---|---|---|---|---|
| 02.03.2023 | 09.00 A.M. | 10.45 A.M. | 100031, 100033, 100060, 100099, 100146, 100168, 100202, 100205, 100219, 100289, 100303 = **11 Candidates** | Board - I |
| | | | 100353, 100418, 100473, 100476, 100491, 100502, 100511, 100518, 100544, 100546, 100555 = **11 Candidates** | Board - II |
| | 01.00 P.M. | 03.00 P.M. | 100569, 100570, 100711, 100769, 100808, 100830, 100873, 100891 = **08 Candidates** | Board - I |
| | | | 100907, 100933, 100994, 101005, 101010, 101025, 101034, 101035 = **08 Candidates** | Board - II |
| 03.03.2023 | 09.00 A.M. | 10.45 A.M. | 101051, 101073, 101130, 101182, 101204, 101256, 101266, 101283, 101290, 101295, 101302 = **11 Candidates** | Board - I |
| | | | 101315, 101384, 101395, 101519, 101530, 101542, 101565, 101602, 101603, 101654, 101702 = **11 Candidates** | Board - II |
| | 01.00 P.M. | 03.00 P.M. | 101705, 101714, 101747, 101752, 101764, 101775, 101783, 101840 = **08 Candidates** | Board - I |
| | | | 101899, 101925, 101932, 101949, 102040, 102077, 102080, 102089 = **08 Candidates** | Board - II |
| 04.03.2023 | 09.00 A.M. | 10.45 A.M. | 102119, 102186, 102187, 102219, 102223, 102240, 102278, 102288, 102297, 102322, 102352 = **11 Candidates** | Board - I |
| | | | 102354, 102377, 102382, 102429, 102444, 102451, 102458, 102526, 102533, 102569, 102701 = **11 Candidates** | Board - II |
| | 01.00 P.M. | 03.00 P.M. | 102731, 102793, 102827, 102828, 102830, 102837, 102845 = **07 Candidates** | Board - I |
| | | | 102848, 102861, 102869, 102878, 102889, 102916, 102924 = **07 Candidates** | Board - II |

**N.B.:** The documents of the concerned candidates shall be verified on the same day before commencement of Viva Voce Test as per the above schedule. The candidates who are having V.V. Test in **Morning Session** must report in Office of the Commission sharply at **08.30 A.M.** and those having V.V. Test in the **Afternoon Session** must report **at 12.30 P.M.** positively.

It is also made clear that the candidature of these candidates for the above recuritment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions as laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective username/mobile number/e-mail and password/OTP etc. through Admin Login Section of the OPSC website.
2. Three (03) Passport Size Photographs tagged with the Application Form and One (01) pasted at space provided in the CIF (Candidate Information Form).
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate in Law and Law Degree Marksheets from any recognized Unviersity in India.
5. Certificate showing adequate knwoledge in Computer Application.
6. Required Odia Test Pass Certificate issued within 31.12.2021.
7. In-service Certificate from the Competent Authority mentioning continuation in Government Service in case of in-service candidate availing age relaxation.
8. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 1 of the Advertisement) issued within
9. Recent SEBC Certificate (issued within 01.01.2019 to 31.12.2021), whereever applicable.
10. Permanent Disability Certificate indicating percentage of disability (i.e., 40% and more).
11. Discharge Certificates in case of Ex-Serviceman issued by the Commanding Officer of the Unit last served. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
12. No Objection Certificate issued by the Competent Authority in case of in-service candidates; whereever applicable.
13. Any proof of photo Identity.
14. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
15. The candidates are required to mention "Submited by me" and put their full signature and date of verification on each Xerox copy of documents.
16. Bio-data form (CIF) (to be downloaded and duly filled in with passport size photograph affixed).
17. Any other documents as per Para - 10 of the Advertisement.

OIPR-12002/11/0278/2223 Sd./- Secretary

# ଟୋକନ ଅବଧି ସରୁଛି, କିଣାଯାଉନି ଧାନ

ଖୋର୍ଦ୍ଧା ଅଫିସ,୨୨।୨

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଟୋକନ ଅବଧି ସରି ଆସୁଥିଲେ ବି ଧାନ କିଣାଯାଉନାହିଁ। ଚାଷୀଙ୍କ ମୋବାଇଲକୁ ମେସେଜ ଆସୁଛି। ଅଥଚ ଟାର୍ଗେଟ ନ ଥିବା ଆଳରେ ଚାଷୀଙ୍କ ଧାନ କିଣାଯାଉନାହିଁ। ବୁଧବାର ସମାନ ଅଭିଯୋଗ ଆଣି ବିଭିନ୍ନ ବ୍ଲକର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ଧାନକିଣା ଟାର୍ଗେଟ ଦେବା ଲାଗି ଜିଲାପାଳଙ୍କୁ ଦାବି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଚିଲିକା ବ୍ଲକ ଆଙ୍ଗୁଲା ସମବାୟ ସେବା ସମିତି ଅଧୀନରେ ପଞ୍ଜୀକୃତ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଗତ ଜାନୁୟାରୀ ମାସରେ ଏହି ପ୍ୟାକ୍ସରେ ମଣ୍ଡି ଖୋଲିଥିଲା। ପ୍ୟାକ୍ସ ଅଧୀନରେ ୫୫୭ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଟାର୍ଗେଟ ରହିଥିଲା ୨୩୦୪୨.୬୪ କୁଇଣ୍ଟାଲ ଧାନ କ୍ରୟ। ବର୍ତ୍ତମାନ ସୁଦ୍ଧା ୩୭୯ଜଣ ଚାଷୀଙ୍କଠାରୁ ୧୫ହଜାର ୮ଶହ କୁଇଣ୍ଟାଲ ଧାନ କିଣା ସରିଛି। ବଳକା ୨୦୮ ଚାଷୀଙ୍କଠାରୁ ୬୦୪୯.୧୨ କୁଇଣ୍ଟାଲ ଧାନ କିଣିବାକୁ ବାକିଥିବା ବେଳେ ଟାର୍ଗେଟ ଆସି ନ ଥିବାରୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଜାନୁୟାରୀ ୨୬ରୁ ଆସିଥିବା ଟୋକନ ଲାପସ କରିବାକୁ ଦୁଇ ଦିନ ସମୟ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଆସି ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଘେରାଉ କାର୍ଯ୍ୟକ୍ରମରେ ଭାରତୀୟ କିଷାନ ସଂଘର ଜିଲା ସଭାପତି ମଧୁସୁଦନ ଦାସ, ବୈକୁଣ୍ଠ ମହାପାତ୍ରଙ୍କ ସମେତ ଅକ୍ଷୟ କୁମାର ଦାସ, ପ୍ରସନ୍ନ କୁମାର ସାମନ୍ତରାୟ, ପ୍ରଫୁଲ୍ଲ କୁମାର ନାୟକ, ସରୋଜିନୀ ସୁନ୍ଦରାୟ ପ୍ରମୁଖ ଶତାଧିକ ଚାଷୀ ସାମିଲ ହୋଇଥିଲେ। ଚାଷୀ ଦୁର୍ଗାଚରଣ ବେହେରା କହିଛନ୍ତି, ବହୁ କଷ୍ଟରେ ଧାର କରଜ କରି ଧାନ ଅମଳ କରିଥିଲି। ଏବେ ବିକ୍ରି ବେଳେ ସମସ୍ୟା ହେଉଛି। ମୋବାଇଲକୁ ମେସେଜ ଆସିଛି, ଧାନ କିଣାଯାଉ ନାହିଁ। ମୋର ୧୬.୮୬ କୁଇଣ୍ଟାଲ ଧାନ ବିକ୍ରି ଲାଗି ପଞ୍ଜୀକରଣ କରିଥିଲି। ଟୋକନ ଲାପ୍ସ କରିଗଲେ ଧାନ କିଣାଯିବା ନେଇ ସନ୍ଦେହ ରହିଛି। ସମାନ ଅଭିଯୋଗ କରିଛନ୍ତି କାର୍ତ୍ତିକ ବିଶ୍ୱାଳ। ସେ କହିଛନ୍ତି, ୩୫ କୁଇଣ୍ଟାଲ ଧାନ ବିକ୍ରି ଲାଗି ମେସେଜ ଆସିଲା। ଲାପ୍ସ କରିବାକୁ ଦୁଇଦିନ ରହିଥିବାବେଳେ ଧାନ ବିକ୍ରି ହେବ କି ନାହିଁ ଆଶଙ୍କା ରହିଛି। ସେହିପରି ଘନଶ୍ୟାମ ରାଉତ, ସସ୍ମିତା ନାୟକ, ଗୋଲକ ସାମନ୍ତରାୟ, ରାଜକିଶୋର ରଣସିଂ, ଜଳନ୍ଧର ପ୍ରଧାନ, ଦିଲୀପ ନାୟକ, ଦେବେନ୍ଦ୍ର ବେହେରା ପ୍ରମୁଖ କହିଛନ୍ତି, ଚଳିତ ବର୍ଷର ସ୍ୱଳ୍ପର ବୃଷ୍ଟି, ଅନାବୃଷ୍ଟି, ବନ୍ୟା, ବାତ୍ୟାର ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହୋଇ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଧାନ ଅମଳ ପରେ ଏବେ ବିକ୍ରି ଲାଗି ସମସ୍ୟା ରହିଛି। ପ୍ରତିବର୍ଷ ଏଭଳି ସମସ୍ୟା ଲାଗି ରହିଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକାର କରାଯାଉନାହିଁ ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିଭଳି ବେଗୁନିଆ ବ୍ଲକ ଦେଉଳି ସେବା ସମବାୟ ସମିତିରେ ଧାନ ବିକ୍ରି ସମସ୍ୟା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ସହ ଦାବିପତ୍ର ଦିଆଯାଇଥିଲା। ପୂର୍ବରୁ ଏହି ପ୍ୟାକ୍ସ ଅଧୀନ ଚାଷୀଙ୍କ ଧାନ କିଣା ନ ଯିବା ନେଇ ଚାଷୀମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୩୨ଜଣ ଚାଷୀ ୩୯୧୫.୩୯ କେଜି ଧାନ ବିକ୍ରି ଅପେକ୍ଷାରେ ରହିଛନ୍ତି। ଜାନୁୟାରୀ ୨୬ରେ ୧୪ଜଣ ଚାଷୀଙ୍କଠାରୁ ୬୯୫.୮୭ କେଜି, ଫେବୃୟାରୀ ୧ରେ ୩୯ଜଣଙ୍କଠାରୁ ୧୧୯୬.୮୭, ୨ତାରିଖରେ ୪୪ଜଣଙ୍କଠାରୁ ୧୧୨୭.୫୦ ଏବଂ ୮ତାରିଖରେ ୩୫ ଚାଷୀଙ୍କଠାରୁ ୮୯୫.୧୫ କେଜି ଏଭଳି ମୋଟ ୩୯୧୫. ୩୯କେଜି ଧାନ ବିକ୍ରି ଲାଗି ରହିଛି। ଟୋକନ ଅବଧି ସରୁଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ସରପଞ୍ଚ ଅକ୍ଷୟ ସାମନ୍ତରାୟ, ଚାଷୀ କମିଟି ସଭାପତି ମହନ୍ତ ଚମ୍ପତି, ପର୍ଶୁରାମ ବଡଜେନାଙ୍କ ସମେତ ଶତାଧିକ ଚାଷୀ ଏହି ଧାରଣାରେ ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଗମ୍ଭାରିମୁଣ୍ଡା/ବାଣପୁର ୨୨।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରକୋଷ୍ଠ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୁଲବୁଲ ବେହେରା, ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ସମସ୍ତଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସମସ୍ତ ପଞ୍ଚାୟତ ଅଞ୍ଚଳର ଶତାଧିକ ଦିବ୍ୟାଙ୍ଗ ନିଜ ନାମାଙ୍କନ ପତ୍ରକୁ ନେଇ ଦାଖଲ କରିଥିଲେ।


# ODISHA PUBLIC SERVICE COMMISSION, CUTTACK

## NOTICE

**No. 1920/PSC Dt.22.02.2023**
**(DR - IV) (2PH-02-2022-23)**

No. D-328: It is for information of all provisionally qualified candidates relating to recruitment for the post of **Assistant Director (Law)**, pursuant to Advertisement No. 22 of 2021-22 that the Document Verification and Viva Voce Test will be conducted from **02.03.2023 to 04.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified | Board |
|---|---|---|---|---|
| 02.03.2023 | 09.00 A.M. | 10.45 A.M. | 100031, 100033, 100060, 100099, 100146, 100168, 100202, 100205, 100219, 100289, 100303 = **11 Candidates** | Board - I |
| | | | 100353, 100418, 100473, 100476, 100491, 100502, 100511, 100518, 100544, 100546, 100555 = **11 Candidates** | Board - II |
| | 01.00 P.M. | 03.00 P.M. | 100569, 100570, 100711, 100769, 100808, 100830, 100873, 100891 = **08 Candidates** | Board - I |
| | | | 100907, 100933, 100994, 101005, 101010, 101025, 101034, 101035 = **08 Candidates** | Board - II |
| 03.03.2023 | 09.00 A.M. | 10.45 A.M. | 101051, 101073, 101130, 101182, 101204, 101256, 101266, 101283, 101290, 101295, 101302 = **11 Candidates** | Board - I |
| | | | 101315, 101384, 101395, 101519, 101530, 101542, 101565, 101602, 101603, 101654, 101702 = **11 Candidates** | Board - II |
| | 01.00 P.M. | 03.00 P.M. | 101705, 101714, 101747, 101752, 101764, 101775, 101783, 101840 = **08 Candidates** | Board - I |
| | | | 101899, 101925, 101932, 101949, 102040, 102077, 102080, 102089 = **08 Candidates** | Board - II |
| 04.03.2023 | 09.00 A.M. | 10.45 A.M. | 102119, 102186, 102187, 102219, 102223, 102240, 102278, 102288, 102297, 102322, 102352 = **11 Candidates** | Board - I |
| | | | 102354, 102377, 102382, 102429, 102444, 102451, 102458, 102526, 102533, 102569, 102701 = **11 Candidates** | Board - II |
| | 01.00 P.M. | 03.00 P.M. | 102731, 102793, 102827, 102828, 102830, 102837, 102845 = **07 Candidates** | Board - I |
| | | | 102848, 102861, 102869, 102878, 102889, 102916, 102924 = **07 Candidates** | Board - II |

**N.B.:** The documents of the concerned candidates shall be verified on the same day before commencement of Viva Voce Test as per the above schedule. The candidates who are having V.V. Test in **Morning Session** must report in Office of the Commission sharply at **08.30 A.M.** and those having V.V. Test in the **Afternoon Session** must report **at 12.30 P.M.** positively.

It is also made clear that the candidature of these candidates for the above recuritment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions as laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective username/mobile number/e-mail and password/OTP etc. through Admin Login Section of the OPSC website.
2. Three (03) Passport Size Photographs tagged with the Application Form and One (01) pasted at space provided in the CIF (Candidate Information Form).
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate in Law and Law Degree Marksheets from any recognized Unviersity in India.
5. Certificate showing adequate knwoledge in Computer Application.
6. Required Odia Test Pass Certificate issued within 31.12.2021.
7. In-service Certificate from the Competent Authority mentioning continuation in Government Service in case of in-service candidate availing age relaxation.
8. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 1 of the Advertisement) issued within
9. Recent SEBC Certificate (issued within 01.01.2019 to 31.12.2021), whereever applicable.
10. Permanent Disability Certificate indicating percentage of disability (i.e., 40% and more).
11. Discharge Certificates in case of Ex-Serviceman issued by the Commanding Officer of the Unit last served. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
12. No Objection Certificate issued by the Competent Authority in case of in-service candidates; whereever applicable.
13. Any proof of photo Identity.
14. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
15. The candidates are required to mention "Submited by me" and put their full signature and date of verification on each Xerox copy of documents.
16. Bio-data form (CIF) (to be downloaded and duly filled in with passport size photograph affixed).
17. Any other documents as per Para - 10 of the Advertisement.

**OIPR-12002/11/0278/2223** — **Sd./- Secretary**


## ସଂକ୍ଷେପରେ

### ଭୁବନେଶ୍ୱରରୁ ଲୁଟ୍ ଟ୍ରକ ଜଟଣୀରେ ଠାବ

**ଜଟଣୀ,୨୨।୨(ଡି.ଏନ୍.ଏ.):** ଗତ ମଙ୍ଗଳବାର ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରୁ ଜଣେ ଦୁର୍ବୃତ୍ତ ଗୋଟିଏ ଟ୍ରକକୁ ଲୁଟ୍ କରିଥିଲେ। ଟ୍ରକଟିକୁ ଆଣି ଜଟଣୀ ରେଳ ଷ୍ଟେଶନର ଅନତିଦୂର ଅଫିସର୍ସ ଗେଷ୍ଟ ହାଉସ ନିକଟ ରାସ୍ତାରେ ଛାଡି ପଳାଇଥିଲେ। ହେଲେ ଦୁର୍ବୃତ୍ତମାନେ ଟ୍ରକରୁ ବିଭିନ୍ନ ଦାମୀ ଯନ୍ତ୍ରପାତି ସହିତ ବ୍ୟାଟେରି ଆଦି ଲୁଟି ନେଇଯିବା କେବଳ ଖାଲି ଟ୍ରକଟିକୁ ଉକ୍ତ ସ୍ଥାନରେ ଛାଡି ଦେଇଥିଲେ। ରାସ୍ତାରେ ଟ୍ରକଟି ଏକ ପାଲ ଘୋଡ଼ା ହୋଇ ପରିତ୍ୟକ୍ତ ଭାବେ ଦୀର୍ଘ ସମୟ ରହିଥିବା ଦେଖି ସ୍ଥାନୀୟ ଲୋକେ ରେଲୱେ ସୁରକ୍ଷା ବଳଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ରେଲୱେ ସୁରକ୍ଷା ବଳ ଅଧିକାରୀ ଆସି ତଦାରଖ କରି ଗାଡି ମାଲିକଙ୍କୁ ଯୋଗାଯୋଗ କରିବା ସହିତ ଅଧିକ ତଦନ୍ତ ଚଳାଇଛି।

### ବିଧାୟକଙ୍କ ସମୀକ୍ଷା ବୈଠକ

**ବାଲିପାଟଣା,୨୨।୨(ଡି.ଏନ୍.ଏ.):** ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲିଙ୍କ ବାସଭବନରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ବ୍ଲକ ଶିଶୁମଠ ନିକଟ ଶିଶୁ ଅନନ୍ତ ସେତୁ ଆପ୍ରୋଚ ରାସ୍ତା ତୁରନ୍ତ ଶେଷହେବା, ଶିଶୁଅନନ୍ତ ତୋରଣ କାମ ହେବା, ବାଲିପାଟଣା ହାଟ, ବ୍ଲକ, ପ୍ରାଣୀଧନ ଚିକିତ୍ସାଳୟ ସହିତ ବିଭିନ୍ନ ସ୍ଥାନରେ ବର୍ଷାଦିନେ ଜମୁଥିବା ଜଳ ନିଷ୍କାସନ ପାଇଁ ମଞ୍ଜୁର ୯୮ଲକ୍ଷର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାମ ଆରମ୍ଭ ହୋଇଥିବା ବିଧାୟକ କହିଥିଲେ। ଡ୍ରେନ କାମ ଶେଷ ହେବାପରେ ନିଜ ପାଣ୍ଠିରୁ ବାଲିପାଟଣା ଛକଠାରୁ ହାଟ ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟର ବ୍ୟବସ୍ଥା,୧୭ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ରାସ୍ତା ଓ କୋଠଘର ପାଇଁ ହାତପାଣ୍ଠିରୁ ଅର୍ଥ ମଞ୍ଜୁର ହେଇଥିବା କହିଥିଲେ। ଆଗାମୀ ଦିନରେ ପ୍ରତି ୪ଟି ପଞ୍ଚାୟତର ସଚେତନ ନାଗରିକମାନଙ୍କୁ ନେଇ ପଞ୍ଚାୟତକୁ ରାଜ୍ୟ ସରକାର ଦେଉଥିବା ଅର୍ଥର ସଦୁପଯୋଗ ପାଇଁ ସଚେତନ କର୍ମଶାଳା କରାଯାଇ ସରକାରଙ୍କ ବିଭିନ୍ନ ଆସୁଥିବା ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ ହେବ।

# ଦଳର ସଙ୍ଗଠନକୁ ମଜଭୁତ୍ କରିବେ ନୂତନ କର୍ମକର୍ତ୍ତା


କୃଷ୍ଣପ୍ରସାଦରେ ବିଜୁ ଜନତା ଦଳର ମିଶ୍ରଣ ପର୍ବରେ ଭାଜପାର କର୍ମକର୍ତ୍ତାମାନେ ବିଜେଡିରେ ଯୋଗଦେଇଛନ୍ତି।

## ବିଜେଡିର ମିଶ୍ରଣ ପର୍ବ

କୃଷ୍ଣପ୍ରସାଦ,୨୨।୨(ଡି.ଏନ.ଏ)

ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ପ୍ରଶାସନ ଓ ବିକାଶବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଏବଂ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମୁଖ୍ୟାଳୟ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱକୁ ଗ୍ରହଣ କରି ବୁଧବାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକର କେତେଜଣ ଭାଜପା ନେତା ଓ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଅରଖକୁଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ନାରଣ ବେହେରା, ଗଙ୍ଗାଧର ବେହେରା, ବୀର ବେହେରା, ଅଜୟ ବେହେରା, ଜଗା ବେହେରା, ବାସୁ ବେହେରା, ସୁଦାମ ବେହେରା, ଲକ୍ଷ୍ମୀଧର ବେହେରା ପ୍ରମୁଖ ଭାଗପା ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ତାଙ୍କର ଯୋଗଦାନ କୃଷ୍ଣପ୍ରସାଦ ବ୍ଲକ ତଥା ଅରଖକୁଦା ପଞ୍ଚାୟତ ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ମଜଭୁତ କରିବ। ଏହି ମିଶ୍ରଣ ପର୍ବରେ କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳର ନେତା କେଦାରନାଥ ଜେନା, ନେତା ଜ୍ଞାନଚାନ୍ଦ ପ୍ରଧାନ ଓ ପୂର୍ଣ୍ଣିମା ବେହେରା ଏବଂ ପଞ୍ଚାୟତର ବିଜୁ ଜନତା ଦଳର ମୁରବୀମାନେ ଉପସ୍ଥିତ ଥିଲେ।

# ଡେଲି ପାସେଞ୍ଜର ଆସୋସିଏଶନର ବୈଠକ

ଜଟଣୀ,୨୨।୨(ଡି.ଏନ୍.ଏ.)

ଜଟଣୀ ରେଳ ଷ୍ଟେଶନଠାରେ ଡେଲି ପାସେଞ୍ଜର ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ରାଜ୍ୟ ସଭାପତି ଅର୍ଜୁନ ଚରଣ ସାମନ୍ତରାୟଙ୍କ ସଭାପତିତ୍ୱରେ ବିଭିନ୍ନ ଷ୍ଟେଶନର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ଓଡ଼ିଶାରେ ରେଳପଥର ବିକାଶ ପାଇଁ ଘୋଷଣା ପାଣ୍ଠିର ପ୍ରକୃତ ଖର୍ଚ୍ଚ ମଧ୍ୟରେ ରହିଥିବା ସମନ୍ୱୟ ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ପରି ରାଜ୍ୟକୁ ରେଳ ବଜେଟରେ ଘୋଷିତ ରାଶି ଅତ୍ୟନ୍ତ ନ୍ୟୂନ ହୋଇଥିବା ବେଳେ ବଜେଟରୁ ଆସୁଥିବା ରାଶି ସବୁ ଉପଯୁକ୍ତ ଭାବେ ଖର୍ଚ୍ଚ ନ ହୋଇ ଫେରିଯିବା ଘଟଣା ପାଇଁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ସର୍ବସାଧାରଣଙ୍କ ରେଲୱେ ସମ୍ବନ୍ଧୀୟ ଅଭିଯୋଗ ପାଇଁ ଏକ ଅଭିଯୋଗ ପ୍ରକୋଷ୍ଠ ସ୍ଥାପନ ପାଇଁ ଦାବି ହୋଇଥିଲା। ଆସୋସିଏଶନର ସକ୍ରିୟତା ପାଇଁ ଏକ ଅସ୍ଥାୟୀ ପରିଚାଳନା କମିଟି ଗଠନ କରାଯାଇ ସଭାପତି ରୂପେ ଅର୍ଜୁନ ଚରଣ ସାମନ୍ତରାୟ, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ରୂପେ ବିବେକାନନ୍ଦ ମହାନ୍ତି ସର୍ବସମ୍ମତିରେ ମନୋନୀତ ହୋଇଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରୀ କମିଟି ବିଭିନ୍ନ ଦାବିକୁ ନେଇ ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ବିସିସି ଟିମ୍‌କୁ ହରାଇ କିଙ୍ଗ୍ କୋବ୍ରା ଟିମ୍ ଚାମ୍ପିୟନ

କୃଷ୍ଣପ୍ରସାଦ, ୨୨।୨ (ଡ.ଏନ୍.ଏ.)

## ଲଲାଟେନ୍ଦୁ ବିଦ୍ୟାଧର ମେମୋରିଆଲ କ୍ରିକେଟ ଟ୍ରଫି

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ୟଙ୍ଗ ଷ୍ଟାର କ୍ଲବ ଆନୁକୂଲ୍ୟରେ ବାଲୁଙ୍କେଶ୍ୱର ଷ୍ଟାଡିୟମରେ ଚାଲିଥିବା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ବିସିସି କ୍ରିକେଟ ଟିମ ଚିଲିକା ବ୍ରହ୍ମପୁରକୁ ହରାଇ ବ୍ରହ୍ମଗିରିର କିଙ୍ଗ୍ କୋବ୍ରା କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ବ୍ରହ୍ମଗିରି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୧୭୮ ରନ ସଂଗ୍ରହ କରିଥିଲେ। ଜବାବରେ ବ୍ରହ୍ମପୁରର ବିସିସି ଦଳ ଆବଶ୍ୟକ ରନ ନ କରିପାରି ପରାଜୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୁଲୁ ମହାପାତ୍ରଙ୍କ ସୁକନ୍ୟା ଉପାସନା ମହାପାତ୍ର ଯୋଗଦେଇ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଲୁଲୁ ଭାଇଙ୍କ ମାର୍ଗଦର୍ଶକ ରଘୁନାଥ ବଡୁ, ଯୁବନେତା ଉତ୍ତମ କୁମାର ତରେଇ, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ପିରିଜିପୁର ସରପଞ୍ଚ ମଳୟ କୁମାର ଜେନା,ଜହ୍ନିକୁଦା ଗ୍ରାମ୍ୟ କମିଟି ସମ୍ପାଦକ ସମର କୁମାର ପଲେଇ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରବୀର କୁମାର ଜେନା, ସହଦେବ ଜେନା ଖେଳ ପରିଚାଳନା କରିଥିବାବେଳେ ସ୍କୋର ବୋର୍ଡରେ ଚିନ୍ମୟ କୁମାର ତରେଇ, ସୁମନ୍ତ କୁମାର ତରେଇ ଏବଂ ବାପୁଜୀ ପରିଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ।


ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ଗାନ୍ଧୀ ଛକରେ ନିଆଁଲାଗି ୪ ଦୋକାନ ଭସ୍ମୀଭୂତ

ବଡ଼ମ୍ବା,(ଡି.ଏନ.ଏ.)- ସଦର ମହକୁମା ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ୪ ଦୋକାନ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ନିଆଁଲାଗି ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଘଟି ଥାଇପାରେ ବୋଲି ଆଲୋଚନା ହେଉଛି। ଖବରପାଇ ବଡ଼ମ୍ବା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ୪ ଦୋକାନର ସମସ୍ତ ଜିନିଷ ଜଳି ଯାଇଛି। ଅଗ୍ନି ବିପନ ହେଲେ ସ୍ୱପ୍ନେଶ୍ୱର ବାସନ୍ତରା, ପ୍ରଫୁଲ୍ଲ ମହାନ୍ତି, ଜଗନ୍ନାଥ ବେହେରା ଓ ଗୁରୁ ମହାନ୍ତି। ଏମାନେ ଛକରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ସମସ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଛକର ଦୋକାନୀମାନେ ଦାବି କରିଛନ୍ତି।

**ସଂକ୍ଷେପରେ**

### ଡ୍ରିମ୍ସ ନର୍ସିଂ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

## 'ଛାତ୍ରୀଛାତ୍ର ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ କରନ୍ତୁ'

କଟକ ଅଫିସ, ୨୨।୨: ଡ୍ରିମ୍ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂ ପକ୍ଷରୁ ବି.ଏସ୍‌ସି ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପଦ୍ମିନୀ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରାଧାପକ ଡ. କଲ୍ୟାଣ କୁମାର ସାହୁ, ଅଧକ୍ଷା ଡ. ପି. କଙ୍ଗେଶ୍ୱରୀ, ଉପାଧକ୍ଷା ଏନ୍. ପ୍ରେମଲତା ଦେବୀ ପ୍ରମୁଖ ଛାତ୍ରୀଛାତ୍ରଙ୍କ ସଫଳତାକୁ ପ୍ରଶଂସା କରିଥିଲେ। ଛାତ୍ରୀ ସୁଲକ୍ଷଣୀ ସାହୁ ଓ କାମେଶ୍ୱରୀ ଧୀର କାର୍ଯ୍ୟକ୍ରମ ସଂଯୋଜନା ଏବଂ ସୋମୀ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ରାଜବନ୍ଦୀଙ୍କୁ ଆର୍ଥିକ ସହାୟତା ଦିଆଯାଉ

କଟକ ଅଫିସ, ୨୨।୨: ୧୯୭୫ ମସିହା ଜରୁରୀ ସ୍ଥିତି ସମୟରେ ଦୀର୍ଘଦିନ ବିନା ବିଚାରରେ କାରାବରଣ ଭୋଗିଥିଲେ ରାଜବନ୍ଦୀ। ସେମାନଙ୍କ ତାଲିକା ରାଜ୍ୟ ସରକାରଙ୍କ ଘରୋଇ ବିଭାଗ ଓ ଜେଲ୍ ବିଭାଗ ପାଖରେ ରହିବା କଥା। ହେଲେ ସରକାରଙ୍କ ପାଖରେ ଉକ୍ତ ତାଲିକା ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିହାର, ମଧ୍ୟପ୍ରଦେଶ ଭଳି ବହୁ ରାଜ୍ୟ ଜରୁରୀ ସ୍ଥିତିର ରାଜବନ୍ଦୀମାନଙ୍କୁ ଆର୍ଥିକ ସହାୟତା ଓ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ହେଲେ ଓଡ଼ିଶାରେ ଅଧିକାଂଶ ରାଜବନ୍ଦୀ ଚିକିତ୍ସା ଅଭାବରୁ ପ୍ରାଣ ହରାଇଛନ୍ତି। ଏଣୁ ରାଜ୍ୟ ସରକାର ରାଜ୍ୟର ରାଜବନ୍ଦୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ଆର୍ଥିକ ସହାୟତା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ମହାନଗର ନାଗରିକ ମଞ୍ଚ ପକ୍ଷରୁ କଟକ ଗାନ୍ଧୀଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି ଦାବି କରିଛନ୍ତି। ଏହି ସମ୍ମିଳନୀରେ ସଂଗ୍ରାମୀ ଫୋରମ୍ ସଭାପତି ପ୍ରଶାନ୍ତ ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ଆଡ୍‌ଭୋକେଟ ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାଙ୍କୀ କଲେଜରେ ବିଶ୍ୱ ସ୍କାଉଟ୍ ଦିବସ

ବାଙ୍କୀ,୨୨।୨(ସ୍ୱ.ପ୍ର.)- ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ସ୍କାଉଟ୍ ଓ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ସ୍କାଉଟିଂ ଆନ୍ଦୋଳନର ଜନକ ରବର୍ଟ ବାଡେନ୍ ପୋୱେଲଙ୍କ ଜୟନ୍ତୀରେ ବୁଧବାର ବିଶ୍ୱ ସ୍କାଉଟ ଦିବସ ପାଳନ କରାଯାଉଛି। ଏହା ଏକ ଆନ୍ତର୍ଜାତିକ ସମାଜସେବୀ ସଂସ୍ଥା। ଯାହା ଦେଶର ଯୁବପିଢ଼ିମାନଙ୍କୁ ସୁନାଗରିକତାର ପ୍ରଶିକ୍ଷଣ ପ୍ରଦାନ କରିଥାଏ। ବିଶେଷକରି ବାଳିକାବାଳକମାନଙ୍କ ମଧ୍ୟରେ ଅନୁଶାସନ, ସମାଜସେବୀ, କର୍ତ୍ତବ୍ୟପରାୟଣ ଏବଂ ପରସ୍ପର ମଧ୍ୟରେ ଭାଇଚାରାର ସମ୍ପର୍କ ସୃଷ୍ଟି କରିଥାଏ। ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜ ପରିସରରେ ସ୍କାଉଟ୍ ପତାକା ଉତ୍ତୋଳନ କରାଯାଇଥିଲା। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ଲିଡର ଅଧାପିକା ଦେବସ୍ମିତା ରାଉତଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗ ଦେଇ ସ୍କାଉଟିଂର ଭାବନା ଓ ଯୁବପିଢ଼ିମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଦିବସରେ ଆଗାମୀ ଦିନ ପାଇଁ କ'ଣ ସବୁ କାର୍ଯ୍ୟକ୍ରମ କରାଯିବ ସେ ସମ୍ପର୍କରେ ଚିନ୍ତନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ମୁଖ୍ୟ ଡ. ମାନସ ରଞ୍ଜନ ମହାପାତ୍ର ଓ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଏହି ସଙ୍ଗଠନରେ ଯେଉଁ ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରୁଛନ୍ତି ସେମାନେ ଜୀବନ ଜିଇବାର କଳା ଶିଖିଛନ୍ତି। ଏଣୁ ଏଠାରେ ସାହସିକତା, ସେବା ମନୋବୃତ୍ତି ଆଦି ଶିକ୍ଷା ଦିଆଯାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

## ଗୋବରୀ ପାଟନାଳୀ ବନ୍ଧ ସୁରକ୍ଷା କାନ୍ଥର ଶିଳାନ୍ୟାସ

ମାହାଙ୍ଗା,୨୨।୨(ସ୍ୱ.ପ୍ର.)- ମାହାଙ୍ଗା ବ୍ଲକ ରାହାଣିଆ ପଞ୍ଚାୟତସ୍ଥିତ ଜାତିପାରିଲୋଠାରେ ବାରିକ ସାହିଠାରୁ ଗୁଡ଼ିଆ ସାହି ପର୍ଯ୍ୟନ୍ତ ଗୋବରୀ ପାଟନାଳୀ ବନ୍ଧ ସୁରକ୍ଷା କାନ୍ଥର ବୁଧବାର ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଶିଳାନ୍ୟାସ କରିଛନ୍ତି। ୭୪ ଲକ୍ଷ ବ୍ୟୟ ଅଟକଳରେ ଏହା ନିର୍ମାଣ କରାଯିବ। ଫଳରେ ନଦୀକୂଳବାସୀ ଉପକୃତ ହେବେ। ଏଥିରେ ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସମିତିସଭ୍ୟ ରବୀନ୍ଦ୍ର କୁମାର ଜେନା, ପଞ୍ଚାୟତ ବିଜେଡି ସଭାପତି ଯୁଗଳ କିଶୋର ସାମଲ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ବିଜୟ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ଗବେଷଣା ପଦ୍ଧତିକୁ ନେଇ ଆଉଟରିଚ୍ କାର୍ଯ୍ୟକ୍ରମ

ସାଲେପୁର,୨୨।୨(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ**

ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଗବେଷଣା ପଦ୍ଧତିକୁଆଧାର କରିଆଉଟ୍‌ରିଚ୍‌କାର୍ଯ୍ୟକ୍ରମ ଅଧକ୍ଷା ଡ. ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡ. ମିଶ୍ର ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟର ଶିକ୍ଷା ବିଭାଗରୁ ଆସିଥିବା ସ୍ନାତକୋତ୍ତର ଛାତ୍ରୀଛାତ୍ର, ଅଧାପିକାଅଧାପକ, ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଗବେଷଣାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଆରଆଇଇ (ଏନ୍‌ସିଇଆରଟି) ଭୁବନେଶ୍ୱରର ପ୍ରଫେସର ଡ. ଭୁଜେନ୍ଦ୍ର ନାଥ ପଣ୍ଡା କିପରି ଗବେଷଣାର ପ୍ରସ୍ତାବ ଲେଖା ଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ସିଇଆରଟିର ନୂଆଦିଲ୍ଲୀସ୍ଥିତ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ହୃଷୀକେଶ ସେନାପତି ଗବେଷଣାର ବିଭିନ୍ନ ଦିଗ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଶୈଳବାଳା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଙ୍କି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ, ଗୋବିନ୍ଦପୁର ମହାବିଦ୍ୟାଳୟ, ଖ୍ରୀଷ୍ଟ ମହାବିଦ୍ୟାଳୟ, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧାପିକାଅଧାପକମାନେ ଯୋଗ ଦେଇଥିଲେ। ଏହାକୁ ରାଜଧାନୀ ମହାବିଦ୍ୟାଳୟର ପ୍ରାଧାପକ ଡ. ଶରତକାନ୍ତ ଚୌଧୁରୀ ଓ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧାପିକା ଅଙ୍କିତା ରାୟ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ପ୍ରସନ୍ନ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଶିକ୍ଷା ବିଭାଗର ଅଧାପିକା ଶାଶ୍ୱତୀ ଲେଙ୍କା, ଶ୍ରୀପର୍ଣ୍ଣା ଘୋଷ ସହାୟତା କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷା ସ୍ନାତକୋତ୍ତର ଶେଷବର୍ଷ ଛାତ୍ରୀ ସରିତା ସାହୁ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୨୨।୨(ଡି.ଏନ.ଏ.)

ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଚଷାପଡ଼ା ଗ୍ରାମର ପ୍ରଦୀପ ରାଜ। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ସ୍ୱାମୀ ଓ ଦୁଇ ପିଲାଙ୍କୁ ନେଇ ଜଗତପୁର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ଗତବର୍ଷ ଜାନୁୟାରୀରେ ତାଙ୍କ ଦେହ ଖରାପ ହେବାରୁ ସେ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ଯାଇ ମାମୁଘର କଟକ ରାଣୀହାଟରେ ରହିଥିଲେ। ସେହି ସମୟରେ ପ୍ରଦୀପଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ପରେ ପ୍ରଦୀପ ମେଡିକାଲରେ ତାଙ୍କୁ ସାହାଯ୍ୟ କରିଥିଲେ। ଦେହ ଭଲହେବା ପରେ ମହିଳା ଜଣଙ୍କ ଜଗତ୍‌ପୁରସ୍ଥିତ ଭଡ଼ାଘରକୁ ଆସିଥିଲେ। କିଛିଦିନ ପରେ ମହିଳାଙ୍କ ସ୍ୱାମୀ ଏକ କେସ୍‌ରେ ଜେଲ୍ ଯାଇଥିଲେ। ସ୍ୱାମୀଙ୍କୁ ବେଲ୍‌ରେ ଆଣିବା ପାଇଁ ମହିଳା ଜଣକ ପ୍ରଦୀପଙ୍କ ସାହାଯ୍ୟ ଲୋଡ଼ିଥିଲେ। ସ୍ୱାମୀଙ୍କ ବେଲ୍ ପାଇଁ ଏକ ଭଲ ଓକିଲ ଠିକ୍ କରିବା ଆଳରେ ପ୍ରଦୀପ ମହିଳାଙ୍କଠାରୁ ୬୦ ହଜାର ଟଙ୍କା ଓ ଜମିବାଡ଼ି କାଗଜପତ୍ର ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରଦୀପ ତାଙ୍କ ସ୍ୱାମୀଙ୍କୁ ବେଲ୍‌ରେ ନ ଆଣି ସମୟ ଗଡ଼ାଇ ଚାଲିଥିଲେ। ଦିନେ ସମ୍ପୃକ୍ତା ମହିଳାଙ୍କୁ ପ୍ରଦୀପ ଏକୁଟିଆ ପାଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ମାରିଦେବା ପାଇଁ ଧମକ ଦେଇଥିଲେ। ପରେ ପ୍ରଦୀପ ତାଙ୍କୁ ଏକାଧିକ ଥର ବଳାତ୍କାର କରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୬/୨୨)ରୁଜୁ କରିଥିଲା।

# ମହୋତ୍ସବ ଗ୍ରାମବାସୀଙ୍କ ମଧ୍ୟରେ ଏକତା ସୃଷ୍ଟି କରେ

ବାଙ୍କୀ,୨୨।୨(ସ୍ୱ.ପ୍ର.)


ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ ।

ବାଙ୍କୀ ବ୍ଲକ ବନ୍ଧାଳ ପଞ୍ଚାୟତ ବରପାଟଣା ଜନକଲ୍ୟାଣ ଯୁବକ ସଂଘର ୫୭ତମ ବାର୍ଷିକ ଉତ୍ସବ ଅବସରରେ ଜାଗର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜନକଲ୍ୟାଣ ଯୁବକ ସଂଘ ଓ ବରପାଟଣା ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ସଂଗ୍ରାମ ସାମନ୍ତସିଂହାର ସଭାପତିତ୍ୱ କରି ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ସମିତି ସଭ୍ୟ ଓ ସଙ୍ଗଠକ ବିକ୍ରମ ସାମନ୍ତସିଂହାର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଜାଗର ମହୋତ୍ସବର ଗୁରୁତ୍ୱ ରହିଛି, ମହୋତ୍ସବ ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଏକତା, ସାଂସ୍କୃତିକ ଜାଗରଣ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଉପାଧକ୍ଷା ଜୟନ୍ତୀ ବଳ, ବାଉଁଶପୁଟ ପଞ୍ଚାୟତ ସରପଞ୍ଚ ବବିଲାଲ ଦଳେଇ, ବନ୍ଧାଳ ସରପଞ୍ଚ ପ୍ରିୟଦର୍ଶିନୀ ସ୍ୱାଇଁ, ସମିତି ସଭ୍ୟା ସାରଳା ମାନସିଂହ, କନ୍ତପହଁରା ସରପଞ୍ଚ ଗତିକୃଷ୍ଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୟନ୍ତ କୁମାର ବେଉରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ନୃତ୍ୟ, ସ୍ୱାଗତ ସଙ୍ଗୀତ, ଜାତୀୟ ସଙ୍ଗୀତ ପ୍ରଭୃତି ପରିବେଷଣ କରିଥିଲେ। ଗ୍ରାମ ସଭାପତି ଡ. ଭାବଗ୍ରାହୀ ରାଉତ, ସମ୍ପାଦକ ସୁବାସ ସାମଲ, ଜନକଲ୍ୟାଣ ଯୁବକ ସଂଘର ସଭ୍ୟଙ୍କ ସମେତ ସଞ୍ଜୟ ରାଉତ, ବିକ୍ରମ ରାଉଳଙ୍କ ସମେତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସଂଘର ସମ୍ପାଦକ ସମରେନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।

# ମିର୍ଜାପୁର ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ


ସମ୍ମିଳନୀରେ ନେତା ଓ କର୍ମୀମାନେ ।

ସାଲେପୁର,୨୨।୨(ଡି.ଏନ.ଏ.)

ମିର୍ଜାପୁର ପଞ୍ଚାୟତରେ କଂଗ୍ରେସର କର୍ମୀ ସମ୍ମିଳନୀ ବୁଧବାର ବ୍ଲକ ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଲେପୁର କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁ ଯୋଗଦେଇ କଂଗ୍ରେସ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ସହ ବିଭିନ୍ନ ପଞ୍ଚାୟତରେ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପାଇଁ ଲଢ଼େଇକୁ ଜୋରଦାର କରାଯିବ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ସାଲେପୁର ବ୍ଲକରେ ପ୍ରଶାସନିକ ଅଧିକାରୀ ଅବହେଳା ପାଇଁ ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ଆଗାମୀଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ାସିଂହ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜିତ୍ କୁମାର ପଣ୍ଡା, ବାରିଗୋଳ ସରପଞ୍ଚ ଶିବୁ ବେହେରା, ମିର୍ଜାପୁର ପଞ୍ଚାୟତ ସଭାପତି ରୂପକ କୁମାର ଭୂୟାଁ, ବାବର ଅଲ୍ଲୀ, ତ୍ରିଲୋଚନ ସ୍ୱାଇଁ, ମିର୍ଜାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋଚନ ସ୍ୱାଇଁ, ସାରସ ପାତ୍ର, ମହେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ହାତୀପୋଖରୀଠାରେ ସିଏମ୍‌ସି ଅଧିକାରୀଙ୍କୁ ବିରୋଧ

କଟକ ଅଫିସ,୨୨।୨

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ହାତୀପୋଖରୀଠାରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)କୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେଠାରେ ଆବର୍ଜନା ଗଦା ହୋଇଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ତୁରନ୍ତ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଲୋକମାନେ ସିଏମ୍‌ସି ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟ ଓ ଅନ୍ୟ ଅଧିକାରୀ ବୁଧବାର ଉକ୍ତ ଏମ୍‌ସିସି ପରିଦର୍ଶନରେ ଯାଇଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ବିରୋଧ କରିଥିଲେ। ଦୀର୍ଘ ସମୟ ଧରି ସିଏମ୍‌ସି ଅଧିକାରୀମାନେ ଲୋକଙ୍କୁ ବୁଝାଶୁଝା କରି କମିଶନରଙ୍କ ସହ ଆଲୋଚନା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାରଠାରୁ ଏମ୍‌ସିସିକୁ ଆସୁଥିବା ସମସ୍ତ ଅଳିଆ ବୁହା ଗାଡିକୁ ବନ୍ଦ କରିବାକୁ ସ୍ଥାନୀୟ ବାସିନ୍ଦା ନିଷ୍ପତ୍ତି ନେଇଥିବା ଜଣାପଡିଛି।

# ନାରୀ ସଶକ୍ତ ହେଲେ ଦେଶର ବିକାଶ ସମ୍ଭବ ହେବ

ମାହାଙ୍ଗା,୨୨।୨(ସ୍ୱ.ପ୍ର.)

**ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ମେଳା**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଗୋବରୀ ପୋଲ ପଡ଼ିଆଠାରେ ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ପ୍ରମୋଦିନୀ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିବା ସହ ନାରୀ ସଶକ୍ତିକରଣ ହେଲେ ଦେଶର ବିକାଶ ସମ୍ଭବ ହୋଇପାରିବ। ଏହି ଅବସରରେ ୩୧ଟି ପଞ୍ଚାୟତର ୨୯୪ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ବିନା ସୁଧରେ ୧୨ କୋଟି ୨୨ ଲକ୍ଷ ୮୦ ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ। ସିଆଇଏଫ୍ ଗୋଷ୍ଠୀ ପରିବାର ରାଶି ବାବାଦକୁ ୪ଟି ପଞ୍ଚାୟତର ୧୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଲେଖାଏ ୬୦ ଲକ୍ଷ ଟଙ୍କା, ୭ଟି ପଞ୍ଚାୟତର ୬୬ ଜଣ ଏମ୍‌ବିକେ ଏବଂ ସିଆର୍‌ପିମାନଙ୍କୁ ମୋବାଇଲ ବାବଦକୁ ୫ ହଜାର ଏବଂ ଡ୍ରେସ୍ କୋଡ ବାବଦକୁ ଏକ ହଜାର ଟଙ୍କା ଲେଖାଏ ମୋଟ ୩ ଲକ୍ଷ ୯୬ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ରାଜକିଶୋର ଜେନା, ପ୍ରାକ୍ତନ ବ୍ଲକ ଅଧକ୍ଷ ଶରତ ନାୟକ, ଫେଡେରେଶନ ସଭାପତି ସୁସ୍ମିତା ଦାସ, ସମ୍ପାଦିକା ସସ୍ମିତା ମହାନ୍ତି, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିପିଏମ୍‌ଇସି ରୋଜାଲିନୀ ଦାଶ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ସରପଞ୍ଚ ରାଜେଶ ବଳ, ଭବାନୀ ଶଙ୍କର ସାମଲ, ବିବିସି ଜ୍ୟୋତିରଂଜନ ସାହୁ ଓ ଏସ୍‌ଏଚଜିର ମହିଳା ଯୋଗ ଦେଇଥିଲେ।



ବିଧାୟକ ପ୍ରତାପ ଜେନା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଶନ ଶକ୍ତି ପକ୍ଷରୁ ଋଣ ପ୍ରଦାନ କରୁଛନ୍ତି ।


# ODISHA PUBLIC SERVICE COMMISSION, CUTTACK

**NOTICE**

**No. 1920/PSC Dt.22.02.2023**
**(DR - IV) (2PH-02-2022-23)**

No. D-328: It is for information of all provisionally qualified candidates relating to recruitment for the post of **Assistant Director (Law)**, pursuant to Advertisement No. 22 of 2021-22 that the Document Verification and Viva Voce Test will be conducted from **02.03.2023 to 04.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified | Board |
|---|---|---|---|---|
| 02.03.2023 | 09.00 A.M. | 10.45 A.M. | 100031, 100033, 100060, 100099, 100146, 100168, 100202, 100205, 100219, 100289, 100303 = **11 Candidates** | Board - I |
| | | | 100353, 100418, 100473, 100476, 100491, 100502, 100511, 100518, 100544, 100546, 100555 = **11 Candidates** | Board - II |
| | 01.00 P.M. | 03.00 P.M. | 100569, 100570, 100711, 100769, 100808, 100830, 100873, 100891 = **08 Candidates** | Board - I |
| | | | 100907, 100933, 100994, 101005, 101010, 101025, 101034, 101035 = **08 Candidates** | Board - II |
| 03.03.2023 | 09.00 A.M. | 10.45 A.M. | 101051, 101073, 101130, 101182, 101204, 101256, 101266, 101283, 101290, 101295, 101302 = **11 Candidates** | Board - I |
| | | | 101315, 101384, 101395, 101519, 101530, 101542, 101565, 101602, 101603, 101654, 101702 = **11 Candidates** | Board - II |
| | 01.00 P.M. | 03.00 P.M. | 101705, 101714, 101747, 101752, 101764, 101775, 101783, 101840 = **08 Candidates** | Board - I |
| | | | 101899, 101925, 101932, 101949, 102040, 102077, 102080, 102089 = **08 Candidates** | Board - II |
| 04.03.2023 | 09.00 A.M. | 10.45 A.M. | 102119, 102186, 102187, 102219, 102223, 102240, 102278, 102288, 102297, 102322, 102352 = **11 Candidates** | Board - I |
| | | | 102354, 102377, 102382, 102429, 102444, 102451, 102458, 102526, 102533, 102569, 102701 = **11 Candidates** | Board - II |
| | 01.00 P.M. | 03.00 P.M. | 102731, 102793, 102827, 102828, 102830, 102837, 102845 = **07 Candidates** | Board - I |
| | | | 102848, 102861, 102869, 102878, 102889, 102916, 102924 = **07 Candidates** | Board - II |

**N.B.:** The documents of the concerned candidates shall be verified on the same day before commencement of Viva Voce Test as per the above schedule. The candidates who are having V.V. Test in **Morning Session** must report in Office of the Commission sharply at **08.30 A.M.** and those having V.V. Test in the **Afternoon Session** must report **at 12.30 P.M.** positively.

It is also made clear that the candidature of these candidates for the above recuritment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions as laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective username/mobile number/e-mail and password/OTP etc. through Admin Login Section of the OPSC website.
2. Three (03) Passport Size Photographs tagged with the Application Form and One (01) pasted at space provided in the CIF (Candidate Information Form).
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate in Law and Law Degree Marksheets from any recognized Unviersity in India.
5. Certificate showing adequate knwoledge in Computer Application.
6. Required Odia Test Pass Certificate issued within 31.12.2021.
7. In-service Certificate from the Competent Authority mentioning continuation in Government Service in case of in-service candidate availing age relaxation.
8. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 1 of the Advertisement) issued within
9. Recent SEBC Certificate (issued within 01.01.2019 to 31.12.2021), whereever applicable.
10. Permanent Disability Certificate indicating percentage of disability (i.e., 40% and more).
11. Discharge Certificates in case of Ex-Serviceman issued by the Commanding Officer of the Unit last served. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
12. No Objection Certificate issued by the Competent Authority in case of in-service candidates; whereever applicable.
13. Any proof of photo Identity.
14. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
15. The candidates are required to mention "Submited by me" and put their full signature and date of verification on each Xerox copy of documents.
16. Bio-data form (CIF) (to be downloaded and duly filled in with passport size photograph affixed).
17. Any other documents as per Para - 10 of the Advertisement.

**OIPR-12002/11/0278/2223** **Sd./- Secretary**

# ଉପସଚିବଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ

## ଘରେ ପଶି ଯୁବତୀଙ୍କୁ ଅସଦାଚରଣ ମାମଲା

ପୁରୀ ଅଫିସ,୨୨।୨

ବାସେଲି ସାହି ଥାନା ଅଞ୍ଚଳରେ ଘରେ କେହି ନ ଥିବାବେଳେ ବଳପୂର୍ବକ ପଶି ଯୁବତୀଙ୍କୁ ଅସଦାଚରଣ କରିବା ନେଇ ଜାତୀୟ ମାନବ ଅଧିକାର କମିଶନ(ଏନ୍ଏଚ୍ଆର୍ସି)ରେ ଅଭିଯୋଗ ହୋଇଥିଲା। ତେବେ ଏନ୍ଏଚ୍ଆର୍ସି ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଆସିବା ପରେ ସ୍ଥାନୀୟ ପୋଲିସ ଉକ୍ତ ମାମଲାର ତଦନ୍ତ କରି ଏସ୍ପିଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ତାହା ପୋଲିସ ଉପସଚିବଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ବାସେଲି ସାହି ଥାନା ଅନ୍ତର୍ଗତ ମଙ୍ଗଳାହାଟ ରୋଡ ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀ ଅଭିଯୋଗରେ ଦର୍ଶାଇଥିଲେ ଯେ, ଗତ ବର୍ଷ ଅଗଷ୍ଟ ୨୦ରେ ସେ ଘରେ ଏକା ଥିବାବେଳେ ଉକ୍ତ ଥାନା ଅଞ୍ଚଳର ଜଣେ ଏସ୍ଆଇ କିଛି ପୋଲିସ କର୍ମଚାରୀଙ୍କ ସହ ତାଙ୍କ ଘରକୁ ଆସିଥିଲେ। ମାବାପା କୁଆଡ଼େ ବୋଲି ପଚାରିବାରେ ଡାକ୍ତରଖାନାକୁ ଯାଇଛନ୍ତି ବୋଲି ଯୁବତୀ କହିଥିଲେ। ଫଳରେ ଏସ୍ଆଇ ବଳପୂର୍ବକ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ। ଏପରିକି ମାବାପା ଆସିଲେ ଥାନାକୁ ଯାଇ ଦେଖା କରିବାକୁ କହିଥିଲେ। ପରେ ଯୁବତୀଙ୍କ ମାବାପା ଆସି ସମସ୍ତ ଘଟଣା ଜାଣି ଥାନାକୁ ଯାଇ ଆଇଆଇସିଙ୍କୁ ଜଣାଇବାରୁ ଏସ୍ଆଇଙ୍କୁ ପଠାଇ ନ ଥିବା ସୂଚନା ଦେଇଥିଲେ। ଏହା ଜାଣି ପରିବାର ଲୋକ ଘଟଣା ନେଇ ଅତିରିକ୍ତ ଏସ୍ପିଙ୍କୁ ସାକ୍ଷାତ କରି ଉକ୍ତ ଏସ୍ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବାରୁ ପରିବାର ଲୋକ ମାନବଧିକାର କର୍ମୀ ଜୟନ୍ତ ଦାସଙ୍କୁ ସାକ୍ଷାତ କରିଥିଲେ। ସେ ତାଙ୍କ ସହାୟତାରେ ନଭେମ୍ବର ୪ରେ ଏନ୍ଏଚଆରସିଙ୍କୁ ଅଭିଯୋଗ କରିଥିଲେ। ଏ ନେଇ କେସ ନଂ ୩୯୪୧/୧୮/୧୨/୨୦୨୨ ରେ ମାମଲା ରୁଜୁ କରିଥିଲେ। ଏନେଇ କମିଶନ ୧୪ ନଭେମ୍ବରରେ ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ପୁରୀ ଏସ୍ପିଙ୍କୁ ସୂଚନା ଦେଇଥିଲେ। ପରେ ଡିସେମ୍ବର ୨ରେ ଯୁବତୀ ଜଣଙ୍କ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ବାସେଲି ସାହି ଥାନାକୁ ଅଭିଯୋଗ କରିଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଗତ ୬ ତାରିଖରେ ଏନେଇ ଚିଠି ମାଧ୍ୟମରେ ଏସ୍ପିଙ୍କୁ ଜଣାଇଥିଲେ। ପରେ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଗତ ୧୦ ତାରିଖରେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିଲା। ପରେ ଅତିରିକ୍ତ ଏସ୍ପି ବାସନ୍ତି ନାୟକଙ୍କୁ ତଦନ୍ତ ଭାର ଦିଆଯିବାରୁ ସେ ଘଟଣାସ୍ଥଳକୁ ଯାଇ ପୀଡ଼ିତା, ତାଙ୍କ ପରିବାର ଲୋକ ଆଲୋଚନା କରି ତଦନ୍ତ କରିଥିଲେ। ଏନେଇ ସିଟି ଡିଏସ୍ପିଙ୍କ ପକ୍ଷରୁ ଗତ ୬ ତାରିଖରେ ଏସ୍ପିଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ପୋଲିସର ତଦନ୍ତକୁ ଆଧାର କରି ଏସ୍ପି ଉକ୍ତ ତଦନ୍ତ ରିପୋର୍ଟକୁ ଉପ ସଚିବଙ୍କୁ ପ୍ରଦାନ କରିଛନ୍ତି।

# ବିଳମ୍ବରେ ବନ କର୍ମଚାରୀ ପହଞ୍ଚିଲେ: ଉଦ୍ଧାର ହରିଣ ମୃତ

ଗୋପ,୨୨।୨(ଡି.ଏନ୍.ଏ.)



ଗୋପ ବ୍ଲକ ଅଞ୍ଚଳର ଏକ ଚାଷ ଜମି ନିକଟସ୍ଥ କେନାଲରୁ ବୁଧବାର ଗୋଟିଏ ଅଣ୍ଡିରା ହରିଣ ଉଦ୍ଧାର ପରେ ବିଳମ୍ବରେ ବନ ବିଭାଗ ପହଞ୍ଚିବାରୁ ଚିକିତ୍ସା ନ ହୋଇପାରି ମୃତ୍ୟୁ ହୋଇଯାଇଛି। ପ୍ରକାଶ ଯେ, କିଛି ଦିନ ଧରି କୋଣାର୍କ ନିକଟସ୍ଥ ବାଲୁଖଣ୍ଡ ଅଭୟାରଣ୍ୟରୁ ଶହ ଶହ ହରିଣ ଖାଦ୍ୟ ଅଭାବ ସହିତ ଅସୁରକ୍ଷିତ ଯୋଗୁ ନିକଟସ୍ଥ ଗାଁକୁ ପଶି ଆସୁଛନ୍ତି। ବୁଧବାର ସକାଳ ୮ଟା ସମୟରେ ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତ ଅଧୀନ ନାଇଟି ଗାଁ ନିକଟସ୍ଥ ଚାଷ ଜମି ମଧ୍ୟରେ ୨ଟି ହରିଣ ଦୌଡି ପଳାଇଥିଲେ। ହଠାତ୍ ଅଣ୍ଡିରା ହରିଣଟି ନିକଟ ଏକ ବିଦ୍ୟୁତ୍ଖୁଣ୍ଟରେ ମାଡ ହୋଇ କେନାଲରେ ପଡ଼ିଯାଇଥିଲା। ନିକଟସ୍ଥ ଚାଷ ଜମିରେ ତଳି ଓପାଡୁଥିବା ଚାଷୀମାନେ ଦେଖି ଆହତ ହରିଣକୁ ଉଦ୍ଧାର କରି ଗାଁକୁ ଆଣି ପାଣି ପିଆଇବା ସହିତ କୋଣାର୍କ ଓ ଗୋପ ଜଙ୍ଗଲ ବିଭାଗକୁ ଫୋନ କରିଥିଲେ। ମାତ୍ର କୋଣାର୍କ ଜଙ୍ଗଲ ବିଭାଗ ଅଧୀନ ନାଇଟି ଗାଁରେ ହରିଣଟି ଉଦ୍ଧାର ହୋଇଥିବାରୁ ଦୀର୍ଘ ୨ଘଣ୍ଟା ବିଳମ୍ବରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ। ଚିକିତ୍ସା ଅଭାବରୁ ଗାଁ ଲୋକଙ୍କ ସମ୍ମୁଖରେ ହରିଣଟିର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ହରିଣଟି କେଉଁଆଡେ ପଳାଇ ଯାଇଥିବା ବେଳେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଶେଷରେ ମୃତ ହରିଣକୁ ନେଇଥିଲେ। ନାଇଟି ଗାଁରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ବିଳମ୍ବରେ ଆସିବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ଗାଁକୁ ଆସି ଫସଲ ନଷ୍ଟ କରୁଥିବା ଅଭିଯୋଗ ବାରମ୍ବାର ହେଉଥିଲେ ମଧ୍ୟ ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଉନାହିଁ। ଅବାଧରେ ଅଭୟାରଣ୍ୟରୁ ବେଆଇନ ଗଛକଟା ବାଲି ଚୋରି ହେଉଛି।

# ସ୍ମାର୍ଟ ସ୍କୁଲ ଜଗିବେ ମହିଳା ଗୋଷ୍ଠୀ




ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ଏବଂ ଅନ୍ୟ ଅତିଥିମାନେ।

ଗୋପ,୨୨।୨(ଡି.ଏନ୍.ଏ.)

ମହିଳା ଗୋଷ୍ଠୀଗୁଡିକୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଥିବା ବେଳେ ସ୍ମାର୍ଟ ସ୍କୁଲ କିପରି ସୁନ୍ଦର ରହିବ, ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ସ୍କୁଲରେ ଚୋରି କମିବ ସେନେଇ ସ୍କୁଲକୁ ଜଗି ସୁରକ୍ଷା ଦେବେ ମହିଳା ଗୋଷ୍ଠୀ। ଏହା ଏକ ପ୍ରଶଂସନୀୟ କାର୍ଯ୍ୟ ବୋଲି ବୁଧବାର ଅନୁଷ୍ଠିତ ମହିଳା ଗୋଷ୍ଠୀ ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଥିଲେ। ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୁଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମା, ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ବିପିସି ଟିକିନା ବେହେରା, ରୁବିଲତା ଓଝା ପ୍ରମୁଖ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ମାର୍ଟ ସ୍କୁଲ ଗୁଡ଼ିକର କିପରି ରକ୍ଷଣାବେକ୍ଷଣ କରିବା ସହ ରାତ୍ରି କାଳିନ ଡିଉଟି କରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗୋପ ବ୍ଲକ ଆଜି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହାତକୁ ନେଉଥିବାରୁ ନିଶ୍ଚିତ ଆମ ବ୍ଲକ ଅଞ୍ଚଳ ପାଇଁ ଗର୍ବ ଅନୁଭବ କରିବା ସହ ମହିଳାମାନେ ଆଉ ଗୋଟିଏ ପାଦ ଆଗକୁ ଯାଇପାରିଛନ୍ତି ବୋଲି ମହିଳା ମହାସଂଘ ସଭାନେତ୍ରୀ ପୁଷ୍ଟି ମତ ରଖିଛନ୍ତି। ଗୋପ ବ୍ଲକରେ ଥିବା ୧୩ ସ୍ମାର୍ଟ ସ୍କୁଲରେ ୨୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଠିକ ସମୟରେ ଠିକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, କିଛି ଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ରହିଥିବା ସ୍ମାର୍ଟ ସ୍କୁଲଗୁଡ଼ିକ ରକ୍ଷଣାବେକ୍ଷଣକୁ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ ଲୋକେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଅଭିଯୋଗ କରିଥିଲେ। ମନ୍ତ୍ରୀ ଦାଶ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ମଧ୍ୟ ଜଣାଇଥିଲେ।

# ବାଦୀପାଲା ଉଦ୍ଯାପିତ

ସାକ୍ଷୀଗୋପାଳ,୨୨।୨(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ର ବଣିଆ ସାହିସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଜାଗରଯାତ୍ରା ଅବସରରେ ୫ଦିନ ବ୍ୟାପି ଆୟୋଜିତ ବାଦୀପାଲା ବୁଧବାର ଉଦ୍ଯାପିତ ହୋଇଯାଇଛି। ଢେଙ୍କାନାଳର ମହୁଲପାଳର ଗାୟକ ଉଜ୍ଜ୍ୱଳ ବିଜୟ ଓଝା, କଣାସ ବରୁଣ ନଗରର ଗାୟକ ବିଭୁତି ଭୂଷଣ, ଲମ୍ବୋଦର ବେହେରା ମଧ୍ୟରେ ବାଦୀ ପାଲା ହୋଇଥିଲା। ପଞ୍ଚଗ୍ରାମ ପାଲା କମିଟି ସଭାପତି ସୁରେନ୍ଦ୍ର ପାଢ଼ୀ, ସମ୍ପାଦକ ମନୋରଞ୍ଜନ ମହାନ୍ତିଙ୍କ ସମେତ ସଭ୍ୟ ପ୍ରଫୁଲ୍ଲ ବେହେରା, ପ୍ରଭାକର ବେହେରା, ଦେବରାଜ ସାହୁ, ଶ୍ରୀକୃଷ୍ଣ ମହାପାତ୍ର, ଶଶି ଶେଖର ମହାନ୍ତି, ଅରକ୍ଷିତ ପାତ୍ର, କୃଷ୍ଣକିଶୋର ଦାସ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିପିଲି ବିଧାୟକଙ୍କ କୁଶପୁତ୍ତଳିକା ଦାହ

ପିପିଲି,୨୨।୨(ସ୍ୱ.ପ୍ର.)

ଦିବଂଗତ ମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟା ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧି ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମ୍ପୃକ୍ତି ଥିବା ସନ୍ଦେହ ଘେରରେ ବୋଲି ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥି ଗଣମାଧ୍ୟମକୁ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଭାଜପା ପକ୍ଷରୁ ସାରା ରାଜ୍ୟରେ ପ୍ରତିବାଦ ଦେଖାଦେଇଛି। ଫଳରେ ଭାଜପା ବିଜେଡି ମୁହାଁମୁହିଁ ପରିସ୍ଥିତି ଉପୁଜିଛି। କେବଳ ସେତିକି ନୁହେଁ, ପଦ୍ମପୁର ଉପନିର୍ବାଚନ ସମୟରେ ସେଠାର ନିର୍ବାଚନ ଦାୟିତ୍ୱରୁ ଦୂରେଇବା ପାଇଁ ଧର୍ମେନ୍ଦ୍ର ଓ ଜୟନାରାୟଣ ମନ୍ତ୍ରୀ ନବ ଦାସଙ୍କୁ ଧମକାଇ ଥିଲେ ବୋଲି ସେତେବେଳେ ମନ୍ତ୍ରୀ ଦାସ ପ୍ରକାଶ କରିଥିଲେ ବୋଲି ବିଧାୟକ ମହାରଥି ମଧ୍ୟ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହାର ପ୍ରତିବାଦରେ ପିପିଲି-ଡେଲାଙ୍ଗ ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ବିଧାୟକ ମହାରଥିଙ୍କ କୁଶ ପତ୍ତଳିକା ଦାହ କରାଯାଇଛି। ପିପିଲି ଭାଜପା କାର୍ଯ୍ୟାଳୟଠାରୁ ଯୁବମୋର୍ଚ୍ଚା କର୍ମୀ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ପିପିଲି ହାଟ ଛକରେ ପହଞ୍ଚିଥିଲେ। ମହାରଥିଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ଭାଜପା, ପିପିଲି ମଣ୍ଡଳ ସଭାପତି ସୁକାନ୍ତ ଭଟ୍ଟ, ଭଜପା ସଂଖ୍ୟାଲଘୁ ନେତା ଆଲେଜହୁର ଖାନ, ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ସମିତି ସଭ୍ୟ ଗଦାଧର ପରିଡ଼ା, ଯୁବମୋର୍ଚ୍ଚା ନେତା ଦେବୀପ୍ରସାଦ ମଲ୍ଲିକ, ଦେବୀପ୍ରସାଦ ତ୍ରିପାଠୀ, ବିଜୟ କେତନ ଜେନା, ଅଶ୍ୱିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଚାମ୍ପିୟନ୍ ଏମ୍କେସିସି ଦଳକୁ ଜୟଦୁର୍ଗା ଟ୍ରଫି

କଣାସ,୨୨।୨(ସ୍ୱ.ପ୍ର.)




ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

କଣାସ ବ୍ଲକ ଅନ୍ତର୍ଗତ କେଶରପୁରସ୍ଥିତ ୬ଦିନ ଧରି ପଦ୍ମଚରଣ ଖେଳପଡ଼ିଆରେ ଚାଲିଥିବା ଟି-ଟେନ୍ ହଙ୍ଗାମା କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଏମ୍.ଡି.ସି.ସି, ହାଡପଡାକୁ ହରାଇ ଏମ୍.କେ.ସି.ସି, କଣାସ ଚାମ୍ପିୟନ୍ ହୋଇଛି। ଏମ୍.କେ.ସି.ସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିଧାରିତ ୧୦ ଓଭରରେ ୫ଟି ଉଇକେଟ୍ ହରାଇ ୧୪୧ରନ୍ କରିଥିଲା। ଏମ୍.ଡି.ସି.ସି ସମସ୍ତ ଉଇକେଟ୍ ହରାଇ ୯୨ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ଲାଡୁ ମ୍ୟାନ୍ ଅଫ ଦି ସିରିଜ୍ ହୋଇଥିବାବେଳେ ଦଳର କାହ୍ନା ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହ ବିପକ୍ଷ ଏମ୍.ଡି.ସି.ସି ଦଳର ଦୀପୁ ବେଷ୍ଟ ବ୍ୟାଟ୍ସ ମ୍ୟାନ ଏବଂ ଦଳର ଗୁଗୁନି ବେଷ୍ଟ ବୋଲର ଭାବେ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ଈଶ୍ୱର ହରିଚନ୍ଦନ, ସାମାଜିକ କର୍ମୀ ଉମାକାନ୍ତ ପଟ୍ଟନାୟକ, ସୁଶିଲ ଜେନା ଓ ଗ୍ରାମ୍ୟ କମିଟିର ପୂର୍ବତନ ଖେଳାଳୀ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା ଓ ଜୟଦୁର୍ଗା ଟ୍ରଫି ପ୍ରଦାନ କରାଯାଇଥିବାବେଳେ ରନର୍ସ ଅପ୍ ଦଳକୁ ୧୨ ହଜାର ଟଙ୍କା ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଦେବାଶିଷ ପଟ୍ଟନାୟକ ଓ ଆଶିଷ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ଜୟଦୁର୍ଗା କ୍ଲବର ସମସ୍ତ ସଦସ୍ୟ ଓ ଶହୀଦ କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଜୟଦୁର୍ଗା କ୍ଲବ ସଭାପତି ପ୍ରିୟରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

# ମହିଳା ସ୍ୱାବଲମ୍ବୀ ହେଲେ ରାଜ୍ୟର ବିକାଶ ହେବ

ନିମାପଡ଼ା,୨୨।୨(ଡି.ଏନ୍.ଏ.)




ଶିବିରରେ ଜିଲା ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି, ପୁରୀ ଆଇଟିଆଇର ସହ ପ୍ରଶିକ୍ଷଣ ଅଧିକାରୀ ସନାତନ ସାହୁ ଏବଂ ଅନ୍ୟମାନେ।

ମହିଳାମାନେ ସଶକ୍ତ, ସ୍ୱାବଲମ୍ବୀ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ। ମହିଳାଙ୍କ ବିକାଶ ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ମହିଳାମାନେ ସରକାରୀ ଯୋଜନାଗୁଡ଼ିକର ସ୍ୱାଦ ଚାଖିବା ଆବଶ୍ୟକ ବୋଲି ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଯୁବତୀ ଯୁବକଙ୍କୁ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ କରିବା, ବେକାରି ସମସ୍ୟା ଦୂର କରିବାକୁ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ଦିଆଯାଇ ଆତ୍ମନିର୍ଭରଶୀଳ କରାଇବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ଜିଲା ପ୍ରଶାସନ, ଜିଲା ନିୟୋଜନ ବିଭାଗ ଓ ନିମାପଡ଼ା ପଞ୍ଚାୟତ ସମିତି ସହାୟତାରେ ଏକ ବ୍ଲକସ୍ତରୀୟ ପରାମର୍ଶ ଶିବିର ବୁଧବାର ସ୍ଥାନୀୟ ଟାଉନ୍ ହଲ୍ଠାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ (ଡିଇଓ) ପ୍ରଭାତ କୁମାର ବସ୍ତି, ପୁରୀ ଆଇଟିଆଇର ସହ ପ୍ରଶିକ୍ଷଣ ଅଧିକାରୀ (ଏଟିଓ) ସନାତନ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ପ୍ରୋଗ୍ରାମ ସଂଯୋଜକ (ସିପେଟ୍)ର ଦେବୀ ପ୍ରସାଦ ଦୀକ୍ଷିତ, ସିନିୟର ଅଧ୍ୟାପକ ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ଏମ୍ପିଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଯୁବତୀଯୁବକଙ୍କୁ ଶିବିରରେ କାଉନ୍ସିଲିଂ କରାଯାଇ ଦକ୍ଷତା ଭିତ୍ତିରେ ଆଇଟିଆଇ, ପଲିଟେକ୍ନିକ୍, ସିପେଟ୍ ସମେତ ବିଭିନ୍ନ ଗ୍ରେଡ୍ରେ ତାଲିମ୍ ପ୍ରଦାନ କରାଯାଇ ଯୋଗ୍ୟତା ଓ ଦକ୍ଷତା ଭିତ୍ତିରେ ଚାକିରି କରାଯିବାର ବନ୍ଦୋବସ୍ତ କରାଯିବ ବୋଲି ସରକାରୀ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଶିବିରରେ ମୋଟ ଦେଢ଼ଶହ ଯୁବତୀ ଯୁବକଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ।


# ODISHA PUBLIC SERVICE COMMISSION, CUTTACK

## NOTICE

No. 1920/PSC Dt.22.02.2023

(DR - IV) (2PH-02-2022-23)

No. D-328: It is for information of all provisionally qualified candidates relating to recruitment for the post of **Assistant Director (Law)**, pursuant to Advertisement No. 22 of 2021-22 that the Document Verification and Viva Voce Test will be conducted from **02.03.2023 to 04.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified | Board |
|---|---|---|---|---|
| 02.03.2023 | 09.00 A.M. | 10.45 A.M. | 100031, 100033, 100060, 100099, 100146, 100168, 100202, 100205, 100219, 100289, 100303 = **11 Candidates** | Board - I |
| | | | 100353, 100418, 100473, 100476, 100491, 100502, 100511, 100518, 100544, 100546, 100555 = **11 Candidates** | Board - II |
| | 01.00 P.M. | 03.00 P.M. | 100569, 100570, 100711, 100769, 100808, 100830, 100873, 100891 = **08 Candidates** | Board - I |
| | | | 100907, 100933, 100994, 101005, 101010, 101025, 101034, 101035 = **08 Candidates** | Board - II |
| 03.03.2023 | 09.00 A.M. | 10.45 A.M. | 101051, 101073, 101130, 101182, 101204, 101256, 101266, 101283, 101290, 101295, 101302 = **11 Candidates** | Board - I |
| | | | 101315, 101384, 101395, 101519, 101530, 101542, 101565, 101602, 101603, 101654, 101702 = **11 Candidates** | Board - II |
| | 01.00 P.M. | 03.00 P.M. | 101705, 101714, 101747, 101752, 101764, 101775, 101783, 101840 = **08 Candidates** | Board - I |
| | | | 101899, 101925, 101932, 101949, 102040, 102077, 102080, 102089 = **08 Candidates** | Board - II |
| 04.03.2023 | 09.00 A.M. | 10.45 A.M. | 102119, 102186, 102187, 102219, 102223, 102240, 102278, 102288, 102297, 102322, 102352 = **11 Candidates** | Board - I |
| | | | 102354, 102377, 102382, 102429, 102444, 102451, 102458, 102526, 102533, 102569, 102701 = **11 Candidates** | Board - II |
| | 01.00 P.M. | 03.00 P.M. | 102731, 102793, 102827, 102828, 102830, 102837, 102845 = **07 Candidates** | Board - I |
| | | | 102848, 102861, 102869, 102878, 102889, 102916, 102924 = **07 Candidates** | Board - II |

**N.B.:** The documents of the concerned candidates shall be verified on the same day before commencement of Viva Voce Test as per the above schedule. The candidates who are having V.V. Test in **Morning Session** must report in Office of the Commission sharply at **08.30 A.M.** and those having V.V. Test in the **Afternoon Session** must report **at 12.30 P.M.** positively.

It is also made clear that the candidature of these candidates for the above recuritment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions as laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective username/mobile number/e-mail and password/OTP etc. through Admin Login Section of the OPSC website.
2. Three (03) Passport Size Photographs tagged with the Application Form and One (01) pasted at space provided in the CIF (Candidate Information Form).
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate in Law and Law Degree Marksheets from any recognized Unviersity in India.
5. Certificate showing adequate knwoledge in Computer Application.
6. Required Odia Test Pass Certificate issued within 31.12.2021.
7. In-service Certificate from the Competent Authority mentioning continuation in Government Service in case of in-service candidate availing age relaxation.
8. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 1 of the Advertisement) issued within
9. Recent SEBC Certificate (issued within 01.01.2019 to 31.12.2021), whereever applicable.
10. Permanent Disability Certificate indicating percentage of disability (i.e., 40% and more).
11. Discharge Certificates in case of Ex-Serviceman issued by the Commanding Officer of the Unit last served. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
12. No Objection Certificate issued by the Competent Authority in case of in-service candidates; whereever applicable.
13. Any proof of photo Identity.
14. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
15. The candidates are required to mention "Submited by me" and put their full signature and date of verification on each Xerox copy of documents.
16. Bio-data form (CIF) (to be downloaded and duly filled in with passport size photograph affixed).
17. Any other documents as per Para - 10 of the Advertisement.

OIPR-12002/11/0278/2223 Sd./- Secretary

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅମୃତ ଫାଉଣ୍ଡେଶନର ୨ୟ ପ୍ରତିଷ୍ଠା ଦିବସ, ହାଉସିଂ ବୋର୍ଡ କଲୋନି, ଶିବ ମନ୍ଦିର ଓ ୧୦୮ ହନୁମାନ ମନ୍ଦିର, ଚନ୍ଦ୍ରଶେଖରପୁର, ସକାଳ ୮ଟା ୩୦।
- ଯୁଗ ପ୍ରବର୍ତ୍ତକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତତମ ଜୟନ୍ତୀ ସମାରୋହ, ଶହୀଦ ନଗର, ମଧ୍ୟାହ୍ନ ୧୨ଟା।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା ଉଦ୍‌ଘାଟିତ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଉକୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା ୩୦।
- ୬୬ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୫ଟା ୩୦।
- ଓଡ଼ିଆ ଗଳ୍ପର ନବଜାତକ କଥାର ୩୬ତମ ବାର୍ଷିକ ଉତ୍ସବ ଏବଂ ନବପ୍ରତିଭା ପୁରସ୍କାର ସମାରୋହ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ମିଡୋସ୍ ଉଦ୍‌ଘାଟନ, ହାରମୋନି ଥେରାପି ଆଣ୍ଡ ୱେଲନେସ୍ ସେଣ୍ଟର, ବି-୨୧, ବିଜେବି ନଗର, ସନ୍ଧ୍ୟା ୬ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ, ଭୁବନେଶ୍ୱର ଆନୁକୂଲ୍ୟରେ ୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ବାଲିଅନ୍ତା**

- ଶ୍ରୀ ଗଣେଶଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଗ୍ରାମଦେବତୀ ମା' ବନଦୁର୍ଗାଙ୍କ ନୂତନ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବରେ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଓ ପ୍ରବଚନ, ମହାନ୍ତିପାଟଣା, ପୂର୍ବାହ୍ନ ୧୦ଟା।

**କଟକ**

- ଓଡ଼ିଶା ଷ୍ଟେଟ୍ ଫେନ୍ସିଂ ଆସୋସିଏଶନ ପକ୍ଷରୁ ୨ୟ ପର୍ଯ୍ୟାୟ ଖେଲୋ ଇଣ୍ଡିଆ ଓମେନ୍ସ ଲିଗ୍ ଟୁର୍ନାମେଣ୍ଟ, ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍, ଅପରାହ୍ନ ୪ଟା।

**ପୁରୀ**

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଓ ସ୍ମାରକୀ ସଂଗ୍ରହାଳୟ ଲୋକାର୍ପଣ, ସୁଆଣ୍ଡୋ, ପୂର୍ବାହ୍ନ ୧୧ଟା।

# ତୋଷରପାତ ଟଙ୍କା ଫେରାଇବେ ଡିଏଫ୍‌ଓ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ଟିଟିଲାଗଡ଼ର ପୂର୍ବତନ କେନ୍ଦୁପତ୍ର ଡିଏଫ୍‌ଓ ଟଙ୍କା ହେରଫେର କରିଥିବା ନେଇ ପ୍ରମାଣ ଦିଆଯାଇଥିଲେ ମଧ୍ୟ ଦୁଇ ମାସ ହେବ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କର ମୃତ୍ୟୁ ପରେ ସେମାନଙ୍କ ପରିବାରକୁ ଦିଆଯାଉଥିବା ଆର୍ଥିକ ଅନୁଦାନକୁ ଡିଏଫ୍‌ଓ ହଡ଼ପ କରିଥିବା ନେଇ ଖବର ପ୍ରକାଶ ପରେ ବନ ବିଭାଗର ଚେତା ପଶିଛି। ବିଭାଗୀୟ ଦୋଷ ଝାଡ଼ିବା ପାଇଁ କେନ୍ଦୁପତ୍ର ପିସିସିଏଫଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ସିସିଏଫ୍ କେନ୍ଦୁପତ୍ର ଟିଟିଲାଗଡ଼ ଡିଏଫ୍‌ଓଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ପରିମାଣର ଯେଉଁ ଟଙ୍କା ଡବଲ ପେମେଣ୍ଟ ଆକାରରେ ପ୍ରଦାନ କରାଯାଇଥିଲା, ତାହାକୁ ରିକଭରି କରିବା ପାଇଁ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ବିଷୟରେ ଏକ ସପ୍ତାହ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ତତ୍କାଳୀନ ଡିଏଫ୍‌ଓ ଏବଂ ଡିଲିଂ ଆସିଷ୍ଟାଣ୍ଟଙ୍କଠାରୁ ଉକ୍ତ ଟଙ୍କା ରିକଭରି କରିବା ପାଇଁ ଚିଠି ଲେଖାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଦେବପ୍ରିୟ କମ୍ପ ଟିଟିଲାଗଡ କେନ୍ଦୁପତ୍ର ଡିଭିଜନରେ ଡିଏଫ୍‌ଓ ଥିବା ସମୟରେ ସରକାରୀ ଅନୁମୋଦନ ବିନା ସରକାରୀ ତହବିଲରୁ ଚଞ୍ଚକତା କରି ଦୁଇଥରରେ ୬ ଲକ୍ଷ ଟଙ୍କା ହିସାବରେ ମୋଟ ୧୨ ଲକ୍ଷ ଟଙ୍କା ତୋଷରପାତ କରିଥିଲେ। ତତ୍କାଳୀନ ଟିଟିଲାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ୨୯୧ଟି ମୃତକଙ୍କ ପରିବାରକୁ ଆର୍ଥିକ ଅନୁଦାନ ପାଇଁ କେନ୍ଦୁପତ୍ର ପିସିସିଏଫ୍‌ଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ କେନ୍ଦୁପତ୍ର ପିସିସିଏଫ୍

### ଖବର ପ୍ରକାଶ ପରେ ବନ ବିଭାଗ ଦୋଷ ଝାଡ଼ିଲା

ସେଥିମଧ୍ୟରୁ ୨୨୯ ମାମଲାକୁ ଅନୁମୋଦନ କରିବା ସହିତ ମୋଟ ୨ କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ତେବେ ତତ୍କାଳୀନ ଡିଏଫ୍‌ଓ କମ୍ପ ମାତ୍ର ୨୧୦ ଜଣଙ୍କୁ ୨ କୋଟି ୪ ଲକ୍ଷ ଦେଇଥିଲେ। ୨୨ଜଣ ହିତାଧିକାରୀଙ୍କ ଜମା ଖାତା ଯାଞ୍ଚ ବେଳେ ଆଉ ୧୩ ଲକ୍ଷ ଟଙ୍କା ମିଳି ନ ଥିବାବେଳେ ମଞ୍ଜୁରୀ ହୋଇ ନ ଥିବା ଲୋକଙ୍କୁ ୬ ଲକ୍ଷ ଟଙ୍କାର ଡବଲ ପେମେଣ୍ଟ ମଧ୍ୟ କରାଯାଇଛି। ଖାଲି ସେତିକି ନୁହେଁ, ମନ ଇଚ୍ଛା ଡବଲ ପେମେଣ୍ଟ କରିବା ସହିତ କେନ୍ଦୁପତ୍ର ପିସିସିଏଫ୍‌ଙ୍କ ପାଖରେ ସମାନ ନାମକୁ ବାରମ୍ବାର ମଞ୍ଜୁରୀ ପାଇଁ ପଠା ଯାଇଥିବାର ଚାଞ୍ଚଲ୍ୟକର ଘଟଣା ଘଟିଛି। ତେବେ ଏହାର ତଦନ୍ତବେଳେ ଡିଏଫ୍‌ଓ କମ୍ପ କୌଣସି ରେକର୍ଡ/ଫାଇଲ/ରେଜିଷ୍ଟର ଦେଖାଇ ପାରି ନ ଥିଲେ। ଏତେ ସବୁ ଆର୍ଥିକ ଅନିୟମିତତା ବିଷୟରେ ବଲାଙ୍ଗୀର କେନ୍ଦୁପତ୍ର ସର୍କଲର ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ ଗତ ଡିସେମ୍ବର ୭ରେ କେନ୍ଦୁପତ୍ର ପିସିସିଏଫ୍‌ଙ୍କୁ ଚିଠି ଲେଖି ଅର୍ଥ ହେରଫେର ସଂକ୍ରାନ୍ତରେ ଜଣାଇଥିଲେ। କିନ୍ତୁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ବର୍ତ୍ତମାନ ଦେବପ୍ରିୟ ବୌଦ୍ଧରେ ଡିଏଫ୍‌ଓ ଅଛନ୍ତି ଏବଂ ପଦୋନ୍ନତି ପାଇଁ ମସୁଧା ଚଳାଇଥିବା ଜଣାପଡ଼ିଛି। ସେପଟେ ବନ ବିଭାଗର ଚିଠି ପରେ ବର୍ତ୍ତମାନର ଟିଟିଲାଗଡ କେନ୍ଦୁପତ୍ର ଡିଏଫ୍‌ଓ ଲକ୍ଷ୍ମଣ ମାରାଣ୍ଡି କହିଛନ୍ତି, ଆମେ ବେଆଇନ ପ୍ରଦାନ କରାଯାଇଥିବା ଟଙ୍କା ରିକଭରି କରିବା ପ୍ରକ୍ରିୟା ଆରମ୍ଭ କରିଛୁ ବୋଲି ମାରାଣ୍ଡି କହିଛନ୍ତି।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା କଳିଙ୍ଗ ନାଟକ ମହୋତ୍ସବରେ ପରିବେଷିତ ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ'ର ଏକ ଦୃଶ୍ୟ। (ମୌସମ)

## ଯୁବପିଢ଼ିଙ୍କୁ ବାର୍ତ୍ତା ଦେଲା ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ'

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ମହାଭାରତରେ ଅଭିମନ୍ୟୁ ଏକ ପ୍ରତୀକାତ୍ମକ ଚରିତ୍ର। ଯିଏ ଯୁଦ୍ଧ କ୍ଷେତ୍ରକୁ ପଶି ଯାଇଥିଲେ କିନ୍ତୁ ବାହାରି ପାରି ନ ଥିଲେ। ଯେଉଁଥିପାଇଁ ତାଙ୍କୁ ମୃତ୍ୟୁକୁ ଆଦରି ନେବାକୁ ପଡ଼ିଥିଲା। ବର୍ତ୍ତମାନ ଅଭିମନ୍ୟୁଙ୍କ ଭଳି ଲକ୍ଷ ଲକ୍ଷ ଯୁବପିଢ଼ୀ ଚକ୍ରବ୍ୟୁହକୁ ପଶି ଯାଉଛନ୍ତି ସତ ବାହାରି ପାରୁ ନାହାନ୍ତି। କର୍ମକ୍ଷେତ୍ର ରୂପୀ ଯୁଦ୍ଧକ୍ଷେତ୍ରକୁ ପଶିବାର ନିଶାରେ ଅନେକ ଅସମାଜିକ କାର୍ଯ୍ୟରେ ଲିପ୍ତ ହୋଇ ଯାଉଛନ୍ତି। ଯୁବିଢ଼ୀଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ସହ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଶତାବ୍ଦୀର କଳାକାର ପକ୍ଷରୁ ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ' ମଞ୍ଚସ୍ଥ ହୋଇଥିଲା। ସୌନିକା ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକ ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ପରିବେଷିତ ହୋଇଥିଲା।

## ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ଗଛକଟା ମାମଲା
## ସତ୍ୟପାଠ ଦାଖଲ କଲେ ରାଜ୍ୟ ସରକାର

କଟକ ଅଫିସ,୨୨।୨: ଭୁବନେଶ୍ୱର ୟୁନିଟ୍-୪ ଅଞ୍ଚଳରେ ବିଧାୟକଙ୍କ ପାଇଁ ବହୁତଳ କ୍ୱାର୍ଟର୍ସ ନିର୍ମାଣ ନିମନ୍ତେ ଗଛକଟା ମାମଲାରେ ରାଜ୍ୟ ସରକାର ହାଇକୋର୍ଟରେ ବୁଧବାର ସତ୍ୟପାଠ ଦାଖଲ କରିଛନ୍ତି। ଗଛକଟା ଯୋଗୁ ହୋଇଥିବା କ୍ଷତି ଭରଣା ସଂକ୍ରାନ୍ତରେ ସତ୍ୟପାଠରେ ଦର୍ଶାଯାଇଛି। ହାଇକୋର୍ଟ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ଜୁନ୍ ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ଏହି ମାମଲାରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସତ୍ୟପାଠ ଦ୍ୱାରା ଜବାବ ଦାଖଲ କରାଯାଇଥିଲା। ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ସବୁ ଆଇନ ଅନୁଯାୟୀ ହୋଇଛି ବୋଲି ଜବାବରେ ସ୍ପଷ୍ଟ କରାଯାଇଥିଲା।ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି। ସେ ପିଟିଶନ୍‌ରେ ଦର୍ଶାଇଛନ୍ତି, ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ଲାଗି ବହୁ ପୁରୁଣା ଗଛ କଟାଯାଇଛି। ଏସବୁ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସହରର ପରିବେଶକୁ ସନ୍ତୁଳନ କରୁଥିଲା। ଗଛ ନ କାଟି ମଧ୍ୟ ପ୍ରକଳ୍ପ ନିର୍ମାଣ କରାଯାଇପାରିବ। ଟେକ୍ନୋଲୋଜି ବ୍ୟବହାର କରି ଗଛଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ। ଏଥିସହ କଟାଯାଇଥିବା ଗଛ ପାଇଁ ସରକାର କ୍ଷତିପୂରଣ ଦେବାକୁ ସେ ଅଦାଲତଙ୍କୁ ନିବେଦନ କରିଥିଲେ।

# ଅର୍ଥାଭାବରୁ କେହି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ ନାହିଁ: ମୁଖ୍ୟମନ୍ତ୍ରୀ

**କଟକ ଅଫିସ,୨୨।୨**

ଚିକିତ୍ସା ସେବାର ମୂଲ୍ୟ ବୃଦ୍ଧି ହେଉଛି। ହେଲେ ରାଜ୍ୟରେ ଅର୍ଥାଭାବରୁ କେହି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ ସେଥିପାଇଁ ଓଡ଼ିଶା ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କଟକ ରାଣୀହାଟସ୍ଥିତ ଭାରତୀୟ ଚିକିତ୍ସକ ସଂଘ(ଆଇଏମ୍‌ଏ) ଓଡ଼ିଶା ଶାଖାର ରାଜ୍ୟ ସମ୍ମିଳନୀ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସ୍ୱାସ୍ଥ୍ୟ ସମସ୍ୟା ଲୋକଙ୍କୁ ମାନସିକ ଏବଂ ଆର୍ଥିକ ସ୍ତରରେ ଦୁର୍ବଳ କରିଥାଏ। ତେବେ ଏ କ୍ଷେତ୍ରରେ ଡାକ୍ତରମାନେ ଲୋକଙ୍କ ପାଇଁ ରକ୍ଷକ ସାଜିଥାନ୍ତି। ଏଣୁ ସମାଜରେ ଡାକ୍ତରୀ ସେବାକୁ ମହତ ସେବା ରୂପେ ବିବେଚନା କରାଯାଏ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ଲକ୍ଷାଧିକ ଲୋକ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ଏହି ସମ୍ମିଳନୀ କେନ୍ଦ୍ର ସମଗ୍ର ରାଜ୍ୟରେ ବୃହତର। ଏହାର ସିଟ୍ କ୍ଷମତା ୨୫୦୦ରୁ ଅଧିକ ରହିଛି। କେନ୍ଦ୍ରରେ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଶାଖାର ସଦସ୍ୟମାନଙ୍କ ଜ୍ଞାନର ପରିସୀମା ବୃଦ୍ଧି ଘଟିବ। ରାଜ୍ୟରେ ଡାକ୍ତର ସଙ୍କଟ ଦୂର କରିବା ପାଇଁ ବିଭିନ୍ନ ପ୍ରାନ୍ତରେ ମେଡିକାଲ କଲେଜ ସ୍ଥାପନ ହେଉଛି। ଏବେ ରାଜ୍ୟରେ ୧୦ଟି ସରକାରୀ ମେଡିକାଲ କଲେଜ ଖୋଲିଥିବାବେଳେ ଆଉକିଛି ଖୋଲାଯିବାର ପରିକଳ୍ପନା ରହିଛି। ଓଡ଼ିଶା ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବାର ପ୍ରଚଳନ ଦିଗରେ ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଇଏମ୍‌ଏର ଓଡ଼ିଶା ଶାଖା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭର୍ଚୁଆଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିୟାନ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ, ବିଧାୟକ ଓ ମେୟରଙ୍କ ସହ ଅନ୍ୟମାନେ।

### ଆଇଏମ୍‌ଏ ଓଡ଼ିଶା ଶାଖାର ସମ୍ମିଳନୀ କେନ୍ଦ୍ର ଉଦ୍‌ଘାଟିତ

ସମ୍ମାନିତ ଅତିଥି ବିଧାୟକ ସୌଭିକ୍ ବିଶ୍ୱାଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ୨୦୧୩ରେ ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୦ବର୍ଷ ମଧ୍ୟରେ ଭାରତୀୟ ଚିକିତ୍ସକ ସଂଘର ଏହି ପ୍ରକଳ୍ପ ସାକାର ହୋଇଛି ବୋଲି ବିଧାୟକ କହିଥିଲେ। ଆଇଏମ୍‌ଏ ରାଜ୍ୟ ଶାଖା ସଭାପତି ଡା. ରଜତ କୁମାର ରାୟ ସ୍ୱାଗତ ଭାଷଣ ଓ ସମ୍ପାଦକ ଡା. ବ୍ରଜକିଶୋର ଦାଶ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ଆଇଏମ୍‌ଏ ରାଜ୍ୟ ଶାଖାର ଅର୍ଥନୈତିକ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ସହସମ୍ପାଦକ ଡା. ଦେବପ୍ରସାଦ ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ଡା. ଶରତ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନିବେଦିତା ପାଣି, କୃପାସିନ୍ଧୁ ପଣ୍ଡା, କ୍ଷୀତିଶ ଚନ୍ଦ୍ର ମହାନ୍ତି, ପୂର୍ବତନ ରାଜ୍ୟ ସମ୍ପାଦକ ଡା. ଜନ୍ମେଜୟ ମହାପାତ୍ର, ଦୀପକ ରଞ୍ଜନ ଦାସ, ଡା. ସମ୍ରାଟ କର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ରାନୀ


@ ଦେବାଶିଷ


@ କିରଣ


@ ଜ୍ୟୋତ୍ସ୍ନା


@ ସିପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ମହାରାଜା ରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୧୧ତମ ଶ୍ରାଦ୍ଧ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଇ ଫର୍ ଭୁବନେଶ୍ୱର, ଉତ୍କଳ ସମ୍ମିଳନୀ ଓ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଭୁବନେଶ୍ୱର ପାୱାର ହାଉସସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। (ଫଟୋ-ମନୋରଞ୍ଜନ)



ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ପରିସରରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୩୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ। (ଫଟୋ-ମୌସମ)

# ପୋଲିସ ଡିଜିଙ୍କୁ ଭେଟିଲେ ଅରୁଣ ବୋଥ୍ରା

## କ୍ୟାମ୍ପ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

**ନବ ଦାସ ହତ୍ୟା ମାମଲା ସମ୍ପର୍କରେ ଆଲୋଚନା ସୂଚନା**

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିଧାନସଭାରେ ଝଡ଼ ଲାଗି ରହିଛି। ବିରୋଧୀ ଓ ଶାସକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗି ରହିଥିବାବେଳେ ମାମଲାର ଅଧିକ ତଦନ୍ତ ପାଇଁ 'ଏଫ୍‌ବିଆଇ'ର ସହାୟତା ଲୋଡ଼ିଛି କ୍ରାଇମବ୍ରାଞ୍ଚ। ଏଭଳି ସ୍ଥିତିରେ ବୁଧବାର କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଭୁବନେଶ୍ୱର କ୍ୟାମ୍ପ ଅଫିସରେ ପୋଲିସ ଡିଜି ସୁନୀଲ ବଂଶଲଙ୍କୁ ଭେଟିଛନ୍ତି। ସଠାରେ ନବ ହତ୍ୟା ମାମଲା ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ଜଣାପଡ଼ିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନ ଥିଲେ ହେଁ ଉକ୍ତ ବୈଠକରେ ଡିଜି ବଂଶଲ ଓ ବୋଥ୍ରାଙ୍କ ସମେତ ଆଇନଶୃଙ୍ଖଳା ଏଡିଜି ଆର୍‌କେ ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ବୋଲି ଶୁଣିବାକୁ ମିଳିଛି। ବୈଠକରେ ନବ ହତ୍ୟା ମାମଲାରେ ତଦନ୍ତର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ତଦନ୍ତର ଦିଗ କେଉଁ ପ୍ରକାର ରହିଛି, ଆଗକୁ କି ପଦକ୍ଷେପ ନିଆଯିବ, ଏଫ୍‌ବିଆଇ ସହ କିଭଳି ସମନ୍ୱୟ ରଖାଯିବ ଏଭଳି ଦିଗକୁ ନେଇ ଆଲୋଚନା କରାଯାଇଥିବା ସୂଚନା ମିଳିଛି। ଏହି ବୈଠକ ସରିବା ପରେ ମଧ୍ୟାହ୍ନରେ ବୋଥ୍ରା ବିଧାନସଭା ଯାଇଥିଲେ। ତେବେ ସେଠାରେ ତଦନ୍ତର ଅଗ୍ରଗତି ନେଇ ସେ ଗୃହ ବିଭାଗକୁ ଅବଗତ କରାଇଥିବା ମଧ୍ୟ କୁହାଯାଉଛି। ବିଧାନସଭା ଅଧିବେଶନ ଚାଲିଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଜେଲରେ ଗୋପାଳଙ୍କୁ ଭେଟିଲେ ଭାଇ, ପୁଅ

## ନବ ଦାସ ହତ୍ୟା ମାମଲା

**୧୫ ମିନିଟ୍ ସାକ୍ଷାତରେ ଭାବପ୍ରବଣ ହୋଇପଡ଼ିଲେ**

କଟକ ଅଫିସ/ଚୌଦ୍ୱାର, ୨୨।୨ (ଡି.ଏନ୍.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କୁ ଚୌଦ୍ୱାର ଜେଲରେ ବୁଧବାର ତାଙ୍କ ବଡ଼ଭାଇ ସତ୍ୟନାରାୟଣ ଦାସ ଓ ପୁଅ ମନୋଜ ଦାସ(୧୮) ଭେଟିଛନ୍ତି। ଜେଲ୍ ନିୟମ ପାଳନ କରି ସେମାନେ ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ ମିନିଟରେ ଜେଲ୍‌ର ମୁଲାକାତ ଗୃହରେ ତାଙ୍କୁ ସାକ୍ଷାତ କରିଥିଲେ।

ସୂଚନାଯୋଗ୍ୟ, ଗୋପାଳ ଝାରସୁଗୁଡ଼ା ଜେଲରୁ ଆସି ଚୌଦ୍ୱାର ଜେଲ୍‌ରେ ଗତ ୯ ଦିନ ହେବ ରହିଛନ୍ତି। ସେଠାରେ ତାଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ତେବେ ବୁଧବାର ତାଙ୍କ ଭାଇ ଓ ପୁଅ ଜେଲ୍‌ରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ମଧ୍ୟରେ ଗୋପାଳଙ୍କୁ ହାଇ ସିକ୍ୟୁରିଟି ସେଲରୁ ଅଣାଯାଇଥିଲା। ପରେ ୩ ଥାକିଆ ଗ୍ରୀଲଯୁକ୍ତ ମୁଲାକାତ ଗୃହର ଭିତରପଟରୁ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ସେ ଭାଇ ଓ ପୁଅଙ୍କୁ ସାକ୍ଷାତ କରିଥିଲେ। ଜେଲ ତରଫରୁ ବ୍ୟବସ୍ଥା ହୋଇଥିବା ଇଣ୍ଟରକମ୍ ମେଶିନ୍ ସାହାଯ୍ୟରେ ସେ ତାଙ୍କ ଭାଇ ଓ ପୁଅ ସହିତ ପ୍ରାୟ ୧୫ ମିନିଟ ଧରି କଥା ହୋଇଥିଲେ। ସାକ୍ଷାତ ସମୟରେ ଉଭୟ ଗୋପାଳ, ଭାଇ ସତ୍ୟ ନାରାୟଣ ଓ ପୁଅ ମନୋଜ ଭାବପ୍ରବଣ ହୋଇପଡ଼ିଥିଲେ ବୋଲି ଜେଲ ସୂତ୍ରରୁ ପ୍ରକାଶ। ଏଥିସହ ସତ୍ୟନାରାୟଣ ସାଥିରେ ଆଣିଥିବା ଓକିଲାତିନାମାରେ ଗୋପାଳଙ୍କ ଦସ୍ତଖତ ନେଇଥିବା ଜଣାପଡ଼ିଛି। ଜେଲ ଭିତରେ ଗୋପାଳ ସର୍ବଦା ଶାନ୍ତ ଓ ଚିନ୍ତାମଗ୍ନ ରହିବା ସହ ସେ କେବେ ବାହାରକୁ ଆସୁ ନ ଥିବା ଜଣାପଡିଛି।

# ଜିଲା ଜଜ୍‌କୋର୍ଟରେ କ୍ରାଇମ୍‌ବ୍ରାଞ୍ଚର ଆବେଦନ

**ଗୋପାଳଙ୍କ ମାନସିକ ରୋଗ ପରୀକ୍ଷା**

**ଆସନ୍ତା ୨୭ରେ ଶୁଣାଣି**

ସମ୍ବଲପୁର/ବ୍ରଜରାଜନଗର, ୨୨।୨(ବ୍ୟୁରୋ/ଡି.ଏନ.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ପୋଲିସ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ମାନସିକ ରୋଗ ସମ୍ପର୍କରେ ପରୀକ୍ଷା କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ବୁଧବାର ପୁଣି ଝାରସୁଗୁଡ଼ା ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଛି। ଜିଲା ଜଜ୍ ଆବେଦନକୁ ଗ୍ରହଣ କରି ଆସନ୍ତା ୨୭ତାରିଖରେ ଶୁଣାଣି କରିବାକୁ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଓକିଲ ପ୍ରଶାନ୍ତ ମହାନ୍ତି କହିଛନ୍ତି, ଅଭିଯୁକ୍ତ ଗୋପାଳଙ୍କ ମାନସିକ ରୋଗ ଉପରେ ପରୀକ୍ଷା କରିବାକୁ କ୍ରାଇମ୍‌ବ୍ରାଞ୍ଚ ଆବେଦନ କରିଥିଲା, ହେଲେ ଶୁଣାଣି ହୋଇପାରି ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗୋପାଳଙ୍କ ମାନସିକ ପରୀକ୍ଷା ରିପୋର୍ଟ ଅଧିକ ସ୍ପଷ୍ଟ ହେବା ପାଇଁ କର୍ଣ୍ଣାଟକ ବେଙ୍ଗାଲୁରୁସ୍ଥିତ ନିମହାନସ୍ (ଦି ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ମେଣ୍ଟାଲ ହେଲଥ ଆଣ୍ଡ ନ୍ୟୁରୋ ସାଇନ୍ସ)କୁ ନେବାକୁ କ୍ରାଇମବ୍ରାଞ୍ଚ ଗତ ୨୦ତାରିଖରେ ଝାରସୁଗୁଡା ଜେଏମ୍‌ଏଫ୍‌ସି-୧ର ଅନୁମତି ଲୋଡିଥିବା ବେଳେ ଅଦାଲତ ଏହାକୁ ଖାରଜ କରିଦେଇଥିଲେ।

# ୮ କିନ୍ନରଙ୍କୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ

**ହାଇକୋର୍ଟ ବେଞ୍ଚ ଦାବି ନେଇ କୋର୍ଟରେ ଭଙ୍ଗାରୁଜା ଘଟଣା**

ସମ୍ବଲପୁର,୨୨।୨(ବ୍ୟୁରୋ)

ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନଜନିତ ଭଙ୍ଗାରୁଜା ମାମଲାରେ ଗିରଫ ହୋଇଥିବା ୮ଜଣ କିନ୍ନରଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏହି ରାୟ ପ୍ରକାଶ ପରେ ବୁଧବାର ସମ୍ବଲପୁର କୋର୍ଟରେ କାଗଜପତ୍ର କାମ ଆରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ ସେମାନେ ଜେଲରୁ ମୁକୁଳିବେ ବୋଲି ଆଶା କରାଯାଉଛି। ହେଲେ କିନ୍ନରମାନଙ୍କ ପାଇଁ ହାଇକୋର୍ଟ କଡା ସର୍ତ୍ତ ରଖିଛନ୍ତି। ଜାମିନକୁ ନେଇ କୌଣସି ଖୁସିର ମାହୋଲ କରିପାରିବେ ନାହିଁ। ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କିମ୍ବା ବୟାନବାଜି କରିବେ ନାହିଁ। ସର୍ବସାଧାରଣ ସଭାରେ ଯୋଗଦାନ କରିପାରିବେ ନାହିଁ ବୋଲି ସର୍ତ୍ତ ରହିଛି।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ଡିସେମ୍ବର ୧୨ରେ ଆଇନଜୀବୀମାନେ କୋର୍ଟ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିଦେଇଥିଲେ। ଏହି ଘଟଣାରେ ପୋଲିସ ୨୯ ଓକିଲଙ୍କ ସହ ଜଣେ ବାର କର୍ମଚାରୀ ଓ ୮ କିନ୍ନରଙ୍କୁ ଗିରଫ କରିଥିଲା। ପ୍ରାୟ ୨ମାସ ପରେ ଫେବୃୟାରୀ ୧୦ରେ ହାଇକୋର୍ଟ ୨୯ ଜଣ ଓକିଲ ଓ ଜଣେ ବାର୍ କର୍ମଚାରୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏ ନେଇ ସମ୍ବଲପୁର ଟାଉନ ଥାନାରେ ରୁଜୁ ମାମଲାର ବିଚାର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି। ତେବେ ଜାମିନରେ ମୁକୁଳିବା ପାଇଁ ସମ୍ବଲପୁର ଆଡିଶନାଲ ସେସନ୍ସ ଜଜ୍‌କୋର୍ଟରେ ହୋଇଥିବା ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ନଭେମ୍ବର ୨୯ରେ କୋର୍ଟ ବାହାରେ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ଯୋଗୁ ବିଚାରପତିମାନେ ଫେରିଯାଇଥିଲେ। ଏହି ଘଟଣାରେ ସମ୍ବଲପୁର ଜିଲା ଓକିଲ ସଂଘର ସମସ୍ତ ସଦସ୍ୟଙ୍କୁ ବାର୍ କାଉନ୍‌ସିଲ ଅଫ ଇଣ୍ଡିଆ ନିଲମ୍ବନ କରିବାକୁ ରାଜ୍ୟ ବାର୍ କାଉନ୍‌ସିଲକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ମାସ ପର୍ଯ୍ୟନ୍ତ ରଦ୍ଦ କରିଥିଲେ। ପରେ ୪୩ ଜଣଙ୍କୁ ଛାଡି ସମସ୍ତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ସୁପ୍ରିମ୍‌କୋର୍ଟ ପୁଣି ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୧ମାସ ପରେ ଓକିଲ ସଂଘ ସଦସ୍ୟମାନେ କୋର୍ଟ କାର୍ଯ୍ୟରେ ଯୋଗଦେଇଥିଲେ।

# ଧାନକିଣାରେ ଦୁର୍ନୀତି, କଟ୍‌ନି ଛଟ୍‌ନି ବନ୍ଦ ଦାବି

**ଅଖିଳ ଭାରତ କୃଷକ ସଭାର ଗଣଧାରଣା**




୧୦ଦଫା ଦାବି ନେଇ ଅଖିଳ ଭାରତ କୃଷକ ସଭା ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ-ମନୋରଞ୍ଜନ)

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଧାନମଣ୍ଡିରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ କଟ୍‌ନି ଛଟ୍‌ନି ବିରୋଧରେ ଅଖିଳ ଭାରତ କୃଷକ ସଭା ଆନ୍ଦୋଳନକୁ ଓହ୍ଲାଇଛି। ଏନେଇ ବୁଧବାର ବିଭିନ୍ନ ଜିଲାରୁ ଆସିଥିବା ଚାଷୀ ନେତାମାନେ ଅଶୋକନଗରସ୍ଥିତ ଭଗବତୀ ଭବନରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଗଣଧାରଣା ଦେଇଥିଲେ। ସେଠାରେ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ସଙ୍ଗଠନର ସର୍ବଭାରତୀୟ ଉପସଭାପତି ଆଶିଷ କାନୁନ୍‌ଗୋ, ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ ଏବଂ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସରକାର ଓ ଧାନମଣ୍ଡି ଏବେ ମିଲ୍ ମାଲିକଙ୍କ ନିକଟରେ ବନ୍ଧା ପଡ଼ିଥିବାରୁ ଚାଷୀମାନେ ଧାନ ବିକ୍ରିରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟୋକନ ପାଇଥିଲେ ମଧ୍ୟ ସପ୍ତାହ ସପ୍ତାହ ରାତି ଅନିଦ୍ରା ରହି ଚାଷୀ ଧାନ ବିକି ପାରୁନାହିଁ। ପନିପରିବା ଚାଷୀ ଫସଲ ତୋଳା ମଜୁରି ଉଠାଇ ନ ପାରି ଫସଲ କିଆରିରେ ଟ୍ରାକ୍ଟର ଚଢ଼ାଇ ଦେଉଛି ବୋଲି ସେମାନେ କହିବା ସହ କ୍ଷୋଭ ପ୍ରକାଶ କରିଥିଲେ। ପରେ ଧାରଣାସ୍ଥଳରୁ ଏକ ପ୍ରତିନିଧି ଦଳ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

ଧାନ କୁଇଣ୍ଟାଲ ୩ହଜାର ଟଙ୍କା ଧାର୍ଯ୍ୟ କରିବା, କେନ୍ଦ୍ର ସରକାର ଏହି ଗ୍ୟାରେଣ୍ଟି ଦେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ ଦେବା, ଭାଗଚାଷୀଙ୍କୁ ଚାଷୀ ମାନ୍ୟତା, କଟ୍‌ନି ଛଟ୍‌ନି ବନ୍ଦ କରିବା, ଫସଲ ଅମଳ ପରେ ଟୋକନ ଲାଗୁ କରିବା, ମଣ୍ଡିକୁ ଆଣିବା ପାଇଁ ପରିବହନ ଓ ଅଖା ଖର୍ଚ୍ଚ ଏବଂ ମଣ୍ଡିରେ ଅଟକି ରହୁଥିବା ଟ୍ରାକ୍ଟର ବା ଟ୍ରକର ଭଡ଼ା ପ୍ରଦାନ, ଅମଳର ମାସକ ମଧ୍ୟରେ ଚାଷୀଙ୍କୁ ପ୍ରିମିୟମ୍ ଓ ବୀମାରାଶି ପ୍ରଦାନ, ସମସ୍ତ କୃଷକଙ୍କ ଉପରୁ ଋଣ ଛାଡ଼, ମାସକୁ ୬ ହଜାର ଟଙ୍କା ପେନସନ ଓ ମହଙ୍ଗା ଭତ୍ତା, ଚାଷୀ ଓ ନାମମାତ୍ର ଚାଷୀମାନେ ଚାଷ କରୁଥିବା ସମସ୍ତ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ ଏବଂ ପନିପରିବା ସଂରକ୍ଷଣ ପାଇଁ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଓ ବଜାର ପ୍ରତିଷ୍ଠା ଆଦି ଦାବି ଉପସ୍ଥାପନ କରାଯାଇଛି। ତେବେ ଦାବିସମ୍ପର୍କରେ ବିଚାର ବିମର୍ଶ କରି କୃଷକଙ୍କ ହିତରେ ଆବଶ୍ୟକ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଏହି ଧାରଣାରେ କୃଷକ ନେତା ସର୍ବସାଥୀ ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ରାମଚନ୍ଦ୍ର ମୁଦୁଲି, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ଏଆଇଟିୟୁସି ନେତା ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ପ୍ରମୋଦିନୀ ପାଇକରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଟ୍ରେନ୍ ଧକ୍କାରେ ପୂର୍ବତନ ସେନା କର୍ମଚାରୀଙ୍କ ମୃତ୍ୟୁ

ରାଜଗାଙ୍ଗପୁର, ୨୨।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଟ୍ରେନ ଧକ୍କାରେ ଜଣେ ପୂର୍ବତନ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ବୁଧବାର ପୂର୍ବାହ୍ନ ୧୦ଟାରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜରୁମାଲ ଟୁଙ୍ଗୁରିଟୋଲି ଗ୍ରାମବାସୀ ତଥା ପୂର୍ବତନ ସେନା କର୍ମଚାରୀ ରାମାନୁସ ଲାକ୍ରା (୫୫) ରାଜଗାଙ୍ଗପୁର ଆସି ଚର୍ଚ୍ଚରେ ପ୍ରାର୍ଥନା ସାରି ସ୍କୁଟିରେ ଗାଁକୁ ଫେରୁଥିଲେ। ଜରୁମାଲ ନିକଟରେ ଥିବା ରେଳ ଧାରଣା ପାର ହେଉଥିବା ସମୟରେ ରାଉରକେଲା ଆଡୁ ଏକ ଟ୍ରେନ ଆସି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରାମାନୁସଙ୍କ ମୃତ୍ୟୁ ଘଟିଥିଲା।

# କୁମ୍ଭୀର ଆକ୍ରମଣରେ ମହିଳା ଆହତ

ଦିଗପହଣ୍ଡି,୨୨।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରୀ ଗାଁରେ ବୁଧବାର କୁମ୍ଭୀର ଆକ୍ରମଣରେ ନିନି ଗୌଡ଼ ନାମ୍ନୀ ମହିଳା ଆହତ ହୋଇଛନ୍ତି। ଅପରାହ୍ନରେ ନିନି ଗ୍ରାମର ସାଗର ପୋଖରୀ ତୁଠରେ ବସି ଲୁଗା ସଫା କରୁଥିବା ବେଳେ ଏକ କୁମ୍ଭୀର ତାଙ୍କ ବାମ ହାତକୁ କାମୁଡି ପାଣି ମଧ୍ୟକୁ ଟାଣି ନେଇଥିଲା। ନିନି ପାଟି କରିବାରୁ ଗ୍ରାମବାସୀ ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ସୀମାନ୍ତରୁ ଦୁର୍ଦ୍ଧାନ୍ତ ମାଓବାଦୀ ଜାନୁମୁରି ଗିରଫ

ମାଲକାନଗିରି,୨୨।୨(ଡି.ଏନ.ଏ.)



ଗିରଫ ଜାନୁମୁରି

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର ଆଲୁରି ସୀତାରାମରାଜ ଜିଲାରୁ ସିଲେରୁ ପୋଲିସ ବୁଧବାର ଜଣେ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ଗିରଫ କରିଛି। ସେ ହେଲେ ଜାନୁମୁରି ଶ୍ରୀନୁବାବୁ ଓରଫ ସୁନୀଲ। ସେ ସିପିଆଇ ମାଓବାଦୀ ପାର୍ଟିର ଡିଭିଜନାଲ କମିଟି ସଦସ୍ୟ ତଥା ଆନ୍ଧ୍ର ଓଡ଼ିଶା ବର୍ଡର ଜୋନ୍ କମିଟିର ଡିସିଏମ୍ ଜାନୁମୁରି ବୋଲି ଜଣାପଡିଛି। ଜାନୁମୁରି ସିଲେରୁ ନିକଟସ୍ଥ ଜଙ୍ଗଲରେ ଥାଇ ଏକ ବଡ ଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିଲେ। ଏନେଇ ସୂଚନା ପାଇ ପୋଲିସ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ତେବେ ପୋଲିସର ସର୍ଚ୍ଚ ଅପରେଶନ ବେଳେ ଜାନୁମୁରିଙ୍କ ସହ ପୋଲିସର ଗୁଳି ବିନିମୟ ହୋଇଥିଲା। ଗିରଫ ସମୟରେ ପୋଲିସ ତାଙ୍କଠାରୁ ଆଇଇଡି ବୋମା, ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ମାଓବାଦୀ ସାହିତ୍ୟ ପତ୍ରିକା ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରଛି। ଜାନୁମୁରି ଗତ ୨ହଜାର ମସିହାରୁ ମାଓବାଦୀ ସଙ୍ଗଠନରେ ଯୋଗ ଦେଇ ଏଲାଭାରାମ, ଗୁରୁଥେଡ୍ଡୁ, ନନ୍ଦପୁର ବାହିନୀରେ କାର୍ଯ୍ୟ କରିଥିଲେ। ପରେ ସେ ଏଓବି ଟେକନିକାଲ ଦଳରେ ଯୋଗଦେଇ ମାଓବାଦୀ କମାଣ୍ଡର ଆରକେଙ୍କ ସୁରକ୍ଷା ସ୍କ୍ୱାଡ୍‌ର କମାଣ୍ଡର ରୂପେ କାର୍ଯ୍ୟ କରିଥିଲେ। ସେ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ଛତିଶଗଡ଼ରେ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆନ୍ଧ୍ର ପ୍ରଦେଶର ଆରକୁ ବିଧାୟକ ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ମଧ୍ୟ ଥିଲେ। ଓଡ଼ିଶାର ମାଲକାନଗିରି ଏବଂ କୋରାପୁଟ ଜିଲାରେ ମାଓବାଦୀ ହିଂସା ଘଟାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଛତିଶଗଡ଼ ସରକାର ତାଙ୍କ ନାମରେ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।

# ଅଧ୍ୟାପକଙ୍କୁ ଛାତ୍ରଙ୍କ ମରଣାନ୍ତକ ଆକ୍ରମଣ

- **କ୍ଲାସ ବିଳମ୍ବ ହେବା କହିବାରୁ ମାରିଲେ**
- **ଡାକ୍ତରଖାନାରେ ଅଧ୍ୟାପକ, ଛାତ୍ର କୋର୍ଟ ଚାଲାଣ**

ସମ୍ବଲପୁର,୨୨।୨(ବ୍ୟୁରୋ)

ଝାରସୁଗୁଡ଼ା ଜିଲା ସଦର ଥାନା କଟାପାଲିସ୍ଥିତ ପିକେଏସ୍‌ଏସ୍ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। କଲେଜର ଇଂରାଜୀ ଅଧ୍ୟାପକ ଅମିତ ବାରିକ ଜଣେ ଛାତ୍ରଙ୍କୁ କ୍ଲାସ ବିଳମ୍ବରେ ଆସିବାର କାରଣ ପଚାରିଥିଲେ। ଏତିକିରେ ଯୁକ୍ତ ୩ ତୃତୀୟ ବର୍ଷ କଳା ଛାତ୍ର ଦିନେଶ ସହିସ ଉତ୍‌କ୍ଷିପ୍ତ ହୋଇ ଅଧ୍ୟାପକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଧ୍ୟାପକ ବାରିକ ଗୁରୁତର ଅବସ୍ଥାରେ ଏବେ ସମ୍ବଲପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସଦର ଥାନାରେ ଏ ନେଇ ଏକ ମାମଲା (ନଂ.୩୦/୨୩) ରୁଜୁ କରାଯାଇଛି। ଛାତ୍ର ଦିନେଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାକ୍ରମେ, ଦିନେଶ କଲେଜ ଆସିବା ସମୟରେ ଅଧ୍ୟାପକ ବାରିକ ତାଙ୍କୁ ବିଳମ୍ବ ହେବାର କାରଣ ପଚାରିଥିଲେ। ଅଧିକାଂଶ ଦିନ କଲେଜକୁ ବିଳମ୍ବରେ ଆସୁଛ ବୋଲି କହିଥିଲେ। ଏଥିରେ ଦିନେଶ ରାଗିଯାଇ ଅଧ୍ୟାପକଙ୍କୁ ମୁଥ ଓ ଲାତ ମାରିଥିଲେ। ସମସ୍ତ ଘଟଣା କଲେଜ କ୍ୟାମ୍ପସରେ ଘଟିଥିଲ। ଗୁରୁତର ଅବସ୍ଥାରେ ଅଧ୍ୟାପକ ବାରିକଙ୍କୁ ପ୍ରଥମେ ଝାରସୁଗୁଡାସ୍ଥିତ ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଧ୍ୟାପକ ବାରିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଓ ଅଭିଯୁକ୍ତ ଦିନେଶଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ ଦିନେଶ ଜୁଡୋ କରାଟେରେ ଟ୍ରେନର ଥିବାବେଳେ ବିଭିନ୍ନ ସ୍ଥାନରେ ପିଲାମାନଙ୍କୁ ତାଲିମ ପ୍ରଦାନ କରନ୍ତି।

# କେନ୍ଦ୍ର, ରାଜ୍ୟକୁ ଭକ୍ତଙ୍କ ଟାର୍ଗେଟ୍

**ଆଦାନୀ, ନବ ଦାସ ପ୍ରସଙ୍ଗ**

**ଭବାନୀପାଟଣା,୨୨।୨(ସ୍ୱ.ପ୍ର.):** ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିବା ପରେ ସାରା ଦେଶରେ ରାଜନୀତି ଜୋର ଧରିଛି। ଶିଳ୍ପପତି ଗୌତମ ଆଦାନୀ ଓ ମୁକେଶ ଅମ୍ବାନୀଙ୍କ ହାତରେ କେନ୍ଦ୍ର ସରକାର ଦେଶକୁ ଟେକିଦେଲେଣି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ବୁଧବାର କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ଭବାନୀପାଟଣା ଏକ ଖବରଦାତା ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି ବରିଷ୍ଠ ନେତା ଭକ୍ତ ଚରଣ ଦାସ। ଭକ୍ତ କହିଛନ୍ତି ଯେ, ଦେଶକୁ ଲୁଟିବାରେ ବ୍ୟସ୍ତ ଆଦାନୀ। ବର୍ତ୍ତମାନ ବିଶ୍ୱରେ ବଡ଼ ଠକେଇ ହେଉଛି ଆଦାନୀ ଠକେଇ। ଏହି ଲୁଟ୍‌ରେ ସହଭାଗୀ ଅଛନ୍ତି କେନ୍ଦ୍ରର ଭାଜପା ସରକାର। ଏହି ବଡ଼ ସ୍କାମକୁ ଜଏଣ୍ଟ ପାର୍ଲାମେଣ୍ଟାରି କମିଟି(ଜେପିସି) ଦ୍ୱାରା ତଦନ୍ତ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ସେହିପରି ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାଣ୍ଡ ଘଟଣାରେ ବିଜୁ ଜନତା ଦଳର ବଡ଼ ବଡ଼ ନେତାଙ୍କ ସମ୍ପୃକ୍ତି ରହିଥିବା ବେଳେ ଅଭିଯୁକ୍ତ ଗୋପାଳ ଦାସଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି। ନବଦାସ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖିଥିଲେ। ତେଣୁ ସେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ବୋଲି ଭକ୍ତ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଭାରତ ବେମାଲ, ବରିଷ୍ଠ କଂଗ୍ରେସ ନେତା ତଥା ବିହାର, ମଣିପୁର ଓ ମିଜୋରାମ ରାଜ୍ୟ କଂଗ୍ରେସ ପ୍ରଭାରୀ ଭକ୍ତ ଚରଣ ଦାସ, ଯୁବନେତା ସାଗର ଚରଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।


## OFFICE OF THE DFO-CUM-DMU CHIEF, BARIPADA FOREST DIVISION

No.MM-472 At/PO: Baripada, Dist. Mayurbhanj, PIN-757001
Phone No: 06792-252613 (O), Email- dmuchiefbaripada@gmail.com
No: 49 Date: 21.02.2023

**Contractual Engagement of Project Accountant for DMU, Baripada Under OFSDP-II**

| Division | Name of the Post | Vacancy | Essential Qualification and Experience |
|---|---|---|---|
| Baripada Forest Division | Project Accountant | 01 | **Essential Qualification** Graduate in Commerce with sound knowledge in Computers especially TALLY and MS office etc. **Essential Experience** 3 years' experience of working in Government/ Non-Government organization with double entry system of Accounts and at least one year of experience working in Tally. **Desired Experience** Experience of implementing Govt. Projects / Externally Aided Project for more than 1 year. |

Interested candidates may obtain Terms of Reference and the Application form from O/o the Divisional Forest Officer-cum-DMU Chief, Baripada during office hours in any working day between **10.30 AM to 5.30 PM from 21.02.2023 to 10.03.2023** or may download from the website (**www.mayurbhanj.nic.in**). Filled in application complete in all respect along with self-attested xerox copy of relevant documents in respect of qualifications and experience and Bank Draft for **Rs. 500/-** (non-refundable) drawn in favour of **DFO-cum-DMU Chief, Baripada, payable at Baripada Branch**, should reach the O/o the Divisional Forest Officer-cum-DMU Chief, Baripada **through Speed Post/ Courier Service on or before 4.00 PM on 10.03.2023.**

OIPR-08065/11/0006/2223 Sd./- DFO-cum-DMU Chief, Baripada Forest Division

## OBCC ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

No.CAD-4904: (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.1512
File:SMT-1873
**NOTICE INVITING TENDER** Date:21.02.2023

| | | | |
|---|---|---|---|
| 1. | Name of Work | Konark Heritage Area Development Project (KHADP) in Konark on Turnkey Basis. | Development of Ekamra Kshetra under Ekamra Conservation Plan in Bhubaneshwar, Odisha on Turnkey Basis. |
| 2. | Bid Identification No. of the Tender Document | 84/Tender/OBCC/2022-23 | 85/Tender/OBCC/2022-23 |
| 3. | Date of availability in e-procurement portal | from 28.02.2023 | from 28.02.2023 |
| 4. | Last date of receipt of pre-bid queries | upto 5.00 P.M of 06.03.2023 | upto 5.00 P.M of 06.03.2023 |
| 5. | Date & Time for Pre-bid meeting | At 11 .30 A.M on 09.03.2023 (Through Video Conferencing) https://meet.google.com/yaf-oewj-jzb | At 4.30 P.M on 09.03.2023 (Through Video Conferencing) https://meet.google.com/key-fzbm-fcg |
| 6. | Date & Time for Pre-bid Clarification | Dt. 10.03.2023 | Dt. 10.03.2023 |
| 7. | Last Date & Time of receipt of online bid | 28.03.2023 till 5.00P.M. | 28.03.2023 till 5.00 P.M. |
| 8. | Date & Time of opening of Bid | 29.03.2023 at 11.00 A.M | 29.03.2023 at 11.30 A.M |
| 9. | Period of completion | 18 Months | 18 Months |
| 10. | Class of Contractor | Super Class | Super Class |

10. Further details can be seen from the e-Procurement portal https://www.tendersodisha.gov.in.
11. OBCC has the right to accept or reject the Notice/ RFP/Proposal without assigning any reason thereof.

OIPR-34161/11/0050/2223 Sd./- Chief General Manager-I

## OFFICE OF THE PANCHAYAT SAMITI KOTAGARH, KANDHAMAL

Government of Odisha
Advt. No. Dated

**No.i-452:** Tender Call is invited from the intended firms for supply of different items, such as Ply wall mount (small), Library Rack, Reading Table, Science Lab Display Unit, Computer Table, Pin Board and Podium for High Schools under School transformation program of Kotagarh Block. The detail information is available in www.kandhamal.nic.in.

**Sd./- Block Development Officer, Kotagarh**
OIPR-19167/11/0002/2223

## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4905 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.994/OSIC/MKT Dt.21.02.2023

OSIC invites sealed bids from experienced Manufacturers/ Suppliers/MSMEs/Dealers/ Distributor for procurement of additional items against setting-up of Science Laboratory in 3rd phase High Schools Transformation under 5-T initiative of Mayurbhanj District. The detail specification and list of schools, quantity of the items along with terms and conditions is available in OSIC website. Any corrigendum/ changes/modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.

By order of MD
OIPR-14073/11/0163/2223 Sd/-Manager(Mktg)

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR

Mail i.d seccbbsr@gmail.com

**E-Procurement Short Tender Call Notice No.16 of 2022-23**
**No.712 (Estg.) Bhubaneswar the 21st February-2023**

**No.B-1280:** The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number Pre-fab Composite Building work to be received in online bidding, double cover system for construction work as detailed in : https://tendersorissa.gov.in. The details of bid documents will be available in the above website from 11.00 A.M. of 24.02.2023 to 3.00 P.M of 02.03.2023. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 P.M. of 02.03.2023 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal
**www.tendersorissa.gov.in**
Addendum / Corrigendum, if required, will be available only in the Website.

Sd./- Er. T.K.Panda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0019/2223

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୩ୟ ଦିନ ଲାଗି ଦଲାଲ ଷ୍ଟ୍ରିଟ୍‌ରେ କାରବାର ହ୍ରାସ ଘଟିଛି। ବିଶେଷକରି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ବୁଧବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୯୨୮ (୯୨୭.୭୪) ପଏଣ୍ଟ ଖସି ୫୯,୭୪୫ (୫୯,୭୪୪.୯୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୨୭୨ (୨୭୨.୪୦) ପଏଣ୍ଟ ହ୍ରାସ ଘଟି ୧୭,୫୫୪ (୧୭,୫୫୪.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ବିଶ୍ୱ ବଜାରରେ ଚମକ ହରାଉଛି ଭାରତ

- ୭ମ ସ୍ଥାନକୁ ଖସିଲା ଭାରତୀୟ ଶେୟାର ବଜାର
- ବିଶ୍ୱର ୬ଷ୍ଠ ସ୍ଥାନରେ ବ୍ରିଟେନ
- ୨ ମାସ ମଧ୍ୟରେ ୨ ସ୍ଥାନ ହରାଇଲା ଭାରତ




**ନୂଆଦିଲ୍ଲୀ,୨୨।୨**

ଚଳିତ ଆର୍ଥିକ ବର୍ଷରେ ଭାରତ ବିଶ୍ୱ ଦରବାରରେ ଏକ ବିରଳ ରେକର୍ଡ ସ୍ଥାପନ କରିଥିଲା। ଏପରିକି ବହୁ ବିକଶିତ ରାଷ୍ଟ୍ରକୁ ପଛରେ ପକାଇ ବିଶ୍ୱ ବଜାରରେ ୫ମ ସ୍ଥାନରେ ପହଞ୍ଚିଯାଇଥିଲା। ହେଲେ ବିଗତ ୯ ମାସ ତଳେ ପାଇଥିବା ସଫଳତା ଧୀରେ ଧୀରେ ହ୍ରାସ ପାଉଛି। ଫଳରେ ବିଶ୍ୱ ବଜାରରେ ଭାରତ ତା'ର ଚମକ ହରାଉଥିବା ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି। ଏପରିକି ମାର୍କେଟ୍ କ୍ୟାପ୍ ମାମଲାରେ ମଧ୍ୟ ଭାରତକୁ ଅତିକ୍ରମ କରି ବ୍ରିଟେନ ୬ଷ୍ଠ ସ୍ଥାନରେ ପହଞ୍ଚିଛି।

ବିଶେଷକରି ଭାରତ ୯ ମାସ ପୂର୍ବେ ବ୍ରିଟେନକୁ ପଛରେ ପକାଇ ପ୍ରଥମ ଥର ପାଇଁ ଶୀର୍ଷ ୫ରେ ସ୍ଥାନ ହାସଲ କରିଥିଲା। ହେଲେ ବିଗତ ୨ମାସରୁ କାମ ସମୟ ମଧ୍ୟରେ ଘରୋଇ ବଜାର ୫ମ ସ୍ଥାନରୁ ଖସି ୭ ସ୍ଥାନରେ ପହଞ୍ଚିଛି। ଚଳିତ ବର୍ଷ ଜାନୁଆରୀ ୩୧ରେ ଭାରତକୁ ପଛରେ ପକାଇ ଫ୍ରାନ୍ସ ୫ମ ସ୍ଥାନରେ ରହିଛି।

ସେହିଭଳି ଚଳିତ ବର୍ଷ ଫେବୃଆରୀ ୨୨ ମଧ୍ୟରେ ଭାରତର ମାର୍କେଟ୍ କ୍ୟାପ୍ ୨୩୧ ବିଲିୟନ ଡଲାର ତଥା ୬.୯୩% ହ୍ରାସ ହୋଇ ୩.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଉକ୍ତ କ୍ଷତିରେ ଆଦାନୀ ଗ୍ରୁପ୍‌ର ଭାଗଦାରି ପ୍ରାୟ ୬୦% ଅନ୍ତର୍ଭୁକ୍ତ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ସମୟରେ ଆଦାନୀ ଗ୍ରୁପ୍‌ର ବଜାର ପୁଞ୍ଜି ୨୦୨୩ ଫେବୃଆରୀ ୨୨ ସୁଦ୍ଧା ୧୪୫ ବିଲିୟନ ଡଲାର ହ୍ରାସ ହୋଇଛି। ଅପରପକ୍ଷରେ ଗ୍ଲୋବାଲ ମାର୍କେଟ୍ କ୍ୟାପିଟାଲାଇଜେଶନରେ ମଧ୍ୟ ଭାରତର ଯୋଗଦାନ ହ୍ରାସ ପାଇ ୩% ରୁ କମ୍‌ରେ ରହିଛି। ଏପରିକି ୨୦୨୨ଅକ୍ଟୋବରରେ ଏହା ପରିମାଣ ୪% ରହିଥିଲା ବୋଲି କୁହାଯାଉଛି। ଭାରତୀୟ ଶେୟାର ମାର୍କେଟ ଶୀର୍ଷ ୧୦ସ୍ଥାନରେ ସବୁଠୁ ଦୁର୍ବଳ ପ୍ରଦର୍ଶନ କରୁଥିବା ବଜାରରେ ପରିଣତ ହୋଇଛି।

ସୂଚନା ଯୋଗ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ବିଶ୍ୱ ଅର୍ଥନୀତିରେ ମଧ୍ୟ ମାନ୍ଦାବସ୍ଥା ଜାରି ରହିଛି। ଭାରତୀୟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍‌ର ଚେୟାରମ୍ୟାନ ଗୌତମ ଆଦାନୀଙ୍କ ବିରୋଧରେ ଆମେରିକୀୟ ଏଜେନ୍ସି ହିଣ୍ଡେନ୍‌ବର୍ଗ ତା'ର ଏକ ସର୍ଭେ ରିର୍ପୋଟ ପ୍ରକାଶ କରିଥିଲା।

## ଖାଦ୍ୟ ଶସ୍ୟ, ଚିନିର ବାଧ୍ୟତାମୂଳକ ପ୍ୟାକେଜିଂ

**ନୂଆଦିଲ୍ଲୀ,୨୨।୨**

ଭାରତ ସରକାର ଝୋଟ ବର୍ଷ ୨୦୨୨-୨୩ ଲାଗି ଚାଉଳ, ଗହମ ଓ ଚିନିର ପ୍ୟାକେଜିଂରେ ଝୋଟର ବାଧ୍ୟତାମୂଳକ ମାନଦଣ୍ଡକୁ ମଞ୍ଜୁର କରିଛନ୍ତି। ଏପରିକି ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି (ସିସିଇଏ) ବୈଠକରେ ଉକ୍ତ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ବିଶେଷ କରି ବାଧ୍ୟତାମୂଳକ ମାନଦଣ୍ଡ ଖାଦ୍ୟଶସ୍ୟର ପ୍ୟାକେଜିଂ ଲାଗି ସମ୍ପୂର୍ଣ୍ଣ ସଂରକ୍ଷଣ ପ୍ରଦାନ କରିଥାଏ। ସେହିଭଳି ଝୋଟ ବସ୍ତାରେ ଚିନିର ପ୍ୟାକେଜିଂ ଲାଗି ୨୦% ସଂରକ୍ଷଣ ବ୍ୟବସ୍ଥା ରହିଛି, ଯାହାକି ଓଡ଼ିଶା, ପଶ୍ଚିମବଙ୍ଗ ଭଳି ଝୋଟ ଉତ୍ପାଦନକାରୀ ରାଜ୍ୟ ପାଇଁ ଏକ ବଡ଼ ପ୍ରୋତ୍ସାହନ ସାବ୍ୟସ୍ତ ହେବ। ବିଶେଷ କରି ପଶ୍ଚିମବଙ୍ଗରେ ୭୫ଟି ଝୋଟ କଳ ଚାଲିଥାଏ ଏଥିରେ ଲକ୍ଷ ଲକ୍ଷ ଶ୍ରମିକ ଜୀବିକା ଅର୍ଜନ କରିଥାନ୍ତି ଏବେ ସରକାର ନେଇଥିବା ନିଷ୍ପତ୍ତି ଝୋଟ କ୍ଷେତ୍ରରେ ନିୟୋଜିତ ପ୍ରାୟ ୪୦ ଲକ୍ଷ ଚାଷୀ ପରିବାରଙ୍କୁ ସହାୟତା କରିବ।

## ବିଓବି ପକ୍ଷରୁ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ'

**କଟକ,୨୨।୨**



ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମାତୃଭାଷା ଦିବସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଏକ କ୍ଷେତ୍ରୀୟ ଭାଷା ସାହିତ୍ୟକାର ସମ୍ମାନ ଏବଂ ସଂଗୋଷ୍ଠୀର ଆୟୋଜନ କରାଯାଇଥିଲା। ସେହିଭଳି ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରସିଦ୍ଧ ପଦ୍ମଶ୍ରୀ ପୁରସ୍କାରରେ (ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ରୂପେ ଉପସ୍ଥାପନା କରିବା ପାଇଁ) ସମ୍ମାନିତ ପ୍ରଖ୍ୟାତ ଓଡ଼ିଆ ବିଦ୍ୱାନ ଏବଂ ସାହିତ୍ୟକାର ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏପରିକି ବିଓବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାରଙ୍କ ଦ୍ୱାରା ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଓବିର କଟକ କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ମାତୃଭାଷାର ମହତ୍ତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ଶୀର୍ଷକ ଏକ ସଂଗୋଷ୍ଠୀ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଅବସରରେ ଡ. ଅନ୍ତର୍ଯ୍ୟାମୀ ମିଶ୍ର ମାତୃଭାଷାର ବିଭିନ୍ନ ପକ୍ଷ ଉପରେ ବିସ୍ତୃତ ଓ ସାରଗର୍ଭକ ଉଦ୍‌ବୋଧନ ଦେଇଥିଲେ। ସେହିପରି କଟକ ମୁଖ୍ୟ ଶାଖାର ଶାଖା ମୁଖ୍ୟ ପ୍ରଭାତ ଦାସ ଗ୍ରାହକ ସେବାରେ ମାତୃଭାଷାକୁ ଗୁରୁତ୍ୱ ଦେଇ ନିଜର ବିଚାରଧାରାକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପରିଶେଷରେ ବିଓବିର ଉପ-କ୍ଷେତ୍ରୀୟ ମୁଖ୍ୟ ନିର୍ବିକାର ରଥ ମୁଖ୍ୟ ଅତିଥି ଏବଂ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଆଜିଠାରୁ ୫ମ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ

**ଭୁବନେଶ୍ୱର,୨୨।୨**

HRAO

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଓଡ଼ିଶା ହୋଟେଲ ଏବଂ ରେଷ୍ଟୁରାଣ୍ଟ ସଂଘ (ହାରୋ) ପକ୍ଷରୁ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଛି। ଏପରିକି ଗୁରୁବାର ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲ ପରିସରରେ ୫ମ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ ଆୟୋଜିତ ହେବାକୁ ଯାଉଛି। ଉକ୍ତ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ବୋଲି ହାରୋ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡି, କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲିଟି ଏବଂ ପର୍ଯ୍ୟଟନ କ୍ଷେତ୍ର ବିଶେଷଜ୍ଞ, ଟ୍ରାଭେଲ ଏଜେଣ୍ଟ, ଟୁର୍ ଅପରେଟର, ଅନ୍ତର୍ଜାତୀୟ ଏୟାରଲାଇନ୍ସ ଏବଂ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ମଧ୍ୟ ଯୋଗଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ସଂସ୍ଥାର ଅଧିକାରୀମାନେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବେ।

ଏ ସମ୍ପର୍କରେ ହାରୋ ଏବଂ ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି, ବିଗତ ୪ ବର୍ଷ ଧରି ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପୂର୍ଣ୍ଣ ସହାୟତା ପ୍ରଦାନ କରିଥିବାରୁ ଆମେ ରାଜ୍ୟ ପର୍ଯ୍ୟଟନ ବିଭାଗ ନିକଟରେ କୃତଜ୍ଞ। ଏପରିକି ରାଜ୍ୟ ଶିଳ୍ପ ବିଭାଗ ଅଂଶୀଦାର ଏବଂ ପର୍ଯ୍ୟଟନ ବିଶେଷଜ୍ଞ ପରାମର୍ଶ ଗ୍ରହଣ କରିଥିବାରୁ ବିଭାଗକୁ ଧନ୍ୟବାଦ ଜଣାଉଛି।

## ଓକାୟା ଇଭିର ଇ-ସ୍କୁଟର ଫାଷ୍ଟ ଏଫ୍‌୨ଏଫ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୨୨।୨**



ଦେଶର ପ୍ରମୁଖ ଦୁଇଚକିଆ ବୈଦ୍ୟୁତିକ ଯାନ (ଇଭି) ବ୍ରାଣ୍ଡ୍ ଓକାୟା ଇଭିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଇ-ସ୍କୁଟର 'ଫାଷ୍ଟ ଏଫ୍‌୨ଏଫ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷ କରି ଗୋଟିଏ ଚାର୍ଜରେ ଏହା ୭୦ରୁ ୮୦କି.ମି.ର ଏକ ଉଲ୍ଲେଖନୀୟ ଯାତ୍ରା କରିବା ସହ ଘଣ୍ଟା ପ୍ରତି ୫୦ରୁ ୫୫ କି.ମି. ବେଗରେ ଗତି କରିପାରିବାର ଦକ୍ଷତା ଅବଲମ୍ବନ କରୁଛି। ଏପରିକି ଓକାୟା ଫାଷ୍ଟ ଏଫ୍‌୨ଏଫ୍ ଯେଉଁମାନେ ଏକ ନିର୍ଭରଯୋଗ୍ୟ ତଥା ସ୍ୱଳ୍ପଖର୍ଚ୍ଚୀ ଏବଂ ମନୋରମ ସହରୀ ସ୍କୁଟର ଖୋଜୁଛନ୍ତି ସେମାନଙ୍କ ପାଇଁ ଏହା ବେଶ୍ ପସନ୍ଦଯୋଗ୍ୟ ଏବଂ ସହରୀ ଡିଜାଇନ କରାଯାଇଛି। ସେହିଭଳି ଏହାର ଗ୍ରାହକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସ୍କୁଟରଟି ୮୦୦ଡବ୍ଲ୍ୟୁ-ବିଏଲ୍‌ଡିସି-ହବ୍ ମୋଟର ଦ୍ୱାରା ଚାଳିତ ହେଉଥିବା ବେଳେ ୬୦ଭୋଲଟ୍ ୩୬ଏଏଚ୍ (୨.୨କେଡବ୍ଲ୍ୟୁଏଚ୍) ଲିଥିୟମ୍ ଏଲ୍‌ଏଫ୍‌ପି ବ୍ୟାଟେରି ସହ ଯୋଡ଼ିହୋଇଛି, ଯାହା ସର୍ବୋଚ୍ଚ ସୁରକ୍ଷା ମାନ୍ୟତା ପୂରଣ କରେ ଏବଂ ବ୍ୟାଟେରି ଉପରେ ୨ବର୍ଷର ନିର୍ଭର ୱାରେଣ୍ଟି ସହ ଉପଲବ୍ଧ। ଏ ସମ୍ପର୍କରେ ଓକାୟା ଇଲେକ୍ଟ୍ରିକ୍ ଭେଇକିଲ୍ସର ପରିଚାଳନା ନିର୍ଦ୍ଦେଶକ ଅନ୍‌ସୁଲ ଗୁପ୍ତା କହିଛନ୍ତି, ଏହାର ଶୁଭାରମ୍ଭ ସହ ଆମେ ଭାରତରେ ଉଚ୍ଚମାନର ଏବଂ ନିର୍ଭରଯୋଗ୍ୟ ଇଭି ପାଇଁ ନୂତନ ମାନକ ସ୍ଥିର କରିଛୁ। ବିଶେଷକରି ଏହାର ସ୍ୱତନ୍ତ୍ର ଏବଂ ନିର୍ଭରଯୋଗ୍ୟ ସୁରକ୍ଷା ବୈଶିଷ୍ଟ୍ୟ ସହ ଆମେ ଉପଭୋକ୍ତା ବିଭାଗଗୁଡ଼ିକରେ ମଧ୍ୟ ବ୍ୟାପକ ରୂପେ ବିସ୍ତାର କରାଇଛୁ।

## ବିଶ୍ୱ ଅଭିବୃଦ୍ଧିରେ ଭାରତ ଯୋଗଦାନ ୧୫% ରହିବ

**ନୂଆଦିଲ୍ଲୀ,୨୨।୨**

ବିଶ୍ୱର ଭୌଗୋଳିକ ତଥା ରାଜନୈତିକ କାରଣରୁ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ଏହାର ମଧ୍ୟରେ ବିଶ୍ୱ ଅର୍ଥନୀତିର ତୁଳନାତ୍ମକ ଦିଗରେ ଭାରତ ବ୍ରାଇଟ୍ ସ୍ପଟ୍ (ଉଜ୍ଜ୍ୱଳ ସ୍ଥାନ)ରେ ରହିଛି। ଏ ନେଇ ବୁଧବାର ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏ)ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟଲିନା ଜର୍ଜିଭା ଭାରତର ଅର୍ଥନୀତକୁ ନେଇ ଏଭଳି କିଛି କହିଛନ୍ତି। ସେହିଭଳି ୨୦୨୩ରେ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧିରେ ଏକାକି ଭାରତ ୧୫% ର ଯୋଗଦାନ ଦେବ ବୋଲି ସେ ବିସ୍ତୃତ ଆଲୋକପାତ କରିଛନ୍ତି। ଏପରିକି ବିଶ୍ୱର ୫ମ ବୃହତ ଅର୍ଥନୀତିକୁ ମହାମାରୀ ଯୋଗୁଁ ହୋଇଥିବା ହ୍ରାସରୁ ବାହାରିବାରେ ଡିଜିଟାଲକରଣରୁ ସହଯୋଗ ମିଳିଛି। ଏପରିକି ସଠିକ୍ ନୀତି ତଥା ଚଳିତ ବର୍ଷ ବଜେଟରେ ପ୍ରସ୍ତାବିତ ପୁଞ୍ଜି ନିବେଶ ଅଭିବୃଦ୍ଧିର ଗତିକୁ କାଏମ ରଖିବାରେ ସହଯୋଗ କରିବ ବୋଲି ସେ ମତପ୍ରକାଶ କରିଛନ୍ତି। ନିକଟରେ ଜର୍ଜିଭା ଏକ ସାକ୍ଷାତକାରରେ କହିଛନ୍ତି, 'ଭାରତର ପ୍ରଦର୍ଶନ ବେଶ ପ୍ରଭାବଶାଳୀ ରହିଛି, ଆମେ ଆଶା କରୁଛୁ ଯେ ମାର୍ଚ୍ଚରେ ଶେଷ ହେବାକୁ ଥିବା ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ୬.୮%ର ଉଚ୍ଚ ଅଭିବୃଦ୍ଧିକୁ ବଜାୟ ରଖିବ। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆମ ଅନୁମାନ ୬.୧% ରହିଛି ବୋଲି ସେ କହିଛନ୍ତି। ବିଶେଷ କରି ଭାରତର ଅଭିବୃଦ୍ଧି ବିଶ୍ୱର ଅନ୍ୟ ଅର୍ଥନୀତି ପରି ହ୍ରାସ ହୋଇପାରେ, କିନ୍ତୁ ବିଶ୍ୱ ହାରାହାରିରୁ ଉପରେ ରହିବ। ଏହି ପରି ୨୦୨୩ରେ ଗ୍ଲୋବାଲ ଗ୍ରୋଥରେ ଭାରତର ଯୋଗଦାନ ୧୫% ରହିବ। ଏହା ପ୍ରମୁଖ ଅର୍ଥନୀତି ଗୁଡିକ ମଧ୍ୟରେ ସବୁଠୁ ଅଧିକ ଅଭିବୃଦ୍ଧି ହାର ଅଟେ।

**ଫୁର୍‌ସତ୍**



ଅଲ୍ଲୁ ଅର୍ଜୁନ

## କିଙ୍ଗ୍ ଖାନ୍‌ଙ୍କୁ ଭେଟିବାକୁ ଚାହାନ୍ତି

**ମୁମ୍ବାଇ:** ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ତାଙ୍କ ଆଗାମୀ ଫିଲ୍ମ 'ପୁଷ୍ପା-୨' ଜରିଆରେ ପୁଣି ବଡ଼ ପରଦାରେ ହଇଚଇ ସୃଷ୍ଟି କରିବାକୁ ଯାଉଛନ୍ତି। ତେବେ ଏହା ମଧ୍ୟରେ ସେ କିଙ୍ଗ୍ ଖାନ୍‌ଙ୍କ ବଡ଼ ଫ୍ୟାନ ପାଲଟିଛନ୍ତି। ସେ ବଲିଉଡ୍ କିଙ୍ଗ୍ ଶାହରୁଖ ଖାନ୍‌ଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିବା କହିଛନ୍ତି। ନିକଟରେ ଅଲ୍ଲୁଙ୍କ ଏକ ସାକ୍ଷାତ୍‌କାର ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କି ଅଲ୍ଲୁ ଶାହରୁଖ୍‌ଙ୍କୁ ଭେଟିବାକୁ କହିଛନ୍ତି। ସେ କହିଛନ୍ତି, କେବେ ନା କେବେ ଶାହରୁଖ ଖାନ୍‌ଙ୍କୁ ଭେଟିବାକୁ ଚାହୁଁଛନ୍ତି। ସେ ତାଙ୍କୁ ଏପର୍ଯ୍ୟନ୍ତ ଭେଟିନାହାନ୍ତି। କେବଳ ସେତିକି ନୁହେଁ, ଅଲ୍ଲୁ ଶାହରୁଖଙ୍କ ବ୍ଲକ ବଷ୍ଟର ଫିଲ୍ମ 'ଦିଲ୍ ୱାଲେ ଦୁଲ୍‌ହନିୟା ଲେ ଯାଏଙ୍ଗେ'କୁ ବହୁତ ପସନ୍ଦ କରନ୍ତି। ଏହା ମଧ୍ୟରେ ସେ ସେହି ଫିଲ୍ମକୁ ବାରମ୍ବାର ଦେଖିଥିବା ମଧ୍ୟ କହିଛନ୍ତି। ଏହା ପୂର୍ବରୁ ଶାହରୁଖ୍‌ଙ୍କ ଅନ୍ୟ ଏକ ଫିଲ୍ମ 'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ଅଲ୍ଲୁଙ୍କ ଯବାନରେ ଏଣ୍ଟ୍ରି ହେବା ନେଇ କୌଣସି ସୂଚନା ଏପର୍ଯ୍ୟନ୍ତ ଆସିନାହିଁ। ତେବେ ଦର୍ଶକ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଏବଂ ବଲିଉଡ୍ କିଙ୍ଗ୍ ଖାନ୍‌ଙ୍କୁ ଏକାଠି ଦେଖିବାକୁ ବହୁତ ଉତ୍ସୁକ ଅଛନ୍ତି।

## ୩ ମିନିଟ୍‌ରେ ୧୮୪ ସେଲ୍ଫି ଉଠାଇ ରେକର୍ଡ

**ମୁମ୍ବାଇ**



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ତାଙ୍କ ଅଭିନୟ ଜରିଆରେ ବହୁ ଲୋକଙ୍କ ହୃଦୟ ଜିତିପାରିଛନ୍ତି। ସେଥିପାଇଁ ତାଙ୍କର ବହୁତ ଫ୍ୟାନ୍ ଫଲୋଇଂ ରହିଛନ୍ତି। ତେବେ ବୁଧବାର ସେ ଏକ ଗିନିଜ୍ ରେକର୍ଡ କରିଛନ୍ତି। ଆସନ୍ତା ୨୪ ତାରିଖରେ ରିଲିଜ୍ ହେବାକୁ ଥିବା ତାଙ୍କ ଆଗାମୀ ଫିଲ୍ମ 'ସେଲ୍ଫି'ର ପ୍ରମୋଶନ ପାଇଁ ସେ ମୁମ୍ବାଇର ଏକ ସ୍ଥାନକୁ ଯାଇଥିଲେ। ସେଠାରେ ସେ ମାତ୍ର ୩ ମିନିଟ୍ ମଧ୍ୟରେ ତାଙ୍କ ଫ୍ୟାନ୍ସଙ୍କ ସହ ୧୮୪ ସେଲ୍ଫି ଉଠାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହା ପୂର୍ବରୁ ୨୨ ଜାନୁୟାରୀ ୨୦୧୮ରେ ଆମେରିକାରେ କରିଥିବା ପୂର୍ବ ଗିନିଜ୍ ରେକର୍ଡକୁ ସେ ଭାଙ୍ଗିବାରେ ସକ୍ଷମ ହୋଇଛନ୍ତି। ସେ ସେଠାରେ ମଧ୍ୟ ସେହି ୩ ମିନିଟ୍‌ରେ ୧୬୮ ସେଲ୍ଫି ଉଠାଇ ରେକର୍ଡ କରିଥିଲେ। ତାଙ୍କ ପୂର୍ବରୁ ହଲିଉଡ୍ ଅଭିନେତା ଡ୍ୟାନି ଜନସନ୍ ମାତ୍ର ୩ ମିନିଟ୍‌ରେ ୧୦୫ ସେଲ୍ଫି ଉଠାଇ ଏଭଳି ରେକର୍ଡର ଅଧିକାରୀ ହୋଇଥିଲେ।

## ଖୁଚୁରା ପଇସାରେ ୭ ତାରକା ହୋଟେଲରେ ଖାଇଲେ

**ମୁମ୍ବାଇ**



ଯଦି ଆମେ କୌଣସି ବଡ଼ ହୋଟେଲକୁ ଖାଇବାକୁ ଯାଉଛେ, ତେବେ ସେଠାରେ ଆମେ କାର୍ଡ କିମ୍ବା ନୋଟ୍‌ରେ ପେମେଣ୍ଟ କରିଥାଉ। ହେଲେ ଜଣେ ବ୍ୟକ୍ତି ଏକ ୭ ତାରକା ବିଶିଷ୍ଟ ତାଜ୍ ହୋଟେଲକୁ ଯାଇ ଖାଇସାରି ଏକ ଅଜବ ପ୍ରକାରର ପେମେଣ୍ଟ କରିଥିବା ଦେଖିବାକୁ ମିଳିଛି। ନିକଟରେ ଇନ୍‌ଷ୍ଟାରର କଣ୍ଟେଣ୍ଟ କ୍ରିଏଟର ସିଦ୍ଧେଶ ଲୋକରେ ୭ ତାରକା ବିଶିଷ୍ଟ ତାଜ୍ ହୋଟେଲକୁ ଯାଇଥିଲେ। ସେଠାରେ ଗୋଟେ ପିଜା ଏବଂ ଗୋଟିଏ ମକଟେଲ୍ ଅର୍ଡର କରିଥିଲେ। ଖାଇସାରିବା ପରେ ଏକ ପ୍ଲେଟ୍ ଆଣି ତା' ଉପରେ କିଛି ଖୁଚୁରା ପଇସା ରଖି ଗଣିବାକୁ ଲାଗିଲେ। ଏହା ଦେଖି ଅନେକ ଲୋକ ହସିବାକୁ ଲାଗିଥିଲେ। ୱେଟର ଆସି ଖାଦ୍ୟ ରସିଦ୍ ଦେବାବେଳେ ସିଦ୍ଧେଶ ତାଙ୍କୁ ସେହି ଖୁଚୁରା ପଇସା ଦେଇଥିଲେ, ଯାହା ଦେଖି ୱେଟର ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

## ସୁମ୍ବୁଲଙ୍କ ଓଟିଟି ଡେବ୍ୟୁ



**ମୁମ୍ବାଇ:** ବିଗ୍‌ବସ୍-୧୬ରୁ ଲୋକପ୍ରିୟତା ସାଉଁଟିବା ପରେ ଅଭିନେତ୍ରୀ ସୁମ୍ବୁଲ ତୌକିର ଖାନ୍‌ଙ୍କ ହାତକୁ ଆସିଛି ଏବେ ବଡ଼ ପ୍ରୋଜେକ୍ଟ। ଖୁବ୍‌ଶୀଘ୍ର ସେ ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ୱେବ ସିରିଜ 'ଡିଅର ଇସ୍କ' ଲାଗି ଚୁକ୍ତି ସାକ୍ଷର କରିସାରିଛନ୍ତି। ଏଥିରେ ସେ ଜଣେ ଇନ୍‌ଫ୍ଲୁଏନ୍‌ସର ଭୂମିକାରେ ନଜର ଆସିବେ। ତାଙ୍କର ଏହି ସିରିଜ୍ ବିଷୟରେ ସୁମ୍ବୁଲ କହିଛନ୍ତି, ସେ ଫ୍ରିକ୍ସନ ଶୋ'ର ଜଣେ ପ୍ରଶଂସକ। ବିଗ୍‌ବସ୍ ପରେ ଅଭିନେତ୍ରୀ ଭାବେ ତାଙ୍କର ଏହା ପ୍ରଥମ କାମ। ଏହୀ କାର୍ଯ୍ୟ ପାଇଁ ସେ ଯେତିକି ଉତ୍ସାହିତ ଅଛନ୍ତି, ସେତିକି ଚିନ୍ତିତ ମଧ୍ୟ ଅଛନ୍ତି। ତଥାପି ସେ ସର୍ବଦା ତାଙ୍କର ସର୍ବଶ୍ରେଷ୍ଠ ଦେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। 'ଡିଅର ଇସ୍କ' ହେଉଛି ରବିନ୍ଦର ସିଂଙ୍କ ପୁସ୍ତକ 'ରାଇଟ ମି ଏ ଲଭ ଷ୍ଟୋରୀ'ର ୱେବ ରୂପାନ୍ତରଣ। ଏହା କାହାଣୀରେ ୨ଜଣ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାବେଳେ ସେମାନେ ଧୀରେ ଧୀରେ ପରସ୍ପରକୁ ପସନ୍ଦ କରିବାକୁ ଲାଗନ୍ତି। ଏଥିରେ ଲେଖକ ଅଭିମନ୍ୟୁ ରଜଦାନ ଭାବେ ସେହବାନ ଅଜିମ ଏବଂ ସମ୍ପାଦକ ଅସ୍ମିତା ରାୟଙ୍କ ଭୂମିକାରେ ନିୟାତି ଫାଟନାନି ନଜର ଆସିବେ। ଏହାଛଡ଼ା ପ୍ରମୁଖ କଳାକାରଙ୍କ ଭାବେ କୁନାଲ ବର୍ମା, ବିକାଶ ଗ୍ରୋଭର, କିଶ୍ୱର ମର୍ଚାଣ୍ଟ, ଜ୍ୟୋତି ବି.ବାନାର୍ଜୀ, ପୁନୀତ ତେଜୱାନୀ, ରୋମା ବାଲି, ବିନା ମୁଖାର୍ଜୀ ଏବଂ ବାନୀତ କପୁର ମଧ୍ୟ ନଜର ଆସିବେ।

ପରଦା ପଛରେ

# ଏବେ ବି ମନେପଡ଼େ ‘ଚିକ୍‌ନି ଚମେଲି’


ଗଣେଶ ଆଚାର୍ଯ୍ୟ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। ଏ ପର୍ଯ୍ୟନ୍ତ ସେ ଶତାଧିକ ସିନେମାରେ ଏଭଳି ଦାୟିତ୍ୱ ବେଶ୍ ସୂଚାରୁ ରୂପେ ତୁଲାଇ ସାରିଛନ୍ତି। ହେଲେ କ୍ୟାଟ୍ରିନା କୈଫ ନାଚିଥିବା ‘ଚିକ୍‌ନି ଚମେଲି’ ଗୀତର କୋରିଓଗ୍ରାଫିକୁ କଦାପି ଭୁଲିପାରିବେ ନାହିଁ ବୋଲି କହନ୍ତି ସେ। ୨୦୧୨ରେ ନିର୍ମିତ ‘ଅଗ୍ନିପଥ’ ଚଳଚ୍ଚିତ୍ରରେ ଏହି ଗୀତଟି ବେଶ୍ ଲୋକପ୍ରିୟତା ହାସଲ କରିଥିଲା। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କ ବିୟୋଗ ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ ‘ଅନାମ’ ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। ତାଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି ‘ସନମ ରେ’, ‘ବାଗୀ’, ‘ଟୟଲେଟ୍–ଏକ ପ୍ରେମ କଥା’ (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), ‘ଜୁଡୱା–୨’, ‘ବାଗୀ–୨’, ‘କେଜିଏଫ୍: ଚାପ୍ଟର–୧ (ହିନ୍ଦୀ ଭର୍ସନ), ‘ସିମ୍ବା’, ‘କୁଲି ନଂ. ୱାନ’, ‘ପୁଷ୍ପା: ଦ ରାଇଜ’ ଏବଂ ‘ବ୍ରହ୍ମାସ୍ତ୍ର’। ତାଙ୍କର ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ହେଉଛନ୍ତି ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି, ଗଣେଶ ମଧ୍ୟ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି।

ନୂଆ ସିନେମା

# ଆର୍‌ମର


ମନୋଜ

ଏକ ଭିନ୍ନ ଧରଣର ସସ୍‌ପେନ୍ସ ଥ୍ରୀଲର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା ‘ଆର୍‌ମର’। ଏହାର ଟ୍ରିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଆଜିକାଲି ମହିଳାମାନଙ୍କର ସୁରକ୍ଷା ବେଶ୍ ଜରୁରୀ ହୋଇପଡିଛି। ହେଲେ ଏପରି ଏକ ଡିଭାଇସ୍ ପ୍ରସ୍ତୁତ ହୋଇଛି, ଯାହା ସେମାନଙ୍କୁ ସୁରକ୍ଷା ଯୋଗାଇ ପାରିବ। ଏଭଳି ବିଷୟବସ୍ତୁକୁ ନେଇ ଉକ୍ତ ସିନେମାଟିକୁ ନିର୍ମାଣ କରିଛନ୍ତି ଶୁଭେନ୍ଦୁ କୁମାର। ଶୁଭେନ୍ଦୁ କୁମାର ପ୍ରଡକ୍ସନ ବ୍ୟାନରରେ ଏହାର ସହ–ପ୍ରଯୋଜନା କରିଛନ୍ତି କେଦାର ତାରିଣୀ ପଣ୍ଡା। ଫିଲ୍ମରେ ସଂଯୋଜିତ ତଥା ଜୟନ୍ତ ଦାସ ଏବଂ ଅରୁଣ ମନ୍ତ୍ରୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଦୀପ୍ତିମାନ ଏବଂ ବର୍ଣ୍ଣି। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ମିଶ୍ର, ମେଘନା ମିଶ୍ର, ଅକ୍ଷୟ ବସ୍ତିଆ, ଇଷା ବେବର୍ତ୍ତା, ସ୍ୱସ୍ତିକ ମହାନ୍ତି, ସମରଜିତ ଓଝା ପ୍ରମୁଖ କଳାକାର। ବିଶେଷଭାବରେ ଏହି ଫିଲ୍ମରେ ମନୋଜ ମିଶ୍ରଙ୍କ ରାବଣ ଭୂମିକାକୁ ନେଇ ଅଧିକ ଚର୍ଚ୍ଚା। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସୁବ୍ରତ ଡିଗଲ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ଜଣାପଡ଼ିଛି।

# କେବଳ ପିଜା


ପରିଣିତି

ପରିଣୀତି ଚୋପ୍ରା ଇତିମଧ୍ୟରେ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ତାଙ୍କୁ ଯେତେବେଳେ ଭୋକ ଲାଗେ, ସେତେବେଳେ ସେ ଗୋଟିଏ ଜିନିଷ ଖାଇବାକୁ ଭୁଲି ନ ଥା’ନ୍ତି। ଯେତେ ମନଲୋଭା ଖାଦ୍ୟ ଥିଲେ ମଧ୍ୟ ଗୋଟିଏ ଖାଦ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି। ତାହା କ’ଣ ଜାଣନ୍ତି? ପିଜା। ଏପରି କି ଶୁଟିଂରୁ ବ୍ରେକ୍ ମିଳିଲେ ଟାଇମ୍ ପାସ୍ ପାଇଁ ପିଜା ମଗାଇ ଖାଇଥାଆନ୍ତି। ଏ ସମ୍ପର୍କରେ ପରିଣୀତି କହନ୍ତି, ‘‘ଷ୍ଟୁଡେଣ୍ଟ କ୍ୟାରିୟରରୁ ମୋର ପିଜା ଖାଇବା ଏକ ଅଭ୍ୟାସରେ ପଡ଼ି ଯାଇଛି। ପ୍ରତିଦିନ ଯେମିତି ହେଲେ ମୁଁ ପିଜା ଖାଇଥାଏ। ଯଦି କେବେ ମିସ୍ କଲି, ତେବେ ମୋତେ ଲାଗେ ଯେମିତି ମୁଁ କିଛି ଜିନିଷ ହଜେଇ ଦେଇଛି।’’ ପରିଣୀତିଙ୍କର ଆଉ ଏକ ଅଭ୍ୟାସ ରହିଛି। ବଜାରରେ କୌଣସି ନୂଆ ଜୋତା ଲଞ୍ଚ୍ ହେଲେ ତାହାକୁ କିଣିବାକୁ ଭୁଲି ନ ଥା’ନ୍ତି। ପ୍ରିୟଙ୍କା ଚୋପ୍ରାଙ୍କ ‘ସାତ୍ ଖୁଣ୍ ମାଫ୍’ ଦେଖିବା ପରେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବାକୁ ମନ ବଳାଇଥିଲେ ସେ। ପ୍ରିୟଙ୍କା ଅଭିନୀତ ‘ପ୍ୟାର୍ ଇମ୍ପସିବଲ୍’ର ଶୁଟିଂ ସେଟ୍‌ରେ ୟଶରାଜ ଫିଲ୍ମସର ପି.ଆର. ବିଭାଗ ମୁଖ୍ୟଙ୍କ ସହ ପରିଣୀତିଙ୍କର ଭେଟ ହୋଇଥିଲା। ତା’ପରେ ସେ ଏହି ବିଭାଗରେ ଯୋଗ ଦେଇଥିଲେ। କେବଳ ସେତିକି ନୁହେଁ, ଆଗଧାଡ଼ିର ଫୁଟବଲ୍ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡ୍‌ର କ୍ୟାଟରିଂ ବିଭାଗରେ ସେ ମଧ୍ୟ କିଛିଦିନ କାମ କରିଥିଲେ।

# ହୋଲିକୁ ଅପେକ୍ଷା


ଶ୍ରଦ୍ଧା

ଶକ୍ତି ତନୟା ଶ୍ରଦ୍ଧା କପୁର ବେଶ୍ ଉତ୍ସୁକତାର ସହ ଏବର୍ଷ ହୋଲିକୁ ଅପେକ୍ଷା କରିଛନ୍ତି। ଅବଶ୍ୟ ଅନେକେ ଏହି ରଙ୍ଗର ପର୍ବକୁ ଚାହିଁ ବସିବା କିଛି ନୂଆ କଥା ନୁହେଁ। କାରଣ ରଙ୍ଗ ବୋଳିବା ଆଉ ନିଜେ ରଙ୍ଗରେ ରଙ୍ଗିନ୍ ହେବାର ମଜା ନିଆରା। ତେବେ ଶ୍ରଦ୍ଧା ଯେଉଁଥିପାଇଁ ହୋଲିକୁ ଅପେକ୍ଷା କରିଛନ୍ତି, ତାହା ପଛରେ ଏକ ସ୍ପେଶାଲ କାରଣ ରହିଛି। କାରଣ ଠିକ୍ ଏହି ଦିନ ତାଙ୍କ ଅଭିନୀତ ଫିଲ୍ମଟି ରିଲିଜ୍ ହେବ। ଏହାର ଟାଇଟଲ୍ ରହିଛି ‘ତୁ ଝୁଟି ମେଁ ମକ୍କାର’। ଲବ୍ ରଞ୍ଜନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ରାହୁଲ ମୁଡିଙ୍କ କାହାଣୀ ଉପରେ ଆଧାରିତ। ଲବ୍‌ଙ୍କ ବ୍ୟତୀତ ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଙ୍କୁର ଗର୍ଗ, ଭୂଷଣ କୁମାର ଏବଂ କ୍ରିଷନ୍ କୁମାର। ଏଥିରେ ଶ୍ରଦ୍ଧାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ରଣବୀର କପୁର। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରୀତମ୍। ଅନୁଭବ ସିଂ ବାସି ଏହି ଫିଲ୍ମରୁ ଅଭିନେତା ଭାବରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

# ରକି ଔର ରାନୀର କି ପ୍ରେମ କାହାନୀ

ଏହି ଶୀର୍ଷକରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହା ଏକ ପ୍ରେମ କାହାଣୀକୁ ନେଇ ନିଶ୍ଚୟ ଆଧାରିତ। ଏଥିରେ କେବଳ ଲଭ୍ କି ଇମୋଶନ ନୁହେଁ, କମେଡ଼ିର ଫୁଲ୍ ତଡ଼କା ଦର୍ଶକ ଏଥିରୁ ପାଇପାରିବେ। ଉକ୍ତ ରୋମାଣ୍ଟିକ–କମେଡ଼ି ଫିଲ୍ମ ‘ରକି ଔର ରାନୀ କି ପ୍ରେମ କାହାନୀ’ରେ ରକି ଭୂମିକାରେ ରଣବୀର ସିଂ ଏବଂ ରାନୀ ଚରିତ୍ରରେ ଆଲିୟା ଭଟ୍ଟ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ଧର୍ମେନ୍ଦ୍ର, ଜୟା ବଚ୍ଚନ, ସବାନା ଆଜମୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଧର୍ମା ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି କରନ୍ ଜୋହର। ଏ ନେଇ ଆଲିୟା କହନ୍ତି, ‘‘ଯଦିଓ ଏହି ଫିଲ୍ମର ଶୁଟିଂ ୨୦୨୧ରେ ଆରମ୍ଭ ହୋଇଥିଲା, ହେଲେ କରୋନା ମହାମାରୀ ପାଇଁ ତାହା ବାଧାପ୍ରାପ୍ତ ହୋଇଥିଲା। ଶୁଟିଂ ଶେଷ ହୋଇ ପୋଷ୍ଟ ପ୍ରଡକ୍ସନ କାମ ସରିଥିଲେ ମଧ୍ୟ କେତେକ କାରଣରୁ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇବାକୁ ପଡ଼ିଥିଲା। ପ୍ରଥମେ ଫିଲ୍ମଟି ଚଳିତବର୍ଷ ଫେବୃୟାରୀ ୧୦ରେ ପରଦା ଉପରକୁ ଆସିଥାଆନ୍ତା। ହେଲେ ତାହାକୁ ବାତିଲ କରାଯାଇଥିଲା। ଏବର୍ଷ ଏପ୍ରିଲ ୨୩ରେ ଫିଲ୍ମଟି ପରଦା ଉପରକୁ ଆସିବ।’’ ତେବେ ଏହି ଚିତ୍ର ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।


ଆଲିୟା

# ଅତୀତରୁ

➤କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ପରିବାର’। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।

➤ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର ‘କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ’ର ନିର୍ଦ୍ଦେଶନା ଦେଇଥିଲେ ଏନ୍. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।

# ଆସିଗଲା ଶୁଭ ଦିନ


‘ବାଜିବ ଲୋ ସାହାନାଇ’ ଫିଲ୍ମରେ ସମ୍ବିତ–ଝିଲିକ୍–ଅମ୍ଲାନ

ଜଲିଉଡ୍‌ର ଅନ୍ୟତମ ସୁପରହିଟ୍ ନାଟକ ଭାବରେ ‘ବାଜିବ ଲୋ ସାହାନାଇ’କୁ ପରିଗଣିତ କରାଯାଇଥାଏ। ଅପେରା ଜଗତର ଆଗଧାଡ଼ିର ତଥା ବ୍ୟସ୍ତ ନାଟ୍ୟକାର–କମ୍–ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କର ଏହି ନାଟକ ସେ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। କିଛି ବର୍ଷ ପୂର୍ବେ ତାହାକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେବାକୁ ଚିନ୍ତା କରିଥିଲେ ଆଶୁତୋଷ ଏବଂ ଏହାର ପ୍ରଯୋଜକ ଜନ୍ମେଜୟ ଡଗରା। ଉକ୍ତ ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଆଶୁତୋଷ। ସାହାନାଇକୁ ପେସା କରି ଚଳୁଥିବା ବ୍ୟକ୍ତିଟିଏ ସମୟ ଚକ୍ରରେ ପେଷି ହୋଇ କିପରି ଜୀବନ କଟାଉଛି, ତାହାକୁ ଆଧାର କରି ଏହାର କାହାଣୀ ଗତି କରିଛି। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ସୂତ୍ରରୁ ପ୍ରକାଶ। ଆରଜେଡି ଆର୍ଟସ ବ୍ୟାନରରେ ପ୍ରସ୍ତୁତ ଚିତ୍ରଟିର ସଂଳାପ ରଚନା କରିଛନ୍ତି ବିଶ୍ୱ–ଆଶୁତୋଷ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ବିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ–ତାପସ। ତେବେ ବଡ଼ ପରାଦରେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ୍ ପରେ ଜଣାପଡ଼ିବ।

# ବାପା ସୁପରମ୍ୟାନ୍

ପିଲାମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ସାଜିଥାଆନ୍ତି ତାହାର ମା’ବାପା। କେତେକ କ୍ଷେତ୍ରରେ ବାପାର ଭୂମିକାକୁ ସର୍ବାଗ୍ରେ ସ୍ମରଣ କରାଯାଇଥାଏ। ବାପା–ପୁଅର ଅନାବିଳ ସ୍ନେହଭରା ସମ୍ପର୍କକୁ ନେଇ ଚିତ୍ରଟିର କାହାଣୀ ଗତି କରିଛି। ଆଉ ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା ‘ବାପା ସୁପରମ୍ୟାନ୍’। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ରିଲିଜ୍ ହେବାକୁ ଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଓମ୍‌କାର ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରଶ୍ମିପ୍ରଭା ପାଣି। କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଗୁରୁ ଶତପଥୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ସୌମିତ୍ରୀ ପଲାଇ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମର ଟାଇଟଲ ଭୂମିକାରେ ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖିବାକୁ ମିଳିବ। ଉକ୍ତ ଚିତ୍ରରେ ସିଦ୍ଧାନ୍ତଙ୍କ ବ୍ୟତୀତ ସୋଫିଆ ଆଲାମ୍, ଶମ୍ଭୁ ହୋତା, ସୁପ୍ରିୟା, ପ୍ରକାଶ, ପ୍ରଜ୍ଞା, ଶୁଭ୍ରାଂଶୁ ଏବଂ ଶିଶୁ କଳାକାର ଶୁଭମ୍ ପଣ୍ଡା, ତ୍ରିଶା, ରିଷିକ ଏବଂ ତେଜ୍ ମଧ୍ୟ ଅଭିନୟ କରିଛନ୍ତି।

‘ବାପା ସୁପରମ୍ୟାନ୍’ ଫିଲ୍ମରେ ଶୁଭମ୍–ସିଦ୍ଧାନ୍ତ



ଧରିତ୍ରୀ
DHARITRI


# ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

**କେପ୍‌ଟାଉନ,୨୨।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍‌ର ପ୍ରଥମ ସେମିରେ ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ। ଗୁରୁବାର କେପ୍‌ଟାଉନ୍‌ର ନ୍ୟୁଲ୍ୟାଣ୍ଡସ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଅଷ୍ଟ୍ରେଲିଆର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଶେଷ ଆଇସିସି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଭାରତ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ । ତେବେ ବିଗତ ୬ ବର୍ଷ ମଧ୍ୟରେ ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଦୁଇ ବର୍ଷ ପୂର୍ବେ ଟି୨୦ ବିଶ୍ୱକପ୍ ଫାଇନାଲରେ ଓ ରାଜ୍ୟ ଗୋଷ୍ଠୀ କ୍ରିକେଟ ଫାଇନାଲରେ ଭାରତ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଅପରାଜେୟ ରହି ଯୋଗ୍ୟତା ହାସଲ କରିଥିବା ବେଳେ ଭାରତ ୪ରୁ ୩ଟି ମ୍ୟାଚ୍ ଜିତିଥିଲା। ଭାରତ ଇଂଲଣ୍ଡ ନିକଟରୁ ହାରିଥିବା ବେଳେ ପାକିସ୍ତାନ, ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା।

**ମହିଳା ଟି୨୦ ବିଶ୍ୱକପ୍**

**ମ୍ୟାଚ୍ ସ୍ଥାନ: ନ୍ୟୁଲାଣ୍ଡ୍ସ, କେପ୍‌ଟାଉନ୍**
**ମ୍ୟାଚ୍ ସମୟ: ସନ୍ଧ୍ୟା ୬.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ତେବେ ଏହା ମଧ୍ୟରୁ ଗୋଟିଏ ବି ବିଜୟ ଆତ୍ମବିଶ୍ୱାସ ଭରା ନ ଥିଲା। ଗୁରୁବାରର ସେମିଫାଇନାଲ ମୁକାବିଲା ଜିତିବାକୁ ହେଲେ ଭାରତକୁ ସବୁ ବିଭାଗରେ ଉନ୍ନତି ଆଣିବାକୁ ପଡ଼ିବ। ବ୍ୟାଟିଂରେ ରିଚା ଘୋଷ, ସ୍ମୃତି ମାନ୍ଧନା ଓ ବୋଲିଂରେ ରେଣୁକା ସିଂ ଠାକୁରଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଏହା ସହିତ ଡଟ୍ ବଲ୍ ଭାରତର ଏକ ବଡ ସମସ୍ୟା ରହିଛି। ଭାରତୀୟ ଖେଳାଳିମାନେ ଷ୍ଟ୍ରାଇକ୍ ରୋଟେଟ୍ କରିବାରେ ବିଫଳ ହେଉଥିବା ବେଳେ ଅଧିକ ଡଟ୍ ବଲ୍ ଖେଳୁଛନ୍ତି। ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଓ ଦକ୍ଷିଣ ଆଫ୍ରିକା ତ୍ରିରାଷ୍ଟ୍ରୀୟ ସିରିଜରେ ମଧ୍ୟ ଦଳ ସମାନ ଢଙ୍ଗରେ ଖେଳିଥିଲା। ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ ବିପକ୍ଷରେ ୫୧ ଓ ଆୟର୍ଲାଣ୍ଡ ବିପକ୍ଷରେ ୪୧ଟି ଡଟ୍ ବଲ୍ ଖେଳିଥିଲେ ଭାରତୀୟ ବ୍ୟାଟର। ଓପନର ଶେଫାଳି ବର୍ମା ଓ ହରମନ୍‌ପ୍ରୀତ୍ କୌର୍ ବଡ ଶଟ୍ ଖେଳିବାର ଦକ୍ଷତା ରଖିଥାନ୍ତି। ମାତ୍ର ଚଳିତ ବିଶ୍ୱକପ୍‌ରେ ଉଭୟ ଖେଳାଳିଙ୍କ ବ୍ୟାଟ୍ ନୀରବ ରହିଛି। ଜେମିମା ରୋଡ୍ରିଗୁଏଜଙ୍କ ପ୍ରଦର୍ଶନ ଆଭରେଜ ରହିଥିବା ବେଳେ ବଡ ମ୍ୟାଚରେ ତାଙ୍କୁ ମଧ୍ୟ ଫର୍ମକୁ ଫେରିବାକୁ ପଡ଼ିବ। ବୋଲିଂରେ ରେଣୁକା ସିଂ ଠାକୁର ଓ ସ୍ପିନ ବିଭାଗରେ ଦୀପ୍ତି ଶର୍ମାଙ୍କୁ ଛାଡିଦେଲେ ଅନ୍ୟ କୌଣସି ଖେଳାଳିଙ୍କ ପ୍ରଦର୍ଶନ ଆଖିଦୃଶିଆ ରହିନାହିଁ। ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ରାଧା ଯାଦବ ଓ ଅଭିଜ୍ଞ ଶିଖା ପାଣ୍ଡେଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ୨୦୨୧ ପରଠାରୁ ଅଷ୍ଟ୍ରେଲିଆ ମାତ୍ର ଦୁଇଟି ମ୍ୟାଚରେ ପରାଜିତ ହୋଇଛି। ସଂଯୋଗବଶତଃ ଉଭୟ ପରାଜୟ ଭାରତ ବିପକ୍ଷରେ ଆସିଛି। ଭାରତୀୟ ଦଳ ପ୍ରଥମ ସେମିରେ ସମାନ ସଫଳତା ଆଉ ଥରେ ଦୋହରାଇବାକୁ ପ୍ରୟାସ କରିବ।



ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ।




ଭାରତ ଅଧିନାୟିକା ହରମନପ୍ରୀତ୍ କୌର୍।

# ଦକ୍ଷିଣ ଆଫ୍ରିକା ସେମିରେ



ପ୍ଲେୟର୍ ଅଫ୍ ଦ ମ୍ୟାଚ ଲୌରା ଓଲ୍‌ଭାର୍ଡର୍ଟ।

**କେପ୍‌ଟାଉନ୍,୨୨।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ଆୟୋଜକ ଦଳ। ଅନ୍ତିମ ଗ୍ରୁପ୍ ମ୍ୟାଚରେ ବାଂଲାଦେଶକୁ ୧୦ ଉଇକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହି ସେମି ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି ଦକ୍ଷିଣ ଆଫ୍ରିକା। ଏହା ସହିତ ସୁନ୍ ଲୁସଙ୍କ ଦଳ ଆଫ୍ରିକୀୟ ଇତିହାସରେ ପ୍ରଥମ ଥର ଆୟୋଜକ ଭାବରେ ଟପ୍-୪ରେ ସାମିଲ ହୋଇଛି। ଗ୍ରୁପ୍ ଏ'ରେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ସହିତ ସମାନ ୪ ପଏଣ୍ଟ ହାସଲ କରିଥିଲେ ହେଁ ଉନ୍ନତ ରନ୍ ରେଟ ଆଧାରରେ ଦକ୍ଷିଣ ଆଫ୍ରିକା ସେମିକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୧୩ ରନରେ ଅଲ୍‌ଆଉଟ ହୋଇଥିବା ବେଳେ ୧୩ ବଲ୍ ବାକି ଥାଇ ବିନା କ୍ଷତିରେ ମ୍ୟାଚ୍ ଜିତିଥିଲା ଘରୋଇ ଦଳ। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ନିଗାର ସୁଲତାନା ଜ୍ୟୋତି (୩୦) ଓ ଶୋଭନା ମୋଷ୍ଟାରି (୨୭) ଉପଯୋଗୀ ବ୍ୟାଟିଂ କରିଥିଲେ। ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୧୩ ରନ୍ କରିଥିଲା। ମାରିଜେନ୍ କାପ୍ ଓ ଆୟୋବୋଙ୍ଗା ଖାଖା ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଶବନିମ୍ ଇସ୍‌ମାଇଲ ଓ ଏନ୍ ମାଲବା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଲୌରା ଲୌରା ଓଲ୍‌ଭାର୍ଡର୍ଟ (୬୬*) ଓ ଟାଜ୍‌ମିନ୍ ବ୍ରିଟ୍‌ସ (୫୦*)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୧୦ ଉଇକେଟରେ ମ୍ୟାଚ ଜିତି ନେଇଥିଲା ଦକ୍ଷିଣ ଆଫ୍ରିକା। ଲୌରା ୫୬ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରିଥିବା ବେଳେ ଟାଜ୍‌ମିନ୍ ୫୧ ବଲ୍‌ରୁ ୪ ଚୌକା ମାରିଥିଲେ। ଲୌରା ଓଲ୍‌ଭାର୍ଡର୍ଟଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୧୩/୬ (ନିଗାର ସୁଲତାନା ଜ୍ୟୋତି-୩୦, ଶୋଭନା ମୋଷ୍ଟାରି-୨୭, ମାରିଜେନ୍ କାପ୍-୨/୧୭, ଆୟୋବୋଙ୍ଗା ଖାଖା-୨/୨୧)। ଦକ୍ଷିଣ ଆଫ୍ରିକା ୧୭.୫ ଓଭରରେ ୧୧୭/୦ (ଲୌରା ଓଲ୍‌ଭାର୍ଡର୍ଟ-୬୬*, ଟାଜ୍‌ମିନ୍ ବ୍ରିଟ୍‌ସ-୫୦*)।



ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରେ ବୁଧବାର ଏକ ବହୁମୁଖୀ ଇନ୍‌ଡୋର ହଲ୍‌ର ଉଦ୍‌ଘାଟନୀ ଅବସରରେ ଭଲିବଲ୍ ଖେଳୁଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର।

# ଡୋପିଂ: ଅଲିମ୍ପିକ ପଦକ ବିଜେତା ୮ବର୍ଷ ବାସନ୍ଦ

**ଅଷ୍ଟାନା (କାଜାଖସ୍ତାନ), ୨୨।୨ (ଏପି)**

ଡୋପିଂ ପାଇଁ କାଜାଖସ୍ତାନର ଟୋକିଓ ଅଲିମ୍ପିକ୍ସ ୨୦୨୧ରେ ବ୍ରୋଞ୍ଜ ଜିତିଥିବା ଇଗୋର ସନ୍ (୬୧ କିଲୋଗ୍ରାମ୍ କାଟେଗୋରି) ନାମକ ଜଣେ ଭାରୋତ୍ତୋଳକଙ୍କୁ ୮ବର୍ଷ ବାସନ୍ଦ କରାଯାଇଛି। କାଜାଖସ୍ତାନ ଭାରୋତ୍ତୋଳନ ମହାସଂଘ ତରଫରୁ ବୁଧବାର ଏ ବିଷୟରେ ସୂଚନା ଦିଆଯାଇଛି। ଡୋପିଂ ପାଇଁ ସନ୍‌ଙ୍କ ବ୍ୟତୀତ ଦେଶର ଅନ୍ୟ ୫ଜଣ ବାସନ୍ଦ ହୋଇଛନ୍ତି। କାଜାଖସ୍ତାନର ଡୋପିଂ ବିରୋଧୀ କର୍ତ୍ତୃପକ୍ଷ ଏହି ୬ଜଣ ଭାରୋତ୍ତୋଳକ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା କଥା ୨୦୨୨ରେ ପ୍ରଥମେ ରିପୋର୍ଟ କରିଥିଲେ। ଡୋପିଂ ଅଭିଯୋଗରେ ସନ୍ ଦ୍ୱିତୀୟ ଥର ବାସନ୍ଦ ଦଣ୍ଡ ପାଇଛନ୍ତି। ପୂର୍ବରୁ ୨୦୧୫ରେ ତାଙ୍କୁ ୭ ମାସ ବାସନ୍ଦ କରାଯାଇଥିଲା। ତାଙ୍କଠାରୁ କିନ୍ତୁ ଅଲିମ୍ପିକ ପଦକ ପ୍ରତ୍ୟାହାର କରାଯିବ ନାହିଁ। କାରଣ ସନ୍ ଅଂଶଗ୍ରହଣ କରିଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକର ୬ମାସ ପୂର୍ବରୁ ପ୍ରତିଯୋଗିତା ବାହାରେ ଡୋପ୍ ଟେଷ୍ଟ ହୋଇଥିଲା ବୋଲି କାଜାଖସ୍ତାନ ଭାରୋତ୍ତୋଳନ ମହାସଂଘର ସାଧାରଣ ସମ୍ପାଦକ ଅଲ୍‌ଦିୟାର ନୁରାଲିନୋଭ ପ୍ରକାଶ କରିଛନ୍ତି। ଏଲିଟ୍ ସ୍ତରରେ ଡୋପିଂକୁ ନେଇ କାଜାଖସ୍ତାନର ଏକ ଲମ୍ବା ଇତିହାସ ରହିଛି। ବିଭିନ୍ନ କ୍ଷେତ୍ରରେ ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ ପାଇଁ ଦେଶର କେତେଜଣ ପ୍ରତିଯୋଗୀଙ୍କୁ ୨୦୦୮, ୨୦୧୨ ଓ ୨୦୧୬ ଅଲିମ୍ପିକ୍ସ ପଦକ ହରାଇବାକୁ ପଡ଼ିଛି। ନୁରାଲିନୋଭ କହିଛନ୍ତି, ଏଥର କିନ୍ତୁ ତାହା ଘଟିବ ନାହିଁ, କାରଣ ସନ୍ ଏବଂ ଅନ୍ୟ ଆଥଲେଟମାନଙ୍କର କାଜାଖସ୍ତାନ ଭିତରେ ଜାତୀୟସ୍ତର ଟେଷ୍ଟ ହୋଇଥିଲା, କୌଣସି ଅନ୍ତର୍ଜାତୀୟ ଇଭେଣ୍ଟରେ ନୁହେଁ।



ଇଗୋର ସନ୍




# ଏଲିସା ହିଲି ୟୁପି ୱାରିୟର୍ଜ ଅଧିନାୟିକା

**ଲକ୍ଷ୍ନୌ,୨୨।୨(ପି.ଟି.)**

ଆସନ୍ତା ମାସରେ ମୁମ୍ବାଇରେ ହେବାକୁଥିବା ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍) ପାଇଁ ୟୁପି ୱାରିୟର୍ଜ ଅଷ୍ଟ୍ରେଲୀୟ ଉଇକେଟକିପର ବ୍ୟାଟର ଏଲିସା ହିଲିଙ୍କୁ ଦଳର ଅଧିନାୟିକା ମନୋନୀତ କରିଛି। କାପ୍ରି ୱାରିୟର୍ଜ ହୋଲ୍‌ଡିଂ ପ୍ରାଇଭେଟ ଲିମିଟେଡ୍ ହେଉଛି ୟୁପି ୱାରିୟର୍ଜ ଫ୍ରାଞ୍ଚାଇଜର ମାଲିକ। ହିଲି ହେଉଛନ୍ତି ଅଭିଜ୍ଞ ଓ ମହିଳା କ୍ରିକେଟରେ ଏକ ପରିଚିତ ନାମ। ସେ ଅଷ୍ଟ୍ରେଲିଆ ତରଫରୁ ୧୩୯ ଟି୨୦ ଖେଳି ୧୪ ଅର୍ଦ୍ଧଶତକ ସହ ୨,୫୦୦ ପାଖାପାଖି ରନ ସଂଗ୍ରହ କରିଛନ୍ତି। ଏହି ଖେଳରେ ତାଙ୍କୁ ଅନ୍ୟତମ ଶ୍ରେଷ୍ଠ ଉଇକେଟକିପର ବ୍ୟାଟର ବିବେଚନା କରାଯାଏ। ଇଂଲଣ୍ଡର ଜନ୍ ଲିୱିସ ୟୁପି ୱାରିୟର୍ଜର କୋଚ୍ ରହିଥିବା ବେଳେ ଅଞ୍ଜୁ ଜୈନ ସହକାରୀ କୋଚ୍ ରହିଛନ୍ତି। ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଆଶ୍‌ଲେ ନୋଫ୍‌କି ବୋଲିଂ କୋଚ୍ ରହିଥିବା ବେଳେ ୪ଥର ବିଶ୍ୱଚାମ୍ପିୟନ ଲିସା ଷ୍ଟାଲେକର ଦଳର ମେଣ୍ଟର ଅଛନ୍ତି। ଡବ୍ଲୁପିଏଲ୍ ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ମୁମ୍ବାଇରେ ଖେଳାଯିବ। ବ୍ରାବୋର୍ନ ଷ୍ଟାଡିୟମ ଓ ଡିୱାଇ ପାଟିଏ ଷ୍ଟାଡିୟମରେ ମୋଟ ୨୨ଟି ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟରେ ୟୁପି ୱାରିୟର୍ଜ ଏହାର ପ୍ରଥମ ମ୍ୟାଚ ମାର୍ଚ୍ଚ ୫ରେ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ଖେଳିବ।

**ୟୁପି ୱାରିୟର୍ଜ ଦଳ:** ଏଲିସା ହିଲି (ଅଧିନାୟକ), ସୋଫି ଏକ୍ଲେଷ୍ଟୋନ୍, ଦୀପ୍ତି ଶର୍ମା, ଟାଲିଆ ମ୍ୟାକ୍‌ଗ୍ରା, ଶବନିମ ଇସ୍‌ମାଇଲ, ଅଞ୍ଜଲି ସାର୍ବନୀ, ରାଜେଶ୍ୱରୀ ଗାଏକ୍ୱାଡ, ପାର୍ଶ୍ୱବୀ ଚୋପ୍ରା, ଶ୍ୱେତା ଶେରାୱତ, ଏସ୍. ୟାଶାରି, କିରଣ ନାଭଗିରେ, ଗ୍ରେସ୍ ହାରିସ, ଦେବୀକା, ବୈଦ୍ୟ, ଲରେନ ବେଲ୍, ଲକ୍ଷ୍ମୀ ଯାଦବ ଓ ସିମ୍‌ରନ ଶେଖ୍।




# ପ୍ରି-କ୍ୱାର୍ଟରରେ ପ୍ରମୋଦ,ଦିଲେଶ୍ୱର

**ଭୁବନେଶ୍ୱର,୨୨।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ପେନ ପାରା ବ୍ୟାଡ଼ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩ର ସିଙ୍ଗଲ୍ସ ବର୍ଗ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ। ପ୍ରମୋଦ ସ୍ପେନର ଜେମି ପୋଲୋଙ୍କୁ ୨୧-୭, ୨୧-୬ ସେଟରେ ପରାସ୍ତ କରିଥିଲେ। ଅନ୍ୟ ପକ୍ଷରେ ଦିଲେଶ୍ୱର ପ୍ରଥମ ମ୍ୟାଚରେ ଅନ୍ୟତମ ଭାରତୀୟ ନିତେଶ କୁମାରଙ୍କ ଠାରୁ ୨୧-୧୧ ଓ ୨୧-୬ରେ ହାରିଥିଲେ ମଧ୍ୟ ଅନ୍ୟ ସମସ୍ତ ମ୍ୟାଚ ଜିତି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

ଦିଲେଶ୍ୱର ସ୍ୱିଜରଲାଣ୍ଡର ମାରିନ୍ ଷ୍ଟୁବିଙ୍କୁ ୨୧-୧୦,୨୧-୧୪ ସ୍ପେନର ଆଣ୍ଟୋନିଓ କାସିଲୋଙ୍କୁ ୨୧-୦୯, ୨୧-୦୨ରେ ପରାସ୍ତ କରିଥିଲେ। ୟୁଗଳ ରେ ଗ୍ରୁପ ରୁ ସମସ୍ତ ମାଚ ହାରିଯାଇଛନ୍ତି। ଦୀପ ରଞ୍ଜନ ବିଶୋଇ ଓ ଶୁଭ୍ରଜିତ ଆଜି ଗୋଟିଏ ଗୋଟିଏ ଡବଲ୍ସ ମ୍ୟାଚରେ ବିଜୟ ଲାଭ କରିଥିଲେ। ୨୦ରୁ ୨୬ ତାରିଖ ଯାଏ ଲେବଲ-୨ ଟୁର୍ନାମେଣ୍ଟ ଭିଟୋରିଆ ସହରରେ ଖେଳାଯିବ। ସେହିପରି ମାର୍ଚ୍ଚ ୧ରୁ ୫ ତାରିଖ ଯାଏ ଟୋଲୋଡୋ ସହରରେ ଲେବଲ-୧ ଟୁର୍ନାମେଣ୍ଟ ଖେଳାଯିବ।

**ସ୍ପେନ ପାରା ବ୍ୟାଡ଼ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩**

# ହାଇତି, ପର୍ତ୍ତୁଗାଲକୁ ପ୍ରଥମ ଥର ଯୋଗ୍ୟତା

**ଅକ୍‌ଲାଣ୍ଡ, ୨୨।୨(ଏପି)**

ହାଇତି ଓ ପର୍ତ୍ତୁଗାଲ ପ୍ରଥମ ଥର ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୁଧବାର ଉଭୟ ଦଳ ନ୍ୟୁଜିଲାଣ୍ଡରେ ସେମାନଙ୍କ ପ୍ଲେ-ଅଫ୍ ମ୍ୟାଚ ଜିତିଛନ୍ତି। ଖେଳର ୯୪ତମ ମିନିଟ୍‌ରେ କାରୋଲ୍ କୋଷ୍ଟାଙ୍କ ଗୋଲ୍ ବଳରେ ଗତଥରର ପ୍ରି-କ୍ୱାର୍ଟରଫାଇନାଲିଷ୍ଟ କାମେରୁନ୍ ବିପକ୍ଷରେ ପର୍ତ୍ତୁଗାଲ ୨-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଏହା ପୂର୍ବରୁ ଏକ ଐତିହାସିକ ମ୍ୟାଚରେ ହାଇତି ୨-୧ ଗୋଲ୍‌ରେ ଚିଲିକୁ ପରାସ୍ତ କରିଥିଲା। ଦଳ ତରଫରୁ ମେଲ୍‌ଚି ଡୁମୋର୍ନେ ଦୁଇଟିଯାକ ଗୋଲ୍ ସ୍କୋର କରିଥିଲେ। ୫୫ ର୍‍ୟାଙ୍କିଂପ୍ରାପ୍ତ ହାଇତି ବିଶ୍ୱକପ୍ ଗ୍ରୁପ୍ ଡି'ରେ ଇଂଲଣ୍ଡ, ଚାଇନା ଓ ଡେନମାର୍କ ବିପକ୍ଷରେ ଖେଳିବ। ଆସନ୍ତା ଜୁଲାଇ ଓ ଅଗଷ୍ଟରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ମହିଳା ଫୁଟବଲ ବିଶ୍ୱକପ୍‌ର ଆୟୋଜନ କରୁଛନ୍ତି। ଏଥିରେ ୩୨ଟି ଦଳ ଭାଗ ନେବେ। ଖାଲିଥିବା ୩ଟି ସ୍ଥାନ ପାଇଁ ନ୍ୟୁଜିଲାଣ୍ଡରେ ୧୦ଟି ଦଳକୁ ନେଇ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେ-ଅଫ୍ ଖେଳାଯାଉଛି। ସେଥିମଧ୍ୟରୁ ଦୁଇଟି ହାଇତି ଓ ପର୍ତ୍ତୁଗାଲ ପୂରଣ କରିଛନ୍ତି। ଅବଶିଷ୍ଟ ଗୋଟିଏ ସ୍ଥାନ ପାରାଗୁଏ ଓ ପାନାମା ମଧ୍ୟରେ ଗୁରୁବାର ଖେଳାଯିବାକୁ ଥିବା ମ୍ୟାଚର ବିଜେତା ପୂରଣ କରିବ।

**ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍**




ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ପରେ ହାଇତି ଦଳ।

# କାର୍ଲସେନ୍‌ଙ୍କୁ ହରାଇଲେ ଗୁଜରାଠି

**ଚେନ୍ନାଇ, ୨୨।୨(ପି.ଟି.):** ଏକ ପ୍ରଫେସନାଲ ଚେସ୍ ଲିଗ୍ ମ୍ୟାଚରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଭିଦିତ୍ ଗୁଜରାଠି ନରୱେର ଚେସ୍ ଯାଦୁକର ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଦେଇଛନ୍ତି। ବିଶ୍ୱ ଚାମ୍ପିୟନଙ୍କ ବିପକ୍ଷରେ ତାଙ୍କର ଏହା ପ୍ରଥମ ବିଜୟ। ଇଣ୍ଡିଆନ ୟୋଗିସ୍ ତରଫରୁ ଖେଳିଥିବା ଗୁଜରାଠି ବିଶ୍ୱର ନମ୍ବର ୱାନ କାର୍ଲସେନ୍‌ଙ୍କ ଏକ ତ୍ରୁଟିର ଫାଇଦା ଉଠାଇଥିଲେ। ନରୱେ ଖେଳାଳି ଏକ ଚେକ୍‌ମେଟ୍ ମିସ୍ କରିଥିଲେ। ପ୍ରଫେସନାଲ ଚେସ୍ ଲିଗ୍‌ରେ କାର୍ଲସେନ୍ କାନାଡା ଚେସ୍‌ବ୍ରାହାସ ତରଫରୁ ଖେଳୁଛନ୍ତି। ୧,୫୦,୦୦୦ ଆମେରିକୀୟ ଡଲାର ବିଶିଷ୍ଟ ଇଭେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ